ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Tuesday, February 1/2022 | ★★★★

୪୮ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ଶ୍ରୀଜେଶଙ୍କୁ ପୁରସ୍କାର

ଭାରତର ଭେଟେରାନ ହକି ଗୋଲକିପର ପି.ଆର୍. ଶ୍ରୀଜେଶ ସମ୍ମାନଜନକ ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି।

୦୮

୦୭

## ପ୍ରେମରେ ପଡ଼ିଛନ୍ତି ହ୍ରିତିକ ରୋଶନ

ଅଭିନେତ୍ରୀ ସବା ଆଜାଦଙ୍କ ସହ ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ ରୋଶନ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି।



# ଜିଡିପି ଅଭିବୃଦ୍ଧି ୮-୮.୫% ଆଶା

**ନୂଆଦିଲ୍ଲୀ,୩୧।୧**

ଆସନ୍ତା ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଯାଉଥିବା ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୮ରୁ ୮.୫ ପ୍ରତିଶତ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି। ଭାରତ ପୁଣିଥରେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତିର ପରିଚୟ ବଜାୟ ରଖିବାକୁ ଯାଉଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ଦ୍ରୁତ ଟିକାକରଣ, ଯୋଗାଣ କ୍ଷେତ୍ରରେ ସଂସ୍କାର ଏବଂ ନିୟମାବଳୀର ସରଳୀକରଣ ଯୋଗୁ ଭବିଷ୍ୟତର ଚ୍ୟାଲେଞ୍ଜଗୁଡ଼ିକୁ ସମ୍ମୁଖୀନ ହେବା ଲାଗି ଭାରତର ଅର୍ଥନୀତି ଉତ୍ତମ ସ୍ଥିତିରେ ରହିଛି। ବଜେଟ ପୂର୍ବରୁ ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ୨୦୨୧-୨୨ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୯.୨ ପ୍ରତିଶତ ରହିବ ବୋଲି ଆଶା କରାଯାଉଛି। ଦେଶର ଅର୍ଥନୀତି ମହାମାରୀ ପୂର୍ବ ସ୍ଥିତିକୁ ଫେରିବାର ସୂଚନା ମିଳୁଥିବା ସୀତାରାମନ୍ କହିଛନ୍ତି। କୋଭିଡ୍ ମହାମାରୀ ଏବଂ ଏହାକୁ ରୋକିବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ୨୦୨୦-୨୧ ଆର୍ଥିକ ବର୍ଷରେ ଆର୍ଥିକ ଅଭିବୃଦ୍ଧି ୭.୩ ପ୍ରତିଶତକୁ ହ୍ରାସ ପାଇଥିଲା। ତେବେ ୨୦୨୨-୨୩ ଆର୍ଥିକ ବର୍ଷର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ଦେଶର ଅର୍ଥନୀତି ସମର୍ଥ ସ୍ଥିତିରେ ପହଞ୍ଚିଥିବା ବୃହତ୍ ଅର୍ଥନୈତିକ ସ୍ଥିରତା ସୂଚକାଙ୍କରୁ ଜଣାପଡ଼ିଛି।

ମହାମାରୀ ଯୋଗୁ ଦେଶର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥିଲା। ୨୦୨୦-୨୧ ବର୍ଷରେ ଏହି ସେକ୍ଟରରେ ଅଭିବୃଦ୍ଧି ୩.୬ ପ୍ରତିଶତ ରହିଥିବାବେଳେ ୨୦୨୧-୨୨ରେ ତାହା ୩.୯ ପ୍ରତିଶତକୁ ବୃଦ୍ଧି ପାଇଛି। କୃଷକମାନଙ୍କ ଆୟ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ତୈଳବୀଜ, ଡାଲି ଏବଂ ଉଦ୍ୟାନ କୃଷିକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ସେହିପରି ମହାମାରୀ ଯୋଗୁ ଦେଶର ସେବା କ୍ଷେତ୍ର ମଧ୍ୟ ଅତ୍ୟଧିକ ପ୍ରଭାବିତ ହୋଇଛି। ଗତବର୍ଷ ଏହି ସେକ୍ଟରର ଅଭିବୃଦ୍ଧି ୮.୪ ପ୍ରତିଶତକୁ ଖସିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ତାହା ୮.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ମୋଟ ଖାଉଟି ☞ପୃଷ୍ଠା-୪

### ଅର୍ଥନୈତିକ ସର୍ଭେ ରିପୋର୍ଟ




## ଆଜି କେନ୍ଦ୍ର ବଜେଟ

**ନୂଆଦିଲ୍ଲୀ,୩୧।୧**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲୋକ ସଭାରେ ୨୦୨୨-୨୩ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ନିର୍ମଳାଙ୍କର ଏହି ଚତୁର୍ଥ ବଜେଟ କେତେ ଜନାଭିମୁଖୀ ହେବ ତାହା ଉପରେ ସମସ୍ତଙ୍କର ନଜର ରହିଛି। ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ପରିଚୟ ଫେରିପାଇବାକୁ ଯାଉଥିବା ବେଳେ ଅଭିବୃଦ୍ଧି ଏବଂ ଲୋକମାନଙ୍କ କ୍ରୟଶକ୍ତି ବୃଦ୍ଧି ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେବା ଆଶା କରାଯାଉଛି। ଟିକସ ବ୍ୟବସ୍ଥାରେ ଅର୍ଥମନ୍ତ୍ରୀ କିଛି ବଡ଼ ଘୋଷଣା କରିବା ନେଇ ପ୍ରତୀକ୍ଷା ରହିଛି। ଆୟକର ଛାଡ଼ ସୀମା ୨.୫ ଲକ୍ଷରୁ ୩ ଲକ୍ଷକୁ ଏବଂ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ୩.୫ ଲକ୍ଷ ଟଙ୍କାକୁ ବୃଦ୍ଧି ହେବା ଆଶା କରାଯାଉଛି। ସେହିପରି ଶୀର୍ଷ ଆୟ ସ୍ଲାବ୍‌ରେ ମଧ୍ୟ ସଂଶୋଧନ ହୋଇପାରେ। ସେହିପରି ଆଗାମୀ ବଜେଟରେ ପରିବେଶ, ସାମାଜିକ ଓ ଶାସନ (ଇଏସ୍‌ଜି) ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯାଇପାରେ। ଗ୍ରୀନ୍ ଇକୋନୋମିକୁ ପ୍ରୋତ୍ସାହିତ କରିବା ଲାଗି ଟିକସ ଓ ଅଣଟିକସ ଇନ୍‌ସିଏଟିଭ୍ ଦିଆଯିବା ଉଚିତ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେହିପରି ବଜେଟରେ ପୁଞ୍ଜିନିବେଶ ବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଲାଗି ଅର୍ଥମନ୍ତ୍ରୀ ବିଭିନ୍ନ ଯୋଜନା ଘୋଷଣା କରିବା ଆଶା କରାଯାଉଛି।

## ଷ୍ଟାଟସ୍ ରିପୋର୍ଟ ଦାଖଲ କଲେ ରାଜ୍ୟ ସରକାର
### ହାଇକୋର୍ଟରେ ଢିଙ୍କିଆ ମାମଲା



**କଟକ ଅଫିସ, ୩୧।୧:** ହାଇକୋର୍ଟରେ ସୋମବାର ଢିଙ୍କିଆ ବିବାଦ ମାମଲାର ଶୁଣାଣି ହୋଇଛି। ଏ ନେଇ ହାଇକୋର୍ଟରେ ଦାଏର ହୋଇଥିବା ୩ଟି ଯାକ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ପ୍ରତିଜବାବ ରଖିବାକୁ ଆବେଦନକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆସନ୍ତା ୧୬ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଜାନୁୟାରୀ ୩୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଭୟରେ ଢିଙ୍କିଆ ଗ୍ରାମର ଲୋକେ ଉପଯୁକ୍ତ ଚିକିତ୍ସା ପାଇପାରୁ ନ ଥିବା ନେଇ ଆବେଦନକାରୀ ସତ୍ୟପାଠରେ ଦର୍ଶାଇଥିଲେ। ସୂଚନାଯୋଗ୍ୟ, ଢିଙ୍କିଆ ମାମଲା ନେଇ ଆଇନଜୀବୀ କ୍ଷୀରୋଦ କୁମାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦିଗ୍‌ଦର୍ଶକ ନାଡାଲ**

# ଆଜିଠୁ ଖୋଲିବ ଶ୍ରୀମନ୍ଦିର

## ସକାଳ ୬ରୁ ରାତି ୯ ଯାଏ ଦର୍ଶନ

- ପରିଚୟପତ୍ର ସହ ଆର୍‌ଟି-ପିସିଆର୍ ରିପୋର୍ଟ କିମ୍ବା କୋଭିଡ୍ ଡବଲ ଡୋଜ୍ ଟିକା ଜରୁରୀ
- କଟକଣା ନ ମାନିଲେ ଜରିମାନା, ମନ୍ଦିର ମନା



**ପୁରୀ ଅଫିସ,୩୧।୧**

କୋଭିଡ୍ କଟକଣା ଯୋଗୁ ୨୦ ଦିନ ଧରି ଶ୍ରୀମନ୍ଦିର ବନ୍ଦ ରହିବା ପରେ ମଙ୍ଗଳବାରଠାରୁ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଏନେଇ ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜିଓର (ଏସ୍‌ଓପି) ପ୍ରକାଶ ପାଇଛି। ଏହି ଏସ୍‌ଓପି ଅନୁଯାୟୀ, ସପ୍ତାହରେ ୬ଦିନ ଦର୍ଶନ ଚାଲିବ। ଶ୍ରୀମନ୍ଦିର ଭିତର ଓ ବାହାର ପରିସର ବିଶୋଧନ ନିମନ୍ତେ ପ୍ରତ୍ୟେକ ରବିବାର ସାଧାରଣ ଦର୍ଶନ ବନ୍ଦ ରହିବ। ଅନ୍ୟଦିନେ ସକାଳ ୬ରୁ ରାତ୍ର ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ତେବେ ଏଥିପାଇଁ ଆଧାରକାର୍ଡ କିମ୍ବା ଭୋଟର ପରିଚୟପତ୍ର ସହ କୋଭିଡ୍ ଡବଲ୍ ଡୋଜ୍ ଟିକାକରଣ କିମ୍ବା ୯୬ ଘଣ୍ଟା ମଧ୍ୟରେ ହୋଇଥିବା ଆର୍‌ଟି-ପିସିଆର୍ ରିପୋର୍ଟ ଦେଖାଇବାକୁ ପଡ଼ିବ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ☞ପୃଷ୍ଠା-୪






# ସଜାନ୍ତୁ ଡାଇନିଂ ଟେବୁଲ

**ଘରର ଇଣ୍ଟେରିୟରର ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ହେଲେ ଡାଇନିଂ ରୁମ୍‌କୁ ସୁନ୍ଦରଭାବେ ସଜାନ୍ତୁ। ଏଥିପାଇଁ ଜାଣି ରଖନ୍ତୁ କିଛି ଖାସ୍ ଟିପ୍ସ...**

➔ଡାଇନିଂ ରୁମର ମଧ୍ୟସ୍ଥଳୀକୁ ସୁନ୍ଦରଭାବେ ସଜାନ୍ତୁ। ତେଣୁ ଡାଇନିଂ ଟେବୁଲକୁ ପ୍ରଥମେ ଆକର୍ଷଣୀୟ କରନ୍ତୁ। ଏଥିପାଇଁ ଡାଇନିଂ ଟେବୁଲ ମଝିରେ ଏକ ଫୁଲଦାନୀ କିମ୍ବା କ୍ୟାଣ୍ଡେଲ ଲଗାନ୍ତୁ। ଏପରି କରିବା ଫଳରେ ଡାଇନିଂ ଟେବୁଲ ଏକ ସେଣ୍ଟର ଭଳି ଅନୁଭବ ଦେବ।



➔କ୍ୟାଣ୍ଡେଲ ଷ୍ଟାଣ୍ଡ ଦ୍ୱାରା ଡାଇନିଂ ଟେବୁଲକୁ ଏକ ସୁନ୍ଦର ରୂପ ଦେଇହେବ। ତେଣୁ ଡିଜାଇନ୍ ହୋଇଥିବା କ୍ୟାଣ୍ଡେଲ ଷ୍ଟାଣ୍ଡ ରଖନ୍ତୁ। ମେଟାଲ୍, ଉଡେନ୍, ଗୋଲ୍ଡେନ ଆଇରନ୍, କ୍ରିଷ୍ଟାଲ୍ କିମ୍ବା ଟ୍ରାନ୍ସପାରେଣ୍ଟ କାଚ ହୋଲ୍ଡରଥିବା କ୍ୟାଣ୍ଡେଲ ଷ୍ଟାଣ୍ଡ ରଖନ୍ତୁ।

➔ଘରକୁ ସୁନ୍ଦର କରିବା କ୍ଷେତ୍ରରେ ଫୁଲର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡାଇନିଂ ରୁମ୍‌ର ଏକ ସ୍ୱତନ୍ତ୍ର ସ୍ଥାନରେ ଫୁଲଦାନୀରେ କିଛି ଫୁଲ ରଖନ୍ତୁ, ଯେପରି ତାହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ପାରୁଥିବ।



➔ଡାଇନିଂ ଟେବୁଲକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବାସନକୁସନର ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେଣୁ ଏକ ପ୍ରକାରର ସବୁ ବାସନ ଏକ ସୁନ୍ଦର ଲୁକ୍ ଦେଇଥାଏ। ଆଲୁମିନିୟମ୍, ମେଲାମାଇନ୍, ଟେରାକୋଟା, ବୋନ୍ ଚାଇନା ଆଦି ଯେକୌଣସି ଏକ ପ୍ରକାରର ବାସନକୁ ଆପଣ ଡାଇନିଂ ଉପରେ ସଜାଇ ରଖନ୍ତୁ।

➔ଟେବୁଲ ଲିନେନ୍ ମଧ୍ୟ ଡାଇନିଂ ରୁମ୍‌ର ଲୁକ୍ ବଦଳାଇବାରେ ବିଶେଷ ଭୂମିକା ନେଇଥାଏ। ତେଣୁ ଷ୍ଟାଇଲିସ୍ ଏବଂ ଭଲ କ୍ୱାଲିଟିର ଲିନେନ୍ ମଧ୍ୟ ଡିଜାଇନ୍‌କୁ ଅଧିକ ଆକର୍ଷଣୀୟ କରିଥାଏ।

## ଘରକରଣା



– ଗନ୍ଧ ହେଉଥିବା ପାତ୍ରରେ ତିନି ଚାରି କପ୍ ପାଣି ଦେଇ ସେଥିରେ କିଛି ଡାଳଚିନି ଗୁଣ୍ଡ କିମ୍ବା ଖଣ୍ଡ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଥଣ୍ଡା ହେବା ପରେ ପାଣି ବାହାର କରି ଦିଅନ୍ତୁ, ପାତ୍ରରେ ଗନ୍ଧ ନ ଥିବ।
– ଗନ୍ଧ ହେଉଥିବା ବାସନରେ କିଛି ଲୁଣ ପକାଇ ସେଥିରେ ଲେମ୍ବୁକୁ ଘଷି ୨୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ, ଗନ୍ଧ ରହିବ ନାହିଁ। କେବଳ ଲେମ୍ବୁ ଚୋପାକୁ ପାଣିରେ ପକାଇ ଅଧଘଣ୍ଟା ଫୁଟାନ୍ତୁ। ବାସନରୁ ସବୁ ଗନ୍ଧ ଚାଲିଯିବ।
– ଗନ୍ଧ ହେଉଥିବା ପାତ୍ରରେ ଏକ କପ୍ ଭିନେଗାର ପକାଇ ତାକୁ ୧୦ ମିନିଟ୍ ଫୁଟାନ୍ତୁ। ଯେତେ ଖରାପ ଗନ୍ଧ ହୋଇଥିଲେ ବି ଚାଲିଯିବ।
– ବାସନରେ ଅଳ୍ପ ପାଣି ଦେଇ ସେଥିରେ କଫି ପକାଇ ୩-୪ ମିନିଟ୍ ଗ୍ୟାସରେ ବସାଇ ଫୁଟାନ୍ତୁ। ଏହାପରେ ୧୫ ମିନିଟ୍ ପର୍ଯ୍ୟନ୍ତ ତାକୁ ସେଥିରେ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ବାସନକୁ ଡିସ୍‌ୱାସରେ ମାଜି ଦିଅନ୍ତୁ, ଗନ୍ଧ ରହିବ ନାହିଁ।
– ଆଳୁକୁ ମୋଟା କରି କାଟି ସେଥିରେ ଲୁଣ ପକାଇ ବାସନରେ ଘଷନ୍ତୁ। ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।
– ଯଦି ବାସନରେ ମାଂସ ଗନ୍ଧ ରହିଯାଇଥାଏ ତେବେ ୪-୫ ଚାମଚ ଭିନେଗାର ସହିତ ବେକିଂ ସୋଡାର ପେଷ୍ଟ କରି ଲେମ୍ବୁ ଚୋପାରେ ଘଷନ୍ତୁ। ସବୁ ଗନ୍ଧ ଦୂର ହୋଇଯିବ।



**କର୍କଟରୋଗ ଆଉ ଭୟଙ୍କର ରୋଗ ହୋଇ ରହିନାହିଁ, କାରଣ ଅଧିକାଂଶ କର୍କଟ ରୋଗର ନିରାକରଣ ଓ ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରିଲେ ଏହି ରୋଗ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରୁଛି। ଏହି ଦୁରାରୋଗ୍ୟ ବ୍ୟାଧିକୁ ହଟାଇବା ପାଇଁ, ଏହାର ପ୍ରତିଷେଧକ ବ୍ୟବସ୍ଥା ତଥା ପ୍ରାଥମିକ ପର୍ଯ୍ୟାୟରୁ ଏହାର ଲକ୍ଷଣ, ଚିହ୍ନଟ ଓ ଚିକିତ୍ସା କରାଇବା ଆବଶ୍ୟକ। ଏହି ସଚେତନତାର ବାର୍ତ୍ତା ସଭିଙ୍କ ନିକଟରେ ପହଞ୍ଚାଇବା ଲାଗି ସାରା ପୃଥିବୀରେ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ରୂପରେ ପାଳନ କରାଯାଉଛି...**

# କର୍କଟରୋଗ ଓ ନିରାକରଣ

## ସ୍ତନ କର୍କଟ

**ଡା. ରଣଜିତ୍ କର**

ଆମ ଦେଶ ତୁଳନାରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ରୋଗ ଅଧିକ ଦେଖିବାକୁ ମିଳେ। ଆମ ଦେଶରେ ଜରାୟୁ, ମୁଖ କର୍କଟ ରୋଗ ପଛକୁ ନାରୀମାନଙ୍କର ହେଉଥିବା କ୍ୟାନ୍‌ସର ମଧ୍ୟରେ ଏହା ୨ୟ ସ୍ଥାନରେ ଥିଲା କିନ୍ତୁ ଏବେ ଏହାର ଆଶଙ୍କା ପ୍ରଥମ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ୩ ମିନିଟ୍‌ରେ ଜଣେ ନାରୀକୁ ସ୍ତନ କର୍କଟ ରୋଗ ହୋଇଥାଏ।

**କାରଣ:** ଯେଉଁମାନେ ବିଳମ୍ବରେ ବିବାହ କରନ୍ତି ଏବଂ ଡେରିରେ ଗର୍ଭଧାରଣ କରନ୍ତି, ପିଲାଙ୍କୁ ସ୍ତନ୍ୟପାନ ନ କରାଇ ବୋତଲ କ୍ଷୀର ଦିଅନ୍ତି ସେମାନଙ୍କୁ ସ୍ତନ କର୍କଟ ହେବାର ଆଶଙ୍କା ଅଧିକ ରହିଥାଏ।

**ଲକ୍ଷଣ:** ସ୍ତନରେ, କାଖରେ, ବେକରେ ଗେଟା ହେବା, ନିପୁଲ୍‌ରୁ ରକ୍ତ ଯିବା ସ୍ତନ କର୍କଟର ଲକ୍ଷଣ। ହେଲେ ପରୀକ୍ଷା ନ କରାଇ ଚିକିତ୍ସା ଆରମ୍ଭ କରିବା ଠିକ୍ ନୁହେଁ। ଛୁଞ୍ଚି ପରୀକ୍ଷା (ଏଫ.ଏନ.ଏ.ସି) ବା ବାୟୋପ୍ସି ଟେଷ୍ଟ ଏବଂ ଅନ୍ୟାନ୍ୟ ପରୀକ୍ଷା କରି ସ୍ତନ କର୍କଟ ହୋଇଛି ବୋଲି ଜାଣିବା ପରେ ଚିକିତ୍ସା ଆରମ୍ଭ କରାଯାଏ। ଏହି କର୍କଟ ସ୍ତନରୁ ଅସ୍ଥି, ଫୁସ୍‌ଫୁସ୍, ଯକୃତ ଏବଂ ମସ୍ତିଷ୍କ ଆଦି ଅଙ୍ଗକୁ ଲସିକା ନଳୀ ବା ରକ୍ତ ନଳୀ ଦ୍ୱାରା ବ୍ୟାପେ।

**ଚିକିତ୍ସା:** ଥରେ କର୍କଟ ରୋଗ ପ୍ରମାଣ ହେଲେ ଆବଶ୍ୟକତା ଅନୁଯାୟୀ ଶଲ୍ୟ ଚିକିତ୍ସା, କେମୋଥେରାପି ଚିକିତ୍ସା ଏବଂ ବିକିରଣ ଚିକିତ୍ସା, ହରମୋନ୍ ଥେରାପି ଚିକିତ୍ସା, ବାୟୋଥେରାପି କିମ୍ବା ଟାର୍‌ଗେଟେଡ୍ କେମୋଥେରାପି ଚିକିତ୍ସା କରାଯାଇଥାଏ। ଅଧିକ ସୁଫଳ ଯୋଗୁ ଏବେ ବ୍ରେଷ୍ଟ କରଭେସନ୍ ସର୍ଜରି ବହୁ ଲୋକପ୍ରିୟ ହେଲାଣି। ମାତ୍ର ଏଥିରେ ବିକିରଣ ଚିକିତ୍ସା ବା ଲେଜର ଥେରାପି ସୁନିଶ୍ଚିତ। ସାଧାରଣତଃ ବିକିରଣ ଚିକିତ୍ସା ୫ ରୁ ୬ ସପ୍ତାହ ପର୍ଯ୍ୟନ୍ତ ଦିଆଯାଇଥାଏ। ଆଜିକାଲି ନୂଆ ପଦ୍ଧତିରେ ବିକିରଣ ଚିକିତ୍ସା ବାହାରିଲାଣି। ସେଥିରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ରହିଥାଏ।

ସାଧାରଣତଃ କେମୋଥେରାପି ତିନି ସପ୍ତାହରେ ଥରେ ଦିଆଯାଇଥାଏ। ଥକା ଥକା ଲାଗିବା, ବାନ୍ତି ଲାଗିବା, ଜ୍ୱର ଆସିବା ଏବଂ ବାଳ ଉପୁଡ଼ିଯିବା, ଏସବୁ କେମୋଥେରାପିର ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ। ଏସବୁ ଲକ୍ଷଣ ଠିକ୍ ଭାବରେ ଦେଖି ଔଷଧ ଦେଲେ ଭଲ ହୋଇଥାଏ। ହରମୋନ୍‌ସ ଟାବ୍‌ଲେଟ୍ କିମ୍ବା ଇଂଜେକ୍ସନ ୫ ବର୍ଷ ପର୍ଯ୍ୟନ୍ତ ଦିଆଯାଇଥାଏ। ଥରେ ଚିକିତ୍ସା ସରିବା ପରେ ରେସ୍‌ପନ୍ସ ଇଭାଲୁଏସନ୍ ଟେଷ୍ଟ କରାଯାଇଥାଏ। ପ୍ରତି ତିନି ମାସ ବ୍ୟବଧାନରେ ଦୁଇବର୍ଷ ପର୍ଯ୍ୟନ୍ତ, ଛଅ ମାସ ଅନ୍ତରରେ ୫ ବର୍ଷ ପର୍ଯ୍ୟନ୍ତ, ବର୍ଷକୁ ଥରେ ଥରେ ଦଶ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା କରାଯାଏ। ସ୍ତନ କର୍କଟ ରୋଗରୁ ମଧ୍ୟ ଆରୋଗ୍ୟଲାଭ କରିବାର ସମ୍ଭାବନା ରହିଛି କିନ୍ତୁ ଏହି ରୋଗକୁ ଠିକ୍ ସମୟରେ ନିରୂପଣ କରି ଚିକିତ୍ସା ଆରମ୍ଭ କରିବା ଜରୁରୀ। ବର୍ତ୍ତମାନ ଏଚ.ସି.ଜି. ପଣ୍ଡା କ୍ୟାନ୍‌ସର ହସ୍‌ପିଟାଲ, କଟକରେ ଶଲ୍ୟ ଚିକିତ୍ସା, କେମୋଥେରାପି, ବିକିରଣ ଚିକିତ୍ସା, ହର୍‌ମୋନ୍ ଚିକିତ୍ସା, ସବୁ ଚିକିତ୍ସାର ସୁବିଧା ଅଛି।

*–ସିନିଅର କନସଲଟାଣ୍ଟ, ରେଡିଏସନ୍ ଅଙ୍କୋଲୋଜି, ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍‌ପିଟାଲ, କଟକ*









## ଜରାୟୁଗ୍ରୀବା କର୍କଟ

**ଡା. ସରୋଜିନୀ ଷଡ଼ଙ୍ଗୀ**

ପ୍ରାଥମିକ ପର୍ଯ୍ୟାୟରୁ ରୋଗ ଚିହ୍ନଟ ଓ ଚିକିତ୍ସା ହୋଇପାରିଲେ ଏକ ତୃତୀୟାଂଶ ବ୍ୟକ୍ତିଙ୍କର କର୍କଟ ରୋଗକୁ ପ୍ରତିରୋଧ କରାଯିବା ସହ ଆଉ ଏକ ତୃତୀୟାଂଶ କର୍କଟ ରୋଗୀ ସମ୍ପୂର୍ଣ୍ଣ ଭଲ ହୋଇପାରିବେ। ମହିଳାମାନଙ୍କର କର୍କଟରୋଗକୁ ବିଚାରକୁ ନେଲେ ଆମେ ଜାଣିବା ଯେ, ଭାରତରେ ଜରାୟୁ ମୁଖ କର୍କଟରୋଗ, ସ୍ତନକର୍କଟ ବେଶି ଦେଖାଦେଇଥାଏ। ପରେ ପରେ ଡିମ୍ବକୋଷର କର୍କଟରୋଗ, ଜନନେନ୍ଦ୍ରିୟ କର୍କଟରୋଗ ଏବଂ ଶରୀରର ଅନ୍ୟାନ୍ୟ କର୍କଟରୋଗ ଦେଖାଦେଇଥାଏ।

ଆମ ଦେଶରେ ଜରାୟୁଗ୍ରୀବା କର୍କଟ ରୋଗରେ ପୀଡ଼ିତ ହୋଇ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥାଏ। ଭାରତରେ କର୍କଟ ରୋଗ ଭୋଗୁଥିବା ଶତକଡ଼ା ୯୦ ଭାଗ ମହିଳାଙ୍କର ଜରାୟୁଗ୍ରୀବା କର୍କଟରୋଗ ହିଁ ହୋଇଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁଗ୍ରୀବା କର୍କଟ ରୋଗର ଚିହ୍ନଟ ଓ ଚିକିତ୍ସା କରିପାରିଲେ ୯୨% ରୋଗୀ ଭଲ ହୋଇଯାନ୍ତି।

**ଏହି ରୋଗର କାରଣ:**
– ଅଳ୍ପ ବୟସରେ ବିବାହ ଓ ଅଳ୍ପ ବୟସରେ ଯୌନ ଜୀବନର ଆରମ୍ଭ(ବିଶେଷକରି ୧୬ ବର୍ଷରୁ କମ୍ ବୟସ), ଅଳ୍ପ ବୟସରେ ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀଙ୍କଠାରେ ଏହି ରୋଗର ଆଶଙ୍କା ବେଶି। ଏହା ବ୍ୟତୀତ ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା 'ହ୍ୟୁମାନ୍ ପାପିଲୋମା ଭାଇରସ୍' ଓ ''ହର୍‌ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ''କୁ ଏକ୍ସପୋଜର୍ ଏବଂ ଅନେକ ପୁରୁଷଙ୍କ ସାଙ୍ଗରେ ଯୌନସମ୍ପର୍କ ରଖୁଥିବା ମହିଳାଙ୍କ ଠାରେ ମଧ୍ୟ ଏହା ଦେଖାଦେଇ ପାରେ। ଯେଉଁ ମହିଳାଙ୍କର ସ୍ୱାମୀଙ୍କର ପୂର୍ବପତ୍ନୀ ଜରାୟୁ ଗ୍ରୀବା କର୍କଟ ରୋଗରେ ମୃତ୍ୟୁବରଣ କରିଥାଆନ୍ତି, ଏଚ୍.ଆଇ.ଭି. ପଜିଟିଭ ମହିଳା, ଗର୍ଭନିରୋଧକ ବଟିକା ସେବନ କରୁଥିବା ଏବଂ ଧୂମପାନ କରୁଥିବା ମହିଳାଙ୍କଠାରେ ମଧ୍ୟ ଏହି ରୋଗରେ ପୀଡ଼ିତ ହେବାର ରିସ୍କ ରହିଥାଏ।

**ସମସ୍ୟାର ଗୁରୁତ୍ୱ :** ଏହି ରୋଗ ହେବାର ବହୁପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିପାରିଲେ, (ବିଶେଷକରି, ମାସ୍ ସ୍କ୍ରିନିଂ ଓ ପାପ୍‌ସ୍ମିଅର୍) ଜରାୟୁଗ୍ରୀବା କର୍କଟରୋଗକୁ ସମ୍ପୂର୍ଣ୍ଣଭାବେ ପ୍ରତିରୋଧ କରିହେବ। ସବୁ ମହିଳାମାନେ ବର୍ଷକୁ ଅନ୍ତତଃ ଥରେ ପାପ୍‌ସ୍ମିଅର୍ ଟେଷ୍ଟ କରାଇନେବା ଉଚିତ ଏବଂ ୭ ବର୍ଷରୁ ୧୪ ବର୍ଷର ଝିଅମାନେ ଏହାର ପ୍ରତିଷେଧକ ଟିକା ନେବା ଉଚିତ। ମହିଳାମାନେ କିଛି ଅସୁବିଧା ଲାଗିଲେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କର ପରାମର୍ଶ ନେଇ ଚିକିତ୍ସା କରାଇବା ଉଚିତ।

ଏହି ସବୁ ଉପରୋକ୍ତ ପରୀକ୍ଷାଗୁଡ଼ିକ କଲେ କର୍କଟ ରୋଗ ପ୍ରତିହତ କରିହେବ। ତେଣୁ ଆସନ୍ତୁ ନିଜେ ନିଜର ସ୍ୱାସ୍ଥ୍ୟ ପାଇଁ ସଚେତନ ହେବା, ଏହାକୁ ପ୍ରତିହତ କରିବା ଓ କର୍କଟ ରୋଗ ବିରୋଧରେ ଲଢ଼େଇ କରି ବିଜୟୀ ହେବା।

*–ଲିଙ୍କ୍‌ରୋଡ଼, କଟକ*
*ମୋ–୯୪୩୭୦୫୫୦୦୭*

## ସୌନ୍ଦର୍ଯ୍ୟ

# ଘରେ କରନ୍ତୁ ପେଡିକିଓର

➤ପ୍ରଥମେ ତୁଳାରେ ରିମୁଭର ଲଗାଇ ପୁରୁଣା ନେଲପଲିସ୍‌କୁ ଛଡ଼ାଇ ଦିଅନ୍ତୁ। ଏହାପରେ ଉଷୁମ ପାଣିରେ ଅଳ୍ପ ସାମ୍ପୁ, ଲୁଣ ଓ ନଡିଆ ତେଲ ପକାଇ ସେଥିରେ ପାଦକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାନ୍ତୁ।

➤ଉଷୁମ ପାଣିରେ ଭିଜାଇବା ପରେ ପାଦକୁ ପ୍ୟୁମିକ୍ ଷ୍ଟୋନରେ ଧୀରେ ଧୀରେ ସଫା କରନ୍ତୁ। ନଖକୁ ବ୍ରଶରେ ସଫା କରନ୍ତୁ। ଏହାପରେ ତଉଲିଆରେ ପାଦକୁ ଭଲଭାବେ ସଫା କରି ପାଣିରେ ଧୋଇ ଦିଅନ୍ତୁ।

➤ଯଦି ନଖ କାଟିବା ଆବଶ୍ୟକ ହୋଇଥାଏ ତେବେ ପାଦକୁ ପାଣିରୁ କାଢ଼ିବା ପରେ ପରେ ନଖ କାଟି ଦିଅନ୍ତୁ। ପାଦ ଆଙ୍ଗୁଠିର ନଖକୁ ସବୁବେଳେ ସିଧା କାଟନ୍ତୁ। ପାଦର ନଖର କ୍ୟୁଟିକଲ୍ସକୁ କାଟନ୍ତୁ ନାହିଁ।

➤ପାଦ ଓ ନଖରେ କ୍ରିମ୍ ଲଗାଇ ଭଲଭାବେ ମାଲିସ୍ କରନ୍ତୁ। ବିଶେଷକରି ଗୋଇଠିରେ ଭଲଭାବେ କ୍ରିମ୍ ଲଗାଇ ମାଲିସ୍ କରନ୍ତୁ।

➤ଆପଣଙ୍କ ପାଦ ଯଦି ଅଧିକ ରୁକ୍ଷ ହୋଇଥାଏ ତେବେ ଘରୋଇ ଉପାୟରେ ପ୍ରସ୍ତୁତ ପ୍ୟାକ୍ ଲଗାଇପାରିବେ। ଏଥିପାଇଁ କ୍ଷୀର, ଓଟ୍‌ସ, ଆଲୋବେରା ଜେଲ୍, ବାଦାମ ତେଲ ମିଶାନ୍ତୁ। ଏସବୁକୁ ଭଲଭାବେ ମିଶାଇ ପେଷ୍ଟ ତିଆରି କରି ପାଦର ସବୁଆଡେ ଲଗାଇ ଏକ ସଫା କପଡା ବାନ୍ଧି ଦିଅନ୍ତୁ। ୧୫ ମିନିଟ୍ ପରେ ପାଦକୁ ଧୋଇ ଦିଅନ୍ତୁ।

➤ପାଦରେ ଲଗାଇବା ପାଇଁ ଆପଣ ୨ ବଡ଼ ଚାମଚ ସୂର୍ଯ୍ୟମୁଖୀ ତେଲ, ୨ ବଡ ଚାମଚ ଲେମ୍ବୁ ରସ, ୩ ବଡ ଚାମଚ ଚିନିକୁ ଭଲଭାବେ ମିଶାନ୍ତୁ। ଭଲଭାବେ ମିଶି ପେଷ୍ଟ ହୋଇ ଗଲାପରେ ଏହାକୁ ଦୁଇ ପାଦରେ ଲଗାଇ ଘଷନ୍ତୁ। ୧୫ ମିନିଟ୍ ପରେ ପାଦ ଧୋଇ ଦିଅନ୍ତୁ।





**ଶୀତଦିନେ ସାଧାରଣତଃ ପାଦ ଶୁଷ୍କ ହୋଇ ଫାଟିବା ଭଳି ଲକ୍ଷଣ ଦେଖା ଦେଇଥାଏ। ପେଡିକିଓର, ଫୁଟ୍ ସ୍ପା, ମାଲିସ୍ ଆଦି କରିବା ଦ୍ୱାରା ପାଦର ସବୁ ସମସ୍ୟା ଦୂର ହୋଇଥାଏ। ତେବେ ଆପଣ ଚାହିଁଲେ ଘରୋଇ ଉପାୟରେ ଏସବୁ ଚିକିତ୍ସା କରିପାରିବେ...**

## ଖାଦ୍ୟରୁଚି

# ମେଥି ପନିର

**ଆବଶ୍ୟକ ସାମଗ୍ରୀ:** ମେଥି ଶାଗ– ୨କପ୍, ପନିର– ୧କପ୍ (କଟା), କ୍ଷୀର– ଅଧା କପ୍‌ରୁ କମ୍, ଟମାଟୋ– ୨ଟି (କଟା), ଅଦା ବଟା– ୧ ଚାମଚ, ରସୁଣ– ୫ କୋଲା, କାଜୁ– ୧୫ଟି (କଟା), ଲଙ୍କା ଗୁଣ୍ଡ– ଅଧା ଚାମଚ, ଧନିଆ ଗୁଣ୍ଡ– ୧ ଚାମଚ, ହଳଦୀ– ଅଧା ଚାମଚ, ଧନିଆ ପତ୍ର– ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମେଥି ଶାଗକୁ ଭଲଭାବେ ଧୋଇ କାଟି ରଖନ୍ତୁ। ଏହାପରେ କଡେଇରେ ଅଳ୍ପ ତେଲ ଗରମ କରି ସେଥିରେ ଜିରା ଫୁଟାନ୍ତୁ। ଏହାପରେ ସେଥିରେ ପିଆଜ ପକାଇ ଭାଜନ୍ତୁ, ପିଆଜ ଟିକେ ଭାଜି ହୋଇ ଆସିଲେ ସେଥିରେ ରସୁଣକୁ କାଟି ପକାନ୍ତୁ। ଅଦା ବଟାକୁ ସେଥିରେ ପକାନ୍ତୁ। ମସଲା ଭାଜି ହୋଇ ଆସିଲେ ସେଥିରେ କଟା ଟମାଟୋ ଓ କାଜୁକୁ ଦୁଇ ଫାଳ କରି ପକାନ୍ତୁ। ମସଲା ଭଲଭାବେ ମିଶି ଗଲା ପରେ ଚୁଲିରୁ ଓହ୍ଲାଇ ଥଣ୍ଡା କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଥଣ୍ଡା କରି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପୁଣି ଥରେ କଡ଼େଇ ବସାଇ ତେଲ ଗରମ କରି ସେଥିରେ ପନିର ଖଣ୍ଡକୁ ବାଦାମୀ ହେବା ପର୍ଯ୍ୟନ୍ତ ଭାଜି ଦିଅନ୍ତୁ। ଏବେ କଡ଼େଇରେ ଅଳ୍ପ ତେଲ ଗରମ କରି ସେଥିରେ ମେଥି ପତ୍ରକୁ ପକାଇ ହାଲ୍‌କା ଆଞ୍ଚରେ ଭାଜନ୍ତୁ। ମେଥି ପତ୍ରରେ ହଳଦୀ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ ପକାଇ ସେଥିରେ ପ୍ରସ୍ତୁତ ହୋଇ ଥିବା ମସଲାକୁ ପକାନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଦେଇ ୫ ମିନିଟ୍ ଫୁଟିବା ପାଇଁ ଛାଡ଼ି ଦିଅନ୍ତୁ। ଶେଷରେ ପନିର ଓ କ୍ଷୀର ପକାଇ କିଛି ସମୟ ପରେ ଓହ୍ଲାଇ ଦିଅନ୍ତୁ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୭,୬୦,୯୧,୮୧୦ | ୫୬,୮୪,୧୯୦ | ୨୯,୭୪,୫୪,୫୨୮ |
| ଭାରତ | ୪,୧୩,୦୨,୪୪୦ | ୪,୯୫,୦୫୦ | ୩,୮୯,୭୬,୧୨୨ |
| ଓଡ଼ିଶା | ୧୨,୪୯,୨୪୦ | ୮୬୧୨(+୫୩) | ୧୨,୦୧,୫୪୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜି ଚିଲିକାରେ ମନିଟରିଂ, ବୋଟ୍ ଚଳାଚଳ ମନା

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ଚିଲିକା ହ୍ରଦରେ ମଙ୍ଗଳବାର ବାର୍ଷିକ ମନିଟରିଂ ଅନୁଷ୍ଠିତ ହେବ। ଏଥିରେ ଚଢ଼େଇ ଗଣନା, ଡଲଫିନ ଗଣନା ହେବ। ଏଥି ସହିତ ଉଚ୍ଛେଦ କରାଯାଇଥିବା ଘେରିର ମଧ୍ୟ ତଦାରଖ ହେବ। ଏକ ୨୮ଜଣିଆ ଟିମ୍ ସକାଳ ୬ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ମନିଟରିଂ କରିବେ। ଏହି ସମୟରେ ମାଛଧରା, ପର୍ଯ୍ୟଟନ ବୋଟ୍ ଚଳାଚଳକୁ ବାରଣ କରାଯାଇଛି। ସକାଳ ସମୟରେ ଚିଲିକା ବୁଲିବାକୁ ନ ଆସିବା ପାଇଁ ପରାମର୍ଶ ଦିଆଯାଇଛି। ମନିଟରିଂ ଟିମ୍‌ରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ), ଚିଲିକା ବନ୍ୟପ୍ରାଣୀ ଡିଭିଜନ, ପିସିସିଏଫ୍(ବନ୍ୟପ୍ରାଣୀ) କାର୍ଯ୍ୟାଳୟ, ବିଭିନ୍ନ ସମାଜିକ ଅନୁଷ୍ଠାନର ସଦସ୍ୟ, ବୋଟ୍ ମାଲିକ ସଂଘର ସଦସ୍ୟ, ଖୋର୍ଦ୍ଧା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଓ ବନ୍ୟପ୍ରାଣୀ ପ୍ରେମୀମାନେ ନିୟୋଜିତ ହୋଇଛନ୍ତି। ଏହି ମନିଟରିଂ ଚିଲିକା ହ୍ରଦର ପରିଚାଳନାରେ ସହାୟକ ହେବ। ଏ ସଂକ୍ରାନ୍ତ ତଥ୍ୟ ବୁଧବାର ସନ୍ଧ୍ୟା ସୁଦ୍ଧା ପ୍ରକାଶ ପାଇବ ବୋଲି ସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ ଜଣାଇଛନ୍ତି।

### ଘର ସମ୍ମୁଖରୁ ଲୁଟିନେଲେ ୧୫ ଲକ୍ଷ

**ସମ୍ବଲପୁର,୩୧।୧ (ବ୍ୟୁରୋ):** ସମ୍ବଲପୁର ସଦର ଥାନା ଗେଙ୍ଗୁଟିପାଲି ଗ୍ରାମର ରାଜେଶ ସାହୁ ସୋମବାର ନିଜ ଘର ସମ୍ମୁଖରେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କଠାରୁ ୧୫ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଲୁଟିନେଇ ଫେରାର ହୋଇଯାଇଛନ୍ତି। ଘଟଣାର ସମସ୍ତ ଚିତ୍ର ସିସିଟିଭିରେ କଏଦ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଦର ଏସ୍‌ଡିପିଓ ପ୍ରଦୀପ ସାହୁଙ୍କ ସୂଚନା ଅନୁସାରେ ରାଜେଶ ତାଙ୍କ ଜମିବିକ୍ରି ଟଙ୍କା ୧୫ଲକ୍ଷ ବ୍ୟାଙ୍କରୁ ଉଠାଇ ଜଣେ ବନ୍ଧୁଙ୍କ ସହ ଘରକୁ ଫେରିଥିଲେ। ବ୍ୟାଙ୍କରୁ ଦୁର୍ବୃତ୍ତମାନେ ରାଜେଶଙ୍କ ପିଛା କରିଥିଲେ। ରାଜେଶ ଘର ଭିତରକୁ ପଶିବା ପୂର୍ବରୁ ସେମାନେ ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଏସ୍‌ଡିପିଓ ସାହୁ କହିଛନ୍ତି।

# ସଉକ ପାଇଁ ବଳି ପଡୁଛନ୍ତି ଶୁଆ



ଓଡ଼ିଶାରେ ସାଧାରଣତଃ ୩ ପ୍ରକାର ଶୁଆ ଦେଖିବାକୁ ମିଳନ୍ତି। ନାହାକା ଶୁଆ (Alexandrine parakeet), ଚନ୍ଦନା ଶୁଆ ବା ଟିଆ (Ring necked parakeet) ଏବଂ ଟୁଇଁ ମିଟୁ ବା ଟାଇଟୁ ଶୁଆ (Plum headed parakeet)। ତେବେ ଅଧିକାଂଶ ଲୋକ ଘରେ ନାହାକା ଶୁଆ ଓ ଚନ୍ଦନା ଶୁଆକୁ ପାଳିଥାନ୍ତି। କିନ୍ତୁ ଏହି ୩ଟି ଯାକ ଶୁଆ ହେଲେ ଭାରତୀୟ ସଂରକ୍ଷିତ ବନ୍ୟପ୍ରାଣୀ। ଏମାନଙ୍କୁ ପିଞ୍ଜରାରେ ଆବଦ୍ଧ କରି ରଖିବା ବେଆଇନ। ଲୋକଙ୍କ ସଉକ ପାଇଁ ଏହି ନିରୀହ ତଥା ସୁନ୍ଦର ପକ୍ଷୀ ଆଜି ବଳିପଡୁଛନ୍ତି। ସ୍ୱାଧୀନ ବିଚରଣ ବଦଳରେ ପିଞ୍ଜରା ଭିତରେ ବନ୍ଦୀ ଜୀବନ ବିତାଉଛନ୍ତି। ବନ ବିଭାଗର ନିଷ୍କ୍ରିୟତା ଯୋଗୁ ରାଜ୍ୟରେ ଶୁଆ ଚୋରା ଚାଲାଣ ଓ ବେଆଇନ କାରବାର ଚାଲିଛି। ଖାଲି ସେତିକି ନୁହେଁ, ଜଙ୍ଗଲରୁ ଶୁଆ ଧରାଯାଇ ରାସ୍ତାଘାଟରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ନିକଟରେ କଟକରୁ ଜଣେ ମହିଳାଙ୍କ ପଞ୍ଜୁରି ଭିତରୁ 'କୋକୋ' ନାମକ ଶୁଆ ନିଖୋଜ ହେବା, ଖୋଜି ପାଇବାକୁ ୫ହଜାର ଟଙ୍କା ପୁରସ୍କାର ଘୋଷଣା କରିବା ଓ ପରେ ଆହତ ଅବସ୍ଥାରେ ଶୁଆକୁ ପାଇ ଘରେ ରଖିଥିବାବେଳେ ବନ ବିଭାଗ ଉଦ୍ଧାର କରିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ତେବେ ଶୁଆ କେଉଁଠୁ କେମିତି ଧରା ହୋଇ ଲୋକଙ୍କ ପାଖରେ ପହଞ୍ଚୁଛି ଓ କେଉଁ ପରିସ୍ଥିତିରେ ରହୁଛନ୍ତି, ଏଭଳି ଅନେକ ଦିଗକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।



## ଲୋକଙ୍କ ପାଖକୁ କେଉଁଠୁ ଆସେ

ଶୁଆ ହେଉଛି ବଣୁଆ ବା ଜଙ୍ଗଲୀ ପକ୍ଷୀ। କାହା ପଞ୍ଜୁରି ଭିତରେ ରହି ପ୍ରଜନନ କରି ବଂଶ ବୃଦ୍ଧି କରିବା ଅସମ୍ଭବ। କେତେକ କ୍ଷେତ୍ରରେ ଅଣ୍ଡା ଦେଉଥିଲେ ମଧ୍ୟ ସେଥିରୁ ଛୁଆ ବାହାରି ନ ଥାଏ। ତେଣୁ ଲୋକଙ୍କ ଘରେ ଯେଉଁ ଶୁଆ ରହୁଛନ୍ତି, ସେସବୁ ଜଙ୍ଗଲରୁ ଧରାହୋଇ ଆସିଥାଏ। ଏଥିପାଇଁ ରାଜ୍ୟରେ ବିଶେଷକରି ବନାଞ୍ଚଳରେ ଏକାଧିକ ର୍‍ୟାକେଟ ସକ୍ରିୟ ରହୁଛି। ସମ୍ପୃକ୍ତ ବ୍ୟକ୍ତିମାନେ ଗଛରେ ଥିବା ମା' ଶୁଆର ବସାରୁ ହିଁ ପର ଲାଗି ନ ଥିବା ଶାବକଙ୍କୁ ସଂଗ୍ରହ କରିଥାନ୍ତି। ସେମାନଙ୍କଠାରୁ ସହରରେ ଥିବା ପେଟ୍ ଶପ୍ ଦୋକାନୀ ଓ ରାସ୍ତାକଡ଼ ବେପାରୀ କିଣି ଲୋକଙ୍କୁ ବିକ୍ରି କରିଥାନ୍ତି।



## ଶାବକଙ୍କ ଲାଳନପାଳନ

ଶୁଆ ଶାବକ ସଂଗ୍ରହବେଳେ ପର ଉଠି ନ ଥାଏ। ତେଣୁ ଖୁଆଇ ପିଆଇ ବଡ଼ କରିବାକୁ ପଡ଼େ। ପେଟିରେ ରଖି ଗୋଟା କୋଳଥ ସିଝା ବା ଦରଫୁଟା ଭାତ ଖାଇବା ପାଇଁ ଦିଆଯାଇଥାଏ। ପର ଉଠି ଶାଗୁଆ ରଙ୍ଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡେ। ପ୍ରାୟ ଦେଢ଼ମାସ ବେଳକୁ ଶୁଆ ଛୁଆମାନେ ଖଣ୍ଡି ଉଡ଼ା ଦେବା ଆରମ୍ଭ କରିଥାନ୍ତି ଏବଂ ତାଙ୍କ ଦେହର ସୁନ୍ଦର ରଙ୍ଗ ଫୁଟି ଦିଶିଥାଏ।

## ୬ ମାସ କିଣାବିକା

ଶୁଆ ଶାବ ବେପାର ସାଧାରଣତଃ ୬ ମାସ ଚାଲିଥାଏ। ନଭେମ୍ବରରୁ ନାହାକା ଶୁଆମାନେ ଅଣ୍ଡା ଦେବା ଆରମ୍ଭ କରିଥାନ୍ତି। ୨୧ଦିନ ପରେ ଅର୍ଥାତ୍ ଡିସେମ୍ବର ଅଧାଅଧି ବେଳକୁ ଛୁଆ ଫୁଟିଥାନ୍ତି। ତେଣୁ ଡିସେମ୍ବର ପରେ ହିଁ ନାହାକା ଶୁଆଙ୍କ ବେପାର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପ୍ରାୟ ୩-୪ ମାସ ଧରି ଶୁଆମାନେ ଉଡ଼ି ଶିଖିବା ପର୍ଯ୍ୟନ୍ତ ପ୍ରାୟ ମାର୍ଚ୍ଚ ଯାଏ ଏହାର ବେପାର ଚାଲେ। ସେହିଭଳି ଫେବୃୟାରୀ ବେଳକୁ ଚନ୍ଦନା ଶୁଆମାନେ ଅଣ୍ଡା ଦେଇଥାନ୍ତି, ମାର୍ଚ୍ଚ ବେଳକୁ ଛୁଆ ଫୁଟିଥାନ୍ତି। ତାଙ୍କ ବେପାର ମଧ୍ୟ ପ୍ରାୟ ଜୁନ ଯାଏ ଚାଲେ। କିଛି ଜିଲାରେ ଗୋଟିଏ ସିଜନରେ ୧ ହଜାରରୁ ଊର୍ଦ୍ଧ୍ୱ ଶୁଆ ବେପାର ହୋଇଥାଏ। ଅନେକ ସମୟରେ ଚୋରା ଚାଲାଣ ବେଳେ ବନ ବିଭାଗ ତରଫରୁ ଏକାଥରେ ୫୦୦ରୁ ଅଧିକ ଶୁଆ ମଧ୍ୟ ଜବତ ହୋଇଥିବା ନଜିର ରହିଛି। ଗୋଟିଏ ଗୋଟିଏ ଶୁଆ ଶାବକର ଦାମ୍ ୫୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ତେଣୁ ସାରା ରାଜ୍ୟରେ ବର୍ଷକୁ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଶୁଆ କାରବାର ହେଉଥିବା ଜଣାପଡିଛି।

## କ'ଣ ରହିଛି ଆଇନ ଓ ଦଣ୍ଡବିଧାନ

ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ସମସ୍ତ ପ୍ରଜାତିର ଭାରତୀୟ ଶୁଆ ବା ପାରାକିଟ ସିଡ୍ୟୁଲ-୪ରେ ରହିଛି। ଶୁଆଙ୍କୁ ଘରେ ପଞ୍ଜୁରୀ ଭିତରେ ବନ୍ଦୀ କରି ରଖିଲେ ୩ ବର୍ଷ ଜେଲ କିମ୍ବା ୨୫ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ତେବେ ଅଧିକ ସୁରକ୍ଷା ପାଇଁ ଆଗକୁ ଆଇନରେ ସଂଶୋଧନ କରାଯାଇ ଶୁଆଙ୍କୁ ସିଡ୍ୟୁଲ-୨କୁ ଅଣାଯିବର ଯୋଜନା ରହିଛି।

## ପଞ୍ଜୁରିରେ ରହିଲେ କ'ଣ ହୁଏ

କୌଣସି ଶୁଆ ପଞ୍ଜୁରି ଭିତରେ ଖୁସିରେ ରୁହନ୍ତି ନାହିଁ। ଯେବେ ବି ସୁଯୋଗ ମିଳେ ଉଡ଼ିଯାଇ ପ୍ରକୃତିରେ ସ୍ୱାଧୀନ ଭାବେ ବଞ୍ଚିବାକୁ ଚେଷ୍ଟା କରନ୍ତି। ତେବେ ଉଡ଼ି ନ ଯିବା ପାଇଁ ଅନେକ ମାଲିକ ସେମାନଙ୍କ ପରକୁ କାଟି ଛୋଟିଆ କରି ଦେଇଥାନ୍ତି। ପୁଣି ଯେଉଁ ଶୁଆ ପଞ୍ଜୁରିରେ ବର୍ଷେ ବା ଅଧିକ ସମୟ ରହିବେ, ସେମାନଙ୍କୁ ଖୋଲାରେ ଛାଡ଼ିଲେ ବଞ୍ଚିବା ପ୍ରାୟ ଅସମ୍ଭବ ହୋଇଥାଏ। କାରଣ ସେମାନେ ପ୍ରକୃତିରୁ ଖାଦ୍ୟ ସଂଗ୍ରହ ଶିଖି ନ ଥାନ୍ତି।

## କ'ଣ କୁହନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କୁହନ୍ତି, ଶୁଆ ବା ସେହିଭଳି ଅନ୍ୟ ବନ୍ୟ ପକ୍ଷୀଙ୍କୁ ଉଦ୍ଧାର କରି ସରକାରୀ ସ୍ତରରେ ଏକ ବୃହତ କାର୍ଯ୍ୟକ୍ରମ ହାତକୁ ନେବା ଉଚିତ। ଥଇଥାନ ପାଇଁ ବନ ବିଭାଗକୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସବୁ ଡିଭିଜନରେ ବଡ଼ ବଡ଼ ଆଭିଆରୀ ମାନ ତିଆରି କରିବା ଆବଶ୍ୟକ। ଏଥିପାଇଁ ଆମେ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ପତ୍ର ଲେଖିଛୁ। କିନ୍ତୁ ଶୁଆ ଉଦ୍ଧାର ପାଇଁ ଲୋକେ ଟ୍ୱିଟର ଓ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କଲେ ମଧ୍ୟ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ କୋକୋ ଭଳି ପରିସ୍ଥିତି ଉପୁଜୁଛି। ଏ ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଶୁଆ ଉଦ୍ଧାର ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଆଦୌ ଚଢ଼ାଉ କରୁନାହିଁ। ବନ ବିଭାଗ ମଧ୍ୟ ଶୁଆ ଘରେ ରଖିଲେ ଚଢ଼ାଉ କରିବା ଖୁବ୍ କମ୍। ସେଥିପାଇଁ ଅନେକ ବ୍ୟକ୍ତି ୟୁଟ୍ୟୁବ୍‌ରେ ଶୁଆର ଭିଡିଓ ପୋଷ୍ଟ କରି ବେଆଇନ କାରବାର କରିବାକୁ ସାହସ କରୁଛନ୍ତି।



## କୋରଡ଼ରୁ ସଂଗ୍ରହ ହୁଏ ଶାବକ

ପକ୍ଷୀ ଶିକାରୀ ଓ ଧରାଳିମାନେ ଜଙ୍ଗଲରେ ଶୁଆ ବସା କରୁଥିବା ଗଛକୁ ଠାବ କରି ଶାବକଙ୍କୁ ସଂଗ୍ରହ କରିଥାନ୍ତି। ଏହି ସମୟର ଦୃଶ୍ୟ ଅତ୍ୟନ୍ତ ଲୋମହର୍ଷଣକାରୀ। ଶୁଆମାନେ ଅନ୍ୟ ପକ୍ଷୀଙ୍କ ପରି କାଠି କୁଟା ନେଇ ବସା ତିଆରି କରି ନ ଥାନ୍ତି। ସେମାନେ ଗଛ କୋରଡ଼ରେ ହିଁ ଅଣ୍ଡା ଦେଇଥାନ୍ତି। ଗଛରେ କୋରଡ଼ ପାଇଁ କାଠହଣା ଚଢ଼େଇ ବା wood pecker ଉପରେ ନିର୍ଭର କରିଥାନ୍ତି। ତେଣୁ ଯେଉଁ ଜଙ୍ଗଲରେ କାଠହଣା ଚଢ଼େଇଙ୍କ ସଂଖ୍ୟା ଅଧିକ ଥାଏ, ସେସବୁ ଅଞ୍ଚଳରେ ଶୁଆ ଚାଲାଣ ର୍‍ୟାକେଟ ବେଶ୍ ସକ୍ରିୟ ରହିଥାଏ। ଶିକାରୀମାନେ ଶୁଆ ବସା କରିଥିବା କୋରଡ଼ରେ ହାତ ଭର୍ତ୍ତି କରି ଅଣ୍ଡାରୁ ଛୁଆ ଫୁଟିଲାଣି କି ନାହିଁ ଦେଖନ୍ତି। ନିର୍ଦ୍ଧାରିତ ସମୟ ଭିତରେ ଆଖି ଫିଟିବା ପରେ ସେମାନେ ମା' ଶୁଆକୁ ଘଉଡ଼ାଇ ଶାବକଙ୍କୁ ଉଠାଇ ଆଣନ୍ତି।

-ପ୍ରସ୍ତୁତି: ଅସମାପିକା ସାହୁ

# ଇଲେକ୍ଟ୍ରିକ ଗାଡ଼ି କିଣିଥିଲେ ପିଛିଲା ଭାବେ ମିଳିବ ସବ୍‌ସିଡି

- ସେପ୍ଟେମ୍ବର ୧ ପରଠାରୁ କିଣିଥିଲେ ୫ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ମିଳିବ
- ପରିବହନ ବିଭାଗ ଜାରିକଲା ବିଜ୍ଞପ୍ତି

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ବିଦ୍ୟୁତ୍ ଚାଳିତ ଗାଡ଼ି କ୍ରୟ କରିଥିବା ଗ୍ରାହକମାନଙ୍କ ଲାଗି ଖୁସି ଖବର ଆସିଛି। ଏହି ଗାଡ଼ି କ୍ରୟ ସମୟରେ ଗ୍ରାହକମାନଙ୍କୁ ରେଜିଷ୍ଟ୍ରେଶନ ଫି ଓ ମୋଟରଯାନ ଟିକସ ଦେବାକୁ ପଡ଼ି ନ ଥିଲା। ଏବେ ଅତିରିକ୍ତ ୧୫ ପ୍ରତିଶତ ସବ୍‌ସିଡି ଅର୍ଥକୁ ସରକାରଙ୍କ ଦ୍ୱାରା ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଯେଉଁମାନେ ୨୦୨୧ ସେପ୍ଟେମ୍ବର ୧ ପରେ ବିଦ୍ୟୁତ୍‌ଚାଳିତ ଗାଡ଼ି କିଣିଥିବେ ସେମାନେ ଏହି ଅତିରିକ୍ତ ସବ୍‌ସିଡି ଟଙ୍କା ଫେରସ୍ତ ପାଇବେ।

ସୋମବାର ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟରେ ଇଲେକ୍ଟ୍ରିକ ଗାଡ଼ିଗୁଡ଼ିକର ବିକ୍ରି ବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ସୋମବାର ବିଭିନ୍ନ ପ୍ରକାର ଗାଡ଼ି ଉପରେ ୫ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଘୋଷଣା କରିଛନ୍ତି। ଏହି ସବ୍‌ସିଡି ପିଛିଲା ଭାବେ ୨୦୨୧ ସେପ୍ଟେମ୍ବର ୧ରୁ କାର୍ଯ୍ୟକ୍ଷମ ହେବ। ଇଲେକ୍ଟ୍ରିକ ଗାଡ଼ିର ରେଜିଷ୍ଟ୍ରେଶନ ଫି ଓ ମୋଟରଯାନ ଟିକସ ଆଦାୟକୁ ରାଜ୍ୟ ସରକାର ପୂର୍ବରୁ ଛାଡ଼ କରିଥିଲେ। ରାଜ୍ୟରେ ସମସ୍ତ ପ୍ରକାର ଇଲେକ୍ଟ୍ରିକଚାଳିତ ଗାଡ଼ିଗୁଡ଼ିକର ବିକ୍ରି ବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ରେଜିଷ୍ଟ୍ରେଶନ ଫି ଓ ମୋଟର ଯାନ ଟିକସ ଆଦାୟକୁ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି।

୨୦୨୧ ସେପ୍ଟେମ୍ବର ୨୯ରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଥିଲା। ଏବେ ପୁଣି ରାଜ୍ୟ ଇଲେକ୍ଟ୍ରିକ ଯାନ ନୀତି-୨୦୨୧ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ବିଦ୍ୟୁତ୍‌ଚାଳିତ ଯାନ କ୍ରୟ ଉପରେ ଅତିରିକ୍ତ ୧୫ ପ୍ରତିଶତ ସବ୍‌ସିଡି ଦେବାକୁ ନିଷ୍ପତ୍ତି କରିଛନ୍ତି। ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏହି ସବ୍‌ସିଡି ପ୍ରଦାନ କରାଯିବ। ବିଦ୍ୟୁତ୍‌ଚାଳିତ ୨ ଚକିଆ ଯାନର ସର୍ବାଧିକ ୫ ହଜାର ଟଙ୍କା, ତିନିଚକିଆ ଯାନରେ ୧୦ ହଜାର ଟଙ୍କା ଓ ୪ ଚକିଆ ଯାନରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ସରକାର ଯୋଗାଇବେ। ଏହାଛଡା ଉକ୍ତ ଗାଡ଼ିଗୁଡ଼ିକ କ୍ରୟବେଳେ ରେଜିଷ୍ଟ୍ରେଶନ ଫି କିମ୍ବା ମୋଟର ଯାନ ଟିକସ ଆଦାୟ ମଧ୍ୟ କରାଯିବ ନାହିଁ। ଓଡ଼ିଶା ଇଲେକ୍ଟ୍ରିକ ବାହନ ନୀତି-୨୦୨୧ର ପ୍ରାବଧାନ ଆଧାରରେ ରାଜ୍ୟ ସରକାର ଏସବୁ ଗାଡ଼ିର ବିକ୍ରି ଓ ଚଳପ୍ରଚଳ ବଢାଇବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। ୨୦୨୧ ସେପ୍ଟେମ୍ବର ୧ ତାରିଖ ପରେ ଯେଉଁ ଗ୍ରାହକମାନେ ବିଦ୍ୟୁତ୍‌ଚାଳିତ ଗାଡ଼ି କ୍ରୟ କରିଛନ୍ତି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍‌ଟିଓ ମାଧ୍ୟମରେ ଏହି ସବ୍‌ସିଡି ଅର୍ଥ ପ୍ରଦାନ କରାଯିବ।

# 'ଡେଲ୍‌ଟା ପାଇଁ କିଛି ଆକ୍ରାନ୍ତଙ୍କ ମୃତ୍ୟୁ ହେଉଛି'



**ପୁଣି ସତର୍କ କଲା ସ୍ୱାସ୍ଥ୍ୟ ବିଭାଗ**

- ରାଜ୍ୟରେ ଆଉ ୧୮ଜଣଙ୍କ ମୃତ୍ୟୁ
- ୪ ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ

ଭୁବନେଶ୍ୱର, ୩୧।୧(ବ୍ୟୁରୋ)

ରାଜ୍ୟରେ ଏବେ କରୋନା ସଂକ୍ରମଣ କମୁଥିବାବେଳେ ମୃତ୍ୟୁ ସଂଖ୍ୟା ଉପରମୁହାଁ ରହିଛି। ମୃତ୍ୟୁ ବଢ଼ିବା ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, କରୋନା ଲହର ଶୀର୍ଷରେ ପହଞ୍ଚିବା ପରେ ମୃତ୍ୟୁ ସଂଖ୍ୟା ଟିକିଏ ବଢ଼େ। ଜାନୁୟାରୀରେ ୨ ଲକ୍ଷରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିଲେ। କିନ୍ତୁ ତାହା ତୁଳନାରେ ଆମର ମୃତ୍ୟୁ ବହୁତ କମ୍ ରହିଛି। ତେବେ ଡେଲ୍‌ଟା ଭାରିଆଣ୍ଟ ଏବେ ବି ରହିଥିବାରୁ କିଛି ଆକ୍ରାନ୍ତଙ୍କ ମୃତ୍ୟୁ ହେଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଗତ ୨୪ ଘଣ୍ଟାରେ ରାଜ୍ୟର ଜଣେ ଶିଶୁଙ୍କ ସମେତ ୧୮ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱରରୁ ୪ଜଣ ଥିବାବେଳେ ଗଞ୍ଜାମ ଓ ଯାଜପୁରରୁ ୩ଜଣ ଲେଖାଏ, ଜଗତ୍‌ସିଂହପୁରରୁ ୨, ଭଦ୍ରକ, କଟକ, ଢେଙ୍କାନାଳ, କେନ୍ଦୁଝର, ନୟାଗଡ଼ ଓ ପୁରୀରୁ ଜଣେ ଲେଖାଏ ଅଛନ୍ତି। ଢେଙ୍କାନାଳ ଜିଲାର ମୃତକ ଜଣକ ହେଉଛନ୍ତି ୬ ବର୍ଷର ଶିଶୁ କନ୍ୟା। ସେ ଢେଙ୍କାନାଳ ଜିଲାର ଓ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ତେବେ ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୬୧୨କୁ ବୃଦ୍ଧି ପାଇଛି।

ସେପଟେ ଦୈନିକ ସଂକ୍ରମଣ ୪ ହଜାର ତଳକୁ ଖସିଛି। ଶେଷ ୨୪ ଘଣ୍ଟାରେ ୫୬,୭୦୮ ନମୁନା ପରୀକ୍ଷା କରାଯାଇଥିବାବେଳେ ୩,୩୨୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୫.୮୭କୁ ହ୍ରାସ ପାଇଛି। ୧,୯୩୪ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ସ୍ଥାନୀୟ ସଂକ୍ରମଣରୁ ୧,୩୯୫ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୫୦୪ଜଣ ୧୮ ବର୍ଷରୁ କମ୍ ବୟସର ଥିବା ଜଣାପଡିଛି। ଏଥିସହ ଖୋର୍ଦ୍ଧା ଜିଲାରୁ ବି ସଂକ୍ରମଣ ସଂଖ୍ୟା ହଜାର ତଳକୁ ଖସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ସର୍ବାଧିକ ୬୪୬ଜଣ ଆକ୍ରାନ୍ତ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଏପଟେ କରୋନା ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର କହିଛନ୍ତି, ଏବେ ରାଜ୍ୟରେ ଦୈନିକ ସଂକ୍ରମଣ ଓ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ବି କମୁଛି। ଧୀରେ ଧୀରେ କରୋନା ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି। ମାତ୍ର ଆମକୁ ଏବେ ବି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଓମିକ୍ରନ୍‌ର ସଂକ୍ରମଣ କ୍ଷମତା ଡେଲ୍‌ଟାଠାରୁ ବହୁତ ଅଧିକ। ତେଣୁ କେତେବେଳେ ବି ଏହା ପୁଣି ଫେରିପାରେ। ବର୍ତ୍ତମାନ ଯାହା କଟକଣା ରହିଛି ତାହା ଲୋକଙ୍କ ଜୀବନ ଜୀବିକା ଉପରେ ସାମାନ୍ୟତମ ପ୍ରଭାବ ପକାଉନି। ସେଥିପାଇଁ ସଂକ୍ରମଣର ଗ୍ରାଫ ସମ୍ପୂର୍ଣ୍ଣ ତଳେ ନ ପହଞ୍ଚିବା ପର୍ଯ୍ୟନ୍ତ ଆମକୁ ସତର୍କ ରହିବାକୁ ହେବ।

# ଦୁର୍ଘଟଣା କମାଇବାକୁ ଆଜିଠୁ କଡ଼ା ଚେକିଂ

**ସବୁ ଜିଲାପାଳ, ଏସ୍‌ପିଙ୍କୁ ପରିବହନ ସଚିବଙ୍କ ଚିଠି**

- ପୋଲିସ, ଆର୍‌ଟିଓଙ୍କୁ ନେଇ ଗଠନ ହେବ ଜଏଣ୍ଟ ଏନ୍‌ଫୋର୍ସମେଣ୍ଟ କମିଟି
- ରାତିରେ ବି କଡ଼ାକଡ଼ି ହେବ ଚେକିଂ
- ପ୍ରତି ସପ୍ତାହରେ ପରିବହନ କମିଶନରଙ୍କୁ ରିପୋର୍ଟ ଦେବେ ଆର୍‌ଟିଓ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ଜୋର୍‌ଦାର ପ୍ରୟାସ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ସୁପ୍ରିମକୋର୍ଟ କମିଟି ଆଗରେ ମଧ୍ୟ ଅପଦସ୍ଥ ହେବାକୁ ପଡୁଛି। ୨୫ ତାରିଖରେ ରାଜ୍ୟରେ ଗତ ୨ ବର୍ଷ ମଧ୍ୟରେ ଘଟିଥିବା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାର ତୁଳନାତ୍ମକ ଚିତ୍ର ଦେଖାଇ ଆଗକୁ ଏଥିପ୍ରତି ସଚେତନ ରହିବା ଲାଗି ଜିଲାପାଳ, ଏସ୍‌ପିଙ୍କଠାରୁ ଆରମ୍ଭ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ପରିବହନ ସଚିବ ବିଷ୍ଣୁପଦ ସେଠୀ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ରାଜ୍ୟର ସମସ୍ତ ଆର୍‌ଟିଓ ଏବଂ ପୋଲିସ ମଧ୍ୟରେ ସମନ୍ୱୟ ରଖି ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ ଆରମ୍ଭ କରିବାକୁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭକରି ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଜାରି ରଖିବା ଲାଗି ସୋମବାର ପରିବହନ ସଚିବ ସବୁ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ପରିବହନ ସଚିବ ତାଙ୍କ ଚିଠିରେ ଦର୍ଶାଇଛନ୍ତି, ସୁପ୍ରିମକୋର୍ଟ କମିଟିର ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ବର୍ଷ ଦୁର୍ଘଟଣାଜନିତ ମୃତ୍ୟୁ ୧୦ ପ୍ରତିଶତ ହ୍ରାସ କରିବା ଲାଗି ବାଧ୍ୟ କରାଯାଇଛି। ହେଲେ ୨୦୨୦ ଜାନୁୟାରୀରୁ ଅକ୍ଟୋବର ତୁଳନାରେ ୨୦୨୧ରେ ଏହି ସମୟ ମଧ୍ୟରେ ରାଜ୍ୟରେ ୧୨ ପ୍ରତିଶତରୁ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ଡିସେମ୍ବରରୁ ଫେବୃୟାରୀ ମଧ୍ୟରେ ରାଜ୍ୟରେ ବେଶି ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଏହି ସମୟରେ ଲୋକମାନେ ବେଶି ପିକ୍‌ନିକ୍ ଯାଉଥିବା ବେଳେ କୁହୁଡ଼ି କାରଣରୁ ଏଭଳି ସ୍ଥିତି ବେଶି ଉପୁଜୁଛି। ତେଣୁ ଏହି ସମୟରେ ସଡ଼କ ସୁରକ୍ଷା ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ। ବିଭାଗୀୟ ବୈଠକ ଅନୁଯାୟୀ ଫେବୃୟାରୀ ୧ରୁ ୨୮ ତାରିଖ ପର୍ଯ୍ୟନ୍ତ ମାସେ ବ୍ୟାପୀ ସ୍ପେଶିଆଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ କରିବାକୁ କୁହାଯାଇଛି। ପୋଲିସ ଏବଂ ଆର୍‌ଟିଓ ମିଳିତ ଭାବେ ସଡ଼କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ସହ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହାସହ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଲାଗି ଚେଷ୍ଟା କରିବେ। ତେଣୁ ଜଏଣ୍ଟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଜିଲାସ୍ତରରେ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାତ୍ରି ସମୟରେ ମଧ୍ୟ ଏହି ଜଏଣ୍ଟ ସ୍କ୍ୱାଡ୍ ଟ୍ରାଫିକ ଉଲ୍ଲଂଘନକାରୀଙ୍କୁ ଧରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାତି ସମୟରେ ଏନ୍‌ଏଚ୍ ଉପରେ କୌଣସି ଗାଡ଼ି ଯେପରି ପାର୍କିଂ କରା ନ ଯାଏ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ କୁହାଯାଇଛି। ଆର୍‌ଟିଓ ପକ୍ଷରୁ ପ୍ରତ୍ୟେକ ସପ୍ତାହରେ ରିପୋର୍ଟ ପ୍ରସ୍ତୁତକରି ପରିବହନ କମିଶନରଙ୍କୁ ପ୍ରଦାନ କରିବାକୁ କୁହାଯାଇଛି। ୪ ସପ୍ତାହରେ ୪ଟି ରିପୋର୍ଟ ପ୍ରସ୍ତୁତକରି ଆର୍‌ଟିଓମାନେ ପ୍ରଦାନ କରିବେ। ଦ୍ରୁତ ଗାଡ଼ିଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲ୍‌ମେଟ୍ ନ ପିନ୍ଧିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରିବା, ରାସ୍ତାକଡ଼ରେ ପାର୍କିଂ ଆଦି କାର୍ଯ୍ୟ ଉପରେ ଦୃଷ୍ଟି ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବହନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।



**ଆଜିର ମନ୍ତବ୍ୟ**

"ପେଗାସସ୍ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହା ଉପରେ ପୃଥକ୍ ଆଲୋଚନା ଆବଶ୍ୟକ ନାହିଁ।"
– ପ୍ରହ୍ଲାଦ ଯୋଶୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିହରେ ମୋର ବହୁତ ରୋଗ
ମତେ ନ ରୁଚେ ବହୁତ ଭୋଗ ।**

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୌଷ୍ଟିକ ଆହାର ଆବଶ୍ୟକ। ଖାଦ୍ୟ ନ ଖାଇଲେ ଶରୀର ଦୁର୍ବଳ ହୋଇଯାଏ। ବ୍ୟକ୍ତି ଯେବେ ରୋଗରେ ପଡେ ସେତେବେଳେ ତାକୁ ଖୁବ୍ ଅସ୍ୱସ୍ତି ଲାଗିଥାଏ। ପାଟିକୁ କିଛି ନେବାକୁ ଭଲ ଲାଗିନଥାଏ। ଫଳସ୍ୱରୂପ ଯେତେ ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷାଯାଇଥିଲେ ମଧ୍ୟ ଖାଇବା ପାଇଁ ମନରେ ଆଉ ସେତେ ଆଗ୍ରହ ସୃଷ୍ଟି ହେଉନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖିଲେ କଥା ନ କହେ
ନ ଦେଖିଲେ ପାଣି ନ ପିଏ ।**

ଉପରଠାଉରିଆ ଭଲ ପାଇବା।କେତେକଙ୍କ ମନରେ ପଛେ କିଛି ଥାଉ କି ନଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଅଜାଡ଼ି ଦେଇଥାନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିବସିଥାନ୍ତି। ନ ଦେଖିଲେ ନ ଆସିଲେ ମନ ଉଣା, ମନ କଷ୍ଟ ପରନ୍ତୁ ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ଭାବ ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୦୭ ପୌରାଧ୍ୟକ୍ଷଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ

**ପୌର ନିର୍ବାଚନ**
- ୬୫ ସଂରକ୍ଷିତ, ୪୨ ଅଣସଂରକ୍ଷିତ
- ୪୦ ମହିଳା, ୮ ଏସ୍‌ସି, ୩ ଏସ୍‌ଟି

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପରେ ରାଜ୍ୟରେ ପୌର ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ସରକାର ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜାନୁୟାରୀ ୨୯ ତାରିଖରେ କଟକ, ଭୁବନେଶ୍ୱର ଏବଂ ବ୍ରହ୍ମପୁର ମହାନଗର ମେୟର ପଦବୀ ପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଥିବାବେଳେ ସୋମବାର ୧୦୭ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଅଧ୍ୟକ୍ଷ ଆସନ ପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ କରିଛି।

ମୋଟ ଆସନରୁ ୬୫ଟି ପୌରସଂସ୍ଥାର ଅଧ୍ୟକ୍ଷ ପଦ ସଂରକ୍ଷିତ ହୋଇଥିବା ବେଳେ ୪୨ଟି ଆସନ ଅଣସଂରକ୍ଷିତ ରହିଛି। ସଂରକ୍ଷିତ ଆସନରୁ ୯ଟି ଅନୁସୂଚିତଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବେଳେ ୮ ଅନୁସୂଚିତଜାତି, ୫ଟି ଅନୁସୂଚିତ ଜନଜାତି ମହିଳା, ୩ ଅନୁସୂଚିତ ଜନଜାତି, ୪୦ ସାଧାରଣ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

ପ୍ରକାଶିତ ତାଲିକା ଅନୁଯାୟୀ ଚାନ୍ଦବାଲି, ବିଜେପୁର, ରେମୁଣା, ଦଶପଲ୍ଲା, ପଦ୍ମପୁର, ନୀଳଗିରି, ତରଭା, ପୋଲସରା ଏନ୍‌ଏସି ଏବଂ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ କୋରାପୁଟ, ସୋର, ଝାରସୁଗୁଡା, ଜଟଣୀ, ନବରଙ୍ଗପୁର ମ୍ୟୁନିସିପାଲିଟି ଏବଂ କବିସୂର୍ଯ୍ୟନଗର, ଖଲ୍ଲିକୋଟ, ବେଲଗୁଣ୍ଠା ଏନ୍‌ଏସି ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ବ୍ରଜରାଜନଗର, ଉମରକୋଟ, ଆନନ୍ଦପୁର, ବ୍ୟାସନଗର ମ୍ୟୁନିସିପାଲିଟି ଏବଂ ଗୁଡାରି ଏନ୍‌ଏସି ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ବାଲିଗୁଡା, ପାଟଣାଗଡ଼ ଏବଂ ବିନିକା ଏନ୍‌ଏସି ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ଜି. ଉଦୟଗିରି, କାଶୀନଗର, କରଞ୍ଜିଆ, ଖରିଆରରୋଡ, ଛତ୍ରପୁର, ରମ୍ଭା, ଉଦଳା ଚିକିଟି, ଧାମନଗର, ପୁରୁଷୋତ୍ତମପୁର, ନିମାପଡା, କୋଣାର୍କ, ଆଠଗଡ଼, ରଣପୁର, ଗଞ୍ଜାମ, ବାଲୁଗାଁ, ଖଣ୍ଡପଡ଼ା, ଆଠମଲ୍ଲିକ, ବାଙ୍କୀ ଏନ୍‌ଏସି ଏବଂ ଗୁଣୁପୁର, ବାସୁଦେବପୁର, ସୁନ୍ଦରଗଡ଼, ବାଲେଶ୍ୱର, ଟିଟିଲାଗଡ, ଜଗତ୍‌ସିଂହପୁର, ଭଦ୍ରକ, ଯାଜପୁର, ବରଗଡ, ଭବାନୀପାଟଣା, ବଲାଙ୍ଗୀର, କେନ୍ଦ୍ରାପଡା, ସୋନପୁର, ଦେବଗଡ, ନୟାଗଡ଼, ଢେଙ୍କାନାଳ, ଫୁଲବାଣୀ, ଖୋର୍ଦ୍ଧା, ପୁରୀ, କେନ୍ଦୁଝର, ଚୌଦ୍ୱାର ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି କୋଟପାଡ଼, ଜୁନାଗଡ, ଗୋପାଳପୁର, କୁଚିଣ୍ଡା, ନୂଆପଡ଼ା, ଭଞ୍ଜନଗର, ବାଣପୁର, ସୋରଡା, ଦିଗପହଣ୍ଡି, ଖରିଆର, ବରପାଲି, ଧାମନଗର, ବାଲିମେଳା, ଆସ୍କା, କେସିଙ୍ଗା, ବୁଗୁଡା, ପିପିଲି, ବୌଦ୍ଧଗଡ, ତୁଷୁରା, କଣ୍ଟାବାଞ୍ଜି, ରେଢାଖୋଲ, କୋଦଳା, ଭୁବନ, କାମାକ୍ଷାନଗର, ଚମ୍ପୁଆ ଏନ୍‌ଏସି, ରାଇରଙ୍ଗପୁର, ଜୟପୁର, ବଡବିଲ, ବୀରମିତ୍ରପୁର, ରାୟଗଡା, ପଟ୍ଟାମୁଣ୍ଡାଇ, ଜଳେଶ୍ୱର, ରାଜଗାଙ୍ଗପୁର, ହିଞ୍ଜିଳିକାଟୁ, ଯୋଡ଼ା, ସୁନାବେଡ଼ା, ବାରିପଦା, ବେଲପାହାଡ଼, ମାଲକାନଗିରି, ତାଳଚେର, ଅନୁଗୋଳ, ପାରାଦୀପ ମ୍ୟୁନିସିପାଲିଟି ଅଣସଂରକ୍ଷିତ ରଖାଯାଇଛି।

# ଆବାସ ପ୍ଲସ୍ ଖୋଲିବାକୁ ପୁଣି ଚିଠି ଲେଖିଲା ରାଜ୍ୟ

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**
**କେନ୍ଦ୍ର-ରାଜ୍ୟ ମୁହାଁମୁହିଁ**

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍‌ଏୱାଇ-ଜି) ଅଧୀନରେ ଗୃହ ମଞ୍ଜୁର କରିବା ସଂକ୍ରାନ୍ତରେ ରାଜ୍ୟ ସରକାର କେନ୍ଦ୍ରକୁ ପୁଣି ମନେପକାଇ ଦେଇଛନ୍ତି। ରାଜ୍ୟ ସରକାର ଘର ଯୋଗାଇ ଦେବାକୁ କେନ୍ଦ୍ରକୁ ବାରମ୍ବାର ଅନୁରୋଧ କରିବା ପରେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ଟଣାଓଟରା ଚାଲିଛି। ସୋମବାର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏ ନେଇ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ପଞ୍ଚାୟତି ରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଏକ ଚିଠି ଲେଖିଛନ୍ତି।

ବୈଠକ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସେ ନିଜେ ଉଠାଇଥିବା ଦାବି ବିଷୟରେ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଜାତୀୟ ଗ୍ରାମୀଣ ହାଉସିଂ ପୋର୍ଟାଲରେ ଆବାସ ପ୍ଲସ୍ ସହିତ ରାଜ୍ୟ ସରକାରଙ୍କ ୬.୬୫ ଲକ୍ଷ ପରିବାରର ତଥ୍ୟକୁ ସିଙ୍କ୍ରୋନାଇଜ୍ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ବାତ୍ୟା ଫନୀ ପରେ ପରେ ଓଡ଼ିଶାକୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ୧.୮୪ ଲକ୍ଷ ସ୍ୱତନ୍ତ୍ର ପିଏମ୍‌ଏୱାଇ ଘର ମଞ୍ଜୁର କରିବାକୁ ଦାବି ସହ ଯୋଗ୍ୟ ବିବେଚିତ ପରିବାରର ନାମ ଅନ୍ତର୍ଭୁକ୍ତ କରିବା ପାଇଁ କିଛି ସମୟ ପାଇଁ ଆବାସ ୱିଣ୍ଡୋ ଖୋଲିବାକୁ ପ୍ରତାପ ଅନୁରୋଧ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ପ୍ରକୃତ ଆବଶ୍ୟକତାକୁ ଏପର୍ଯ୍ୟନ୍ତ ଧ୍ୟାନ ଦିଆଯାଇ ନ ଥିବାବେଳେ କର୍ଣ୍ଣାଟକ ସରକାରଙ୍କୁ ଜାନୁୟାରୀ ୧୩ରେ ଆବାସ ପ୍ଲସ୍‌ରେ ତଥ୍ୟର ସିଙ୍କ୍ରୋନାଇଜେଶନ୍ ପାଇଁ ଅନୁମତି ଦିଆଯାଇଛି ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି।

ରାଜ୍ୟର ବାରମ୍ବାର ଅନୁରୋଧ ସତ୍ତ୍ୱେ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଏହାଦ୍ୱାରା ରାଜ୍ୟର ଅନୁସୂଚିତ ଅଞ୍ଚଳ ଏବଂ କେବିକେ ଅଞ୍ଚଳରେ ରହୁଥିବା ଲକ୍ଷ ଲକ୍ଷ ଗରିବ ଅନୁସୂଚିତ ଜନଜାତି ଘର ପାଇବାରୁ ବଞ୍ଚିତ ହେବେ। ଓଡ଼ିଶା ପ୍ରତି ହେଉଥିବା ଅନ୍ୟାୟକୁ ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ୨୦୧୯ ମାର୍ଚ୍ଚ ୭ ତାରିଖ ସୁଦ୍ଧା ଆବାସ ପ୍ଲସ୍ ମାଧ୍ୟମରେ ଯୋଗ୍ୟ ହିତାଧିକାରୀ ପରିବାରକୁ ଚିହ୍ନଟ କରିବାକୁ ଅନୁମତି ଦେଇଥିଲେ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର କେବଳ ୩୫ ହଜାର ହିତାଧିକାରୀ ଚିହ୍ନଟ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନ, ନେଟୱର୍କର ସଂଯୋଗ ସମସ୍ୟା ଏବଂ ରାଜ୍ୟର କିଛି ଅଞ୍ଚଳରେ ବାମପନ୍ଥୀ ହିଂସାକାଣ୍ଡ ଯୋଗୁ ସମସ୍ୟା ଦେଖାଦେଇଥିଲା। ୨୦୧୯ ମେ'ରେ ଫନୀ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଭାବିତ ପରିବାରକୁ ୫ ଲକ୍ଷ ପିଏମ୍‌ଏୱାଇ-ଜି (ସ୍ୱତନ୍ତ୍ର) ଘର ଆବଣ୍ଟନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ନିଆଁ

**କେନ୍ଦୁଝର,୩୧।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ସିଟିସ୍କାନ ଓ ଡାଏଲିସିସ୍ କକ୍ଷରେ ସୋମବାର ମଧ୍ୟାହ୍ନରେ ହଠାତ୍ ନିଆଁ ଲାଗିଯାଇଥିଲା। ଏନେଇ ରୋଗୀ ତଥା କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିଲେ। ତୁରନ୍ତ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଏକ ଏସିରୁ ଏହି ନିଆଁ ଲାଗିଥିବା ଉପସ୍ଥିତ କର୍ମଚାରୀ କହିଛନ୍ତି। ସଙ୍ଗେସଙ୍ଗେ ମେଡିକାଲ ସୁରକ୍ଷାକର୍ମୀ ଏବଂ କର୍ମଚାରୀ ପହଞ୍ଚି ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ଡାଏଲିସିସ କକ୍ଷରେ ୧୧ଜଣ ରୋଗୀ ଥିଲେ। ଏହାର ପ୍ରବେଶ ପଥରେ ଥିବା ଉଇଣ୍ଡୋ ଏସିରେ ହଠାତ୍ ଶର୍ଟସର୍କିଟରୁ ନିଆଁ ଲାଗିଯାଇଥିଲା। ଫଳରେ ରୋଗୀଙ୍କୁ ବାହାରକୁ ଆଣିବାରେ ସମସ୍ୟା ଦେଖାଦେଇଥିଲା। ଧୂଆଁ ଯୋଗୁ ରୋଗୀ ଏବଂ ଡ୍ୟୁଟିରେ ଥିବା ୫ଜଣ ଷ୍ଟାଫନର୍ସ, ୨ଜଣ ଟେକ୍ନିସିଆନ, ଜଣେ ଆଟେଣ୍ଡାଣ୍ଟ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଅଗ୍ନିକାଣ୍ଡ ଯୋଗୁ ଦ୍ୱିତୀୟ ଏବଂ ତୃତୀୟ ସିଫ୍ଟ ଡାଏଲିସିସ ବାଧାପ୍ରାପ୍ତ ହୋଇଥିଲା। ରୋଗୀମାନେ ମେଡିକାଲ ବାହାରେ ଅପେକ୍ଷାରେ ରହିଥିବା ଦେଖିବାକୁ ମିଳିଥିଲା। ଏନେଇ ସିଡିଏମଓ ଡକ୍ଟର ସୁଜାତାରାଣୀ ମିଶ୍ର କୁହନ୍ତି, ଶର୍ଟସର୍କିଟ କାରଣରୁ ନିଆଁ ଲାଗିଥିଲା। ସମସ୍ତ ରୋଗୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଡାଏଲିସିସ୍ କାର୍ଯ୍ୟ ଜାରି ରଖାଯାଇଛି।

# ୪ରେ କୁଆପଥର ବର୍ଷା

**ଭୁବନେଶ୍ୱର, ୩୧।୧(ବ୍ୟୁରୋ):** ପଶ୍ଚିମା ଝଡ଼ ଆଗମନ ତଥା ବଙ୍ଗୋପସାଗରରୁ ଓଡ଼ିଶାକୁ ପ୍ରବେଶ କରୁଥିବା ଅତ୍ୟଧିକ ଉଷ୍ଣ-ଜଳୀୟବାଷ୍ପ ପ୍ରଭାବରେ ଆସନ୍ତା ୩ ଓ ୪ ତାରିଖରେ କେତେକ ଜିଲାରେ ମଧ୍ୟମ ଧରଣର ବର୍ଷା ହେବ। ଏଥିସହ ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ହେବା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

୩ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼ ଓ କେନ୍ଦୁଝରରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଏହାଛଡ଼ା ଉତ୍ତର ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୪ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ। ଏଥିସହ ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ କୁଆପଥର ବର୍ଷା ହେବା ଆଶଙ୍କା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

କୃଷି କ୍ଷେତ୍ରରେ ଏହାର ଅଧିକ ପ୍ରଭାବ ପଡ଼ିବା ଆଶଙ୍କା ଥିବାରୁ ପାଣିପାଗ କେନ୍ଦ୍ର ସତର୍କ କରାଇବା ସହ କେତେକ ପରାମର୍ଶ ଦେଇଛି। ଅମଳ ଉପଯୋଗୀ ପନିପରିବାକୁ ୩ ତାରିଖ ପୂର୍ବରୁ ଅମଳ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରନ୍ତୁ। ଶୀତଦିନିଆ ଡାଲିଜାତୀୟ ବିହନ(ମୁଗ, ବିରି ପ୍ରଭୃତି) ଏବଂ ତୈଳଜାତୀୟ ବିହନ ବୁଣାବୁଣିକୁ ଏକ ସପ୍ତାହ ସାମୟିକ ସ୍ଥଗିତ ରଖିବା ପାଇଁ କୁହାଯାଇଛି।

## ଜିଡିପି ଅଭିବୃଦ୍ଧି...

ପ୍ରଥମ ପୃଷ୍ଠାରୁ...

ବ୍ୟୟରେ ୭ ପ୍ରତିଶତ ବୃଦ୍ଧି ହେବା ଆକଳନ କରାଯାଇଛି। ଅର୍ଥବ୍ୟବସ୍ଥା ଭଲ ସ୍ଥିତିରେ ଥିବାରୁ ଘରୋଇ ସେକ୍ଟରରେ ପୁଞ୍ଜିନିବେଶ ବୃଦ୍ଧି ପାଇବାକୁ ଯାଉଛି। ଏହା ଅର୍ଥନୀତିକୁ ସୁଧାରିବାରେ ସହାୟକ ହେବ। ମହାମାରୀର ପ୍ରଥମ ଲହର ବେଳେ ଲକ୍‌ଡାଉନ ଯୋଗୁ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥିଲା। ଦ୍ୱିତୀୟ ଲହର ଅର୍ଥନୀତିକୁ ଯେଉଁଭଳି ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଥିଲା ତାହା ହୋଇନାହିଁ। ତେଣୁ ଚଳିତ ବର୍ଷ ଜିଡିପି ଅଭିବୃଦ୍ଧି ୯.୨ ପ୍ରତିଶତରେ ରହିବ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆକଳନ କରାଯାଇଛି। ଜନସଂଖ୍ୟାର ଏକ ବଡ଼ ଭାଗ କୋଭିଡ୍ ଟିକା ନେଇସାରିଲେଣି। ଅର୍ଥନୀତିର ଗତିଶୀଳତା ପୁଣିଥରେ ପୂର୍ବାବସ୍ଥାକୁ ଫେରୁଛି। ଉତ୍ପାଦନ ଏବଂ ଯୋଗାଣ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ଆଗକୁ ଦୀର୍ଘମିଆଦୀ ଲାଭ ମିଳିବାକୁ ଯାଉଛି। ତେଣୁ ଆସନ୍ତା ଆର୍ଥିକ ବର୍ଷରେ ଅଭିବୃଦ୍ଧି ୮ରୁ ୮.୫ ପ୍ରତିଶତରେ ରହିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

ଅର୍ଥନୈତିକ ସର୍ଭେ ବା ଅର୍ଥନୀତିର ବାର୍ଷିକ ରିପୋର୍ଟ କାର୍ଡରେ ବିଶ୍ୱ ମୁଦ୍ରାସ୍ଫୀତି ଏବଂ ମହାମାରୀ ଜନିତ ଅସ୍ଥିରତାର ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେଣୁ ମଙ୍ଗଳବାର ସୀତାରାମନ୍ ଉପସ୍ଥାପନ କରିବାକୁ ଯାଉଥିବା ବଜେଟରେ ପୁଞ୍ଜିନିବେଶ ବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଲାଗି ବିଭିନ୍ନ ଯୋଜନା ଘୋଷଣା କରିବା ଆଶା କରାଯାଉଛି। ଏବେ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୯୦ ଡଲାର ରହିଥିବାବେଳେ ଆସନ୍ତା ବର୍ଷ ଏହା ୭୦ରୁ ୭୫ ଡଲାର ରହିବ ବୋଲି ଆକଳନ କରାଯାଇଛି। ଆଗାମୀ ବର୍ଷରେ ମହାମାରୀ ଅର୍ଥନୀତିକୁ ଅଧିକ ଦୁର୍ବଳ କରି ନ ପାରେ। ମୌସୁମୀ ସ୍ୱାଭାବିକ ହେବା ସହ ବୃହତ୍ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବିଶ୍ୱ ନଗଦୀକରଣକୁ ପ୍ରତ୍ୟାହାର କରିନେଇପାରନ୍ତି ବୋଲି ସର୍ଭେରେ ପୂର୍ବାନୁମାନ କରାଯାଇଛି। ଆମଦାନୀ ଜନିତ ମୁଦ୍ରାସ୍ଫୀତି ବିଶେଷ କରି ତୈଳ ଦରକୁ ନେଇ ଭାରତ ବିବ୍ରତ ହେବାର କାରଣ ନାହିଁ ବୋଲି ପ୍ରମୁଖ ଅର୍ଥନୈତିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ କହିଛନ୍ତି।

## ଆଜିଠୁ ଖୋଲିବ...

କଟକଣା ବଳବତ୍ତର ରହିବ। ପରେ କୋଭିଡ୍ ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ସାନି ଏସ୍‌ଓପି ଜାରି କରାଯିବ। ଶ୍ରୀମନ୍ଦିର ପରିସର ଓ ବାହାରେ ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା ଉପରେ ଶ୍ରଦ୍ଧାଳୁମାନେ ଧ୍ୟାନ ଦେବେ। କଟକଣା ଉଲ୍ଲଂଘନ କଲେ ଜରିମାନା ଦେବାକୁ ପଡ଼ିବା ସହ ଶ୍ରୀମନ୍ଦିର ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି, ଗତ ୨୮ ତାରିଖ ଛତିଶା ନିଯୋଗ ବୈଠକରେ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଏକମତ ହୋଇ ଶ୍ରଦ୍ଧାଳୁଙ୍କ ନିମନ୍ତେ ଶ୍ରୀମନ୍ଦିର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରଦ୍ଧାଳୁମାନେ କୋଭିଡ୍ କଟକଣା ମାନି ମହାପ୍ରଭୁଙ୍କୁ ଦର୍ଶନ କରନ୍ତୁ। ଯାହାଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିବ ନାହିଁ। ଅନ୍ୟପକ୍ଷରେ ସେବାୟତଙ୍କୁ ବୁଷ୍ଟର ଡୋଜ୍ ଦେବାକୁ କ୍ୟାମ୍ପ ଆୟୋଜନ କରାଯାଇଛି। ୧୮ରୁ ୬୦ ବର୍ଷ ବୟସର ସେବାୟତମାନେ ବୁଷ୍ଟର ଡୋଜ୍ ନେଇପାରିବେ। ଏଥିପାଇଁ ୯୦ ଦିନର ସମୟସୀମା ଥିବାରୁ ଯୋଗ୍ୟ ସେବାୟତଙ୍କୁ ଚୟନ କରାଯାଇ ବୁଷ୍ଟର ଡୋଜ୍ ଦିଆଯିବ। ଶୃଙ୍ଖଳିତ ଓ ସୁରକ୍ଷିତ ନୀତିକାନ୍ତି ପାଇଁ ସେବାୟତମାନଙ୍କୁ ସଂକ୍ରମଣମୁକ୍ତ ରଖିବା ଉଦ୍ଦେଶ୍ୟରେ ଏହି କ୍ୟାମ୍ପ କରାଯାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ କିଓସ୍କୋ, ଭ୍ୟାକ୍ସିନେଶନ୍ ଏବଂ ଆର୍‌ଟି-ପିସିଆର୍ କଟକଣାକୁ ହଟାଇବା ପାଇଁ ଛତିଶା ନିଯୋଗର ସେବାୟତମାନେ ଦାବି କରୁଥିଲେ। ମାତ୍ର ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ପୂର୍ବରୁ ଜାରି ହୋଇଥିବା ସମସ୍ତ କଟକଣା ବଳବତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ କିଓସ୍କୋ ବ୍ୟବସ୍ଥାକୁ ପୁଣି କାର୍ଯ୍ୟକ୍ଷମ କରାଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ କିଓସ୍କୋ ପ୍ରସ୍ତୁତ ରଖାଯାଇଥିବାବେଳେ ଧାଡ଼ି ଦର୍ଶନ ଲାଗି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ପୁରୀ ସହରବାସୀ ପଶ୍ଚିମଦ୍ୱାର ଏବଂ ଅନ୍ୟ ଭକ୍ତମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ସମସ୍ତେ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିବେ। ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଗତ ୧୦ ତାରିଖରୁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ଥିବାବେଳେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ତେଣୁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ହେବା ଆଶା କରାଯାଉଛି। ଏସବୁ ଦୃଷ୍ଟିରୁ ପୁରୀ ସହରରେ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା ସହ ଶ୍ରୀମନ୍ଦିର ସୁରକ୍ଷା ଲାଗି ପୋଲିସ ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କର୍ମସ୍ଥାନରେ ଚତୁଃଗ୍ରହଯୋଗ ପାରିବାରିକ ଜୀବନକୁ କୁସୁମିତ କରିବ। ଭାଗ୍ୟସ୍ଥ ଶୁକ୍ର ଅର୍ଥାଗମର ରାସ୍ତା ଉନ୍ମୁକ୍ତ କରି ବିଳାସ ବ୍ୟସନରେ ମଧ୍ୟ ବ୍ୟୟ କରାଇବେ। କୌଣସି ବନ୍ଧୁଙ୍କୁ ଦେଖିବା ପାଇଁ ମନ ଛଟପଟ ହେବ। ପ୍ରକାଶନ, ପ୍ରଶାସନ, ସଭାସମିତି, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** – ନିଜଲୋକଙ୍କୁ ପକ୍ଷଭୁକ୍ତ କରାଇବାରେ ଅସୁବିଧା ରହିବ ନାହିଁ। ଗତକାଲିର ବାକି ପଡିଥିବା କାମକୁ ଆଜି ପୂରାଦମରେ କରିବା ସକାଶେ ନିଷ୍ପତ୍ତି ନେବେ। କୃତ୍ତିକା ନକ୍ଷତ୍ରର ପାରିବାରିକ ଅସ୍ଥିରତା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ନିର୍ମାଣ କାର୍ଯ୍ୟ, ଶିଳ୍ପ ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** – ଧନସ୍ଥାନକୁ ଏକାଧିକଗ୍ରହ ଦୃଷ୍ଟି ହେତୁ ଅର୍ଥଲାଭ ଅବଶ୍ୟମ୍ଭାବୀ। ପରିବାରର ଭୁଲ୍ ବୁଝାମଣା ଦାମ୍ପତ୍ୟ ଜୀବନରେ ତିକ୍ତତା ସୃଷ୍ଟି କରିବ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗିତା ହେତୁ ମାନସିକ ସ୍ଥିତି ଠିକ୍ ରହିବ। ଅବଶ୍ୟ ପୁନର୍ବସୁ ନକ୍ଷତ୍ର ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** – ଷଷ୍ଠସ୍ଥ ଶୁକ୍ର ଓ ମଙ୍ଗଳ ସନ୍ତାନଙ୍କ ସ୍ୱାସ୍ଥ୍ୟହାନିରୁ ଚିନ୍ତିତ କରିପାରେ। କିନ୍ତୁ ସପ୍ତମସ୍ଥ ଗ୍ରହ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ଓଲଟା ଫଳ ଦେବାର ଆଶଙ୍କା ରହିଛି। ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ପରିବହନ ଓ ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** – ଚତୁର୍ଥସ୍ଥ କେତୁ ହେତୁ ପାରିବାରିକ ଅଶାନ୍ତି ଲାଗି ରହିବ। ଯାନବାହନରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାରେ ପଡିବେ। ଅପବ୍ୟୟ, ନିଦ୍ରାହୀନତା ଓ ଶତ୍ରୁଙ୍କ ସହ ଲଢୁଆ ମନୋବୃତ୍ତି ମାନସିକ ଅଶାନ୍ତିର କାରଣ ହେବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**କନ୍ୟା** – ବୃହସ୍ପତିଙ୍କ ଅଶୁଭାବସ୍ଥାନ ପାରିବାରିକ ସମସ୍ୟାକୁ ନିମନ୍ତ୍ରଣ କରିପାରେ। କର୍ମକ୍ଷେତ୍ରର ଅସଜଡା କାମକୁ ଆଜି ହିଁ ସଜାଡି ନେବା ପାଇଁ ଚେଷ୍ଟା କରିବେ। ସଭାସମିତିରେ,ଆନୁଷ୍ଠାନିକ କାମରେ,ଅଫିସିଆଲି ଆଲୋଚନାରେ ସମୟ କଟାଇବାକୁ ପଡିପାରେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା କିମ୍ବା ତୀର୍ଥାଟନ କଥା ଚିନ୍ତା କରିପାରନ୍ତି।

**ତୁଳା** – କେତୁ ଧନହାନି ସହ କଳହର ସୂତ୍ରପାତ କରାଇପାରନ୍ତି। କର୍ମକ୍ଷେତ୍ରରେ ପୁରୁଣା ସମସ୍ୟାର ତୁଳନାତ୍ମକ ବିଚାର କରି କର୍ମାରମ୍ଭ ସକାଶେ ମନ ବଳାଇବେ। ମନେ ମନେ ଭାବୁଥିବା କୌଣସି ଦ୍ରବ୍ୟଲାଭରୁ ଖୁସି ହେବେ। ନିଜ ଲୋକମାନଙ୍କ ବିଶ୍ୱାସଘାତକତା କାରଣରୁ ମାନସିକ ବିଚଳତା ଅନୁଭବ କରିପାରନ୍ତି।

**ବିଛା** – ଭାଗ୍ୟସ୍ଥାନକୁ ଏକାଧିକଗ୍ରହ ଦେଖୁଥିବାରୁ ସମସ୍ୟା ଦୂର ହୋଇ ସୌଭାଗ୍ୟ ଅନୁଭବ କରିବେ। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କାମ କରି ଲକ୍ଷ୍ୟ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ଧନୁ** – ରାହୁଙ୍କ ଶୁଭାବସ୍ଥାନ ଶତ୍ରୁତା ଓ ସମସ୍ୟାକୁ ପ୍ରତିହତ କରିବ। ସ୍ୱାସ୍ଥ୍ୟରେ ଉନ୍ନତି ସହ ରାଜନୀତି, ସାଂଗଠନିକ କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବିଭିନ୍ନ ଯୋଜନାର ପରିକଳ୍ପନା ଧିମା ହେବ। ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହନ୍ତୁ, ଯାହାକି ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟିର ହେତୁ ସ୍ୱରୂପ ହୋଇପାରେ।

**ମକର** – ଏକାଧିକ କାମରେ ଅନୁପ୍ରବେଶ କରି ମାନସିକ ଶାନ୍ତିକୁ ନଷ୍ଟ କରିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ କିମ୍ବା ସନ୍ଦେହ ଓ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** – ଗୁରୁଙ୍କ ପ୍ରଭାବରୁ ଆର୍ଥିକ ଅଭିବୃଦ୍ଧି ସହ ଜନ ସମାଜରେ ଆଦରଣୀୟ ରହିବେ। ଆପଣଙ୍କ ବହୁତ ଦିନର ଅଭିଳାଷ ଅପରାହ୍ନ ସମୟରେ ପୂରଣ ହୋଇଯିବ। ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ୟଥା ଠିକଣା ସମୟରେ କିଛି କରିପାରିବେ ନାହିଁ। ଅଫିସ୍‌ରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମୀନ** – କର୍ମସ୍ଥାନରେ ଶୁକ୍ରମଙ୍ଗଳ ଯୋଗ କାମ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ ସଙ୍ଗକୁ ନିଜ ଲୋକଙ୍କୁ ନିକଟରେ ପାଇ ଦୁଃଖ ଶୋକ ଭୁଲିଯିବେ। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାର୍ଯ୍ୟହାସଲ କରିପାରନ୍ତି। ପରିବାରର ଖର୍ଚ୍ଚ ଦି'ଗୁଣା ହୋଇ ମନକୁ ଭାରାକ୍ରାନ୍ତ କରି ରଖିବ।

## ଷ୍ଟାଟସ୍ ରିପୋର୍ଟ...

ରାଉତ, ଦୀପକ କୁମାର ମହାପାତ୍ର ଏବଂ କବିରାଜ ପ୍ରଧାନ ପୃଥକ ଭାବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ସହ ଆହତଙ୍କୁ ମାଗଣାରେ ଚିକିତ୍ସା କରାଇବା, ଜମି ଅଧିଗ୍ରହଣ ନିୟମ ଠିକ୍ ଭାବେ ପାଳନ କରିବା, ନିରପେକ୍ଷ ତଦନ୍ତ, ପୋଲିସ ମୁତୟନ ପ୍ରତ୍ୟାହାର ଏବଂ ଅଦାଲତଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ପାନବରଜ ଭଙ୍ଗା ନ ଯିବା, ଲୋକଙ୍କୁ ବିସ୍ଥାପିତ କରା ନ ଯିବା ନେଇ କୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, ଜେଏସ୍‌ଡବ୍ଲ୍ୟୁ, ପୋଲିସ ଡିଜି, ଜଗତସିଂହପୁର ଏସ୍‌ପି ଏବଂ ଏରସମା ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଛି।


# classifieds Everyday
0674-2580101, 2549302

**automobile**

**SALE**

Chevrolet Optra Magnum for sale 2012 Model 65000K.M. running (Personal use). 8249311037. D-71789

**real estate**

**SALE**

Plot for Sale at Chhatabar per sq.ft @99/-. 8249017091, 9937816565. D-22928

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71937

ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603. D-71787

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602. D-71788

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ yellowzone sqft.- 550/-, ଚନ୍ଦକା NH ପାଖରେ ଘରବାଡ଼ି ପ୍ଲଟ୍ sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH ପାଖରେ sqft.- 1300/-. 7539895510. D-71780

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952. D-71772

**healthcare**

Newly open SPA positively health benefits by expert therapist. 7846814019. D-71470

Newly open full body massage ladies and gents. 8327740003. D-71855

Newly opening SPA positively health benefits with expert therapist. 8917332216. D-71938

Newly open SPA positively health benefits by expert therapist. 8455987557. D-71471

**AFFIDAVIT**

By the virtue of an affidavit No. - 52AA186207 dt- 27.01.2022 before the court of Executive Magistrate, Bhubaneswar, That, I do hereby declare that, myself, Bishnu Prasad Lenka and Bishnu Prasada Lenka, who is son of Maheswar Lenka of Jagannath Nagar, Bhubaneswar-25 is one and same person. D-22994

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଉପରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ଏ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ

# ଦିଗ୍‌ଦର୍ଶକ ନାଡାଲ

ସ୍ପେନ୍‌ର ରାଫାଲ ନାଡାଲ ୩୦ ଜାନୁୟାରୀ ୨୦୨୨ରେ ୨୧ତମ ଗ୍ରାଣ୍ଡସ୍ଲାମ୍ ଜିତି ଟେନିସ୍ କ୍ଷେତ୍ରରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ରୁଷିଆର ଡାନିଲ ମେଡ୍‌ଭେଡେଭ୍‌ଙ୍କ ସହ ସଂଘର୍ଷପୂର୍ଣ୍ଣ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ଦୁଇ ସେଟ୍ ପଛରେ ଥିବା ନାଡାଲ ଯେଭଳି ଭାବେ ଟାଇଟଲ ଜିତିଲେ ତାହା ଖେଳପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଏଥିସହିତ ତାଙ୍କ ନାମରେ ସର୍ବକାଳୀନ ଗ୍ରାଣ୍ଡସ୍ଲାମ ବିଜେତା ଆଖ୍ୟା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ସର୍ବିୟାର ନୋଭାକ୍ ଜୋକୋଭିଚ୍ ଓ ସୁଇଜରଲାଣ୍ଡ ଟେନିସ୍ ଖେଳାଳି ରୋଜର ଫେଡରର୍ ୨୦ଟି ଲେଖାଏ ଗ୍ରାଣ୍ଡସ୍ଲାମ୍ ଜିତିଛନ୍ତି। ତେବେ ନାଡାଲଙ୍କ ଏହି ସର୍ବକାଳୀନ ରେକର୍ଡ ସ୍ଥାପନ ପଛରେ ଅଷ୍ଟ୍ରେଲିଆନ୍ ଓପନ୍ ଖେଳିବାରୁ ବାଦ୍ ପଡ଼ିଥିବା ଜୋକୋଭିଚ୍‌ଙ୍କ ବିଷୟ ଆଲୋଚନା ପରିସରକୁ ଆସିଛି। ୨୦୨୧ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିବା ଜୋକୋଭିଚ୍‌ଙ୍କୁ ଚଳିତ ସିଜନ୍‌ରେ ଖେଳିବାକୁ ଅନୁମତି ମିଳିଥିଲେ ଫଳାଫଳ ହୁଏତ ଅନ୍ୟ କିଛି ହୋଇଥାଆନ୍ତା। ଏଠାରେ ମନେ ପକାଇଦିଆଯାଇପାରେ ଯେ, ଜୋକୋଭିଚ୍ କୋଭିଡ୍ ଟିକା ନେଇ ନ ଥିବାରୁ ଅଷ୍ଟ୍ରେଲିଆ ସରକାର ତାଙ୍କୁ ଖେଳିବାକୁ ଅନୁମତି ଦେଇ ନ ଥିଲେ। କେବଳ ସେତିକି ନୁହେଁ, ତାଙ୍କ ବିରୋଧରେ କୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏହା ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ପାଲଟିଥିଲା। ଶେଷରେ ଜୋକୋଭିଚ୍ ବିଫଳ ମନୋରଥ ନେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଆମେ ଏହି ସ୍ତମ୍ଭରେ ଜାନୁୟାରୀ ୧୦ରେ 'ଜୋକୋଭିଚ୍ ବନାମ ଅଷ୍ଟ୍ରେଲିଆ' ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ସେଥିରେ ଉଲ୍ଲେଖ କରିଥିଲୁ ଯେ, କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରୀୟ ଟେନିସ୍ ଖେଳାଳିଙ୍କ ମଧ୍ୟରୁ ଜୋକୋଭିଚ୍ ଅନ୍ୟତମ। ତେଣୁ ଅଷ୍ଟ୍ରେଲିଆନ୍ ଟେନିସ୍ ଟୁର୍ନାମେଣ୍ଟରେ ମଧ୍ୟ ଜୋକୋଭିଚ୍‌ଙ୍କ ଜିତିବାର ଅଧିକ ସମ୍ଭାବନା ରହିଥିଲା। କିନ୍ତୁ ସ୍ଥିତି ଆମ୍ବିଳିଆ କରିଦିଆଯିବା ପଛରେ ବିରାଟ ମସୁଧା କରାଯାଇଥାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଯଦି ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆନ୍ ଓପନ୍ ଖେଳିବାର ସୁଯୋଗ ଦିଆଯାଇଥାଆନ୍ତା ଓ ସେ ଜିତିଥାଆନ୍ତେ, ତାହା ହେଲେ ନାଡାଲଙ୍କ ସ୍ଥାନରେ ତାଙ୍କ ନାମ ୨୧ତମ ଗ୍ରାଣ୍ଡସ୍ଲାମ୍ ବିଜେତା ଭାବେ ତାଲିକାରେ ଶୋଭା ପାଇଥାଆନ୍ତା।

ଏବେ ନାଡାଲଙ୍କ କ୍ରୀଡ଼ାନୈପୁଣ୍ୟକୁ ଦେଖିଲେ ସେ ଜଣେ ମହାନ୍ ଖେଳାଳିର ସବୁ ଗୁଣ ଧାରଣ କରିଥିବା ବୁଝାପଡ଼ିଯାଉଛି। ୨୦୨୧ ଅଷ୍ଟ୍ରେଲିଆନ୍ ଓପନ୍‌ର କ୍ୱାର୍ଟର ଫାଇନାଲରେ ଆଘାତପ୍ରାପ୍ତ ହେବା ପରେ ସେବେଠାରୁ ନାଡାଲଙ୍କୁ କୌଣସି ଟେନିସ୍ କୋର୍ଟରେ ଦେଖିବାକୁ ମିଳି ନ ଥିଲା। ଶାରୀରିକ ଭାବେ ସୁସ୍ଥ ହେବା ପରେ ୨୦୨୨ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ଜିଣିବା ତାଙ୍କ ଦୃଢ଼ ମନୋବଳର ପରିଚୟ ଦେଉଛି। ୩୫ ବର୍ଷୀୟ ନାଡାଲଙ୍କ ପ୍ରଦର୍ଶନ ଜଣାଇଦେଇଛି ଯେ, କ୍ରୀଡ଼ା କ୍ଷେତ୍ରରେ ବୟସ ବାଧକ ନୁହେଁ। ନାଡାଲଙ୍କ ଅଧ୍ୟବସାୟ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଦୀପଶିଖା ପାଲଟିଯାଇଛି। କେବଳ କ୍ରୀଡ଼ା ନୁହେଁ, କୌଣସି କାର୍ଯ୍ୟ ଲାଗି ନିରନ୍ତର ପ୍ରୟାସ ରହିଲେ ସଫଳତା ସୁନିଶ୍ଚିତ ମିଳିଥାଏ ବୋଲି ନାଡାଲ ଯେଉଁ ରାସ୍ତା ଦେଖାଇଦେଲେ ତାହା ପ୍ରତ୍ୟେକ ବ୍ୟକ୍ତି ପ୍ରତିକ୍ଷେତ୍ରରେ ଉପଯୋଗ କରି ସଫଳତା ପାଇପାରିବେ। କଠିନ ପରିଶ୍ରମ ଓ ଠିକ୍ କୌଶଳ ଆପଣାଇଲେ ସିଦ୍ଧି ନିଶ୍ଚିତ ଆସିପାରିବ। ଗତବର୍ଷ ଅଷ୍ଟ୍ରେଲିଆନ୍ ଓପନ୍‌ରୁ ଆଘାତପ୍ରାପ୍ତ ହୋଇଥିଲେ ମଧ୍ୟ ନାଡାଲ ଖେଳରୁ ମାନସିକ ସ୍ତରରେ ବିଚ୍ୟୁତ ହୋଇ ନ ଥିଲେ। ଏଥିରୁ ବୁଝିବା ଦରକାର ଯେ, ଜୀବନପଥରେ ବାଧାବିଘ୍ନ ଆସିଲେ ତାହାର ମୁକାବିଲା ଲାଗି ନିଜକୁ ଦୃଢ଼ କରିପାରିଲେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ରାଜନୀତି, ବ୍ୟବସାୟ, ଶିକ୍ଷା, ଗବେଷଣା ଓ ସର୍ଜନାତ୍ମକ କାର୍ଯ୍ୟ ଆଦିରେ ଯେଉଁମାନେ ଶୀର୍ଷ ସ୍ତରରେ ପହଞ୍ଚିଛନ୍ତି ସେମାନଙ୍କୁ କଠିନ ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼ିଛି। ପାଶ୍ଚାତ୍ୟରେ ଏହାର ବହୁ ଦୃଷ୍ଟାନ୍ତ ରହିଛି। ସେହି ତୁଳନାରେ ଭାରତରେ ଲୋକମାନେ ଅଳ୍ପରେ ସନ୍ତୁଷ୍ଟ ହୋଇଯାଉଥିବାରୁ ଏଠାରେ ବିଶ୍ୱସ୍ତରୀୟ ସେଭଳି ସଫଳ ବ୍ୟକ୍ତି ସୃଷ୍ଟି ହୋଇପାରୁ ନାହାନ୍ତି। ନିଜ କାର୍ଯ୍ୟରେ ଉତ୍କର୍ଷ ଲଭିବା ଲାଗି ତାହାକୁ ଚ୍ୟାଲେଞ୍ଜ ଭାବେ ନେଇପାରିଲେ ପ୍ରକ୍ରିୟା ସୁଗମ ହୋଇଥାଏ। ନାଡାଲ ଆଘାତ ହେବା ପରେ ଯଦି ଭାବିଥାଆନ୍ତେ ୨୦ ଗ୍ରାଣ୍ଡସ୍ଲାମ୍ ଜିତିସାରିଛି ଓ ତେଣୁ ଅଧିକ ସମୟ ବିଶ୍ରାମ ନେଲେ ଚଳିବ, ତାହା ହେଲେ ସେ ଆଜି ବିଶ୍ୱରେକର୍ଡ କରିବାରେ ସକ୍ଷମ ହୋଇ ନ ଥାଆନ୍ତେ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଫେବୃୟାରୀ ୧୯୯୭

- ଭାରତୀୟ ନୌବାହିନୀର ଗର୍ବ ଓ ଗୌରବର ପ୍ରତୀକ ଜଳଜାହାଜ ଆଇଏନ୍ଏସ୍ ବିକ୍ରାନ୍ତର ଚିର ବିଶ୍ରାମ।
- ଲବ୍ଧ ପ୍ରତିଷ୍ଠିତ ଉର୍ଦ୍ଦୁ ସାହିତ୍ୟିକ ଶମସୁର ରହମାନ ଫାରୁକଙ୍କୁ ମର୍ଯ୍ୟାଦାଜନକ 'ସରସ୍ୱତୀ ସମ୍ମାନ' ପୁରସ୍କାର।
- ଦୂରଦର୍ଶନର ପ୍ରମୁଖ ନ୍ୟୁଜ୍ ରିଡରମାନଙ୍କୁ ପ୍ରାଇମ୍ ଟାଇମସ୍ଲଟ (ମୁଖ୍ୟ ପ୍ରସାରଣ ସମୟ)ରୁ ବାଦ୍ ଦେବା ନିଷ୍ପତ୍ତି ରଦ୍ଦ।
- ଉତ୍ତର ପ୍ରଦେଶର ବିଧାନ ପରିଷଦକୁ ନିର୍ଦ୍ୱନ୍ଦ୍ୱରେ ୧୩ ଜଣ ସଦସ୍ୟ ନିର୍ବାଚିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 8 | | | 1 | | | | |
| | | | | 7 | | 1 | | |
| 6 | | 5 | | | | | 4 | 9 |
| | | | | | 9 | 6 | 3 | |
| | 7 | | | | 3 | | | 8 |
| | 9 | | 2 | | | | | |
| | 3 | 2 | 4 | | | | | |
| 4 | | | | 2 | | | | |
| | 5 | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 1 | 9 | 8 | 5 | 2 | 4 | 7 |
| 7 | 8 | 2 | 4 | 3 | 6 | 1 | 9 | 5 |
| 5 | 9 | 4 | 1 | 7 | 2 | 6 | 3 | 8 |
| 8 | 7 | 6 | 3 | 4 | 9 | 5 | 2 | 1 |
| 4 | 1 | 3 | 2 | 5 | 8 | 7 | 6 | 9 |
| 2 | 5 | 9 | 7 | 6 | 1 | 3 | 8 | 4 |
| 6 | 2 | 5 | 8 | 9 | 7 | 4 | 1 | 3 |
| 1 | 3 | 8 | 5 | 2 | 4 | 9 | 7 | 6 |
| 9 | 4 | 7 | 6 | 1 | 3 | 8 | 5 | 2 |

ଗତକାଲିର ଉତ୍ତର

# ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସ୍ଥିତି



ଡ. ଚିତ୍ତରଂଜନ ମିଶ୍ର

ଯେତେବେଳେ ବିଶ୍ୱର ଏକ ବିଶାଳକାୟ ଔଦ୍ୟୋଗିକ କମ୍ପାନୀ ଜଣେ ଭାରତୀୟ ବଂଶୋଦ୍ଭବ ପ୍ରଯୁକ୍ତିବିଦ୍ୟା ବିଶାରଦଙ୍କୁ ନେତୃତ୍ୱ ଭାର ଅର୍ପଣ କରିଥାଆନ୍ତି, ସେତେବେଳେ ଆମ ଛାତି କୁଣ୍ଢେମୋଟ ହୋଇଯାଇଥାଏ। ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଏଭଳି ବହୁ ପ୍ରଯୁକ୍ତିବିଦ୍ୟାବିତ୍ ସମ୍ମାନାସ୍ପଦ ଆସନରେ ଅଧିଷ୍ଠିତ ହୋଇଥିଲେ ମଧ୍ୟ ଭାରତ କାହିଁକି ଏପର୍ଯ୍ୟନ୍ତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱରେ ନିଜକୁ ଏକ ପ୍ରମୁଖ ଖେଳାଳି ଭାବେ ସାବ୍ୟସ୍ତ କରିପାରି ନାହିଁ? ବିଶ୍ୱ ପ୍ରଯୁକ୍ତିବିଦ୍ୟାର ଉପର ସୋପାନରେ ଅଧିଷ୍ଠିତ ହେବା ପାଇଁ ଭାରତ ପାଖରେ ଯଥେଷ୍ଟ କ୍ଷମତା ରହିଛି, ଯଦି ନିଜର ଦୋଷତ୍ରୁଟିକୁ ଠିକ୍ ଭାବେ ମୂଲ୍ୟାୟନ କରି ତଦନୁଯାୟୀ ଜରୁରୀ ଓ ବିହିତ ପଦକ୍ଷେପ ଗ୍ରହଣ କରେ, ତେବେ ଭାରତ ବିଶ୍ୱର ଶୀର୍ଷ ସ୍ତରରେ ପହଞ୍ଚିପାରିବ। ହେଲେ ଏଥିରେ ସଫଳ ହୋଇ ପାରୁନାହିଁ।

ଭାରତର ବିଫଳତାର ମୂଳ କାରଣ ହେଲା ବଜାର ସଂଚାଳିତ ଅଭିବୃଦ୍ଧିର ସୁଯୋଗକୁ ବ୍ୟବହାର କରିବାର ଅପାରଗପଣିଆ। ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ଓ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ପ୍ରତିଷ୍ଠା କ୍ଷେତ୍ରରେ ଭାରତର ପୂର୍ବ ପ୍ରତିବଦ୍ଧତା ରାଷ୍ଟ୍ରର ଭବିଷ୍ୟତ ଓ ସୁଯୋଗକୁ ଧୂଳିସାତ୍ କରି ଚାଲିଲା। ଏପରିକି ୧୯୯୧ରେ ଅର୍ଥନୈତିକ ସଂସ୍କାର ବ୍ୟବସ୍ଥାର ପ୍ରଣୟନ ପରେ ପ୍ରଚଣ୍ଡ ପ୍ରତିଭାଧାରୀ ଓ ବିଦ୍ୱାନ୍ ମନୀଷୀମାନେ ଦେଶ ଛାଡ଼ି ଆମେରିକା ଯାତ୍ରା କଲେ। ୨୦୧୯ର ଏକ ହିସାବ ଅନୁଯାୟୀ ଆମେରିକାରେ ୨.୭ ନିୟୁତ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ସେମାନେ ସମସ୍ତେ ଅତ୍ୟନ୍ତ ଶିକ୍ଷିତ ହେବା ସହ ବୃତ୍ତିଗତ କ୍ଷେତ୍ରରେ ମଧ୍ୟ ଆମେରିକାରେ ଅସାଧାରଣ ସଫଳତା ଲାଭ କରିଛନ୍ତି।

ଆମେରିକା ପ୍ରତ୍ୟେକଟି ଉଦ୍ୟୋଗ ଓ ମୁକ୍ତ ବଜାରର ସଫଳତାକୁ ସମ୍ଭାଳିବା ସହ ସହାୟତା ପ୍ରଦାନ କରିଥାଏ। ରୋମରେ ଜନ୍ମିତ ତଥା ଉଭୟ ଇଟାଲୀ ଓ ଆମେରିକାର ଦ୍ୱୈତ ନାଗରିକତା ଲାଭ କରିଥିବା ୟୁନିଭରସିଟି କଲେଜ ଲଣ୍ଡନର ଇନୋଭେସନ ଆଣ୍ଡ ପବ୍ଲିକ୍ ଭ୍ୟାଲୁର ଅର୍ଥନୀତି ପ୍ରଫେସର ମାରିଆନା ମାଜୁକାଟୋଙ୍କ ଗବେଷଣା ଅନୁଯାୟୀ ଆମେରିକା କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ନାନୋ ଟେକ୍ନୋଲୋଜି ଶିଳ୍ପ ଆଦି ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟାର ପ୍ରାରମ୍ଭ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପାଦିତ କରିଥାଏ। ପବ୍ଲିକ ସେକ୍ଟର ପୁଞ୍ଜି ନିବେଶ ଦ୍ୱାରା କଳନ ଗଣିତ ବା ଗାଣିତିକ ପ୍ରଶ୍ନର ସମାଧାନ ପାଇଁ ବ୍ୟବହୃତ ହେଉଥିବା ସୂତ୍ରର ପ୍ରଣାଳୀର ବିକାଶ ସମ୍ଭବପର ହୋଇପାରିଥିଲା, ଯାହାକି ଅନ୍ତତଃ ଗୁଗୁଲକୁ ଆଗକୁ ନେଇପାରିଲା। ପବ୍ଲିକ ସେକ୍ଟର ପୁଂଜି ବିନିଯୋଗ ମଧ୍ୟ ମଲ୍‌କ୍ୟୁଲାର ଆଣ୍ଟିବଡିର ଆବିଷ୍କାର କ୍ଷେତ୍ରରେ ଯୋଗଦାନ ଦେଇଥିଲା, ଯାହାକି ବାୟୋଟେକ୍ନୋଲୋଜିର ମୂଳଦୁଆ ପକାଇବାରେ ସହାୟକ ହୋଇଥିଲା। ଏସବୁ ସରକାରୀ ଏଜେନ୍ସିମାନଙ୍କର ସକ୍ରିୟ ଯୋଗଦାନ ଦ୍ୱାରା ସମ୍ଭବ ହେଲା, ଯାହାକି ପ୍ରାଇଭେଟ ସେକ୍ଟରମାନଙ୍କ କ୍ଷେତ୍ରରେ ଆଦୌ ସମ୍ଭବ ହୋଇନଥାନ୍ତା।

ଠିକ୍ ସେହିପରି ଚାଇନାର ଅର୍ଥନୈତିକ ଅଭ୍ୟୁତ୍ଥାନକୁ ଚାଇନା ସରକାରଙ୍କ ଯୋଗଦାନ ଧନ୍ୟବାଦାର୍ହ। ଚାଇନା ବିଶ୍ୱ ମହାଶକ୍ତି ଆମେରିକା ସହ ପ୍ରଯୁକ୍ତିବିଦ୍ୟା ମହାଦୌଡ଼ରେ ସାମିଲ ହୋଇଛି ଓ ସେହି ରାଷ୍ଟ୍ରର ସରକାର ପ୍ରଯୁକ୍ତିବିଦ୍ୟାର ବିଶ୍ୱମହାନାୟକ ଭାବେ ଚାଇନାକୁ ଦଣ୍ଡାୟମାନ କରାଇବା ପାଇଁ ଦୃଢ଼ ପ୍ରତିଜ୍ଞାବଦ୍ଧ। ଗୋଟିଏ ଦଶନ୍ଧିର ଟିକିଏ ପୂର୍ବରୁ ଚାଇନା ତା'ର ସ୍ୱଳ୍ପ ମଜୁରୀ ମାନୁଫାକ୍ଚରିଂ ପାଇଁ ବେଶ୍ ପରିଚିତ ଥିଲା। ଏପରିକି ଚାଇନା ଯେତେବେଳେ 'ଫ୍ରାକ୍ଟି ଅଫ ଦି ୱାର୍ଲ୍ଡ' ବା ବିଶ୍ୱର କାରଖାନା ଭାବେ ସର୍ବଜନବିଦିତ, ସେତେବେଳେ ବିଶ୍ୱ ଉତ୍ପାଦନ ନେଟ୍‌ୱର୍କର ନିମ୍ନ ମୂଲ୍ୟଯୁକ୍ତ ଉତ୍ପାଦ କ୍ଷେତ୍ରରେ ବାନ୍ଧି ହୋଇ ରହିଯାଇଛି। ଚାଇନା ଆର୍ଥିକ କ୍ଷତି ସହି ମଧ୍ୟ ଉତ୍ପାଦିତ ବସ୍ତୁର ଧାର୍ଯ୍ୟ ମୂଲ୍ୟଠାରୁ ବହୁ କମରେ ସେଗୁଡ଼ିକୁ ବଜାରକୁ ଛାଡୁଛି। ୨୦୧୧ରେ ସରକାରୀ ଯୋଜନାର ଅଂଶ ବିଶେଷ ଭାବେ ଚାଇନା ବିକଳ୍ପ ଇନ୍ଧନ ଚାଳିତ ମୋଟର ଗାଡି ଏବଂ ଅଣପାରମ୍ପରିକ ଶକ୍ତି ଭଳି ଆର୍ଥିକ ଓ ସୁରକ୍ଷା ଦୃଷ୍ଟିକୋଣରୁ ଷ୍ଟ୍ରାଟେଜିକ୍ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ପ୍ରବେଶ କଲା। ପରେ ଚାଇନା ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବଜାର ବ୍ୟବସ୍ଥା ଏବଂ ଜଗତୀକରଣର ମହାଶକ୍ତିକୁ ସମ୍ମିଳିତ କରି ଗୋଟିକ ପରେ ଗୋଟିଏ ସଫଳତାର ପାହାଚ ଆରୋହଣ କରିବାକୁ ଲାଗିଲା। ରାଷ୍ଟ୍ରୀୟ ମାଲିକାନାରେ ଥିବା ଉଦ୍ୟୋଗଗୁଡିକୁ ଘରୋଇକରଣ କରିବା ବଦଳରେ ପୁନର୍ଗଠନ କରିଚାଲିଲା। ଇଲେକ୍‌ଟ୍ରୋନିକ୍ସ ଓ ଯନ୍ତ୍ରପାତି ପରି ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗ କ୍ଷେତ୍ରରେ ନିଜର ସ୍ଥିତି ମଜଭୁତ କରିବାକୁ ଲାଗିଲେ।

୧୯୫୦ ଦଶକର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେତେବେଳେ ଭାରତ ଯୋଜନା ଓ ଔଦ୍ୟୋଗୀକରଣର ମହାପର୍ବ ଉଦ୍‌ଘାଟନ କଲା, ଏହା ସମ୍ଭବତଃ ବିକାଶଶୀଳ ବିଶ୍ୱରେ ମାନ୍ୟତା ଲାଭ କରିଥିଲା। ସେହି ପ୍ରଚେଷ୍ଟାର ଫଳସ୍ୱରୂପ ମହାକାଶ ବିଜ୍ଞାନ ଓ ପରମାଣୁ ଗବେଷଣା କ୍ଷେତ୍ରରେ ପବ୍ଲିକ ସେକ୍ଟର ଫଣ୍ଡିଙ୍ଗ୍ ମାଧ୍ୟମରେ ଦେଶରେ ଏକାଧିକ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇପାରିଥିଲା। ତନ୍ମଧ୍ୟରୁ ଏକାଧିକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବେ ସ୍ୱତନ୍ତ୍ର ପରିଚୟ ଜାହିର କରିପାରିଛନ୍ତି। ୧୯୯୧ରେ ଯେତେବେଳେ ଭାରତ ମୁକ୍ତ ବଜାର ବ୍ୟବସ୍ଥା ଓ ଜଗତୀକରଣକୁ ଆପଣାଇଥିଲା, ସେତେବେଳେ ନିଜର ପ୍ରଚେଷ୍ଟାକୁ ଦ୍ୱିଗୁଣିତ କରି ରାଷ୍ଟ୍ରୀୟ ପ୍ରଯୁକ୍ତିବିଦ୍ୟାର ଦକ୍ଷତାକୁ ଦୃଢ଼ୀଭୂତ କରିବାକୁ ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ ଥିଲା। ତା' ବଦଳରେ ମୋଟ ଆଭ୍ୟନ୍ତରୀଣ ଉତ୍ପାଦର ଅନୁପାତ ଅନୁଯାୟୀ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ପୁଂଜି ନିବେଶ ୧୯୯୦-୯୧ରେ ୦.୮୫ ପ୍ରତିଶତରୁ ୨୦୧୮ ବେଳକୁ ୦.୬୫ ପ୍ରତିଶତ ସ୍ତରକୁ ହ୍ରାସ ପାଇଲା। ଅପରପକ୍ଷରେ, ମୋଟ ଆଭ୍ୟନ୍ତରୀଣ ଉତ୍ପାଦର ଏହି ଅନୁପାତ ଚାଇନା ଓ ଦକ୍ଷିଣ କୋରିଆରେ ୨୦୧୮ରେ ୨.୧ ଓ ୪.୫ ପ୍ରତିଶତରେ ପହଞ୍ଚିଥିଲା।

ଭାରତ ହାତମୁଠାରେ ଯୋଗାଣ ଓ ଚାହିଦାର ଅନୁକୂଳ କାରକ ରହିଛି, ଯାହାକି ଦେଶକୁ ପ୍ରଯୁକ୍ତିବିଦ୍ୟାର ମହତ୍ତ୍ୱପୂର୍ଣ୍ଣ ସ୍ଥାନରେ ଅଧିଷ୍ଠିତ କରାଇପାରିବ। ତ୍ରିସ୍ତରୀୟ ଶିକ୍ଷା କ୍ଷେତ୍ରରେ ଭାରତରେ ନାମାଙ୍କିତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ୨୦୧୯ରେ ୩୫.୨ ନିୟୁତ ଥିଲା, ଯାହାକି ଚାଇନା ବ୍ୟତିରେକେ ପୃଥିବୀର ଅନ୍ୟ ରାଷ୍ଟ୍ର ତୁଳନାରେ ସର୍ବାଧିକ। ପୁନଶ୍ଚ ୟୁନେସ୍କୋ ଅନୁଯାୟୀ ୨୦୧୯ରେ ଅନ୍ୟ ସମସ୍ତ ବିଷୟରେ ଉତ୍ତୁରୁଥିବା ଗ୍ରାଜୁଏଟଙ୍କ ସଂଖ୍ୟା ତୁଳନାରେ ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଓ ମ୍ୟାଥ୍‌ମେଟିକ୍ସ (ଷ୍ଟେମ୍) କ୍ଷେତ୍ରରେ ସଫଳ ଗ୍ରାଜୁଏଟଙ୍କ ସଂଖ୍ୟା ଭାରତରେ ୩୨.୨% ଥିଲା, ଯାହାକି ବିଶ୍ୱର ଅନ୍ୟ ରାଷ୍ଟ୍ରଙ୍କ ତୁଳନାରେ ଅଧିକ। ଏଣୁ ଭାରତ ଆମେରିକାର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟାଠାରୁ ଖୁବ୍ ଶୀଘ୍ର ଦୁଇଗୁଣ ହେବା ସହ ବିଭିନ୍ନ ପ୍ରକାର ନୂଆ ନୂଆ ପ୍ରଯୁକ୍ତିବିଦ୍ୟା ପାଇଁ ଏକ ବିଶାଳ ବିଶ୍ୱବଜାର ଭାବେ ଉଭା ହେବାର ସମ୍ଭାବନା ରହିଛି। ଏହା ଭାରତ ପାଇଁ ଏକ ବୃହତ୍ ସୁଯୋଗ ହୋଇପାରିବ। ହେଲେ ଅନ୍ତର୍ଦ୍ଦେଶୀୟ ଶିଳ୍ପସଂସ୍ଥାଗୁଡ଼ିକ ଏହି ସୁଯୋଗକୁ ଫଳପ୍ରଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଉଦାହରଣ ସ୍ୱରୂପ ଇଲେକ୍‌ଟ୍ରୋନିକ ମ୍ୟାନୁଫାକ୍ଚରିଂ କ୍ଷେତ୍ରରେ ଭାରତ ନିଜ କ୍ଷମତାର ବହୁ ନିମ୍ନରେ କାର୍ଯ୍ୟ କରୁଅଛି। ପୁନଶ୍ଚ ୨୦୨୧-୨୨ ତଥ୍ୟ ଅନୁଯାୟୀ ଇଲେକ୍‌ଟ୍ରୋନିକ୍ ପଦାର୍ଥ ଓ ଯନ୍ତ୍ରପାତି କ୍ଷେତ୍ରରେ ଭାରତର ଆମଦାନୀ, ରପ୍ତାନି ଅପେକ୍ଷା ପ୍ରାୟ ୫ଗୁଣ ଅଧିକ। ମୋବାଇଲ ଫୋନ୍‌ରେ ଆବଶ୍ୟକ ହେଉଥିବା ଉଚ୍ଚ ମୂଲ୍ୟଯୁକ୍ତ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତିଗୁଡ଼ିକର ଟେକ୍ନୋଲୋଜି ଓ ଡିଜାଇନ ଉପରେ ଭାରତ ନିର୍ଭରଶୀଳ।

ଗତ ୩ ଦଶନ୍ଧି ଧରି ଭାରତରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକୁ ସ୍ୱଳ୍ପକାଳିକ ବିତ୍ତୀୟ ଲାଭ ଆଧାରରେ ହିଁ ଆକଳନ କରାଯାଉଛି। ପରନ୍ତୁ ସେମାନଙ୍କୁ ଦୀର୍ଘସୂତ୍ରୀ ଅର୍ଥନୈତିକ ଅଭିବୃଦ୍ଧି, ଅଭିନବ ପ୍ରଯୁକ୍ତିବିଦ୍ୟାର ସୃଷ୍ଟି ତଥା ସାମରିକ ଓ ଜ୍ଞାନ ସଂପତ୍ତିର ଅଭ୍ୟୁଦୟ କ୍ଷେତ୍ରରେ ନିଜର ଦକ୍ଷତା ଏବଂ ଭବଷ୍ୟତ ଅବଦାନ ଆଧାରରେ ହିଁ ମୂଲ୍ୟାଙ୍କନ କରାଯିବା ଦରକାର। ଏକ ବଳଶାଳୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇ ବ୍ୟବସାୟ ପାଇଁ ଅଧିକ ସୁଯୋଗ ଓ ସମ୍ଭାବନା ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ଦେଶରେ ଭିତ୍ତିଭୂମିକୁ ମଧ୍ୟ ସଂପ୍ରସାରିତ କରିପାରିବ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀରୁ ଅଭିବୃଦ୍ଧି ପଥରେ ସେତିକିବେଳେ ଯାଇପାରିବେ, ଯେତେବେଳେ ସାର୍ବଜନିକ ରୂପରେ ସୃଷ୍ଟି ହୋଇଥିବା ପ୍ରଯୁକ୍ତିବିଦ୍ୟାର ପ୍ରସାର ପାଇଁ ଆବଶ୍ୟକ ପ୍ରକ୍ରିୟା ଠିକ୍ ରୂପରେଖ ନେବ ଏବଂ ତତ୍ ସହ ବ୍ୟାଙ୍କ ଋଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ଉପଲବ୍ଧତା ମଧ୍ୟ ସୁଗମ ହୋଇପାରିବ।

ମୋ: ୯୩୩୮୨୦୪୯୯୩

# ବିପ୍ଳବ ବୈଦୂର୍ଯ୍ୟ ଭଗବତୀ ଚରଣ



ଡ. ପ୍ରଫୁଲ୍ଲ କୁମାର ସାହୁ

ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଯେତେବେଳେ ସାମ୍ୟବାଦୀ ଆନ୍ଦୋଳନର ନାଁ ଶୁଣିବା ମାତ୍ରେ ଭୟରେ ଥରିଉଠୁଥିଲା ଆଭିଜାତ୍ୟ ବର୍ଗ ତଥା ଶୋଷକମାନଙ୍କ ଛାତି, ସେତିକିବେଳେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ଜନନାୟକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡ଼ିଶାର ରାଜନୈତିକ ବାତାବରଣକୁ ପ୍ରକମ୍ପିତ କରିଥିଲା ସାମ୍ୟବାଦୀ ଆନ୍ଦୋଳନର ତୂର୍ଯ୍ୟନାଦ।

ଅଷ୍ଟାଦଶ ଶତାବ୍ଦୀର ଶିଳ୍ପବିପ୍ଳବ ପରବର୍ତ୍ତୀ ଅର୍ଥନୈତିକ ବୈଷମ୍ୟଜନିତ ପ୍ରତିକ୍ରିୟାରୁ ସାମ୍ୟବାଦର ଜନ୍ମ। ବିଶ୍ୱବିଖ୍ୟାତ ଦାର୍ଶନିକ କାର୍ଲମାର୍କସ ଏହାର ଜନକ ହୋଇଥିବାରୁ ମାର୍କସବାଦୀ ଦର୍ଶନ ନାମରେ ଏହା ପରିଚିତ। ମାର୍କସଙ୍କ ମତରେ ସର୍ବହରା ଓ ବୁର୍ଜୁଆଙ୍କ ମଧ୍ୟରେ ଶ୍ରେଣୀ ସଂଘର୍ଷ ବିନା ପ୍ରତିଷ୍ଠା ହୋଇପାରିବନି ଅର୍ଥନୈତିକ ସମାନତା। ଅର୍ଥାତ୍ 'କ୍ରାନ୍ତି ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା' ହିଁ ମାର୍କସୀୟ ଦର୍ଶନର ସୈଦ୍ଧାନ୍ତିକ ବକ୍ତବ୍ୟ। ଏହି ସମାଜବାଦୀ ତତ୍ତ୍ୱ ପ୍ରଥମେ ପ୍ରୟୋଗ ହେଲା ରୁଷିଆରେ, ଅତ୍ୟାଚାରୀ ଜାର୍ ଶାସନ ବିରୋଧରେ। ସେଠାରେ କାର୍ଲମାର୍କସଙ୍କ ପଟ୍ଟଶିଷ୍ୟ ଲେନିନ୍‌ଙ୍କ ନେତୃତ୍ୱରେ ବିପ୍ଳବକରି ସମାଜବାଦୀମାନେ ଦଖଲ କଲେ କ୍ଷମତା। ରୁଷ ବିପ୍ଳବ ଶୁଣାଇଲା କ୍ରାନ୍ତି ମାଧ୍ୟମରେ ଶ୍ରେଣୀହୀନ ସମାଜ ଗଠନର ବାର୍ତ୍ତା। ମାକସିମ ଗର୍ଗି, ରୁଷୋ ଓ ଭଲଟେୟାର ପ୍ରମୁଖ ବିଶ୍ୱପ୍ରସିଦ୍ଧ ଲେଖକମାନେ ସାହିତ୍ୟ ମାଧ୍ୟମରେ ତା'ର ପ୍ରଚାର ଓ ପ୍ରସାର ପାଇଁ ପ୍ରୟାସ ଆରମ୍ଭ କରିଦେଲେ। ସ୍ୱାଧୀନତା ସଂଗ୍ରାମକୁ କେନ୍ଦ୍ରକରି ଯେତେବେଳେ ଭାରତୀୟ କବି ଓ ଲେଖକମାନେ ଜାତୀୟବାଦୀ ଭାବନାରେ ଅଭିମନ୍ତ୍ରିତ ହୋଇଥିଲେ, ସେତିକି ବେଳେ ଭାରତୀୟ ସାହିତ୍ୟକୁ ପ୍ରବେଶ କଲା ପ୍ରଗତିବାଦୀ ଚେତନା। ସେଥିରେ ଅନୁପ୍ରେରିତ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ(୧୯୩୫) ଏବଂ ତାଙ୍କ ସଂପାଦନାରେ ପ୍ରକାଶ ପାଇଲା 'ଆଧୁନିକ' (୧୯୩୬) ପତ୍ରିକା। ସେହିବର୍ଷ 'ଆଧୁନିକ'ରେ ତାଙ୍କର କାଳଜୟୀ ଗଳ୍ପ 'ଶିକାର' ଆତ୍ମପ୍ରକାଶ କରିବାମାତ୍ରେ ଓଡ଼ିଆ ସାହିତ୍ୟକୁ ଆଲୋଡ଼ିତ କଲା। ଶ୍ରେଣୀ ସଂଘର୍ଷ ତତ୍ତ୍ୱକୁ ଅନୁସରଣ କରି ସେ ଏଥିରେ ଶୋଷିତ ହାତକୁ ବଢ଼ାଇ ଦେଇଛନ୍ତି ଶ୍ରେଣୀ ସତ୍ତ୍ୱକୁ ସଂହାର କରିବାର ଅସ୍ତ୍ର। ମାର୍କସଙ୍କ ଦର୍ଶନ କହେ ଶୋଷକ ଓ ଶାସକଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତିଷ୍ଠା ହୋଇଥିବା ବିଚାରାଳୟରୁ କେବେ ମିଳେନି ଶୋଷିତ ଓ ସର୍ବହରାଙ୍କୁ ନ୍ୟାୟ। ସେଥିପାଇଁ ଆଇନର ସୂକ୍ଷ୍ମ ଜାଲରୁ ଖସିଯାଇପାରିନି ସାମନ୍ତବାଦୀ ଗୋଷ୍ଠୀର ଉଗ୍ର ପ୍ରତିନିଧି ଗୋବିନ୍ଦ ସର୍ଦ୍ଦାରକୁ ହତ୍ୟା କରିଥିବା ଗଳ୍ପ (ଶିକାର) ନାୟକ ଘିନୁଆ। ବରଂ ବକ୍‌ସିସ୍ ଦେବା ଆଳରେ ତାଙ୍କୁ ଫାଶୀ ଖୁଣ୍ଟରେ ଚଢ଼ାଇ ଦେଇଛି ସାମାଜିକ ଆଇନ। ସରଳ ଆଦିବାସୀ ଘିନୁଆର ମୃତ୍ୟୁ ହୋଇଛି ସତ, କିନ୍ତୁ ଶିଥିଳ ହୋଇଯାଇନି ସର୍ବହରାର ବିଦ୍ରୋହ। ବରଂ ବୁର୍ଜୁଆ ଗୋଷ୍ଠୀ ବିରୋଧରେ ଅଧିକ ତେଜି ଉଠିଛି ବିପ୍ଳବର ନିଆଁ। 'ଶିକାର' ବ୍ୟତୀତ 'ମୀମାଂସା'ଏବଂ 'ହାତୁଡ଼ି' ଓ 'ଦା' ଆଦି ଗଳ୍ପରେ ମଧ୍ୟ ଶ୍ରେଣୀ ସଂଘର୍ଷର ଚିତ୍ର ଉପସ୍ଥାପନ କରି ଆଗାମୀ ବିପ୍ଳବ ପାଇଁ ଗାଳ୍ପିକ ପ୍ରସ୍ତୁତ କରିଛନ୍ତି ବିସ୍ତୃତ ପଟ୍ଟଭୂମି। ଅଗଣିତ ଓଡ଼ିଆଙ୍କ ଭିତରେ ସାମ୍ୟବାଦୀ ଚିନ୍ତାଧାରାର ପ୍ରସାର ପାଇଁ ସେ କାର୍ଲମାର୍କସଙ୍କ 'କମ୍ୟୁନିଷ୍ଟ ମେନିଫେଷ୍ଟୋ'କୁ ଓଡ଼ିଆରେ ଅନୁବାଦ କରିଥିଲେ ; ଯାହା ପ୍ରକାଶ ପାଇଥିଲା ବୈଜ୍ଞାନିକ 'ସମାଜବାଦ' ନାମରେ।



ଜୟନ୍ତୀ ଉପଲକ୍ଷେ

ଭଗବତୀ ଚରଣଙ୍କ ରାଜନୈତିକ ଜୀବନ ଥିଲା ଅଧିକ ସଂଘର୍ଷମୟ ଓ ସମର୍ପିତ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ଗଠନ ହେବା ପୂର୍ବରୁ ସ୍ୱାଧୀନତା ସଂଗ୍ରାମ ପାଇଁ କଂଗ୍ରେସର ଛତାତଳେ ଥିବା ବାମପନ୍ଥୀ ଯୁବକମାନେ ଚାହୁଁଥିଲେ ଏକ ବୈପ୍ଳବିକ ପରିବର୍ତ୍ତନ। ୧୯୩୪ ଫେବୃୟାରୀରେ ନବକୃଷ୍ଣ ଚୌଧୁରୀ ଓ ଭଗବତୀ ଚରଣ ପାଣିଗ୍ରାହୀଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଇଥିଲା ଓଡ଼ିଶା କଂଗ୍ରେସ ସୋସିଆଲିଷ୍ଟିକ୍ ଦଳ। ଏହାର ସଂପାଦକ ହୋଇଥିଲେ ଭଗବତୀ ଚରଣ ପାଣିଗ୍ରାହୀ। କଂଗ୍ରେସ ସୋସିଆଲିଷ୍ଟ ଦଳରେ ରହି କମ୍ୟୁନିଷ୍ଟମାନେ ଗଢ଼ିଲେ ଏକ ଗୁପ୍ତ ସଂଗଠନ। ୧୯୩୬ରେ ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ ପ୍ରମୁଖ ଅନେକ ବାମପନ୍ଥୀଙ୍କ ଉଦ୍ୟମରେ ଓଡ଼ିଶାରେ ବିଧିବଦ୍ଧ ଭାବେ ଗଠନ ହେଲା କମ୍ୟୁନିଷ୍ଟ ଦଳ। ଦଳର ପ୍ରଥମ ସଂପାଦକ ଭାବେ ଭଗବତୀଙ୍କ ନେତୃତ୍ୱ ଯୋଗୁ ଛାତ୍ର ଯୁବକ ଶ୍ରମିକ ତଥା ମେହନତି ମଣିଷଙ୍କ ପ୍ରାଣରେ ବିଚ୍ଛୁରିତ ହୋଇପଡ଼ିଲା ସାମ୍ୟବାଦୀ ବିପ୍ଳବର ଅଗ୍ନିକଣିକା।

ପ୍ରଗତିର ଅଭିଯାତ୍ରୀ ଭଗବତୀ ଚରଣ ପାଣିଗ୍ରାହୀ ଶୋଷିତ ଚାଷୀମୂଲିଆଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ଗଠନ କରିଥିଲେ କୃଷକ ସଂଗଠନ। ତାଙ୍କ ସଂପାଦନାରେ ପ୍ରକାଶ ପାଉଥିଲା 'କୃଷକ' ନାମରେ ଏକ ପତ୍ରିକା। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା ପରେ ସବୁଠାରୁ ବଡ଼ ଘଟଣାଥିଲା ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ। ଢେଙ୍କାନାଳ ରାଜାଙ୍କ ଅନ୍ଧାରି ଶାସନ ବିରୋଧରେ ଯେଉଁ ଗଣ ଆନ୍ଦୋଳନ ହୋଇଥିଲା ସେ ଆନ୍ଦୋଳନରେ ସାମିଲ ହୋଇ ଶହୀଦ ହେଲେ ବାରବର୍ଷର ବାଳକ ବାଜି ରାଉତ ଓ ଅନେକ ନିରୀହ ମଣିଷ। ଢେଙ୍କାନାଳ ଗୁଳିକାଣ୍ଡ ପ୍ରତିବାଦରେ କଟକ ଟାଉନ ହଲ୍‌ରେ ପ୍ରାଣନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଲା ଏବଂ ସଭାର ନିଷ୍ପତ୍ତିକ୍ରମେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେବାକୁ ଆଗେଇ ଆସିଲେ ଭଗବତୀ ଚରଣ ପାଣିଗ୍ରାହୀ। ଏଥିପାଇଁ କାରାବରଣ ସହିତ ତାଙ୍କୁ ସହିବାକୁ ପଡ଼ିଛି ଅକଥନୀୟ ଅତ୍ୟାଚାର। ତଥାପି ଶ୍ରେଣୀବାଦର ବିଲୋପ ପାଇଁ ତାଙ୍କ ଲଢ଼େଇ ଥିଲା ସାଲିସ୍‌ବିହୀନ।

ବ୍ୟକ୍ତିଗତ ଭାବେ ଭଗବତୀ ଚରଣ ପୂଜାପାଠର ବିରୋଧୀ ଥିଲେ ଏବଂ ମାର୍କସୀୟ ଦର୍ଶନକୁ ଅନୁସରଣ କରି କହୁଥିଲେ ଧର୍ମ, ଈଶ୍ୱର ଓ ବାହ୍ୟପୂଜା ହେଉଛି ଅଜ୍ଞାନ ଲୋକଙ୍କ ପାଇଁ ନିଶା, ନିଃଶ୍ୱାସ ଓ ଅଫିମ। ଏହାଦ୍ୱାରା ସମାଜରେ ଶୋଷଣ ଓ ଅନ୍ୟାୟ ବୃଦ୍ଧିପାଏ। ଭଗବତୀଙ୍କର ଏହି ବାସ୍ତବବାଦୀ ବିଚାରଧାରା ପାଇଁ ତାଙ୍କୁ କିଛି ଲୋକ ନାସ୍ତିକ କହୁଥିଲେ ସତ, କିନ୍ତୁ ଅନେକ ଲୋକ ତାଙ୍କ ଗଳାରେ ପିନ୍ଧାଉଥିଲେ ଫୁଲମାଳ। ୧ ଫେବୃୟାରୀ ୧୯୦୮ରେ ପୁରୀ ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଭଗବତୀ ଚରଣଙ୍କ ଜୀବନଦୀପ ୨୩ ଅକ୍ଟୋବର ୧୯୪୩ ରେ ଲିଭିଗଲା ସତ, କିନ୍ତୁ ନିଃସ୍ୱ, ଦଳିତ ଓ ସର୍ବହରା ମଣିଷଙ୍କ କଣ୍ଠରେ ଚିରନ୍ତନ ସଂଗୀତର ଘୋଷାପଦ ପରି ରହିଗଲା ତାଙ୍କ ତ୍ୟାଗ ଓ ତିତିକ୍ଷାମୟ ଜୀବନ କାହାଣୀ।

ବିଜୁପଟ୍ଟନାୟକ ନଗର, ଭଦ୍ରକ
ମୋ: ୯୪୩୮୮୫୫୦୮୮

## ଏଇ ଭାରତରେ

ଫେସ୍‌ବୁକ୍ ଅନେକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଏମିତି ଏକ ପରିବର୍ତ୍ତନ ଆସିଛି ଡ. ଗଣେଶ କୁଲକର୍ଣ୍ଣୀଙ୍କ କ୍ଷେତ୍ରରେ। କୁଲକର୍ଣ୍ଣୀ ରହନ୍ତି ଔରଙ୍ଗାବାଦରେ। ପେସାରେ ସେ ଜଣେ ଲାଇବ୍ରେରିଆନ, କିନ୍ତୁ ନିଶା ତାଙ୍କର ଚାଷ। ଚାଷ ପାଇଁ ସେ କୌଣସି କ୍ଷେତକୁ ଯାଉନାହାନ୍ତି, ବରଂ ନିଜ ଅଗଣାକୁ ଏକ ମିନି ଫାର୍ମରେ ପରିଣତ କରିଛନ୍ତି। ୮୦୦ ବର୍ଗଫୁଟ ଅଗଣାରେ ସେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କିସମର ଫଳ, ପରିବା ଓ ଫୁଲ ଉତ୍ପାଦନ କରିପାରୁଛନ୍ତି। ଏହି ଚାଷ ପଦ୍ଧତି ଫେସବୁକରୁ ଶିଖିବା ପରେ ଏଥିରେ ସଫଳ ହୋଇଛନ୍ତି। କୁଲକର୍ଣ୍ଣୀଙ୍କ ବୟସ ୪୧। ସେ ପ୍ରତି ୧୫ ଦିନରେ ବିଭିନ୍ନ ପ୍ରକାର ପରିବା ଗଛ ଲଗାନ୍ତି। କେବଳ ଏତିକି ନୁହେଁ, କୁଲକର୍ଣ୍ଣୀ ସହରରେ ଏଭଳି ଚାଷ କରିବାକୁ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସୋସିଆଲ ମିଡିଆ ପାଲଟିଛି ତାଙ୍କ ପ୍ରଶିକ୍ଷଣର ମାଧ୍ୟମ। ଭିଡିଓରେ ହେଉ କିମ୍ବା ଲୋକମାନଙ୍କ ଘରେ ପହଞ୍ଚି ସେମାନଙ୍କୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ସୁଦ୍ଧା ତାଙ୍କ ଗ୍ରୁପରେ ୧୫୦୦ ସଦସ୍ୟ ରହିଛନ୍ତି।

## ଚିରନ୍ତନୀ

ମହାନଦୀପରେ ଅଶିଣଗୋଧୂଳି
ଯାଇଛି ବିତି
ଆର ପାରେ ଉଡିଯାଏ ଅଗଣନ
ବାଦୁଡ଼ିକୁଳ।
ନାଉରୀ କୁହାଟେ ଚେତନା
ଜାଗିଲା
ଚକିତ କବି
ପଠା-କାଶବନେ ନିରେଖି ରଚିଲା
ତରୁଣ ଗୀତି।
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଘିରି ଘିରି ହୋଇ ବୁଲେ ବାଉଁଶରାଣୀ

ମହାଶୟ,

ଅତୀତରେ ମୋ ଗାଁ ସମେତ ଅନ୍ୟାନ ସ୍ଥାନରେ ବାଉଁଶରାଣୀ ଖେଳ ଦେଖିଛି। ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ ଏକ ଉଚ୍ଚା ବାଉଁଶର ଅଗ୍ରଭାଗରେ ଜଣେ ମହିଳା ପ୍ରଭୁଙ୍କ ନାମ ସ୍ମରଣ କରି ଘିରି ଘିରି ହୋଇ ବୁଲିଥାଏ। ବହୁ ଛୋଟ ପିଲା ମଧ୍ୟ ବାଉଁଶର ଅଗ୍ରରେ ବୁଲିଥାନ୍ତି। ଏମାନଙ୍କ ଖେଳ ଦେଖି ମନେ ମନେ ଭାବେ ଏମାନେ ଯେଉଁ ପ୍ରକାର ଅସାଧ୍ୟ ଖେଳ ଖେଳୁଛନ୍ତି ଏହାର ମୂଳରେ ନିଶ୍ଚିତ ଭାବେ ପେଟ ଚିନ୍ତା ରହିଛି। ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ୍ୟ ଏମାନେ ଏହି ଖେଳ ଦେଖାଇ ପେଟକୁ ଅନ୍ନ ପାଇଁ ନିଜର ପ୍ରାଣକୁ ବିପନ୍ନ କରିଥାନ୍ତି। ଖବରକାଗଜରୁ ବାଉଁଶ ରାଣୀମାନଙ୍କର ହାଃ ହତାଶ ଜୀବନଯାପନର କରୁଣ ଖବର ଅତ୍ୟନ୍ତ ଦୁଃଖଦାୟକ। ନିଜର ଅଭାବ ଅସୁବିଧା ଲାଘବ କରିବା ପାଇଁ ସରକାରଙ୍କୁ ଯେତେ କୋହଭରା ନିବେଦନ କଲେ ମଧ୍ୟ ସରକାର କିଛି ଶୁଣୁନାହାନ୍ତି ବୋଲି ସେମାନେ ଅଭିଯୋଗ କରୁଛନ୍ତି। ଅଭାବ ଅନଟନ ଯୋଗୁ ଏମାନେ ପିଲାମାନଙ୍କୁ ପାଠ ପଢ଼ାଇ ପାରୁ ନାହାନ୍ତି। ଶିଶୁମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଏମାନଙ୍କୁ ସହାୟତା ପ୍ରଦାନ କରିବା ଉଚିତ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏଲ୍ଆଇସି ଚେୟାରମ୍ୟାନଙ୍କ କାର୍ଯ୍ୟକାଳ ବର୍ଷେ ବୃଦ୍ଧି

**ନୂଆଦିଲ୍ଲୀ,୩୧।୧:** କେନ୍ଦ୍ର ସରକାର ନିକଟରେ ଆଇପିଓ-ବନ୍ଧିତ ଜୀବନ ବୀମା ନିଗମ (ଏଲଆଇସି)ର ଅଧକ୍ଷଙ୍କ କାର୍ଯ୍ୟକାଳକୁ ଆଉ ଏକ ବର୍ଷ ବୃଦ୍ଧି କରିଛନ୍ତି। ଏହା ବ୍ୟତୀତ ସରକାର ଏହାର ପରିଚାଳନା ନିର୍ଦ୍ଦେଶକ ରାଜ କୁମାରଙ୍କ କାର୍ଯ୍ୟକାଳକୁ ମଧ ଆଉ ଏକ ବର୍ଷ ବଢାଇ ଦେଇଛନ୍ତି। ଏହା ଫଳରେ ରାଜ କୁମାର ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ନିଗମର ଅଧକ୍ଷ ଭାବେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ସେହିଭଳି ଏହା ହେଉଛି ଏଲଆଇସି ଅଧକ୍ଷଙ୍କ ଦ୍ୱିତୀୟ ଥର ସମ୍ପ୍ରସାରଣ , ଗତ ବର୍ଷ ଜୁନ୍ ମାସରେ ମଧ ଚଳିତ ଆର୍ଥିକ ବର୍ଷର ଶେଷ ଆଡକୁ ଏଲଆଇସିର ପ୍ରସ୍ତାବିତ ସର୍ବସାଧାରଣ ଅଫର୍ ଦୃଷ୍ଟିରୁ ତାଙ୍କୁ ୯ ମାସର ସମ୍ପ୍ରସାରଣ ଦିଆଯାଇଥିଲା।

### ସାମୁଦ୍ରିକ ଦ୍ରବ୍ୟର ରପ୍ତାନି ୩୫% ବୃଦ୍ଧି

**ନୂଆଦିଲ୍ଲୀ,୩୧।୧:** ଦେଶର ସାମୁଦ୍ରିକ ଦ୍ରବ୍ୟର ରପ୍ତାନି ୨୦୨୧ ଏପ୍ରିଲରୁ ଡିସେମ୍ବର ମଧରେ ୩୫% ବୃଦ୍ଧି ପାଇ ୬.୧ ବିଲିୟନ ଡଲାରରେ ପହଞ୍ଚିଛି; ଯାହା କି ପୂର୍ବ ବର୍ଷର ସମାନ ସମୟରେ ୪.୫ ବିଲିୟନ ଡଲାର ରହିଥିଲା ବୋଲି ରବିବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୧ ଡିସେମ୍ବରରେ ରପ୍ତାନି ୨୮% ବୃଦ୍ଧି ହୋଇ ୭୨୦.୫୧ ମିଲିୟନ ଡଲାରରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ ୫ଟି ଶୀର୍ଷ ରପ୍ତାନି ଦେଶ ଭାବେ ଆମେରିକା, ଚାଇନା, ଜାପାନ, ଭିଏତ୍ନାମ ଏବଂ ଥାଇଲାଣ୍ଡର ନାମ ରହିଛି। ସେହିଭଳି ଫ୍ରୋଜେନ୍ ଚିଙ୍ଗୁଡ଼ି ଭାରତର ସାମୁଦ୍ରିକ ଦ୍ରବ୍ୟ ରପ୍ତାନିରେ ୭୪% ଅଂଶଧନ ସହିତ ରପ୍ତାନିରେ ପ୍ରମୁଖ ଅଂଶ ଅଧିକାର କରିଛି। ଏହି ପରିପ୍ରେକ୍ଷୀରେ ଅନ୍ୟାନ୍ୟ ପ୍ରମୁଖ ଜିନିଷଗୁଡ଼ିକ ମଧରେ ଫ୍ରୋଜେନ୍ ମାଛ ୭% ଏବଂ ଫ୍ରୋଜେନ୍ ସ୍କୁଇଡ୍ ୫% ଅନ୍ତର୍ଭୁକ୍ତ ଅଛି। ମଇ ୨୦୨୦ ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମଏମଏସୱାଇ) ଜରିଆରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ମତ୍ସ୍ୟ ଉତ୍ପାଦନ ରପ୍ତାନି ସହ ଅତିରିକ୍ତ ୭୦ ଲକ୍ଷ ଟନ୍ ମତ୍ସ୍ୟ ଉତ୍ପାଦନ କରାଯାଇଛି; ଯାହା ଆଗାମୀ ବର୍ଷରେ ୫୫ ଲକ୍ଷ ରୋଜଗାରର ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହୋଇଛି।

# ଆଶା ଓ ଆଶଙ୍କା ମଧ୍ୟରେ ସର୍ଭେ ରିପୋର୍ଟ

ନୂଆଦିଲ୍ଲୀ,୩୧।୧

ଲୋକ ସଭାରେ ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ସୋମବାର ଅର୍ଥନୈତିକ ସର୍ଭେ ଉପସ୍ଥାପନାର କିଛି ଘଣ୍ଟା ପୂର୍ବରୁ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଅର୍ଥନୈତିକି ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ କହିଛନ୍ତି, କରୋନାର ୨ୟ ଲହରର ପ୍ରଭାବ ଅର୍ଥନୀତି ଉପରେ ବିଶେଷ ପଡ଼ି ନ ଥିଲା। ଫଳରେ ଭାରତର ବିଦେଶୀ ମୁଦ୍ରାଭଣ୍ଡାର ସାଙ୍ଗକୁ ଦେଶର ଅର୍ଥନୀତି ଅଭିବୃଦ୍ଧି ଭଲ ରହିଛି। ଏହା ପାଣ୍ଠି ବହିର୍ଗମନ ପରି ଯେକୌଣସି ବାହ୍ୟ ଅସ୍ଥିରତାକୁ ସହିବାକୁ ସକ୍ଷମ। ଏହି ଖବରଦାତା ସମ୍ମିଳନୀରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ବିଶ୍ୱର ତୈଳ ଚାହିଦା ହ୍ରାସ ପାଇବ ବୋଲି ଆକଳନ କରାଯାଇଛି।




ଅର୍ଥନୈତିକ ସର୍ଭେରେ କୁହାଯାଇଛି, ଚଳିତ ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୯.୨% ରହିବ। ସେହିଭଳି ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ୮ରୁ ୮.୫% ରହିବ ବୋଲି ଆକଳନ କରାଯାଇଛି। କରୋନା ମହାମାରୀ ସତ୍ତ୍ୱେ ଗତ ୨ବର୍ଷ ହେଲା ଦେଶକୁ ବିଦେଶୀ ମୁଦ୍ରା ଆଗମନ ଉଲ୍ଲେଖନୀୟ ରହିଛି।

ଦେଶର ବିଦେଶୀ ମୁଦ୍ରାଭଣ୍ଡାର ୩୧ ଡିସେମ୍ବର ୨୦୨୧ ସୁଦ୍ଧା ୬୩୪ ବିଲିୟନ ଡଲାରରେ ପହଞ୍ଚିଛି, ଯାହାକି ଦେଶର ବିଦେଶୀ ଋଣଠାରୁ ଅଧିକ ବୋଲି କୁହାଯାଇଛି।

ସେହିପରି ନିୟମିତ ଭାବେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍ଡିଆଇ) ଓ ରପ୍ତାନି ବୃଦ୍ଧି ଯୋଗୁ ଦେଶର ଅର୍ଥନୀତି ଏକ ସୁବିଧାଜନକ ସ୍ଥିତିରେ ରହିଛି।

ଏହା ୨୦୨୨-୨୩ରେ ଆନ୍ତର୍ଜାତିକ ଅର୍ଥନୀତିରେ ହେଉଥିବା ଯେକୌଣସି ଅସ୍ଥିରତା ଓ ସଙ୍କଟର ସମ୍ମୁଖୀନ ହେବାକୁ ସମକ୍ଷ ବୋଲି ଅର୍ଥନୈତିକ ସର୍ଭେରେ କୁହାଯାଇଛି। ସର୍ଭେ ରିପୋର୍ଟରେ ଆହୁରି ମଧ କୁହାଯାଇଛି, ମହାମାରୀର ପ୍ରଥମ ଲହର ତୁଳନାରେ ୨ୟ ଲହରର ଜିଏସ୍ଟି ରାଜସ୍ୱ ଆଦାୟକୁ କମ୍ ପ୍ରଭାବିତ କରିଛି। ଫଳରେ ଏପ୍ରିଲରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ଏହା ମାସିକ ୧ ଲକ୍ଷ କୋଟିରୁ କମିବା ପରେ ୨୦୨୧ ଜୁଲାଇ ପରଠାରୁ ଜିଏସ୍ଟି ରାଜସ୍ୱ ଆଦାୟ ନିୟମିତ ଭାବେ ୧ ଲକ୍ଷ କୋଟି ଉପରେ ରହୁଛି। ଏହା ଅର୍ଥନୀତିରେ ଦ୍ରୁତ ସୁଧାରର ଏକ ପ୍ରମୁଖ ଅଂଶ ବୋଲି ଆକଳନ ସହ ଅର୍ଥନୀତି ବର୍ତ୍ତମାନ ମହାମାରୀର ପୂର୍ବସ୍ଥିତିକୁ ଫେରିଯାଇଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି।

# ବ୍ୟବସାୟ ସ୍ୱଚ୍ଛ ଲାଗି ଟିକସ ହ୍ରାସ କର

ନୂଆଦିଲ୍ଲୀ,୩୧।୧

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ 'ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ' ର ଅଧକ୍ଷ ଏମ୍.ପି.ଅହମ୍ମଦ କହିଛନ୍ତି, ଚଳିତ ବଜେଟ ଉପସ୍ଥାପନ ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ସୁନାଗହଣା ଉପରେ ଲାଗୁ ହେଉଥିବା ଆମଦାନୀ ଶୁଳ୍କ ହ୍ରାସ କରିବା ନେଇ ବିଚାର କରିବାର ଆବଶ୍ୟକତା ରହିଛି। ଏହା ଫଳରେ ସୁନାର ବ୍ୟାପକ ଚୋରା କାରବାର ରୋକିବା ସହିତ ଗହଣା ବ୍ୟବସାୟକୁ ଅଧିକ ସ୍ୱଚ୍ଛ କରିବା ଲାଗି ଟିକସ ହ୍ରାସର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଭାରତରେ ସୁନା ଆମଦାନୀ ଉପରେ ସାଧାରଣତଃ ଉଚ୍ଚ ପରିମାଣରେ ଟିକସ ଲାଗୁ ହୋଇଥାଏ। ଫଳରେ ଏହା ଚୋରା ସୁନା କାରବାରକୁ ପ୍ରୋତ୍ସାହିତ କରୁଛି। ବର୍ତ୍ତମାନ ସୁନା ଉପରେ ମୋଟ ୧୦.୭୫% ଟିକସ ଲାଗୁ ହେଉଛି। ଏହା ମଧରେ ୭.୫% ଆମଦାନୀ ଶୁଳ୍କ ସାମିଲ ରହିଛି। ସରକାର ଆମଦାନୀ ଶୁଳ୍କକୁ କମାଇ ଦେଲେ ଚୋରା କାରବାର ସେହି ଅନୁସାରେ ହ୍ରାସ ପାଇବା ସମ୍ଭାବନା ରହିଛି। ସାଧାରଣରେ ସୁନା ଉପରେ ଆମଦାନୀ ଶୁଳ୍କ ୪%କୁ ହ୍ରାସ କରାଯାଉ ବୋଲି ବିଭିନ୍ନ ସ୍ତର ଓ ବ୍ୟବସାୟୀ ସଂଘ ପକ୍ଷରୁ ଦାବି କରାଯାଉଛି। ତେଣୁ ସୁନା ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବା ସହିତ ଅନ୍ୟାନ୍ୟ ସମସ୍ତ ଶୁଳ୍କକୁ ମଧ ଉଚ୍ଛେଦ ପାଇଁ ଅହମ୍ମଦ ଦାବି କରିଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ବିଭାଗ ଦ୍ୱାରା ଖାଲି ଚଢ଼ାଉ ଭଳି ପଦକ୍ଷେପ ନିଆଗଲେ ମଧ ସୁନା ଚୋରା କାରବାର ଉପରେ ରୋକ ଲଗାଇବା କଷ୍ଟକର। ଅପରପକ୍ଷରେ ଚାଇନା, ଆମେରିକା, ସିଙ୍ଗାପୁର ଏବଂ ମାଲେସିଆ ଭଳି ଦେଶରେ ମଧ ସୁନା ଉପରେ କୌଣସି ଆମଦାନୀ ଶୁଳ୍କ ଲାଗୁ ହୋଇ ନ ଥାଏ ବୋଲି ଅହମ୍ମଦ କହିଛନ୍ତି। ଆମଦାନୀ ଶୁଳ୍କ ସହିତ ଜିଏସ୍ଟି ହାରର ହ୍ରାସ, ହଲ୍ମାର୍କିଂକୁ ବାଧ୍ୟତାମୂଳକ କରିବା, ବ୍ୟବସାୟରେ ସ୍ୱଚ୍ଛତା ଏବଂ ୧୦୦% ଟିକସ ଆଦାୟକୁ ନିଶ୍ଚିତ କରିବା ପାଇଁ ସେ ମତ ଦେଇଛନ୍ତି। ଏଥିସହିତ ଗହଣା ଶିଳ୍ପରେ ବେଆଇନ ବ୍ୟବସାୟ ଜନିତ ସମସ୍ୟାର ସମ୍ମୁଖୀନ ହେଉଛି। ପାଖାପାଖି ୭୦ରୁ ୮୦% ଗହଣାର ବେଆଇନ ବିକ୍ରି ହେଉଛି। ବର୍ତ୍ତମାନ ସୁନା ଉପରେ ୩% ଜିଏସ୍ଟି ରହିଛି। ସେହିଭଳି ବିନା ବିଲ୍ରେ ସୁନା କ୍ରୟକୁ ବନ୍ଦ କରିବା ଲାଗି ସରକାର ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ଆବଶ୍ୟକ ବୋଲି ଅହମ୍ମଦ କହିଛନ୍ତି।

MALABAR
GOLD & DIAMONDS
CELEBRATE THE BEAUTY OF LIFE

# ମହିନ୍ଦ୍ରାର ଇ-ଆଲ୍ଫା କାର୍ଗୋ ସହ ଇ-କାର୍ଟ କ୍ଷେତ୍ରରେ ପ୍ରବେଶ

**ଇ-ଆଲ୍ଫା କାର୍ଗୋର ମୂଲ୍ୟ ୧.୪୪ ଲକ୍ଷ ଟଙ୍କା, ଏକ୍ସ ଶୋ'ରୁମ୍ ଦିଲ୍ଲୀ, ୬୦,୦୦୦ ଟଙ୍କାର ବଡ଼ ସଞ୍ଚୟ**



ଭୁବନେଶ୍ୱର,୩୧।୧

ମହିନ୍ଦ୍ରା ଗ୍ରୁପ୍ର ଅଂଶ ମହିନ୍ଦ୍ରା ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ୩ ଚକିଆ ଯାନ, ଇ ଆଲ୍ଫା କାର୍ଗୋକୁ ନିକଟରେ ଉନ୍ମୋଚନ କରାଯାଇଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏ ସମ୍ପର୍କରେ ମହିନ୍ଦ୍ରା ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍ର ସିଇଓ ସୁମନ ମିଶ୍ର କହିଛନ୍ତି, ଜୀବାଶ୍ମ ଇନ୍ଧନ ଦ୍ୱାରା ପରିଚାଳିତ ୩ଚକିଆ ତୁଳନାରେ ପରିଚାଳନା ଖର୍ଚ୍ଚରେ ଉଲ୍ଲେଖନୀୟ ଲାଭ ରହୁଥିବାରୁ ଦୂରଦୂରାନ୍ତ ଡେଲିଭରି ବର୍ଗରେ ଇଲେକ୍ଟ୍ରିକ୍ ୩ ଚକିଆର ଉଲ୍ଲେଖନୀୟ ଗ୍ରହଣୀୟତା ଦେଖିବାକୁ ମିଳିଛି। ଏହି ବର୍ଗରେ ଗ୍ରାହକମାନଙ୍କ ଆବଶ୍ୟକତା ଅନୁଯାୟୀ ଆମେ ଏବେ ଇ ଆଲ୍ଫା କାର୍ଗୋ ଇ-କାର୍ଟକୁ ଉନ୍ମୋଚନ କରିଛୁ। ଏକ ଡିଜେଲ ୩ ଚକିଆ ଯାନ ତୁଳନାରେ ୬୦,୦୦୦ ଟଙ୍କା ସଞ୍ଚୟ ସହିତ ଇ କାର୍ଗୋ ବର୍ଗରେ ଆଲ୍ଫା କାର୍ଗୋ ଏକ ନିରନ୍ତର ପ୍ରଦୂଷଣମୁକ୍ତ ସମାଧାନ ପ୍ରଦାନ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମହିନ୍ଦ୍ରା ଇ ଆଲ୍ଫା କାର୍ଗୋରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ସୁବିଧା ଆଦି ରହିଛି। ଏକ ଡିଜେଲ କାର୍ଗୋ ୩ଚକିଆ ସହ ତୁଳନା କଲେ ଜଣେ ଇ ଆଲ୍ଫା କାର୍ଗୋର ମାଲିକ ବର୍ଷକୁ ୬୦,୦୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଇ ଆଲ୍ଫା କାର୍ଗୋର ଉନ୍ମୋଚନ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ଇ-କାର୍ଟ କ୍ଷେତ୍ରରେ ମହିନ୍ଦ୍ରା ପ୍ରବେଶ କରିଛି। ଇ ଆଲ୍ଫା କାର୍ଗୋର ମୂଲ୍ୟ ଆକର୍ଷଣୀୟ ଭାବେ ଏକ୍ସ ଶୋ'ରୁମ୍ ଦିଲ୍ଲୀ ୧.୪୪ ଲକ୍ଷ ଟଙ୍କା ରଖାଯାଇଛି।

## ବଜେଟ ପୂର୍ବରୁ ବଜାର ଉପରମୁହାଁ

ନୂଆଦିଲ୍ଲୀ,୩୧।୧

ୟୁନିୟନ ବଜେଟ ଉପସ୍ଥାପନାର ଗୋଟିଏ ଦିନ ପୂର୍ବରୁ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ ନିରାଶଭାବେ ଦେଇ ଗତି କରୁଥିବା ଶେୟାର ବଜାର ନିବେଶକଙ୍କ ନିବେଶ ବଜେଟ ପୂର୍ବରୁ ଭଲ ରହିଛି। ସୋମବାର ଦଲାଲ୍ ଷ୍ଟ୍ରିଟ୍ରେ ନିବେଶକମାନେ ଉତ୍ସବ ମନାଇଛନ୍ତି। ଗତ କିଛିଦିନ ହେବ ସବୁବର୍ଗର ନିବେଶକ ବ୍ୟାପକ ପରିମାଣରେ କ୍ଷତି ସହିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ୮୧୪ ପଏଣ୍ଟ ବୃଦ୍ଧି ପାଇ ୫୮,୦୧୪ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ନିଫ୍ଟରେ ୨୩୮ ପଏଣ୍ଟ ବଢ଼ି ୧୭,୩୪୦ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍ଇର ସୂଚନା ଅନୁସାରେ ସେନ୍ସେକ୍ସ ୮୧୩.୯୪ ପଏଣ୍ଟ ବୃଦ୍ଧି ଘଟି ୫୮,୦୧୪.୧୭ ଅଙ୍କରେ ଶେଷ ହୋଇଥିବା ବେଳେ ନିଫ୍ଟି ୫୦ ମଧ ୨୩୭.୯୦ ପଏଣ୍ଟ ବଢ଼ି ୧୭,୩୩୯.୮୫ ରେ ସ୍ଥିର ରହିଛି।

## ପିଏନ୍ବିର ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ

ସମ୍ବଲପୁର,୩୧।୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର ମଣ୍ଡଳ ପ୍ରମୁଖ ଅରବିନ୍ଦ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମର ଆୟୋଜନ ସହ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ମହତ୍ତ୍ୱ ଉଦ୍ଦେଶ୍ୟ ସମ୍ପର୍କରେ ପଣ୍ଡା ଅବଗତ କରାଇବା ସହ ପରିବେଶର ସୁରକ୍ଷା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱଚ୍ଛତାକୁ ଆପଣେଇବାକୁ ଶପଥ ପାଠ କରିଥିଲେ। ଏହା ପରେ ବ୍ୟାଙ୍କର ସମସ୍ତ କର୍ମଚାରୀ ଏକ ସ୍ୱଚ୍ଛତା ଡ୍ରାଇଭରେ ଅଂଶ ଗ୍ରହଣ କରି ମଣ୍ଡଳ କାର୍ଯ୍ୟାଳୟର ଆଖପାଖ ଅଞ୍ଚଳକୁ ପରିଷ୍କାର କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ରଜନୀକାନ୍ତ ବେହେରା ଓ ବିଷ୍ଣୁପ୍ରସାଦ ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପ୍ରବନ୍ଧକମାନେ ମଧ ଉପସ୍ଥିତ ଥିଲେ।

## ଫୁର୍ସତ୍

# ତଟ ସୁରକ୍ଷାରେ ଜୀବନ ଉତ୍ସର୍ଗ

**ଭାରତୀୟ ତଟରକ୍ଷୀବାହିନୀ ଦିବସ**

ଭାରତୀୟ ତଟୀୟ କ୍ଷେତ୍ରର ସୁରକ୍ଷା ଦାୟିତ୍ୱ ଇଣ୍ଡିଆନ କୋଷ୍ଟଗାର୍ଡ (ଆଇସିଜି) ବା ଭାରତୀୟ ତଟରକ୍ଷୀବାହିନୀ ହାତରେ ଅର୍ପଣ କରାଯାଇଛି। ଏନେଇ ତଟରକ୍ଷୀ ବାହିନୀର ଯବାନମାନେ ଜୀବନକୁ ଉତ୍ସର୍ଗପୂର୍ବକ ଦେଶର ସମୁଦ୍ରପଥକୁ ସୁରକ୍ଷିତ ରଖିବାର ଆପ୍ରାଣ ଉଦ୍ୟମ କରିଥାନ୍ତି। ତଟରକ୍ଷୀ ବାହିନୀର ଉଲ୍ଲେଖନୀୟ ସେବା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧ରେ ଭାରତୀୟ ତଟରକ୍ଷୀବାହିନୀ ଦିବସ ପାଳନ କରାଯାଇଥାଏ। ୧୯୭୭ ଫେବୃୟାରୀ ୧ରେ ଭାରତୀୟ ତଟରକ୍ଷୀବାହିନୀ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠିତ ହୋଇଥିଲା। ଭାରତୀୟ ନୌସେନାର ଭାଇସ ଆଡମିରାଲ ଭି.ଏ. କାମାଥଙ୍କୁ ପ୍ରତିଷ୍ଠାତା ମହାନିର୍ଦ୍ଦେଶକ ଭାବରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଦ୍ୱାରା ନିଯୁକ୍ତ କରାଯାଇଥିଲା।




କୋଷ୍ଟଗାର୍ଡ ଭାରତୀୟ ନୌସେନା, ମତ୍ସ୍ୟ ବିଭାଗ, ରାଜସ୍ୱ ବିଭାଗ (କଷ୍ଟମ୍ସ) ଏବଂ କେନ୍ଦ୍ରୀୟ ଏବଂ ରାଜ୍ୟ ପୋଲିସ ବାହିନୀ ସହିତ ଘନିଷ୍ଠ ସହଯୋଗରେ କାର୍ଯ୍ୟ କରିଥାଏ। ସମ୍ପ୍ରତି ଭାରତୀୟ ତଟରକ୍ଷୀବାହିନୀରେ ୨୦,୦୦୦ରୁ ଅଧିକ ସକ୍ରିୟ କର୍ମଚାରୀ, ୧୫୬ରୁ ଅଧିକ ଜାହାଜ, ୬୨ ବିମାନ, ୩ ପ୍ରଦୂଷଣ ନିୟନ୍ତ୍ରଣ ଜାହାଜ, ୨୬ ଅଫଶୋର ପାଟ୍ରୋଲିଂ ଜାହାଜ, ୪୫ ଦ୍ରୁତ ପାଟ୍ରୋଲିଂ ଜାହାଜ, ୮୨ ପାଟ୍ରୋଲିଂ ଡଙ୍ଗା, ୧୪ ପାଟ୍ରୋଲିଂ କ୍ରାଫ୍ଟ, ୧୮ ହୋଭରକ୍ରାଫ୍ଟ ଆଦି ରହିଛି। ୨୦୨୩ ସୁଦ୍ଧା ଭାରତୀୟ ତଟରକ୍ଷୀବାହିନୀ ଏହାର ଜାହାଜ ସଂଖ୍ୟା ୨୦୦ରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି। ସେହିପରି ଟୁଇନ୍ ଇଞ୍ଜିନ୍ ଏୟାରକ୍ରାଫ୍ଟ ସଂଖ୍ୟା ୧୦୦ରେ ପହଞ୍ଚିବା ଲାଗି ଯୋଜନା କରିଛି।

# ସଉକିଆ ପ୍ରଧାନମନ୍ତ୍ରୀଙ୍କ ୭୦୦୦ କାର୍

**ବନ୍ଦର ସେରି ବେଗାୱନ:** ବିଶ୍ୱରେ ଅନେକ ଧନୀ ଲୋକ ଅଛନ୍ତି, ଯାହାଙ୍କ ଅଜବ ସଉକ ରହିଥାଏ। କେହି କେହି ଦାମୀ ଜିନିଷ ସଂଗ୍ରହ କରନ୍ତି ତ କେହି କେହି ବଡ ବଙ୍ଗଳା କିଣନ୍ତି । ଏହା ବ୍ୟତୀତ କିଛି ଧନୀ ବ୍ୟକ୍ତି ମହଙ୍ଗା କାର ସଂଗ୍ରହ କରିବାକୁ ଭଲ ପାଆନ୍ତି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ବ୍ରୁନାଇର ପ୍ରଧାନମନ୍ତ୍ରୀ ତଥା ସୁଲତାନ ହସନାଲ ବୋଲକିଆ। ତାଙ୍କ ପାଖରେ ଗୋଟିଏ କି ଦୁଇଟି ନୁହେଁ, ୭୦୦୦ରୁ ଅଧିକ ଦାମୀ କାର୍ ସଂଗ୍ରହ ରହିଛି। ହାସନାଲ ବୋଲକିଆ ପ୍ରସିଦ୍ଧ ଫୁଟବଲର୍ ଫାକ ବୋଲକିଆଙ୍କର ସମ୍ପର୍କୀୟ। ହାସନାଲ ମହଙ୍ଗା କାରକୁ ବହୁତ ଭଲ ପାଆନ୍ତି।



ଏହି କାରଗୁଡିକର ମୂଲ୍ୟ ଏତେ ଅଧିକ ଯେ, ଯାହାର ମୂଲ୍ୟରେ ବିଶ୍ୱର ଅନେକ ଗରିବ ଦେଶକୁ କିଣାଯାଇପାରିବ। ହାସନାଲ ତାଙ୍କ ଗ୍ୟାରେଜରେ ୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ୭ ହଜାରରୁ ଅଧିକ କାର ରଖିଛନ୍ତି।



# ପ୍ରେମରେ ପଡ଼ିଲେ ହ୍ରିତିକ ରୋଶନ

**ନୂଆଦିଲ୍ଲୀ:** ପ୍ରେମରେ ପଡିଛନ୍ତି ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ ରୋଶନ। ସୁଜେନ୍ ଖାନଙ୍କ ସହ ଛାଡ଼ପତ୍ରର ୭ ବର୍ଷ ପରେ ତାଙ୍କ ଜୀବନରେ ଆସିଛନ୍ତି ଆଉ ଜଣେ ମହିଳା। ଲେଖିକା ଏବଂ ଅଭିନେତ୍ରୀ ସବା ଆଜାଦଙ୍କୁ ଡେଟ୍ କରୁଛନ୍ତି ହ୍ରିତିକ। ଏପରି କି ସେ ଖୋଲାଖୋଲି ସର୍ବସମ୍ମୁଖରେ ସବାଙ୍କ ହାତ ଧରି ବୁଲିବାର ମଧ ନଜର ଆସିଛନ୍ତି। ସେ ନିକଟ ଅତୀତରେ ମୁମ୍ବାଇର ଏକ ରେଷ୍ଟୁରାଣ୍ଟରୁ ଜଣେ ଯୁବତୀଙ୍କ ହାତ ଧରି ବାହାରୁଥିବାର ନଜର ଆସିଥିଲେ। ଏବେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରଥମେ ଯୁବତୀ ଜଣଙ୍କ ବିଷୟରେ କିଛି ଜଣାପଡି ନ ଥିଲା। କେତେକ ରିପୋର୍ଟ ଅନୁଯାୟୀ ଏବେ ହ୍ରିତିକ୍ ସବା ଆଜାଦଙ୍କୁ ଡେଟ୍ କରୁଥିବା ଜଣାପଡିଛି। ସବା ଅନେକ ୱେବ୍ ସିରିଜ୍ ସହ ବଲିଉଡ୍ ପ୍ରୋଜେକ୍ଟରେ କାମ କରିଛନ୍ତି। ନିକଟରେ ହ୍ରିତିକ ରେଷ୍ଟୁରାଣ୍ଟରୁ ବାହାରୁଥିବାବେଳେ ଫଟୋଗ୍ରାଫରମାନେ ତାଙ୍କର ଫଟୋ ଉଠାଇଥିଲେ। ଏହା ଦେଖି ସେ ତୁରନ୍ତ କାର୍ରେ ବସିଯାଇଥିଲେ। କିନ୍ତୁ ଫଟୋଗ୍ରାଫରଙ୍କୁ ଦେଖିବା ପରେ ମଧ ସେ ସବାଙ୍କ ହାତ ଛାଡି ନ ଥିଲେ। ହ୍ରିତିକ୍ ଏବଂ ସୁଜେନ୍ଙ୍କ ବିବାହ ୨୦୦୦ରେ ହୋଇଥିବାବେଳେ ଦୁହେଁ ୨୦୧୪ରେ ଅଲଗା ହୋଇଥିଲେ। କିନ୍ତୁ ଏବେ ଦୁହିଙ୍କ ମଧରେ ବନ୍ଧୁତା ରହିଛି।

## ବିବାହ ପରେ ଫିଲ୍ମ ଶୁଟିଂରେ ବ୍ୟସ୍ତ ବିକି



**ମୁମ୍ବାଇ:** ବଲିଉଡ ଅଭିନେତା ବିକି କୌଶଲ ବିବାହ ପରେ ଫିଲ୍ମ ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେ ଏବେ ଇନ୍ଦୋରରେ ଶୁଟିଂ କରୁଛନ୍ତି। ଶୁଟିଂ ପରେ ବିକି ସନ୍ଧ୍ୟାରେ ସୂର୍ଯ୍ୟାଦୋୟ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ସେ ତାଙ୍କ ଅଫିସିଆଲ ଇନଷ୍ଟା ଷ୍ଟୋରୀରେ ଫଟୋ ଶେୟାର କରିଛନ୍ତି। ଏହି ଫଟୋଟି ସୂର୍ଯ୍ୟାସ୍ତ ବେଳର। କ୍ୟାପସନ୍ରେ ବିକି ଲେଖିଛନ୍ତି - ସୂର୍ଯ୍ୟାସ୍ତ, ସ୍କ୍ରିପ୍ଟ, କଫି ଏବଂ ଗାଜର ହାଲୱା। କ୍ୟାଟ୍ରିନା ଏବଂ ଭିକି ଡିସେମ୍ବର ୯ ରେ ରାଜସ୍ଥାନରେ ବିବାହ କରିଥିଲେ। ଏହି ବିବାହକୁ ରାଜକୀୟ କରିବା ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ବିବାହ ପରେ ଉଭୟେ ନିଜ ନିଜ କାମରେ ବ୍ୟସ୍ତ ଅଛନ୍ତି। ବିକି ଇନ୍ଦୋରରେ ତାଙ୍କ ଆଗାମୀ ଫିଲ୍ମ ଶୁଟିଂ କରୁଥିବାବେଳେ କ୍ୟାଟ୍ରିନା ମାଳଦ୍ୱୀପରେ ବିଜ୍ଞାପନ ଶୁଟିଂ କରୁଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

BHARAT FINANCE
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ବାର୍ଷିକ 2% ସୁଧ 25% ଛାଡ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
Website: www.bharatpro.in
Dr B Ramarao Street, Suryaraopet, Vijayawada-520002
Call & WhatsApp No: 09015144671

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

BIDISHA FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245
7653803952
Asrayagad, Gulaijang, Gajapati

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

HINDUSTAN FINANCE LIMITED
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇଣ୍ଡିଆନ ସୁପର ଲିଗ୍‌ରେ ସୋମବାର ଗୋଲ ଦେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ହାଇଦ୍ରାବାଦ୍ ଏଫ୍‌ସିର ବାର୍ଥଲୋମ୍ୟୁ ଓଗ୍‌ବେଚେ।

# ଶ୍ରୀଜେଶ୍ ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୩୧।୧ (ପି.ଟି.):** ୨୦୨୧ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭାରତର ଭେଟେରାନ ହକି ଗୋଲକିପର ପି.ଆର. ଶ୍ରୀଜେଶ ସମ୍ମାନଜନକ ୱାର୍ଲ୍ଡଗେମ୍ସ ଆଥଲେଟ୍ ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ସେ ଦ୍ୱିତୀୟ ଭାରତୀୟ ଭାବେ ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଲାଭ କରିଛନ୍ତି। ପୂର୍ବରୁ ୨୦୨୦ରେ ଭାରତୀୟ ମହିଳା ହକି ଅଧିନାୟିକା ରାଣୀ ରାମ୍‌ପାଲ ୨୦୧୯ ବର୍ଷରେ ତାଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ପ୍ରଥମ ଭାରତୀୟ ଭାବେ ଏହି ପୁରସ୍କାର ଜିତିଥିଲେ। ପୁରସ୍କାର ଦୌଡ଼ରେ ଶ୍ରୀଜେଶ ସ୍ପୋର୍ଟ କ୍ଲାଇମ୍ବର ସ୍ପେନର ଅଲବର୍ଟୋ ଜାଇନ୍ସ ଲୋପେଜ୍ ଏବଂ ଇଟାଲୀର ଉଷୁ ଖେଳାଳି ମିଚେଲି ଜିଓର୍ଡାନୋଙ୍କୁ ପଛରେ ପକାଇ ଦେଇଥିଲେ। ଶ୍ରୀଜେଶ କହିଛନ୍ତି ଏହି ପୁରସ୍କାର ପାଇ ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ପୁରସ୍କାର ପାଇଁ ନାମ ସୁପାରିସ କରିଥିବାରୁ ପ୍ରଥମତଃ ସେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)କୁ ବହୁତ୍ ଧନ୍ୟବାଦ ଦେବେ। ଦ୍ୱିତୀୟତଃ ସେ ବିଶ୍ୱବ୍ୟାପୀ




ଭାରତୀୟ ହକିପ୍ରେମୀଙ୍କୁ ମଧ୍ୟ ଧନ୍ୟବାଦ ଦେବେ ଯେଉଁମାନେ ତାଙ୍କ ସପକ୍ଷରେ ସେମାନଙ୍କ ଭୋଟ୍ ଦେଇଥିଲେ। ଶ୍ରୀଜେଶ ହେଉଛନ୍ତି ଜଣେ ପୂର୍ବତନ ଭାରତ ହକି ଅଧିନାୟକ। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଜିତିଥିବା ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ସେ ୧,୨୭, ୬୪୭ ଭୋଟ ପାଇଥିବା ବେଳେ ଲୋପେଜ ଓ ଜିଓର୍ଡାନୋ ଯଥାକ୍ରମେ ୬୭, ୪୨୮ ଓ ୫୨,୦୪୬ ଭୋଟ ପାଇଛନ୍ତି। ପୁରସ୍କାର ପାଇଁ ଭାରତରୁ କେବଳ ଜଣେ ମାତ୍ର ଶ୍ରୀଜେଶ୍‌ଙ୍କ ନାମ ତାହା ପୁଣି ଏଫ୍‌ଆଇଏଚ୍ ପକ୍ଷରୁ ସୁପାରିସ ହୋଇଥିଲା। ସୂଚନାଯୋଗ୍ୟ, ଶ୍ରୀଜେଶ ଏହା ପୂର୍ବରୁ ଗତ ଅକ୍ଟୋବରରେ ଏଫ୍‌ଆଇଏଚ୍ ଷ୍ଟାର୍ସ ଆୱାର୍ଡରେ ୨୦୨୧ ବର୍ଷ ପାଇଁ ଗୋଲକିପର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

# କଟକ ହୋଇପାରେ ରଣଜୀ ଭେନ୍ୟୁ

**ନୂଆଦିଲ୍ଲୀ, ୩୧।୧**

ଘରୋଇ କ୍ରିକେଟରଙ୍କ ପାଇଁ ଶୁଭ ଖବର। ଦୀର୍ଘ ଦୁଇବର୍ଷ ପରେ ରେଡ୍‌ବଲ୍ ଘରୋଇ କ୍ରିକେଟ ରଣଜୀ ଟ୍ରଫି ପ୍ରତ୍ୟାବର୍ତ୍ତନ କରୁଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଦ୍ୱାରା ପ୍ରସ୍ତୁତ ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ ରଣ୍‌ଜୀ ଟ୍ରଫିର ଲିଗ୍ ପର୍ଯ୍ୟାୟ ଫେବୃୟାରୀ ୧୬ରୁ ମାର୍ଚ୍ଚ ୫ ପର୍ଯ୍ୟନ୍ତ ହେବ। ଦେଶର ଏହି ପ୍ରମୁଖ ଘରୋଇ କ୍ରିକେଟ



## ଲିଗ୍ ପର୍ଯ୍ୟାୟ ୧୬ରୁ

ଟୁର୍ନାମେଣ୍ଟ ପ୍ରକୃତରେ ଜାନୁୟାରୀ ୧୩ରୁ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। କରୋନା ମହାମାରୀ ପାଇଁ ଏହି ପ୍ରତିଯୋଗିତା ଗତବର୍ଷ ବନ୍ଦ ରହିଥିଲା। ୩୮ଟି ଦଳକୁ ନେଇ ହେବାକୁଥିବା ଏହି ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଅହମଦାବାଦ, କୋଲକାତା, ତ୍ରିଭେନ୍ଦ୍ରମ, କଟକ, ଚେନ୍ନାଇ, ଗୁଆହାଟୀ, ହାଇଦ୍ରାବାଦ ଓ ରାଜକୋଟରେ ଖେଳାଯବା ସମ୍ଭାବନା ରହିଛି। ଏହା ଅର୍ଥ ୯ଟି ଭିନ୍ନ ସ୍ଥାନରେ ବାୟୋ-ବବ୍‌ଲ ପ୍ରସ୍ତୁତ କରାଯିବ। ପୂର୍ବରୁ କଟକରେ ଅନେକ ରଣଜୀ ମ୍ୟାଚ ଆୟୋଜନ ହୋଇ ସାରିଛି। ମାତ୍ର ଏଥର ପ୍ରତିଯୋଗିତା ଆୟୋଜନ ପାଇଁ ଭିନ୍ନ ଚ୍ୟାଲେଞ୍ଜ ରହିବ।

ଭାଗ ନେବାକୁ ଯାଉଥିବା ୩୨ଟି ଦଳକୁ ୮ ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଦଳରେ ୪ ଦଳ ରହିବେ। ପ୍ଲେଟ୍ ଗ୍ରୁପ୍‌ରେ ୬ଟି ଦଳ ସ୍ଥାନ ପାଇବେ। ଯେଉଁ ଦଳଗୁଡ଼ିକ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିବେ ନାହିଁ ସେମାନଙ୍କୁ ମାତ୍ର ୩ଟି ମ୍ୟାଚ ମଧ୍ୟରେ ସୀମିତ ରହିବାକୁ ପଡ଼ିବ। ମୂଳ ଫର୍ମାଟରେ ପ୍ରତି ଦଳ ଅତିକମ୍‌ରେ ୫ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଥିଲା। ଏହାଦ୍ୱାରା ଖେଳାଳିଙ୍କ ମ୍ୟାଚ୍ 'ଫି' ପ୍ରଭାବିତ ହେବା ସମ୍ଭାବନା ରହିଛି। ୨୦୨୦ ମାର୍ଚ୍ଚରେ ରଣଜୀ ଟ୍ରଫି ଫାଇନାଲ ପରଠାରୁ ଭାରତରେ ରେଡ୍ ବଲ୍ କ୍ରିକେଟ ଖେଳାଯାଇ ନାହିଁ। ଗତ ସିଜନରେ ରଣ୍‌ଜୀ ଟ୍ରଫି ବାତିଲ କରାଯାଇଥିବାରୁ ଘରୋଇ କ୍ରିକେଟରମାନଙ୍କୁ କ୍ଷତିପୂରଣ ଦିଆଯାଇଥିଲା। ଏହି ରେଡ୍ ବଲ୍ ଇଭେଣ୍ଟ ଦୁଇଟି ପର୍ଯ୍ୟାୟରେ ହେବ ବୋଲି ଗତ ସପ୍ତାହରେ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କ ଘୋଷଣା ପରେ ଖେଳାଳିଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଥିଲା। ଜୁନ୍‌ରେ ନକ୍‌ଆଉଟ ଅନୁଷ୍ଠିତ ହେବ। ରଣଜୀ ଟ୍ରଫି ଇତିହାସରେ ଟୁର୍ନାମେଣ୍ଟକୁ କୋଭିଡ-୧୯ ପାଇଁ ପ୍ରଥମଥରଲାଗି ବାତିଲ କରିବାକୁ ପଡ଼ିଥିଲା। ଏହା କେବଳ ଖେଳାଳି, ମ୍ୟାଚ୍ ଅଫିସିଆଲ ଓ ଗ୍ରାଉଣ୍ଡସ୍ମ୍ୟାନଙ୍କୁ ଆର୍ଥିକ କ୍ଷତି ପହଞ୍ଚାଇ ନ ଥିଲା ଭାରତୀୟ କ୍ରିକେଟର ମେରୁଦଣ୍ଡକୁ ମଧ୍ୟ ଦୋହଲାଇ ଦେଇଥିଲା। ଏବେ ଭାରତୀୟ ଘରୋଇ କ୍ରିକେଟରମାନେ ଲିଗ୍ ପର୍ଯ୍ୟାୟ, ନକ୍‌ଆଉଟ କିମ୍ବା ବାୟୋ-ବବ୍‌ଲ କଥା ଚିନ୍ତା କରୁନାହାନ୍ତି କେବଳ ଖେଳିବା କଥା ଭାବୁଛନ୍ତି।

# ହାଇଦ୍ରାବାଦର ୭ମ ବିଜୟ

**ଫତୋର୍ଦା, ୩୧।୧:** ତାରକା ଷ୍ଟ୍ରାଇକର ବାର୍ଥଲୋମ୍ୟୁ ଓଗ୍‌ବେଚେଙ୍କ ଡବଲ ଗୋଲ ବଳରେ ହାଇଦ୍ରାବାଦ୍ ଏଫ୍‌ସି ଇଣ୍ଡିଆନ ସୁପରଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡକୁ ୫-୦ ଗୋଲରେ ପରାସ୍ତ କରିଛି। ଓଗ୍‌ବେଚେ ମ୍ୟାଚର ୩ୟ ଓ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହାକୁ ମିଶାଇ ଚଳିତ ସିଜନରେ ତାଙ୍କର ଗୋଲ ୧୪ ଓ ଓଭରଅଲ୍ ୪୯ରେ ପହଞ୍ଚିଛି। ଯାହାକି ସୁନୀଲ ଛେତ୍ରୀ ଓ ଫେରାନ କୋରୋମିନାସଙ୍କଠାରୁ ଗୋଟିଏ ଅଧିକ। ଆଇଏସ୍‌ଏଲର ସାଢ଼େ ୩ ବର୍ଷ ଅବଧି ମଧ୍ୟରେ ଓଗ୍‌ବେଚେ ଏହି ସଫଳତା ପାଇଛନ୍ତି। ହାଇଦ୍ରାବାଦ୍ ପକ୍ଷରୁ ଆକାଶ ମିଶ୍ର ୪୫, ନିଖିଲ ପୁଜାରି ୮୪ ଓ ଏଡୁ ଗାର୍ସିଆ ୮୮ତମ ମିନିଟରେ ଅନ୍ୟ ୩ଟି ଗୋଲ ଦେଇଥିଲେ। ହାଇଦ୍ରାବାଦ୍ ୧୪ ମ୍ୟାଚରୁ ୭ ବିଜୟ ସହ ୨୬ ପଏଣ୍ଟରେ ପହଞ୍ଚି ନିଜର ଶୀର୍ଷ ସ୍ଥାନକୁ ଅଧିକ ମଜଭୁତ କରିଛି। ଏହି ଦଳ ୫ ମ୍ୟାଚ ଡ୍ର ରଖିଥିବାବେଳେ ୨ଟିରେ ପରାଜିତ ହୋଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ ୧୫ ମ୍ୟାଚରୁ ୯ମ ପରାଜୟ ସହ ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଦଳ ମାତ୍ର ୨ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ୪ଟିକୁ ଡ୍ର ରଖିବାରେ ସକ୍ଷମ ହୋଇଛି।

# ୱେଷ୍ଟଇଣ୍ଡିଜ ଜିତିଲା ଟି୨୦ ସିରିଜ

**ବ୍ରିଜଟାଉନ୍ (ବାର୍ବାଡୋସ), ୩୧।୧ (ଏପି):** ଇଂଲଣ୍ଡ ବିପକ୍ଷ ୫ମ ଟି୨୦ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜ ୧୭ ରନରେ ବିଜୟ ଲାଭ କରିଛି। ଘରୋଇ ଦଳର ପେସ୍ ବୋଲର ଜାସନ ହୋଲ୍‌ଡର ୪ ବଲ୍‌ରେ ୪ ଉଇକେଟ ଅକ୍ତିଆର କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ବିଜୟ ଦ୍ୱାରା ୱେଷ୍ଟଇଣ୍ଡିଜ ୫ ମ୍ୟାଚ ବିଶିଷ୍ଟ

## ହୋଲ୍‌ଡରଙ୍କୁ ୪ ବଲ୍‌ରେ ୪ ଉଇକେଟ

ସିରିଜ ୩-୨ରେ ଜିତି ନେଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୪ ଉଇକେଟ ବିନିମୟରେ ୧୭୯ ରନ କରିଥିଲା। ଜବାବରେ ଇଂଲଣ୍ଡ ନିର୍ଦ୍ଧାରିତ ଓଭର ଶେଷ ହେବାକୁ ଆଉ ଗୋଟିଏ ବଲ୍ ବାକି ଥିବାବେଳେ ୧୬୨ରନରେ ଅଲଆଉଟ ହୋଇଯାଇଥିଲା। ଫାଇନାଲ ଓଭର ବେଳକୁ ଭ୍ରମଣକାରୀ ଦଳ ୬ ଉଇକେଟ ବିନିମୟରେ ୧୬୦ ରନ କରିଥିଲା। ବିଜୟ ପାଇଁ ଦଳ ଶେଷ ଓଭରରେ ୨୦ରନ ଆବଶ୍ୟକ କରୁଥିଲା। ମାତ୍ର ଏହି ଓଭରରେ ଇଂଲଣ୍ଡର ଅବଶିଷ୍ଟ ୪ ଉଇକେଟର ପତନ ଘଟାଇଥିଲେ ହୋଲ୍ଡର। ପ୍ରଥମେ ସେ କ୍ରିସ୍ ଜୋର୍ଡାନ (୭ରନ)ଙ୍କୁ କ୍ୟାଚ ଆଉଟ କରାଇଥିଲେ। ପରେ ସେ ସାମ ବିଲିଙ୍ଗ୍ସ (୨୮ ବଲରେ ୪୧ରନ)ଙ୍କୁ ବଦଳ ଖେଳାଳି ହେଡେନ ୱାଲ୍ସଙ୍କ ଦ୍ୱାରା କ୍ୟାଚ ଆଉଟ କରାଇଥିଲେ। ଆଦିଲ ରଶିଦ ଓ ସକିବ ମେହେମୁଦ୍‌ଙ୍କୁ ସେ ଖାତା ଖୋଲିବାକୁ ଦେଇ ନ ଥିଲେ। ପୁରୁଷ ଟି୨୦ କ୍ରିକେଟରେ ପୂର୍ବରୁ ୪ ବଲ୍‌ରେ ୪ ଉଇକେଟ ନେଇଥିବା ଅନ୍ୟ ବୋଲରମାନେ ହେଲେ ଲସିଥ ମାଲିଙ୍ଗା, ରଶିଦ ଖାନ୍ ଓ କର୍ଟିସ କାମ୍ଫର। ହୋଲ୍‌ଡର ଏହି ମ୍ୟାଚ୍‌ରେ ୨.୫ ଓଭର ବୋଲିଂ କରିଥିଲେ। ସେ ମାତ୍ର ୨୭ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ଇନିଂସରେ ଟପ୍ ସ୍କୋରର ଜେମ୍ସ ଭିନ୍ସ ୩୫ ବଲ୍‌ରୁ ୫୫ ରନ କରିଥିଲେ। ପୂର୍ବରୁ ଇଂଲଣ୍ଡ ସ୍ପିନରମାନେ ଚମତ୍କାର ବୋଲିଂ କରି ୱେଷ୍ଟଇଣ୍ଡିଜ ବ୍ୟାଟରମାନଙ୍କୁ ହତାସ କରିଥିଲେ। କିନ୍ତୁ ଅଧିନାୟକ କିରନ ପୋଲାର୍ଡ (୪୧ ନଟଆଉଟ) ଓ ରୋଭମ୍ୟାନ ପାଓ୍ୱେଲ୍ (୩୫ ନଟ ଆଉଟ) ୫ମ ଉଇକେଟରେ ଅପରାଜିତ ୭୪ରନର ପାର୍ଟନରଶିପ କରିଥିଲେ। ଫଳତଃ ଘରୋଇ ଦଳ ଇଂଲଣ୍ଡ ବିପକ୍ଷରେ ଟାର୍ଗେଟ ଦେଲା ଭଳି ରନ ସ୍କୋର କରିପାରିଥିଲା।




ସିରିଜ ବିଜୟୀ ୱେଷ୍ଟଇଣ୍ଡିଜ ଦଳ।

# ଅଷ୍ଟ୍ରେଲିଆ ଟୁର୍ ପୂର୍ବରୁ ନୁୱାନ ଥୁସାରା କୋଭିଡ୍ ପଜିଟିଭ

**କଲମ୍ବୋ, ୩୧।୧ (ପି.ଟି.):** ଆସନ୍ତା ସପ୍ତାହରେ ଶ୍ରୀଲଙ୍କା କ୍ରିକେଟ ଦଳର ଅଷ୍ଟ୍ରେଲିଆ ଟୁର୍ ଆରମ୍ଭ ହେବାକୁଥିବା ବେଳେ ଏହା ପୂର୍ବରୁ ନବାଗତ ପେସ୍ ବୋଲର ନୁୱାନ ଥୁସାରା କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଦେଶର କ୍ରିକେଟ ବୋର୍ଡ ସୋମବାର ଏହା ପ୍ରକାଶ କରିଛି। ଫେବୃୟାରୀ ୧୧ରୁ ୨୦ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବା ଲାଗି ଶ୍ରୀଲଙ୍କାର ୨୦ ଜଣିଆ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ୨୭ ବର୍ଷୀୟ ଥୁସାରା ଏହି ଦଳର ଜଣେ ସଦସ୍ୟ ରହିଛନ୍ତି। ଟିମ୍ ଟ୍ରେନର ଦିଲ୍‌ସାନ ଫୋନ୍‌ସେକା ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲସି) କହିଛି, ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଶ୍ରୀଲଙ୍କା କ୍ରିକେଟ ଦଳ ବର୍ତ୍ତମାନ ଜୈବ ସୁରକ୍ଷିତ ବବଲରେ ଅବସ୍ଥାନ କରୁଛି। ସେଠାରେ ଦଳର ସଦସ୍ୟମାନଙ୍କର ନିୟମିତ ପିସିଆର୍ ଟେଷ୍ଟ ବେଳେ ଉଭୟେ ପଜିଟିଭ ଚିହ୍ନଟ ହୋଇଥିଲେ। ଶ୍ରୀଲଙ୍କା ଦଳ ଫେବୃୟାରୀ ୩ରେ ଅଷ୍ଟ୍ରେଲିଆ ଅଭିମୁଖେ ଗସ୍ତ କରିବ।

# ଅହମଦାବାଦରେ ପହଞ୍ଚିଲା ଭାରତୀୟ କ୍ରିକେଟ ଦଳ



ଶିଖର ଧାୱନଙ୍କ ସହ ଯୁଜବେନ୍ଦ୍ର ଚହଲ।

**ଅହମଦାବାଦ, ୩୧।୧ (ପି.ଟି.):** ଫେବୃୟାରୀ ୬ରୁ ଆରମ୍ଭ ହେବାକୁଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଅହମଦାବାଦରେ ପହଞ୍ଚିଛି। ରବିବାରରୁ ସୋମବାର ଭିତରେ ସମସ୍ତ ଖେଳାଳି ବାୟୋ-ବବଲରେ ପ୍ରବେଶ କରିଛନ୍ତି। ସେମାନେ ୩ ଦିନ କ୍ୱାରାଣ୍ଟାଇନରେ ରହିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଦଳର ହ୍ୱାଇଟ୍‌ବଲ୍ ଅଧିନାୟକ ଭାବେ ରୋହିତ ଶର୍ମାଙ୍କର ଏହା ହେଉଛି ପ୍ରଥମ ସିରିଜ। ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ପାଇଁ ସେ ଦକ୍ଷିଣ ଆଫ୍ରିକ ଟୁର୍‌ରେ ଯାଇପାରି ନ ଥିଲେ। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଶନିବାର ଅହମଦାବାଦ ଅଭିମୁଖେ ଯାତ୍ରା କରୁଥିବା ସମୟର ଏକ ଫଟୋ ପୋଷ୍ଟ କରିଛନ୍ତି। ବିମାନରେ ସେ ଶିଖର ଧାୱନଙ୍କ ପାଖ ସିଟ୍‌ରେ ବସିଥିଲେ। ସ୍ପିନର କୁଲଦୀପ ଯାଦବ ଦଳକୁ ଫେରିଛନ୍ତି। ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କୁ ପ୍ରଥମ ଥର ଦଳରେ ସୁଯୋଗ ମିଳିଛି। କୋଭିଡ୍ ଆଶଙ୍କା ଥିବାରୁ ବିସିସିଆଇ ଭେନ୍ୟୁ ସଂଖ୍ୟା ହ୍ରାସ କରିବା ଲାଗି ବାଧ୍ୟ ହୋଇଛି। ତିନୋଟି ଅନ୍ତର୍ଜାତୀୟ ଦିନିକିଆ ଓ ତିନୋଟି ଅନ୍ତର୍ଜାତୀୟ ଟି୨୦ ଦୁଇଟି ଭେନ୍ୟୁରେ ଖେଳାଯିବ। ତିନୋଟି ଟି୨୦ କୋଲକାତାରେ ଖେଳାଯିବ। ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ଚଳିତ ସପ୍ତାହ ଶେଷ ଭାଗରେ ଆସି ଅହମଦାବାଦରେ ପହଞ୍ଚିବ।

# ଧୀରଜଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୩୧।୧ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜେନେରାଲ ମ୍ୟାନେଜର (ଡେଭଲପମେଣ୍ଟ) ଧୀରଜ ମାଲହୋତ୍ରା ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସମ୍ଭବତଃ ସେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିବେ। ମାଲହୋତ୍ରା ଗତବର୍ଷ ଫେବୃୟାରୀରେ ପୂର୍ବତନ ଭାରତ ଖେଳାଳି ଓ ଚୟନକର୍ତ୍ତା ସବା କରିମ୍‌ଙ୍କ ସ୍ଥାନରେ ବିସିସିଆଇରେ ନିଯୁକ୍ତି ପାଇଥିଲେ। ସେ ଦିଲ୍ଲୀ କ୍ୟାପିଟାଲ୍ସର ସିଇଓ ଭାବେ ପୂର୍ବରୁ କାର୍ଯ୍ୟ କରିସାରିଛନ୍ତି। ଏଥର ଫ୍ରାଞ୍ଚାଇଜ୍‌ରେ ତାଙ୍କୁ ତା'ଠାରୁ ବଡ଼ ଦାୟିତ୍ୱ ମିଳିବ ବୋଲି ଶୁଣିବାକୁ ମିଳୁଛି। ମାଲହୋତ୍ରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏକ ବରିଷ୍ଠ ପଦବୀରେ ଅଛନ୍ତି।

# ଗୁଜରାଟ ଜିଆଣ୍ଟ୍ସ ବିଜୟୀ

**ବେଙ୍ଗାଲୁରୁ, ୩୧।୧ (ପି.ଟି.):** ଚଳିତ ପ୍ରୋ-କବାଡ଼ି ଲିଗ୍ (କେପିଏଲ୍)ରେ ସୋମବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ରେଡର ଅଜୟ କୁମାର ଓ ପ୍ରଦୀପ କୁମାରଙ୍କ ପ୍ରଦର୍ଶନ ସହାୟତାରେ ଗୁଜରାଟ ଜିଆଣ୍ଟ୍ସ ୩୨-୨୬ରେ ହରିୟାଣା ଷ୍ଟିଲର୍ସକୁ ହରାଇ ଦେଇଛି। ସୋମବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଦବଙ୍ଗ ଦିଲ୍ଲୀ ୩୬-୩୦ରେ ୟୁ ମୁମ୍ବାକୁ ପରାସ୍ତ କରିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧/୨୦୨୨ (୮+୮=୧୬ ପୃଷ୍ଠା)
Bhubaneswar, Tuesday, February 1/2022



**ଚାନୁଙ୍କ ଡବଲ ଗୋଲ**
ପୁଖରାମବାମ ସୁଶୀଳା ଚାନୁଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଚାଇନାକୁ ୭-୧ ଗୋଲରେ ପରାସ୍ତ କରିଛି।

୦୮

୦୩

**ଅବସର ନେଲେ ସି.ପି. ମହାନ୍ତି**
ଭାରତର ସେନା ଉପମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି ଅବସର ଗ୍ରହଣ କରିଛନ୍ତି।



# ରାତି ୧୦ରୁ ସକାଳ ୫ ନାଇଟ୍ କର୍ଫ୍ୟୁ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ରାଜ୍ୟରେ କୋଭିଡ ସଂକ୍ରମଣ ଗତ କିଛିଦିନ ହେବ ହ୍ରାସ ପାଉଛି। ଏହାସତ୍ତ୍ୱେ ମହାମାରୀ ଭୟ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏହାକୁ ଦୃଷ୍ଟିରେ ରଖି ଫେବୃୟାରୀ ମାସ ପାଇଁ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)ଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ନୂଆ ଗାଇଡ୍‌ଲାଇନ୍ ମୁତାବକ ରାଜ୍ୟର ସମସ୍ତ ସହରାଞ୍ଚଳରେ ନାଇଟ କର୍ଫ୍ୟୁ ଅବଧି ରାତି ୧୦ଟାରୁ ଆରମ୍ଭ ହୋଇ ସକାଳ ୫ଟା ଯାଏ ରହିବ। ଫଳରେ ଦୋକାନ ବଜାର ଖୋଲା ରହିବା ସମୟ ରାତି ୯ଟା ପରିବର୍ତ୍ତେ ରାତି ୧୦ଟାକୁ ବୃଦ୍ଧି କରାଯାଇଛି। ସକାଳ ୫ଟାରୁ ରାତି ୧୦ଟା ଯାଏ ସମସ୍ତ ପ୍ରକାର ଦୋକାନ, ମଲ୍, ଶପିଂ କମ୍ପ୍ଲେକ୍ସ, ମାର୍କେଟ/ହାଟ, ସିନେମା ହଲ୍, ସୁଇମିଂ ପୁଲ୍, ମନୋରଞ୍ଜନ କମ୍ପ୍ଲେକ୍ସ, ଥିଏଟର୍, ଆସେମ୍ବ୍ଲି ହଲ୍ ଖୋଲା ରହିବ।

ସେହିପରି ରାଜ୍ୟ ସରକାର ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜାକୁ ଅନୁମତି ଦେଇଛନ୍ତି। ଅଳ୍ପସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ସରସ୍ୱତୀ ପୂଜା କରାଯାଇପାରିବ। ତେବେ ସ୍କୁଲ ଓ ଶିକ୍ଷାନୁଷ୍ଠାନ ଛଡ଼ା ଅନ୍ୟ କୌଣସି ସର୍ବସାଧାରଣ ସ୍ଥାନରେ ସରସ୍ୱତୀ ପୂଜା ପାଇଁ ଅନୁମତି ଦିଆଯାଇନାହିଁ। ଘରେ ରହି ପରିବାର ସହ ପୂଜା କରିବା ପାଇଁ ସରକାର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ସରସ୍ୱତୀ ପୂଜାରେ ଭୋଜିଭାତ କିମ୍ବା କୌଣସି ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି।

ଫେବୃୟାରୀରେ ପଡୁଥିବା ମାଘ ସପ୍ତମୀ ଓ ମାଘ ପୂର୍ଣ୍ଣିମାକୁ ପାଳନ କରିବାକୁ ଅନୁମତି ଦିଆଯାଇଛି। ମନ୍ଦିର ପରିସରରେ ବିନା ଭକ୍ତରେ ମାଘ ସପ୍ତମୀ ☞ପୃଷ୍ଠା-୫

**ଫେବୃୟାରୀ ଗାଇଡ୍‌ଲାଇନ**
- ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜାକୁ ଅନୁମତି
- ମନ୍ଦିରରେ ପାଳନ ହେବ ମାଘସପ୍ତମୀ
- ୧୦୦% କର୍ମଚାରୀରେ ସରକାରୀ ଅଫିସ୍ ଚାଲିବ



# ଟାଟା ହାତକୁ ଯିବ ନୀଳାଚଳ ଇସ୍ପାତ

- ନିଲାମରେ ଟିଏସ୍‌ଏଲ୍‌ପି ସର୍ବୋଚ୍ଚ ବିଡର ବିବେଚିତ
- ୧୨,୧୦୦ କୋଟିରେ କିଣିବ
- କେନ୍ଦ୍ର ସରକାରଙ୍କ ମଞ୍ଜୁରୀ

ଯାଜପୁର ଅଫିସ/ଭୁବନେଶ୍ୱର,୩୧।୧

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍)କୁ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟ (ଟିଏସ୍‌ଏଲ୍‌ପି) ୧୨,୧୦୦ କୋଟି ଟଙ୍କାରେ କିଣିବ। ନିଲାମ ପ୍ରକ୍ରିୟାରେ ଟାଟା ଗ୍ରୁପ୍‌ର ଏହି ସଂସ୍ଥା ସର୍ବୋଚ୍ଚ ବିଡର ଭାବେ ବିବେଚିତ ହୋଇଛି। ଏହି ବିଡିଂକୁ କେନ୍ଦ୍ର ସରକାର ସୋମବାର ମଞ୍ଜୁରୀ ଦେଇଛନ୍ତି।

୧.୧ ମିଲିୟନ ଟନ୍ କ୍ଷମତାବିଶିଷ୍ଟ ଏନ୍ଆଇଏନ୍ଏଲ୍ କେନ୍ଦ୍ର ସରକାରଙ୍କ ୪ ଉଦ୍ୟୋଗ ଏମ୍ଏମ୍‌ଟିସି, ଏନ୍ଏମ୍‌ଡିସି, ବିଏଚ୍ଇଏଲ୍, ଏମ୍ଇସିଓଏନ୍ ଏବଂ ରାଜ୍ୟ ସରକାରଙ୍କ ୨ ଉଦ୍ୟୋଗ ଓଏମ୍‌ସି ଓ ଇପିକଲ ଦ୍ୱାରା ପରିଚାଳିତ। କିନ୍ତୁ ବ୍ୟାପକ କ୍ଷତିରେ ଚାଲୁଥିବା ଦର୍ଶାଯାଇ ଏହି ଯୌଥ ଉଦ୍ୟୋଗକୁ ୩୦ ମାର୍ଚ୍ଚ ୨୦୨୦ରୁ ବନ୍ଦ କରିଦିଆଯାଇଥିଲା। ନୀଳାଚଳ ଇସ୍ପାତ କାର୍ଯ୍ୟକ୍ଷମ ହେବା ଅନିଶ୍ଚିତତା ଭିତରେ ରହିଥିଲା। ତେଣୁ ୨୦୨୧ ଜାନୁୟାରୀ ୨୫ରେ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଡକାଯାଇଥିଲା। ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ଏନ୍ଆଇଏନ୍ଏଲ୍‌ର ଋଣ ଓ ଅନ୍ୟାନ୍ୟ ଆର୍ଥିକ ବୋଝ ୬,୬୦୦ କୋଟିରେ ପହଞ୍ଚିଥିବାବେଳେ ଏହାକୁ ବିକ୍ରି କରିବା ପାଇଁ ପ୍ରକ୍ରିୟା ଆଗକୁ ବଢ଼ିଥିଲା। ଏନେଇ ହୋଇଥିବା ନିଲାମରେ ଟିଏସ୍‌ଏଲ୍‌ପି ଏଚ୍-୧ ବିଡର ହେବା ସହ ଜିନ୍ଦଲ ଷ୍ଟିଲ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଭଳି କମ୍ପାନୀକୁ ପଛରେ ପକାଇ ଦେଇଛି। ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଦ୍ୱାରା କ୍ଷମତାପ୍ରାପ୍ତ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ନିର୍ମଳା ସୀତାରମନ ଏବଂ ପୀୟୂଷ ଗୋଏଲଙ୍କୁ ନେଇ ଗଠିତ ଅଲଟରନେଟ୍ ମେକାନିଜମ୍(ଏଏମ୍) ଟିଏସ୍‌ଏଲ୍‌ପିର ବିଡିଂକୁ ଅନୁମୋଦନ କରିଛି। ଏହି ଯୌଥ ଉଦ୍ୟୋଗରେ ଟିଏସ୍‌ଏଲ୍‌ପିର ୯୩.୭୧% ଶେୟାର ରହିବ। ଚୁକ୍ତି ସ୍ୱାକ୍ଷର କରିବାକୁ ଟିଏସ୍‌ଏଲ୍‌ପିକୁ ଲେଟର୍ ଅଫ୍ ଇଣ୍ଟେଣ୍ଟ (ଏଲ୍‌ଓଆଇ) ପ୍ରଦାନ କରାଯାଇଛି।

ଏନ୍ଆଇଏନ୍ଏଲ୍‌ରେ ଓଡ଼ିଶା ସରକାରଙ୍କ ଓଏମ୍‌ସି ଏବଂ ଇପିକଲର ୩୪.୭୪ ପ୍ରତିଶତ ଅଂଶଧନ ଥିଲା।



ଏହାର ଘରୋଇକରଣ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ଭୂମିକା ରହିଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରହିଛି। ବିକ୍ରି ସର୍ତ୍ତରେ ଏନ୍ଆଇଏନ୍ଏଲ୍‌ର କ୍ଷମତା ୫ ମିଲିୟନ ଟନ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ ଏବଂ ୩୦୦ କୋଟି ଟଙ୍କାର ହସ୍ପିଟାଲ ସହ ଟାଉନଶିପ କରିବାକୁ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

ସୂଚନାଥାଉ କି, ଷ୍ଟିଲ୍ ମନ୍ତ୍ରଣାଳୟ ଅଧୀନରେ ୧୯୮୪ରେ ଏନ୍ଆଇଏନ୍ଏଲ୍ ପ୍ରତିଷ୍ଠା ହୋଇଥିଲା। ଏଥିପାଇଁ ପର୍ଯ୍ୟାୟକ୍ରମେ ନବେ ଦଶକରେ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିଲା। ୧୪।୧୨।୧୯୯୨ରେ ଏହି ପ୍ରକଳ୍ପକୁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିଲେ। ୧୨।୪।୧୯୯୪ରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହେବା ପରେ ୭.୭୨୯୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ହୋଇଥିଲା। ୫ ବର୍ଷ ମଧ୍ୟରେ ଏହାକୁ ସମନ୍ୱିତ ଇସ୍ପାତ କାରଖାନା ଭାବେ ପ୍ରତିଷ୍ଠା ନ କଲେ ଏହା ପୁଣି କେନ୍ଦ୍ର ସରକାରଙ୍କ ଅଧୀନକୁ ଫେରିଯିବ ବୋଲି ବୁଝାମଣାରେ ସର୍ତ୍ତ ରହିଥିଲା। ତେବେ ସମୟକ୍ରମେ ରାଜ୍ୟ ସରକାର ଏହି କାରଖାନାକୁ ଚଳାଇବା ପାଇଁ ଏମ୍ଏମ୍‌ଟିସି ଓ ଅନ୍ୟ କେନ୍ଦ୍ରୀୟ ଉଦ୍ୟୋଗ ସହ ଭାଗୀଦାରି ହୋଇଥିଲେ। ୨୦୦୦ ମସିହାରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏଥିରେ ୬୬୮ ପରିବାରଙ୍କୁ ବିସ୍ଥାପିତ କରାଯାଇ ୪୫୨ ଜଣଙ୍କୁ ନିଯୁକ୍ତି ମିଳିଥିଲା। କିନ୍ତୁ ଉତ୍ପାଦନର ପ୍ରାୟ ଦୁଇ ଦଶନ୍ଧି ପରେ ମଧ୍ୟ ସମନ୍ୱିତ ଇସ୍ପାତ କାରଖାନା ସ୍ୱପ୍ନରେ ରହିଗଲା। କଳିଙ୍ଗନଗର ଶ୍ରମିକ ସଂଘ, ନୀଳାଚଳ ବିସ୍ଥାପିତ ସଂଘ, କଳିଙ୍ଗନଗର ମଜଦୁର ୟୁନିୟନ ଓ ନୀଳାଚଳ ନିର୍ବାହୀ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରି ବିଭିନ୍ନ ସମୟରେ ଘେରାଉ, ଆନ୍ଦୋଳନ, ଧାରଣା ଆଦି କରାଯାଇଥିଲା। ଇତିମଧ୍ୟରେ ନୀଳାଚଳରେ କାର୍ଯ୍ୟରତ ଅନେକ କର୍ମଚାରୀ ନିୟମିତ ଦରମା ନ ପାଇ ଭୋକ ଉପାସରେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ବିସ୍ଥାପିତ ନେତା ବାବୁଲି ପୂର୍ତ୍ତି ଓ କଳିଙ୍ଗନଗର ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରତାପ ଜେନା କୁହନ୍ତି, ନୀଳାଚଳ ଟାଟା ହାତକୁ ଯାଇଥିବାରୁ କର୍ମଚାରୀ ଓ ବିସ୍ଥାପିତମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବିସ୍ଥାପିତ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଦୂର କରିବା ସହ ସ୍ଥାନୀୟ ନିଯୁକ୍ତି ଉପରେ କମ୍ପାନୀ ଗୁରୁତ୍ୱ ଦେଇ ଡାକ୍ତରଖାନା ଓ ଟାଉନଶିପ ନିର୍ମାଣରେ ତତ୍ପରତା ପ୍ରକାଶ କରିବ ବୋଲି ଆଶା କରାଯାଉଛି।



ଗତ ଦୁଇଦିନ ଧରି କଟକ ମଧୁସୂଦନ ସେତୁ ନିକଟ ମହାନଦୀରେ ଆତଙ୍କ ଖେଳାଇଥିବା ଘଡ଼ିଆଳ କୁମ୍ଭୀରକୁ ଉଦ୍ଧାର କରିବା ପାଇଁ ବନ ବିଭାଗ ପକ୍ଷରୁ ଜାଲ ପକାଯାଉଛି।

# ଓଡ଼ିଶାର ୪ ଆଇନଜୀବୀଙ୍କ ନାମ କଲେଜିୟମ୍‌ର ସୁପାରିସ

## ୩ ହାଇକୋର୍ଟ ଲାଗି ମୋଟ ୧୭ ଜଣଙ୍କ ନାମ ରହିଛି



ଭି. ନରସିଂହ



ସଞ୍ଜୟ କୁମାର ମିଶ୍ର



ବିରଜା ପ୍ରସନ୍ନ ଶତପଥୀ



ରମଣ ମୁରାହାରୀ

କଟକ ଅଫିସ, ୩୧।୧

ସୁପ୍ରିମ୍‌କୋର୍ଟ ପ୍ରଧାନବିଚାରପତି ଏନ୍.ଭି. ରାମନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ୍ ସୋମବାର ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶ ହାଇକୋର୍ଟ ବିଚାରପତି ପାଇଁ ୧୭ଜଣଙ୍କ ନାମ ସୁପାରିସ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟ ପାଇଁ ୪, ଆନ୍ଧ୍ରପ୍ରଦେଶ ୭ ଏବଂ ମଧ୍ୟପ୍ରଦେଶ ହାଇକୋର୍ଟ ଲାଗି ୬ଜଣଙ୍କ ନାମ ରହିଛି। ଏଥିସହ ମାଡ୍ରାସ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟବିଚାରପତି ଭାବେ କାର୍ଯ୍ୟ କରୁଥିବା ମୁନିଶ୍ୱର ନାଥ ଭଣ୍ଡାରୀଙ୍କୁ ମାଡ୍ରାସ୍ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ କେନ୍ଦ୍ରକୁ ସୁପାରିସ କରିଛନ୍ତି। ଗତ ୨୯ ତାରିଖରେ ଅନୁଷ୍ଠିତ ସୁପ୍ରିମ୍‌କୋର୍ଟ କଲେଜିୟମ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ହାଇକୋର୍ଟ ବିଚାରପତି ପାଇଁ ଆଇନଜୀବୀ ଭି. ନରସିଂହ, ସଞ୍ଜୟ କୁମାର ମିଶ୍ର, ବିରଜା ପ୍ରସନ୍ନ ଶତପଥୀ, ରମଣ ମୁରାହାରୀ ଓରଫ ଏମ୍.ଏସ୍. ରମଣଙ୍କ ନାମ ସୁପାରିସ କରାଯାଇଛି। ଉପରୋକ୍ତ ୪ଜଣ ବିଚାରପତିଙ୍କ ନାମକୁ ଯଦି କେନ୍ଦ୍ର ସରକାର ଅନୁମୋଦନ ଦିଅନ୍ତି ଏବଂ ପରେ ଏହାକୁ ରାଷ୍ଟ୍ରପତି ମୋହର ମାରନ୍ତି ତେବେ ଓଡ଼ିଶା ହାଇକୋର୍ଟର ବିଚାରପତି ସଂଖ୍ୟା ୨୨ ହେବ। ଓଡ଼ିଶା ହାଇକୋର୍ଟରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୨୭ ରହିଥିବାବେଳେ ଏବେ ୧୮ ଜଣ ବିଚାରପତି ଅଛନ୍ତି। ୪ ନୂଆ ବିଚାରପତିଙ୍କ ନିଯୁକ୍ତି ପରେ ମାମଲା ଫଇସଲାରେ ବିଶେଷ ସହାୟକ ହେବ।

ସୂଚନାଯୋଗ୍ୟ, ଆଇନଜୀବୀ ଭି. ନରସିଂହ ହେଉଛନ୍ତି ହାଇକୋର୍ଟର ପୂର୍ବତନ ବିଚାରପତି ସ୍ୱର୍ଗତ ଭି. ଗୋପାଳ ସ୍ୱାମୀଙ୍କ ପୁତ୍ର। ସେ ଆୟକର, ସର୍ଭିସ୍ ଲ', କମର୍ସିଆଲ, ଫୌଜଦାରି, ଦେୱାନୀ ଓ ସାମ୍ବିଧାନିକ ମାମଲା ପରିଚାଳନା କ୍ଷେତ୍ରରେ ଦକ୍ଷତା ହାସଲ କରିଛନ୍ତି। ସେ ସିବିଆଇ ଓକିଲ ଭାବେ ମଧ୍ୟ ଅନେକ ମାମଲା ପରିଚାଳନା କରିଛନ୍ତି। ସେହିପରି ଆଇନଜୀବୀ ବିରଜା ପ୍ରସନ୍ନ ଶତପଥୀ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭଗବାନ ଶତପଥୀଙ୍କ ପୁତ୍ର। ସେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷା ଶେଷ କରିବା ପରେ ସ୍ୱର୍ଗତ ଅଶୋକ ମହାପାତ୍ରଙ୍କ ଅଧୀନରେ ଓକିଲାତି ପେସା ଆରମ୍ଭ କରିଥିଲେ। ସେହିପରି ଆଇନଜୀବୀ ସଞ୍ଜୟ କୁମାର ମିଶ୍ର ମଧ୍ୟ ଜଣେ ବିଶିଷ୍ଟ ଆଇନଜୀବୀ। ସେ ହାଇକୋର୍ଟରେ ବହୁ ☞ପୃଷ୍ଠା-୫

# ୨୫୪ ବିଜୁ ସେତୁ ଅଧାପନ୍ତରିଆ

## ବିଫଳ ଠିକାଦାରଙ୍କଠାରୁ ଆଦାୟ ହେବ ଜରିମାନା

ଯାଜପୁର ଅଫିସ,୩୧।୧

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୨୦୧୧ ଅକ୍ଟୋବରରୁ ବିଜୁ ସେତୁ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିପାଇଁ ସାଧାରଣ ଲୋକଙ୍କ ଟିକସରୁ ବ୍ୟାପକ ଅର୍ଥ ଆବଣ୍ଟିତ ହେଉଛି। କିନ୍ତୁ ଏହି ଯୋଜନାରେ ଯେଉଁ ପରିମାଣରେ ଜନବସତି ଉପକୃତ ହେବା ପାଇଁ ଲକ୍ଷ୍ୟ ରଖାଯାଉଛି, ତାହା ବିଭାଗୀୟ ସମୀକ୍ଷା ବୈଠକର ନିଷ୍ପତ୍ତିରେ ସୀମିତ ରହୁଛି। ୨୦୨୧ ଜୁଲାଇରେ ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକରେ ବ୍ରହ୍ମପୁର, ଭବାନୀପାଟଣା, ଭୁବନେଶ୍ୱର, ବାରିପଦା, ବଲାଙ୍ଗୀର, କଟକ, କେନ୍ଦ୍ରାପଡ଼ା-ଯାଜପୁର, କେନ୍ଦୁଝର, ସମ୍ବଲପୁର, ସୁନାବେଡ଼ା, ସୁନ୍ଦରଗଡ଼, ଅନୁଗୋଳ ଓ ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ସର୍କଲ ଅଧୀନରେ ନିର୍ମାଣାଧୀନ ୩୧୨ ବିଜୁ ସେତୁ ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଗତ ଡିସେମ୍ବର ୩୧ ସୁଦ୍ଧା ମାତ୍ର ୫୮ଟି ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏହି ବିଫଳତା ଉପରେ ଗତ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ଉଦ୍‌ବେଗ ପ୍ରକାଶ କରିବା ସହ ବାକି ରହିଥିବା ୨୫୪ ସେତୁରୁ ମାର୍ଚ୍ଚ ସୁଦ୍ଧା ୨୧୩ ଟି ଏବଂ ମାର୍ଚ୍ଚ ପରେ ବାକି ୪୧ଟି ସେତୁ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଠିକାସଂସ୍ଥାଗୁଡ଼ିକ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ବୈଠକରେ ଚିଫ୍ ଇଞ୍ଜିନିୟର ପ୍ରକାଶ କରିଛନ୍ତି। ହେଲେ ଏହି ଅଧାପନ୍ତରିଆ ସେତୁଗୁଡ଼ିକ ଦ୍ୱାରା ପ୍ରଭାବିତ ଗ୍ରାମାଞ୍ଚଳର ପ୍ରାୟ ୨୦ ଲକ୍ଷ ଲୋକ ଚଳିତ ପଞ୍ଚାୟତ ନିର୍ବାଚନକୁ ପ୍ରଭାବିତ କରିପାରନ୍ତି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

ବିଜୁ ସେତୁ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କୁ ଉପକୃତ କରୁଛି। ନଦୀନାଳ ଭରା ଅଞ୍ଚଳରେ ଲୋକେ ଏହି ସେତୁ ଦ୍ୱାରା ଅନ୍ୟ ସ୍ଥାନକୁ ସହଜରେ ଯୋଗାଯୋଗ କରି ପାରୁଛନ୍ତି। ହେଲେ ଠିକା କାମ ପରିଚାଳନାରେ ଗ୍ରାମ୍ୟ ନିର୍ମାଣ ବିଭାଗର ବିଫଳତା, ଠିକାଦାରଙ୍କୁ ପାଉଣା ପ୍ରଦାନରେ ବିଳମ୍ବ ଆଦି କାରଣରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବାଧକ ସାଜିଛି। ଏହାର ଫାଇଦା ନେଉଛନ୍ତି ସମ୍ପୃକ୍ତ ଠିକାଦାରମାନେ। ଠିକାଦାରମାନେ ବିଳମ୍ବ ହେବା ବାହାନାରେ ବର୍ଦ୍ଧିତ ଦର ଆବେଦନ କରି ଅଧିକ ଲାଭବାନ ହେଉଛନ୍ତି। ଏଥିରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ରହିଥିବା ଅଭିଯୋଗ ହେଉଛି। ଯାଜପୁର ଜିଲାରେ ୨୦୧୫ରୁ ଆରମ୍ଭ ହୋଇଥିବା କେଲୁଅ ନଦୀର ଅରାବଳଠାରୁ ରମ୍ଭାପୁର ରାସ୍ତାର ସେତୁ, ୨୦୧୮ରେ ଶଗଡ଼ିଆ ନାଳ ଉପରେ ନରସିଂହପୁରଠାରୁ ପିପିଲଡିହ, କାଣୀ ନାଳ ଉପରେ ଦତ୍ତପୁରଠାରୁ ଗଣପତିପାଟଣା, ବେଙ୍ଗ ନାଳ ଉପରେ ବରେଇ ନୂଆବିଲଠାରୁ ମିଆପାଟଣା, ବୈତରଣୀ ନଦୀ ଉପରେ ବଲଦାଠାରୁ କୁଟୁରିଆ ରାସ୍ତା ଇତ୍ୟାଦି ସେତୁ ଅଧାପନ୍ତରିଆ ହୋଇ ପଡ଼ିଛି। ଏହିକ୍ରମରେ ଜାନୁୟାରୀ ସୁଦ୍ଧା ୫୨, ଫେବୃୟାରୀ ସୁଦ୍ଧା ୬୩, ମାର୍ଚ୍ଚ ସୁଦ୍ଧା ୯୮ ଏବଂ ମାର୍ଚ୍ଚ ପରେ ୪୧ ସେତୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏଥିରେ ବିଫଳ ହେଲେ ସମ୍ପୃକ୍ତ ଠିକାଦାରଙ୍କଠାରୁ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯିବ ବୋଲି ଚିଫ୍ ଇଞ୍ଜିନିୟର ଚେତାବନୀ ଦେଇଛନ୍ତି।



## ସଂକ୍ଷେପରେ

### ୧,୧୮,୫୫୬ ଭୋଟର ମତଦାନ ସାବ୍ୟସ୍ତ କରିବେ

#### ୧୬ରେ ଡେରାବିଶରେ ମତଦାନ

ଡେରାବିଶ,୩୧।୧(ସ୍ୱ.ପ୍ର.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଡେରାବିଶ ବ୍ଲକ ଅଞ୍ଚଳରେ ଫେବୃୟାରୀ ୧୬ରେ ମତଦାନ ସାବ୍ୟସ୍ତ ହେବ। ବ୍ଲକ ଅଧୀନ ୨୬ ଗୋଟି ପଞ୍ଚାୟତରେ ୧ଲକ୍ଷ ୧୮ ହଜାର ୫୫୬ ଜଣ ମତଦାତା ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ପୁରୁଷ ମତଦାତାଙ୍କ ସଂଖ୍ୟା ୬୧,୫୩୩, ମହିଳା ମତଦାତାଙ୍କ ସଂଖ୍ୟା ୫୭ ହଜାର ୧ ଓ ତୃତୀୟ ଲିଙ୍ଗ ୨ ଜଣ ମତଦାତା ରହିଛନ୍ତି। ତେବେ ଏହି ବ୍ଲକ ଅଧୀନରେ ଥିବା ୧୨ ନଂ. ଜୋନ୍‌ରେ ୩ଜଣ, ୧୩ ନଂ.ରେ ୩ ଜଣ ଓ ୧୪ ନଂ. ଜୋନ୍‌ରେ ୫ ଜଣ ପାଇଁ ସମୁଦାୟ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ୨୬ ଗୋଟି ପଞ୍ଚାୟତରେ ୯୯ ଜଣ ସରପଞ୍ଚ, ୯୬ ଜଣ ସମିତିସଭ୍ୟ ଓ ୮୨୯ ଜଣ ୱାର୍ଡ଼ ସଭ୍ୟ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି ନିର୍ବାଚନକୁ ଶୃଙ୍ଖଳିତ କରିବା ଓ କରୋନା କଟକଣାକୁ ଦୃଷ୍ଟିରେ ରଖି ବୁଥ୍‌ଗୁଡ଼ିକ ଅଧିକ ସଂଖ୍ୟାରେ କରିବାକୁ ବ୍ଲକ ନିର୍ବାଚନ ଅଧିକାରୀ ଗୋପବନ୍ଧୁ ଭୋସଗର ପ୍ରକାଶ କରିଛନ୍ତି। ତେବେ ଏହି ବ୍ଲକ ଅଧୀନ ଖମୋଳ ପଞ୍ଚାୟତରେ ସର୍ବାଧିକ ୭ ଜଣ ସରପଞ୍ଚ ଓ ୭ ଜଣ ସମିତିସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ରହିଛନ୍ତି।

### ଉଦ୍ୟାନ ବିଭାଗ କ୍ଷେତ୍ର ଅଧିକାରୀଙ୍କ ଗଛ ମାପଚୁପ

#### ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରସଙ୍ଗ

କୁଜଙ୍ଗ,୩୧।୧(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ତିର୍ତ୍ତୋଲସ୍ଥିତ ସରକାରୀ ଉଦ୍ୟାନ ବିଭାଗ ପକ୍ଷରୁ ୨ ଜଣ କ୍ଷେତ୍ର ସମ୍ପ୍ରସାରଣ ଅଧିକାରୀ ସୋମବାର ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳ ଗସ୍ତରେ ଆସିଥିଲେ। କ୍ଷେତ୍ର ଅଧିକାରୀ ଶିଶିର ସେଠୀ ଓ ଜିନୁ ସେଠୀ ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରେ ଥିବା ଗୋବିନ୍ଦପୁର ଗାଁକୁ ଯାଇ ଲୋକଙ୍କ ହତାରେ ଥିବା ବିଭିନ୍ନ ଫଳନ୍ତି ଗଛ ଚିହ୍ନଟ କରିବା ସହ ମାପଚୁପ କରିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଚିହ୍ନଟ ଗଛର ହିତାଧିକାରୀମାନେ ଆବଶ୍ୟକ ପ୍ରମାଣପତ୍ର ଦାଖଲ ପରେ ନିଜ ନିଜ ହତାରୁ ଗଛ କାଟିବା ନେଇ ଉଭୟ ଅଧିକାରୀ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଇଡ୍‌କୋ ପକ୍ଷରୁ ପ୍ରାଚୀର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏଥିସହ ପାନବରଜ ଭଙ୍ଗାକାର୍ଯ୍ୟ ଜାରି ରହିଛି। ପ୍ରସ୍ତାବିତ ଅଞ୍ଚଳରେ ଏବେ ସୁଦ୍ଧା ୯୫୨ ପାନବରଜ ମାପଚୁପ କରାଯାଇଥିବା ବେଳେ ୭୦୫ ବରଜ ଭଙ୍ଗାଯାଇଛି। ଏଥିମଧ୍ୟରୁ ୫୯୦ ବରଜ ମାଲିକଙ୍କୁ ମୋଟ ୧୪ କୋଟି ୫୬ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦରେ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ସିଂହପୁର ବଜାର ବନ୍ଦ

ସିଂହପୁର,୩୧।୧(ଡି.ଏନ୍.ଏ.): ବିଂଝାରପୁର ବ୍ଲକର ପ୍ରମୁଖ ବ୍ୟବସାୟ କେନ୍ଦ୍ର ସିଂହପୁର ବଜାରର ବରିଷ୍ଠ ବ୍ୟବସାୟୀ ରାମଚନ୍ଦ୍ର ବାରିକଙ୍କ ସୋମବାର ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ସେଠାରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ସମ୍ମାନାର୍ଥେ ସିଂହପୁର ବଜାର ବନ୍ଦ ରହିଥିଲା।

### ୪୭ ୟୁନିଟ ରକ୍ତ ସଂଗ୍ରହ

ଜେନାପୁର,୩୧।୧(ଡି.ଏନ.ଏ.): ସୋମବାର ଧର୍ମଶାଳା ବ୍ଲକ ମଧୁସୂଦନ ପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଧର୍ମଶାଳା ସାମାଜିକ ସମତା ଅଭିଯାନ ଓ ଡ୍ରାଇଭର ମହାସଂଘ ଗଁଦିଆ ମିଳିତ ଆନୁକୂଲ୍ୟରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସାହୁ, ସାମାଜିକ କର୍ମୀ ସଞ୍ଜୟ କୁମାର ସ୍ୱାଇଁ, ବାବୁଲି ରାଉତ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଙ୍ଗଠନ ଆବାହକ କାଳନ୍ଦୀ ମଲ୍ଲିକ ଓ ଅନ୍ୟମାନେ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,୩୧।୧(ଡି.ଏନ.ଏ.):ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ବାହାଦୁର ନଗର ଗ୍ରାମର ଆଦର୍ଶ ଶିକ୍ଷକ ବସନ୍ତ କୁମାର ସାମଲ(୬୬)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ସେ ଚାରିନଙ୍ଗଳ ନୋଡ଼ାଲ ବିଦ୍ୟାଳୟରୁ ପ୍ରାଧନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ର ବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ସେ ବେଶ ପରିଚିତ ଥିଲେ।

# ପ୍ରେସ୍, ଅଡିଓ ରେକର୍ଡିଂ ସେଣ୍ଟରରେ ଭିଡ଼

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ -୨୨**

■ ପ୍ରଚାର ପ୍ରସାରରେ ସ୍ଥାନୀତ ହେଉଛି ସ୍ଥାନୀୟ ସମସ୍ୟା

କେନ୍ଦ୍ରାପଡ଼ା ଅଫିସ, ୩୧।୧

ପ୍ରାର୍ଥୀପତ୍ର ଯାଞ୍ଚ ପରେ ନିର୍ବାଚନ ମଇଦାନକୁ ପ୍ରାର୍ଥୀ ଓହ୍ଲାଇଛନ୍ତି। ଗ୍ରାମାଞ୍ଚଳର ଛକ, ବଜାର, ଗଳି କନ୍ଦିରେ ପୋଷ୍ଟର ଯୁଦ୍ଧ ଆରମ୍ଭ ହୋଇଛି। ନିର୍ବାଚନ ଅଧିକାରୀଙ୍କ କଡ଼ା କଟକଣା ସତ୍ତ୍ୱେ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ି ସବୁଆଡ଼େ ବୁଲୁଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିଜ ପ୍ରାର୍ଥିଙ୍କୁ ଦମ୍‌ଦାର କରିବାକୁ ସମର୍ଥକମାନେ ପୋଷ୍ଟର ଓ ଅଡିଓ ମାଧ୍ୟମରେ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ପ୍ରେସ୍ ଓ ଅଡିଓ ରେକର୍ଡିଂ ସେଣ୍ଟରରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଏଥିରେ ପ୍ରାର୍ଥୀ, ଚିହ୍ନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସ୍ଥାନୀୟ ସମସ୍ୟା ଓ ପ୍ରାର୍ଥୀଙ୍କ ପୂର୍ବ ସାମାଜିକ କର୍ମକୁ ସ୍ଥାନୀତ କରାଯାଉଛି।

ଏ ସମ୍ପର୍କରେ ଗୀତିକାର ସରୋଜ କୁମାର ବିଶ୍ୱାଳ କହିଛନ୍ତି, କୋଭିଡ୍ କଟକଣା ଯୋଗୁ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦିଆଯାଇଛି। ଯାହା ଗୀତିକାର, କଣ୍ଠଶିଳ୍ପୀଠାରୁ ଆରମ୍ଭ କରି ବହୁଦିନ ଧରି ଗ୍ରାହକଙ୍କ ଅପେକ୍ଷା କରିଥିବା ଫ୍ଲେକ୍ସ, ପ୍ରେସ୍, ବ୍ୟାନର ବ୍ୟବସାୟୀଙ୍କୁ ରୋଜଗାର ଦେଇଛି। ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଟାକ୍ଷ ଅପେକ୍ଷା ନିଜକୁ ଗୁରୁତ୍ୱ ଦେଇ ଗୀତ ରଚନା ପାଇଁ ବରାଦ ଦେଉଛନ୍ତି। ସେହିପରି ସ୍ଥାନୀୟ ସମସ୍ୟାକୁ ସମାଧାନ କରିବେ ବୋଲି ଗୀତରେ ସ୍ଲୋଗାନକୁ ଯୋଡ଼ାଯାଉଛି। ଅଳ୍ପଦିନ ମଧ୍ୟରେ ପ୍ରାୟ ୨୦୦ରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଗୀତ ରଚନା କରିଥିବା ଗୀତିକାର ବିଶ୍ୱାଳ ପ୍ରକାଶ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ବିମଳ କୁମାର ପରିଡ଼ା କହିଛନ୍ତି, ଗୁଆଘିଅ, ରଙ୍ଗୋଲି, ଅକ୍ଷୟ ମହାନ୍ତିଙ୍କ କେତେକ ଗୀତ, ସାଇ ତୁମେ ଆସିବକି, ଚଲୋରେ ଡୋଲି ଆଦି ଗୀତର ସ୍ୱର ପ୍ରାର୍ଥୀଙ୍କ ପ୍ରଥମ ପସନ୍ଦ ହୋଇଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ରଙ୍ଗବତୀ, ନାଗିନ, କମଳ ଦେଶ ରାଜକୁମାର, ମେଘ ବରଷିଲା ଟୁପୁରୁ ଟୁପୁରୁ ଆଦି ବହୁ ପୁରୁଣା ଗୀତ ସ୍ୱରରେ ହୋଇଥିବା


ଏକ ଦୋକାନରେ ଫ୍ଲେକ୍ସ ପ୍ରିଣ୍ଟିଂ କରାଯାଉଛି।

ନିର୍ବାଚନୀ ଗୀତ ପ୍ରାର୍ଥୀଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଆଦୃତ ହେଉଛି। ଗୀତରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଦୁର୍ବଳତାକୁ ପ୍ରକାଶ କରିବାକୁ ଅନୁରୋଧ ଆସୁଛି। ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରିବା ଏକ ବଳିଷ୍ଠ ମାଧ୍ୟମ ବୋଲି ସଙ୍ଗୀତ ନିର୍ଦ୍ଦେଶକ ପରିଡ଼ା ମତ ଦେଇଛନ୍ତି। ନିର୍ବାଚନୀ ସଙ୍ଗୀତ ପରି ପୋଷ୍ଟର, ଫ୍ଲେକ୍ସ, ଲିଫଲେଟ, ପୁସିଂ କାର୍ଡ ଆଦି ପାଇଁ ପ୍ରିଣ୍ଟି ପ୍ରେସରେ ଭିଡ ବଢ଼ିଯାଇଛି। ସହର ଓ ଆଖାପାଖ ଅଞ୍ଚଳରେ କେତେଗୋଟି ହାତଗଣତି ଏପରି ଅନୁଷ୍ଠାନ ପୂର୍ବରୁ ଥିବା ବେଳେ ଚଳିତ ନିର୍ବାଚନ ପାଇଁ ସହରରେ ୧୫ରୁ ଅଧିକ ଫ୍ଲେକ୍ସ କଟିଂ ଦୋକାନ ଖୋଲିଯାଇଛି। ସହରର ଫ୍ଲେକ୍ସ ଆର୍ଟସ ବ୍ୟବସାୟୀ ମାନସ କୁମାର ମହାନ୍ତି କହିଛନ୍ତି, ଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ଏହି ବ୍ୟବସାୟକୁ ଏକ ପ୍ରକାର ବନ୍ଦ କରିଥିଲା। ଚଳିତ ପଞ୍ଚାୟତ ନିର୍ବାଚନ ରୋଜଗାର ପାଇଁ ବାଟ ଫିଟାଇଛି। ଆଶାୟୀ ପ୍ରାର୍ଥୀ ପ୍ରାୟ ୬ ମାସ ପୂର୍ବରୁ ବିଭିନ୍ନ ପର୍ବପର୍ବାଣି ଓ ନବବର୍ଷ ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ହୋର୍ଡିଂ ଲଗାଇଥିଲେ। ଚଳିତ ନିର୍ବାଚନରେ ରାଜ୍ୟ ନିର୍ବାଚନ କମିଶନଙ୍କ କଟକଣାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ପୋଷ୍ଟର, ବ୍ୟାନର ଅର୍ଡର ଦେଉଛନ୍ତି। ଏହି ବ୍ୟାପାର ନିର୍ବାଚନ ଶେଷ ଯାଏ ଚାଲିବ। ବହୁ ସ୍ଥାନରେ ପ୍ରାର୍ଥୀ ନିଜ ଖର୍ଚ୍ଚରେ ବ୍ୟାନର, ପୋଷ୍ଟର ତିଆରି କରୁଥିଲେ ମଧ୍ୟ ସୌଜନ୍ୟରେ ସମର୍ଥକଙ୍କ ନାମ ରହୁଛି। ପୋଷ୍ଟର, ବ୍ୟାନର ଚିରିବା ଘଟଣାକୁ ନେଇ ରାଜନୈତିକ ହିଂସାକୁ ସେ ନିନ୍ଦା କରିଛନ୍ତି। ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ ଓ ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ନିର୍ବାଚନ ସମୟରେ ଫ୍ଲେକ୍ସ, ବ୍ୟାନର ଓ ଉଚ୍ଚ ଶବ୍ଦଯୁକ୍ତ ପ୍ରଚାର ଗାଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ ଅଛି। ଫ୍ଲେକ୍ସ ହେଉଛି ଏକ ଥର୍ମୋପ୍ଲାଷ୍ଟିକ ପଦାର୍ଥ ; ଯାହା ପଲି ଭିନାଇଲ କ୍ଲୋରାଇଡ (ପିଭିସି) ତଥା ସିନ୍ଥେଟିକ ପଲିମରରୁ ପ୍ରସ୍ତୁତ ହେଉଛି। ଏହାର ପୁନଃ ପ୍ରକ୍ରିୟାକରଣ ଅସମ୍ଭବ ହୋଇଥିବା ବେଳେ ମାଟିରେ ମିଶିବା ପାଇଁ ବହୁ ବର୍ଷ ଆବଶ୍ୟକ। ଏହାକୁ ପୋଡ଼ିଲେ ବିଷାକ୍ତ ଗ୍ୟାସ ସୃଷ୍ଟି କରି କ୍ୟାନସର, ଆଜମା, ନପୁଂସକତା ଆଦି ସୃଷ୍ଟି କରେ। ଶବ୍ଦ ପ୍ରଦୂଷଣ ମଧ୍ୟ ଭୟଙ୍କର ସ୍ଥିତି ଆଣୁଛି। ଏ ନେଇ ଜିଲା ନିର୍ବାଚନ ଅଧିକାରୀ ଆଲୋଚନା ଚକ୍ର କରି ପ୍ରାର୍ଥୀ ଓ ଭୋଟରଙ୍କୁ ବୁଝାଇବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି।

### ଦଳ ବିରୋଧୀ କାମ ପାଇଁ ୩ ବିଜେଡି କର୍ମୀ ନିଲମ୍ବିତ

ରାଜନଗର, ୩୧।୧(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ୩ ବିଜେଡି କର୍ମୀଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ରାଜନଗର ବ୍ଲକ କେରେଡ଼ାଗଡ ପଞ୍ଚାୟତ ବିଜେଡିସାଧାରଣ ସମ୍ପାଦକ ଉମେଶ ସାହୁ ଦଳ ବିରୋଧରେ ଯାଇ ନିର୍ବାଚନ ପ୍ରଚାର କରୁଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବହିଷ୍କୃତ କରିବାକୁ ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ସହ ଦଳର ଆଗଧାଡ଼ିର କର୍ମୀମାନେ ଲିଖିତ ଭାବେ ବ୍ଲକ ବିଜେଡି ସଭାପତିଙ୍କୁ ଜଣାଇଥିଲେ। ସୋମବାର ଉମେଶଙ୍କୁ ଦଳରୁ ନିଲମ୍ବନ କରାଯାଇଛି ବୋଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ସୂଚନା ଦେଇଛନ୍ତି। ଏଥିସହ ଦଳ ବିରୋଧୀ କାର୍ଯ୍ୟ ପାଇଁ କେରୁଆଁପାଳ ପଞ୍ଚାୟତ ଗର୍ତ୍ତ ଗାଁର ବିମଳ ସିଂ ଓ ଗିରିଆପାହି ଗାଁର ଅନୁକୂଳ ଜେନାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବ୍ଲକ ବିଜେଡି ସଭାପତି ପ୍ରତିହାରୀ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଥାନା ଘେରାଉ କଲେ କୃଷକ ଏକତାମଞ୍ଚ

ପାରାଦୀପ,୩୧।୧(ସ୍ୱ.ପ୍ର.)

ଭୂମିହରା କୃଷକ ଏକତା ମଞ୍ଚର ଉପଦେଷ୍ଟା ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କୁ ରବିବାର ପୋଲିସ ଗିରଫ କରିଛି। ଏହାର ପ୍ରତିବାଦରେ ଏକତା ମଞ୍ଚ ପକ୍ଷରୁ ସୋମବାର ଅଭୟଚାନ୍ଦପୁର ଥାନା ଘେରାଉ କରାଯାଇଥିଲା। ଏକତା ମଞ୍ଚର ଶତାଧିକ ମହିଳା ପୁରୁଷ ମଧ୍ୟାହ୍ନରେ ଏକ ଶୋଭାଯାତ୍ରାରେ ଯାଇ ଥାନା ଆଗରେ ବିକ୍ଷୋଭ କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ବିକ୍ଷୋଭ କରିବା ପରେ ସେମାନେ ଫେରିଥିଲେ। ମଞ୍ଚ ସଭାପତି ଚୈତନ୍ୟ ଖଟୁଆଙ୍କ ସୂଚନା ଅନୁଯାୟୀ, ତୈଳ ବିଶୋଧନାଗାର ପରିସରରେ ଥିବା ଠିକା କମ୍ପାନୀ ମ୍ୟାକ୍‌ଲାଇନ୍ ଇଞ୍ଜିନିୟରିଂ ଲିମିଟେଡ୍‌ର ମ୍ୟାନେଜର ସୌମ୍ୟରଞ୍ଜନ ଦାଶଙ୍କୁ ଜାନୁୟାରୀ ୨୪ରେ ପ୍ରକାଶ ବଳପୂର୍ବକ ଉଠାଇ ନେଇଥିବା ଅଭିଯୋଗ


ଅଭୟଚାନ୍ଦପୁର ଥାନା ଆଗରେ ଭୂମିହରା କୃଷକ ଏକତା ମଞ୍ଚର ସଦସ୍ୟମାନେ ବସିଛନ୍ତି।

**ଉପଦେଷ୍ଟାଙ୍କୁ ଗିରଫ ବିରୋଧରେ ପ୍ରତିବାଦ**

ସମ୍ପୂର୍ଣ୍ଣ ଭିତ୍ତିହୀନ। କାରଣ ଉକ୍ତ ଦିନ ପ୍ରକାଶ ପାରାଦୀପରେ ନ ଥିଲେ। ଅପରପକ୍ଷେ ଗତବର୍ଷ ସେପ୍ଟେମ୍ବର ୨୪ରେ ୧୦ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା କାର୍ଯ୍ୟକାରୀ ନ ହେବାରୁ ଦିନ ଦାଶଙ୍କୁ ପଚାରିଥିଲୁ। କିନ୍ତୁ ସେ କିଛି ନ କହି ପ୍ରକାଶଙ୍କ ନାଁରେ ଥାନାରେ ମିଥ୍ୟା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ଜୀବନାନନ୍ଦ ଜେନା କୁହନ୍ତି, ଅଭିଯୋଗକୁ ଭିତ୍ତିକରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ବିଧାୟକଙ୍କ ନାଁରେ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ଖଇରଙ୍ଗ ପଞ୍ଚାୟତରେ ୭୦୦ ଲୋକଙ୍କୁ ନେଇ ସଭା**

ଜଗତ୍‌ସିଂହପୁର ଅଫିସ, ୩୧।୧

ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖଇରଙ୍ଗ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଶକ୍ତିଧର ମିଶ୍ର ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୩୦ ତାରିଖ ଅପରାହ୍ନରେ ମୁଦୁଲି ନିର୍ବାଚନବିଧି ଉଲ୍ଲଂଘନ କରି ୭୦୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀଙ୍କୁ ନେଇ ୧୧ ନଂ. ୱାର୍ଡ ପୁରଣ ସପ୍ତେଶ୍ୱର ମନ୍ଦିର ଆଗ ପଡ଼ିଆରେ ଏକ ସଭା କରିଥିଲେ। ଏହି ସଭାରେ କେତେଜଣ ସରକାରୀ ଚାକିରିଆ ଉପସ୍ଥିତ ଥିବା ମଧ୍ୟ ପ୍ରମାଣ ରହିଛି। ନିର୍ବାଚନରେ ତାଙ୍କୁ ହରାଇବା ପାଇଁ କଳବଳ କୌଶଳ ପ୍ରୟୋଗ କରାଯାଉଛି। ଏ ସମ୍ପର୍କରେ ପୋଲିସ, ବିଡିଓ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମିଶ୍ର ଅବଗତ କରାଇଛନ୍ତି ବୋଲି କହିଛନ୍ତି। ଏନେଇ ପଞ୍ଚାୟତରେ ବ୍ୟାପକ ପୋଲିସ ମୁତୟନ ସାଙ୍ଗକୁ ପ୍ରତି ଭୋଟ ଗ୍ରହଣ କେନ୍ଦ୍ରରେ ସିସିଟିଭି ଲଗାଯାଉ। ସମ୍ପ୍ରତି ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ମିଶ୍ର ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ରାଜ୍ୟ ନିର୍ବାଚନ କମିଶନ ଓ ଭାରତ ନିର୍ବାଚନ କମିଶନଙ୍କ ଅବଗତି ନିମନ୍ତେ ପଠାଯାଇଛି । ଏ ସମ୍ପର୍କରେ ମୁଦୁଲିଙ୍କ ସହ ଯୋଗାଯୋଗ କରିବାରୁ, ସେ ବ୍ୟସ୍ତ ଥିବା କହି ପରେ କଥାହେବେ ବୋଲି କହିଥିଲେ।

### ଆଳି ବାର୍ ଆସୋସିଏଶନରେ ନୂଆ ବିଚାରପତିଙ୍କୁ ସମ୍ବର୍ଦ୍ଧନା

ଆଳି,୩୧।୧(ଡି.ଏନ.ଏ.)

ଆଳି ବାର ଆସୋସିଏସନର ସଭାକକ୍ଷରେ ସୋମବାର ସଭାପତି ଚିରଞ୍ଜୀବୀ ଦାସଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ସଭାପତି ବିଚାରପତି ଦୀପ୍ତି ରଞ୍ଜନ ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ନଳିନୀ ରଞ୍ଜନ ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁଧିଷ୍ଠିର ପଣ୍ଡା, ଶରତ ଚନ୍ଦ୍ର ମହାନ୍ତି, ବାସୁଦେବ ସିଂହ, ଅଭିରାମ ବିଶ୍ୱାଳ, ବସନ୍ତ ନାୟକ, ନିତ୍ୟାନନ୍ଦ ଦାଶ, ଅକ୍ଷୟ ମଲିକ, ରଞ୍ଜନ ପାତ୍ର ପ୍ରମୁଖ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ବିଚାରପତି ଦାଶ ଅଦାଲତର ସମସ୍ତ କାର୍ଯ୍ୟରେ ବେଞ୍ଚ, ବାରର ସଦସ୍ୟମାନଙ୍କ ସହଯୋଗ ଲୋଡିବେ ଓ ଉତ୍ତମ ନ୍ୟାୟ ପ୍ରଦାନ କରିବେ ବୋଲି ମତ ରଖିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ମୃତ୍ୟୁଞ୍ଜୟ ସାମଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂର୍ଯ୍ୟମଣି ସାମଲ, ବସନ୍ତ ଘଡାଇ, ପ୍ରଦୀପ୍ତ ରାୟ ଓ ସହଦେବ ସିଂହ ପରିଚାଳନା କରିଥିଲେ।

# ପୂର୍ବ ନିଷ୍ପତ୍ତିରେ ଜିଲା ପ୍ରଶାସନ ଅଟଳ

**ଇନ୍‌ଡୋର ଷ୍ଟାଡିୟମ ରାସ୍ତାକୁ ନେଇ ବିବାଦ ପ୍ରସଙ୍ଗ**

ଜଗତ୍‌ସିଂହପୁର ଅଫିସ, ୩୧।୧

ଜଗତ୍‌ସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପଛପଟ ସରକାରୀ ଜମିରେ ଇନ୍‌ଡୋର ଷ୍ଟାଡିୟମ ହେବା ନେଇ ସରକାରୀ ଅନୁମୋଦନ ଲାଭ କରିଛି। ଏହି ଷ୍ଟାଡିୟମକୁ ଯାତାୟାତ ପାଇଁ ରାସ୍ତା ସମ୍ପ୍ରସାରଣରେ ବିବାଦ ଉପୁଜିଛି। ନିକଟରେ ଜିଲା ପ୍ରଶାସନ ତରଫରୁ ମହାବିଦ୍ୟାଳୟ ମୁଖ୍ୟ ଫାଟକ ବାମପଟେ ଯାଇଥିବା ସଙ୍କୁଚିତ ରାସ୍ତାକୁ ୮ ମିଟର ସମ୍ପ୍ରସାରିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ବିରୋଧ କରି ଗତ ୨୮ରେ କେତେଜଣ ଛାତ୍ର ମହାବିଦ୍ୟାଳୟ ପରିସରରେ ବିକ୍ଷୋଭ କରିଥିଲେ। ଏହାପରେ ମାପଚୁପ ଅଟକି ଯାଇଥିଲା। ପ୍ରଶାସନର ଆହ୍ୱାନ କ୍ରମେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ରାସ୍ତା ସମ୍ପ୍ରସାରଣକୁ ବିରୋଧ କରୁଥିବା ଲୋକଙ୍କ ସହ ବୈଠକ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ପୂର୍ବ ନିଷ୍ପତ୍ତିରେ ଅଟଳ ରହିଥିଲା। ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି କହିଥିଲେ, ଇନ୍‌ଡୋର ଷ୍ଟାଡିୟମକୁ ସଂଯୋଗ କରୁଥିବା ରାସ୍ତାଟି ସଙ୍କୁଚିତ ଅବସ୍ଥାରେ ରହିଛି। ଏହାକୁ ଓସାରିଆ କରାଯାଇ ଉନ୍ନତ କରାଯିବ। ଏହା ହେଲେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ବିଶେଷ ଉପକୃତ ହେବେ। ଇନ୍‌ଡୋର ଷ୍ଟାଡିୟମ ପାଇଁ ଚୟନ କରାଯାଇଥିବା ଜମିଠାରୁ ଆଉ ଭଲ ଜମି ନାହିଁ। ପ୍ରଶାସନ ମହାବିଦ୍ୟାଳୟର ନୂଆ ପାଚେରି କରିବ। ଏଥିସହ ମହାବିଦ୍ୟାଳୟ ଅଧୀନରେ ଥିବା ସରକାରୀ ଜମିକୁ ମହାବିଦ୍ୟାଳୟ ନାମକୁ ହସ୍ତାନ୍ତର ବ୍ୟବସ୍ଥା କରିବ। ବୈଠକରେ ଜଗତ୍‌ସିଂହପୁର ତହସିଲଦାର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଆଡଭୋକେଟ୍ ବାସୁଦେବ, ଦେବୀ ଚୌଧୁରୀ, ସୁଧାଂଶୁ ଶେଖର ଖଣ୍ଡୁଆଳ, ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଷ୍ଟାଡିୟମ ନିର୍ମାଣ କଥା ଚୂଡ଼ାନ୍ତ ବେଳେ କଟକ-ଜଗତ୍‌ସିଂହପୁର ମୁଖ୍ୟରାସ୍ତାର ୧୦ ନମ୍ବର ନିକଟରୁ ଏକ ସିଧା ରାସ୍ତା କରାଯିବ ବୋଲି ଘୋଷଣା କରାଯାଇଥିଲା। ମାଛଗାଁ କେନାଲ ଓ ମୃତ ଅଳକା ନଦୀରେ ୨ଟି ପୋଲ ସହ ପ୍ରଶସ୍ତ ରାସ୍ତା ହେଲେ ଇନ୍‌ଡୋର ଷ୍ଟାଡିୟମକୁ ଗମନାଗମନ ସୁବିଧା ହେବ। ଏଥିସହ ମହାବିଦ୍ୟାଳୟକୁ ନୂଆରାସ୍ତା ମିଳିଯିବ ବୋଲି କୁହାଯାଇଥିଲା। ହେଲେ ଏବେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ହୋଇଥିବାରୁ ବିବାଦ ମୁଣ୍ଡ ଟେକିଛି।

# ମତ୍ସ୍ୟଜୀବୀ ବର୍ଗାକାର ଜାଲ ବ୍ୟବହାର କରନ୍ତୁ

ପାରାଦୀପ,୩୧।୧(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦର ପରିସରରେ ଡିସେମ୍ବର ୮ରୁ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। ପାରାଦୀପ ବନ୍ଦର ପ୍ରଶାସନର ପ୍ରୋତ୍ସାହନ ଏବଂ ନେଟ୍ ଫିସ୍ ଓ ଏମ୍‌ପିଇଡିଏ(ମେରାଇନ ପ୍ରଡକ୍ଟ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି) ପକ୍ଷରୁ ଏହି କାର୍ଯ୍ୟକ୍ରମ ମତ୍ସ୍ୟଜୀବୀଙ୍କ ପାଇଁ କରାଯାଇଥିଲା। ମାଛ ଯାଆଁଳ ମୂଲ୍ୟବାନ ସମ୍ପଦ ବୋଲି କାର୍ଯ୍ୟକ୍ରମରେ ସଚେତନ କରାଯାଇଥିଲା। ଏ ନେଇ ମତ୍ସ୍ୟଜୀବୀମାନଙ୍କୁ ପ୍ରଚଳିତ ଠିକିରି ଜାଲ ବଦଳରେ ବର୍ଗାକାର ଜାଲ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। କାରଣ ଠିକିରି ଜାଲରେ ଯାଆଁଳଗୁଡ଼ିକ ମରି ଯାଉଛନ୍ତି ବୋଲି କୁହାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏମ୍‌ପିଇଡିଏର ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, କ୍ଷେତ୍ର ସଂଯୋଜକ ଗୟାଧର ଜେନା, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘର ସଭାପତି ସୁମନ୍ତ ବିଶ୍ୱାଳ, ସଂପାଦକ ସୁବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଦେଶକୁ ରପ୍ତାନିଯୋଗ୍ୟ ମାଛକୁ ଉପଯୁକ୍ତ ସଂରକ୍ଷଣ ପାଇଁ ନେଟ୍‌ଫିସ୍ ଓ ଏମ୍‌ପିଇଡିଏ ସରକାରୀ ଭାବେ କାର୍ଯ୍ୟ କରୁଛି।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ଯୁକ୍ତ ୨ ପରୀକ୍ଷା ବନ୍ଦ ଦାବି

ପଟ୍ଟାମୁଣ୍ଡାଇ, ୩୧।୧(ସ୍ୱ.ପ୍ର.)

ନିଖିଳ ଓଡ଼ିଶା ଛାତ୍ର ସଂଘର ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ଯୁକ୍ତ ୨ ଫାଇନାଲ ପରୀକ୍ଷା ବନ୍ଦ ଦାବିରେ ସୋମବାର ପୂର୍ବାହ୍ନରେ କଟକ – ଚାନ୍ଦବାଲି ରାସ୍ତାରୋକୋ କରି ପ୍ରତିବାଦ କରିଛନ୍ତି। ଏଥିରେ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ରାଜନଗର ମହାବିଦ୍ୟାଳୟ, ଚଉଦ କୁଲାଟ ମହାବିଦ୍ୟାଳୟ ଓ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପଟ୍ଟାମୁଣ୍ଡାଇ ବାଇପାସ ରାସ୍ତା ଉପରେ ବସିରହି ପ୍ରତିବାଦ କରିଥିଲେ। ଫଳରେ ସେହି ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ପଟ୍ଟାମୁଣ୍ଡାଇ ତହସିଲଦାର ଦୀଲିପ କୁମାର ସେଠୀ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ପୋଲିସ ଫୋର୍ସ ସହ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ। ପରେ ପିଲାମାନେ ରାସ୍ତାରୋକୋରୁ ଉଠି ଯାଇଥିଲେ। ସେଠାରେ ତହସିଲଦାର ସେଠୀଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉଦ୍ଦେଶ୍ୟରେ ଯୁକ୍ତ ୨ ଫାଇନାଲ ପରୀକ୍ଷା ବନ୍ଦ କରାଯିବା ଲାଗି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।



ପିଲାମାନେ କଟକ- ଚନ୍ଦବାଲି ରାସ୍ତାର ପଟ୍ଟାମୁଣ୍ଡାଇଠାରେ ରାସ୍ତାରୋକୋ କରାଯାଇଛି।

# ପଞ୍ଚାୟତ ସମିତି ଦଖଲ ପାଇଁ କସରତ

**ଜଗତ୍‌ସିଂହପୁର**

■ ଗୋଷ୍ଠୀ କନ୍ଦଳର ଫାଇଦା ନେବାକୁ ବିରୋଧୀଙ୍କ ରଣନୀତି

ଜଗତ୍‌ସିଂହପୁର ଅଫିସ, ୩୧।୧

ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଦଖଲ ପାଇଁ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲେ ସୁଦ୍ଧା ଲଢ଼େଇ ବିଶେଷକରି ବିଜେଡି ଓ କଂଗ୍ରେସ ମଧ୍ୟରେ ହେବା ଚର୍ଚ୍ଚା ହେଉଛି। ଗତ ୨ଟି ନିର୍ବାଚନରେ ବ୍ଲକ ଅଧକ୍ଷ ପଦବୀ ବିଜେଡି କବ୍‌ଜାରେ ଥିଲା। ତେଣୁ ଏଥର ମଧ୍ୟ ଅନୁରୂପ ଫଳ ମିଳିବ ବୋଲି ଦଳୀୟ ନେତୃତ୍ୱ ଆଶାବାଦୀ। କିନ୍ତୁ ଏଥର ନିଆରା ପରିବେଶ ସୃଷ୍ଟି ହୋଇଛି। କାରଣ ବ୍ଲକ ଅଧୀନ ୩୦ ପଞ୍ଚାୟତ ମଧ୍ୟରୁ ଅଧିକାଂଶରେ ବିଜେଡିର ଗୋଷ୍ଠୀକନ୍ଦଳ ଦଳୀୟ ନେତୃତ୍ୱଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ କଂଗ୍ରେସ ଏହାର ଫାଇଦା ଉଠାଇବାକୁ ରଣନୀତି ପ୍ରସ୍ତୁତ କରୁଛି। ଭାଜପା ମଧ୍ୟ ପଛରେ ପଡ଼ିନାହିଁ। ଦଳ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ପୂରା ଦମ୍ ଲଗାଇ ଦେଇଛି।

୨୦୧୭ ନିର୍ବାଚନ ଫଳାଫଳ ଅନୁସାରେ ଜଗତ୍‌ସିଂହପୁର ବ୍ଲକର ୨୩ ପଞ୍ଚାୟତରେ ବିଜେଡି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ଜିତିଥିଲେ। ଏହି ପଞ୍ଚାୟତଗୁଡ଼ିକ ହେଲା ସଭାମୂଳ, ଅଳସୁଧା, ପୁନଙ୍ଗ, ତରଡ଼ାପଡ଼ା, ଅୟର, ମଣ୍ଡାସାହି, ଓଡ଼ିଶୋ, ମଧୁସୂଦନପୁର ଶାସନ, ଅଳା, ବଳରାମପୁର, ଆଳିପିଙ୍ଗଳ, ରମ୍ଭାଦେଈପୁର, ଝଁକୋଟି, ତର୍ତ୍ତଙ୍ଗ, ତୁମ୍ବା ଅଣ୍ଢେଇସାହି, ପଟସରା, ପଲ୍ଲୀ, ପାଟେଣୀଗାଁ, ପିତେଇପୁର, ମୁଦୁପୁର, ସମଙ୍ଗ, ସାଁପୁର ଓ ସିଙ୍ଘାରପୁର। କଂଗ୍ରେସ ସପକ୍ଷରେ ଯାଇଥିବା ୭ ପଞ୍ଚାୟତ ହେଲା କଣ୍ଟିଲୋ, କାଦୁଆପଡ଼ା, ପଳାଶୋଳ, ଶାଳିଜଙ୍ଗା, ଖଇରଙ୍ଗ, ଜାହାନପୁର ଓ ଯଶୋବନ୍ତପୁର। ଭାଜପା ସମର୍ଥିତ କିନ୍ତୁ ଖାତା ଖୋଲିପାରି ନ ଥିଲେ। ୨୦୨୨ ନିର୍ବାଚନରେ ଅଳସୁଧା, ତରଡ଼ାପଡ଼ା, ଅୟର, ଶାଳିଜଙ୍ଗା, ଖଇରଙ୍ଗ, ମଧୁସୂଦନପୁର ଶାସନ, ଆଳିପିଙ୍ଗଳ, ତୁମ୍ବା ଅଣ୍ଢେଇସାହି, ସମଙ୍ଗ ଓ ସାଁପୁର ଆଦି ପଞ୍ଚାୟତରେ ବିଜେଡି ସମର୍ଥିତଙ୍କ ପାଇଁ ଅସନ୍ତୁଷ୍ଟ ପ୍ରାର୍ଥୀ ଅଡୁଆ ହୋଇଛନ୍ତି। ଏ ପରିସ୍ଥିତିରେ ଯିଏ ଜିତିବେ ସିଏ ବିଜେଡିର ବୋଲି କହି ତାଳି ପକାଇବାକୁ ଦଳର ନେତୃତ୍ୱ ଚେଷ୍ଟା ଜାରି ରଖିଛନ୍ତି। ଏ ସମ୍ପର୍କରେ ବିଜେଡିର ଜଣେ ନେତା ନାମ ଗୋପନ ରଖି କହିଛନ୍ତି ଓଡ଼ିଶୋ ପଞ୍ଚାୟତ ଉପରେ ପ୍ରତ୍ୟେକଙ୍କ ନଜର। ଏହି ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ୨ ଜଣ ଲେଖାଏ ପ୍ରାର୍ଥୀ ହୋଇଛନ୍ତି। ପଞ୍ଚାୟତର ବିଜେଡି ସରପଞ୍ଚ ପ୍ରାର୍ଥୀଙ୍କ ମା' ଖଇରଙ୍ଗ ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ। ଅନ୍ୟ ପଞ୍ଚାୟତ ଯଥା ଆଳିପିଙ୍ଗଳ, ତୁମ୍ବା ଅଣ୍ଢେଇସାହି, ସମଙ୍ଗ ଓ ସାଁପୁରରେ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ରଣନୀତି ଦଳୀୟ ନେତୃତ୍ୱଙ୍କୁ ଚିନ୍ତାରେ ପକାଇଛି। ତରଡ଼ାପଡ଼ା, ଶାଳିଜଙ୍ଗା, ଅଳସୁଧା, ଅୟର, ମଧୁସୂଦନପୁର ଶାସନ ଆଦି ପଞ୍ଚାୟତରେ ବିଜେଡି ତୀବ୍ର ମୁକାବିଲାର ସମ୍ମୁଖୀନ ହେଉଛି। ଏ ସମ୍ପର୍କରେ କଂଗ୍ରେସ ଜିଲା ସଭାପତି ନଟବର ବାରିକ କହିଛନ୍ତି, ଏଥର ଦଳ ସମର୍ଥିତ ଅର୍ଦ୍ଧାଧିକ ପ୍ରାର୍ଥୀ ଜିତିବେ। ବିଶେଷକରି ବିଜେଡିର ଗୋଷ୍ଠୀକନ୍ଦଳ କଂଗ୍ରେସକୁ ସୁହାଇଛି। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଦଳ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନେ ଆଶାତୀତ ଫଳ ପ୍ରଦର୍ଶନ କରିବେ। ତେବେ ବିଜେଡି ବ୍ଲକ ସଭାପତି ମନୋଜ ଭୋଇ କହିଛନ୍ତି, ଏଥର ମଧ୍ୟ ବିଜେଡି କବ୍‌ଜାରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ରହିବ।

## ସଂକ୍ଷେପରେ

### ବସ୍ ମାଡ଼ିଯାଇ ୬ ମୃତ

**କାନପୁର,୩୧।୧:** କାନପୁରର ଟାଟ୍ ମିଲ୍ ଛକ ନିକଟରେ ରବିବାର ରାତିରେ ଏକ ଇଲେକ୍ଟ୍ରିକ୍ ବସ୍ ନିୟନ୍ତ୍ରଣ ହରାଇ ଲୋକଙ୍କ ଉପରେ ମାଡ଼ିଯିବାରୁ ୬ ଜଣଙ୍କର ମୃତ୍ୟୁ ଘଟିବା ସହ ଅନ୍ୟ ୬ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ୩ କାର୍ ସମେତ ୫ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ବସ୍ ଡ୍ରାଇଭର ସତ୍ୟେନ୍ଦ୍ର ସିଂ ଯାଦବଙ୍କୁ କାନ୍‌ପୁର ପୋଲିସ ସୋମବାର ସକାଳେ ଗିରଫ କରିଛି। ପୋଲିସ କହିବା ଅନୁଯାୟୀ ଦୁର୍ଘଟଣା ସମୟରେ ଡ୍ରାଇଭର ମଦ ନିଶାରେ ଥିଲେ। ମୃତ ୬ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିନାହିଁ। ଆହତମାନଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଖବର ଅନୁଯାୟୀ ରବିବାର ରାତି ପ୍ରାୟ ୧୧ଟା ୩୦ରେ ଘଣ୍ଟାଘରରୁ ଟାଟ୍ ମିଲ୍ ଯାଉଥିବା ବସ୍‌ର ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଏହା ପ୍ରଥମେ ଏକ ଇ-ରିକ୍ସାକୁ ଧକ୍କା ଦେଇଥିଲା। ଏହା ପରେ ବସ୍‌ଟି କେତେକ କାର୍ ଓ ବାଇକ୍‌କୁ ଧକ୍କା ଦେବା ସହ ସେଠାରେ ଚାଲି ଚାଲି ଯାଉଥିବା ଲୋକଙ୍କ ଉପରେ ମାଡ଼ିଯାଇଥିଲା। ଏକ ଟ୍ରାଫିକ୍ ବୁଥ୍‌କୁ ଧକ୍କା ଦେବା ପରେ ବସ୍‌ଟି ଅଟକିଥିଲା। ଦୁର୍ଘଟଣା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

### କରୋନାରୁ ସୁସ୍ଥ ହେଲେ ଲତା ମଙ୍ଗେସ୍କର



**ମୁମ୍ବାଇ, ୩୧।୧:** କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଭାରତର କୋକିଳା ଲତା ମଙ୍ଗେସ୍କର ଏଥିରୁ ସୁସ୍ଥ ହୋଇଛନ୍ତି। ଏ ନେଇ ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ ସୂଚନା ଦେଇଛନ୍ତି। କରୋନାରେ ସଂକ୍ରମିତ ହେବା ପରେ ଲତା ମଙ୍ଗେସକର ନିମୋନିଆର ଶିକାର ହୋଇଥିଲେ। ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭେଣ୍ଟିଲେଟରରେ ରଖାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବାରୁ ତାଙ୍କୁ ଭେଣ୍ଟିଲେଟରରୁ କଢ଼ାଯାଇଛି। ତାଙ୍କୁ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଛି। ଚିକିତ୍ସାକୁ ତାଙ୍କ ଶରୀର ଗ୍ରହଣ କରୁଥିବା ମନ୍ତ୍ରୀ କହିଛନ୍ତି।

### ୨ ଜାହାଜ ମଧ୍ୟରେ ଧକ୍କା

**ହେଗ୍,୩୧।୧:** ଘୂର୍ଣ୍ଣିଝଡ଼ ଯୋଗୁ ଡଚ୍ ନର୍ଥ ସି ଉପକୂଳରେ ସୋମବାର ଦୁଇଟି ଜାହାଜ ମଧ୍ୟରେ ଧକ୍କା ହୋଇଛି। ଇଜମୁଇଡେନ୍ ବନ୍ଦରଠାରୁ ୩୨ କିମି ଦୂରରେ ଜୁଲିଏଟ୍ଟା ଡି ନାମକ ମାଲ୍‌ବାହୀ ଜାହାଜ ଅନ୍ୟ ଏକ ଜାହାଜକୁ ଧକ୍କା ଦେଇଥିଲା। ଜୁଲିଏଟ୍ଟାରେ ୧୮ ଜଣ କର୍ମଚାରୀ ଥିଲେ। ଅନ୍ୟ ଜାହାଜଟି କ୍ଷତିଗ୍ରସ୍ତ ହୋଇଛି। ଡଚ୍ ତଟରକ୍ଷୀ ବାହିନୀ ହେଲିକପ୍ଟର ସହାୟତାରେ ଜାହାଜ କର୍ମଚାରୀମାନଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସାମୁଦ୍ରିକ ବାତ୍ୟା 'ମାଲିକ' ଉତ୍ତର ୟୁରୋପରେ ବ୍ୟାପକ କ୍ଷତି ଘଟାଇଛି। ବାତ୍ୟା ପ୍ରଭାବରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବହୁ ଘର ଭାଙ୍ଗିଛି। ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସହ ବିଦ୍ୟୁତ ବିଚ୍ଛିନ୍ନ ହେବାରୁ ହଜାର ହଜାର ଲୋକ ଅନ୍ଧାରରେ ରହିଛନ୍ତି।

### ଅଖିଳେଶଙ୍କ ବିରୋଧରେ ମୁଲାୟମଙ୍କ ପୂର୍ବତନ ସହଯୋଗୀ ଭାଜପା ପ୍ରାର୍ଥୀ

**ନୂଆଦିଲ୍ଲୀ,୩୧।୧:** ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବଙ୍କ କର୍‌ହଲ ଆସନରେ ଭାଜପା କେନ୍ଦ୍ରମନ୍ତ୍ରୀ ତଥା ଦଳର ଆଗ୍ରା ଏମ୍‌ପି ଏସ୍.ପି. ସିଂ ବଘେଲଙ୍କୁ ପ୍ରାର୍ଥୀ କରିଛି। ବଘେଲ ପଛୁଆ ବର୍ଗର ହୋଇଥିବାବେଳେ ସେ ସମାଜବାଦୀ ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପୂର୍ବତନ ସହଯୋଗୀ। ସେ ମୁଲାୟମଙ୍କ ଯୁବ ବାହିନୀରେ ଯୋଗଦେଇ ସମାଜବାଦୀ ପାର୍ଟିରୁ ୩ ଥର ଏମ୍‌ପି ହୋଇଥିଲେ। ଏବେ ସେ କେନ୍ଦ୍ରରେ ଆଇନ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ଏହା ବ୍ୟତୀତ ସେ ୨୦୧୫-୧୬ରେ ଭାଜପା ଜାତୀୟ ଓବିସି ମୋର୍ଚ୍ଚାର ମୁଖ୍ୟ ରହିଥିଲେ। ପୂର୍ବରୁ ସେ ଅଖିଳେଶଙ୍କ ସ୍ତ୍ରୀ ଡିମ୍ପଲ ଏବଂ ଅକ୍ଷୟ ଯାଦବଙ୍କ ବିରୋଧରେ ନିର୍ବାଚନ ଲଢ଼ି ହାରିଯାଇଥିଲେ। ଅଖିଳେଶ ସୋମବାର କର୍‌ହଲ ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି।


ଏସ୍.ପି. ସିଂ ବଘେଲ

# ଚାଷୀଙ୍କ ସ୍ଥିତି ସୁଦୃଢ଼ କରିଛନ୍ତି ସରକାର

## ବଜେଟ ଅଧିବେଶନ ପୂର୍ବରୁ ରାଷ୍ଟ୍ରପତିଙ୍କ ସମ୍ବୋଧନ



- ଯୋଜନାର ଲାଭ ପାଇଛନ୍ତି ୧୧ କୋଟି କୃଷକ
- ମହାମାରୀ ମୁକାବିଲାରେ ସ୍ୱାସ୍ଥ୍ୟକର୍ମୀଙ୍କ ଉଦ୍ୟମକୁ ପ୍ରଶଂସା
- ପ୍ରତିରକ୍ଷା କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆକୁ ଗୁରୁତ୍ୱ ଦିଆଯାଇଛି
- ଭାରତ ଦ୍ୱିତୀୟ ସର୍ବାଧିକ ମୋବାଇଲ ନିର୍ମାଣକାରୀ ଦେଶ
- ନାରୀ ସଶକ୍ତୀକରଣକୁ ପ୍ରାଥମିକତା ମିଳିଛି

**ନୂଆଦିଲ୍ଲୀ, ୩୧।୧**

ପାର୍ଲାମେଣ୍ଟରେ ବଜେଟ ଅଧିବେଶନ ପୂର୍ବରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଭୟ ଗୃହକୁ ସୋମବାର ସମ୍ବୋଧିତ କରିଛନ୍ତି। ଏହି ସମ୍ବୋଧନରେ ରାଷ୍ଟ୍ରପତି ସରକାରୀ ଯୋଜନାଗୁଡ଼ିକର ପ୍ରଶଂସା କରିଥିଲେ। ୭୫ତମ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଭାରତର ଯାତ୍ରା ଏବଂ ପ୍ରମୁଖ ଉପଲବ୍ଧି, କୃଷକ ପ୍ରସଙ୍ଗ, କୋଭିଡ୍ ଟିକାକରଣ ପ୍ରୋଗ୍ରାମ, ଗରିବଙ୍କ ପାଇଁ ମାଗଣା ରାଶନ ଓ ଘର, ପିଏଲ୍‌ଆଇ ଯୋଜନା, ମହିଳା ସଶକ୍ତୀକରଣ, ସୈନିକ ସ୍କୁଲରେ ଛାତ୍ରୀଙ୍କ ନାମଲେଖା, ତିନି ତଲାକ ଉଚ୍ଛେଦ, ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭରଶୀଳ ଭାରତ ସମେତ ଆଫଗାନିସ୍ତାନ ସଙ୍କଟ ଭଳି ବହୁ ପ୍ରସଙ୍ଗକୁ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ସାମିଲ କରିଥିଲେ। ଏଥିସହ ଭାରତର ବିକାଶରେ ଯୋଗଦାନ ଦେଇଥିବା ବ୍ୟକ୍ତିତ୍ୱଙ୍କୁ ସେ ମନେ ପକାଇଥିଲେ।

ଦେଶରେ କୃଷକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରି ରାଷ୍ଟ୍ରପତି କହିଥିଲେ, ଚାଷୀମାନେ ଜାତୀୟ ନୀତିର କେନ୍ଦ୍ରବିନ୍ଦୁ। ସରକାର ସର୍ବଦା ସେମାନଙ୍କ ସହ ଛିଡ଼ା ହୋଇଛନ୍ତି। କ୍ଷୁଦ୍ର ଚାଷୀମାନେ ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସରକାରୀ ଯୋଜନାରେ ୮୦ ପ୍ରତିଶତ କ୍ଷୁଦ୍ର ଚାଷୀ ସାମିଲ ହୋଇପାରିଛନ୍ତି। ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ୧୧ କୋଟିରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଉପକୃତ ହୋଇଛନ୍ତି। ସରକାର ୪୩୩ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଗହମ କ୍ରୟ କରିଛନ୍ତି, ଯଦ୍ୱାରା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଲାଭାନ୍ୱିତ ହୋଇଛନ୍ତି। ଖରିଫ ଫସଲ କ୍ରୟ ଦ୍ୱାରା ୧.୩ କୋଟି ଚାଷୀ ଉପକୃତ ହୋଇଛନ୍ତି। ୨୦୨୦-୨୧ରେ ରପ୍ତାନି ପ୍ରାୟ ୩ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ଶ୍ରମିକଙ୍କ ପାଇଁ ସ୍ୱନିଧି ରୋଜଗାର ଯୋଜନା ଚାଲିବା ସହ ଇ-ଶ୍ରମ ପୋର୍ଟାଲ ଆରମ୍ଭ ହୋଇଛି। ଉକ୍ତ ଯୋଜନାରେ ୨୮ ଲକ୍ଷ ରାସ୍ତାକଡ଼ ଦୋକାନୀ ୨୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗ୍ରହଣ କରିଛନ୍ତି। ଦେଶରେ କୋଭିଡ୍ ମହାମାରୀର ମୁକାବିଲା ପାଇଁ ସରକାରଙ୍କ ଉଦ୍ୟମକୁ ମଧ୍ୟ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। ସଫଳ ଟିକାକରଣ ଅଭିଯାନ ଏହାର ପ୍ରମାଣ। ବର୍ଷେରୁ କମ୍ ସମୟ ମଧ୍ୟରେ ଭାରତରେ ସାମୂହିକ ଟିକାକରଣ ୧୫୦ କୋଟିରୁ ଊର୍ଦ୍ଧ୍ୱ ଟପି ରେକର୍ଡ କରିଛି ବୋଲି ସେ କହିଥିଲେ। ଏଥିସହ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ସମସ୍ତ ଆଗଧାଡ଼ିର ଯୋଦ୍ଧାଙ୍କୁ ରାଷ୍ଟ୍ରପତି ଧନ୍ୟବାଦ ଦେଇଥିଲେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଦ୍ୱାରା ଗରିବ ଲୋକମାନେ ତ୍ୱରିତ ସ୍ୱାସ୍ଥ୍ୟସେବା ପାଇଥିବା ରାଷ୍ଟ୍ରପତି କହିଥିଲେ। ଫାର୍ମା ସେକ୍ଟରଙ୍କୁ ସରକାର ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ପ୍ରଥମ ପାରମ୍ପରିକ ମେଡିସିନାଲ ସେଣ୍ଟର ଭାରତରେ ଖୋଲିବ ବୋଲି ରାଷ୍ଟ୍ରପତି କୋବିନ୍ଦ ପାର୍ଲାମେଣ୍ଟରେ ସୂଚନା ଦେଇଥିଲେ। କରୋନାବେଳେ ସାରା ବିଶ୍ୱରେ ଖାଦ୍ୟ ସଙ୍କଟ ସ୍ଥିତି ଉପୁଜିଥିଲା। କିନ୍ତୁ ଭାରତ ସରକାର ଏହି ସମସ୍ୟାର ସମାଧାନ କରି ବିଶ୍ୱର ସବୁଠୁ ବଡ଼ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଚଲାଇଛନ୍ତି। କେହି ଯେପରି ଭୋକରେ ନ ରୁହନ୍ତି, ସେଥିନିମନ୍ତେ ପିଏମ୍ ଗରିବ କଲ୍ୟାଣ ଯୋଜନା ଅଧୀନରେ ପ୍ରତିମାସରେ ପ୍ରତ୍ୟେକ ଗରିବ ପରିବାରକୁ ମାଗଣା ରାଶନ ଦିଆଯାଉଛି। ଝିଅଙ୍କ ବିବାହ ବୟସ ୨୧ ବର୍ଷକୁ ବୃଦ୍ଧି କରିବା ନିଷ୍ପତ୍ତିକୁ ରାଷ୍ଟ୍ରପତି ଉଚିତ ବୋଲି ଦର୍ଶାଇବା ସହ ଟ୍ରିପଲ ତଲାକ ଉଚ୍ଛେଦ ଦ୍ୱାରା ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦିଆଯାଇଥିବା ସେ କହିଥିଲେ। ରାଷ୍ଟ୍ରପତି ଟୋକିଓ ଅଲିମ୍ପିକ୍ସ, ପାରାଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ସ୍ଥାନୀୟ ଭାଷା ଜାତୀୟ ଶିକ୍ଷା ନୀତିର ଏକ ଅଂଶ ହୋଇପାରିଛି।

ପ୍ରତିରକ୍ଷା କ୍ଷେତ୍ରରେ ସରକାର ମେକ୍ ଇନ୍ ଇଣ୍ଡିଆକୁ ଅଗ୍ରାଧିକାର ଦେଇଥିବା ରାଷ୍ଟ୍ରପତି କହିଥିଲେ। ସେନା ବାହିନୀ ଆବଶ୍ୟକ କରୁଥିବା ସମସ୍ତ ସାମଗ୍ରୀ ଓ ଉପକରଣ ଭାରତରେ ଉତ୍ପାଦନ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସରକାରଙ୍କ ନିରନ୍ତର ଉଦ୍ୟମ ଦ୍ୱାରା ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଉଭା ହୋଇଛି ବୋଲି ରାଷ୍ଟ୍ରପତି ତାଙ୍କ ସମ୍ବୋଧନରେ କହିଥିଲେ। ଅପରେଶନ ଦେବୀ ଶକ୍ତି ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଆଫଗାନିସ୍ତାନକୁ ତାଲିବାନ୍ କବ୍‌ଜା କରିବାବେଳେ ଭାରତୀୟ ସଶସ୍ତ୍ର ବାହିନୀ ଏହି ଅପରେଶନ ଦ୍ୱାରା ସେଠାରେ ଫସିଥିବା ଭାରତୀୟଙ୍କ ସମେତ ବିଦେଶୀ ନାଗରିକଙ୍କୁ ମଧ୍ୟ ଉଦ୍ଧାର କରିଥିଲା। ସେହିପରି କୋଭିଡ୍ ସଙ୍କଟବେଳେ ଭାରତରେ ନୂଆ ଷ୍ଟାର୍ଟଅପ୍ ଖୋଲିବାକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। କରୋନା ସମୟରେ ଦେଶରେ ୪୦ରୁ ଊର୍ଦ୍ଧ୍ୱ ୟୁନିକର୍ନ ଷ୍ଟାର୍ଟଅପ୍ ଅସ୍ତିତ୍ୱକୁ ଆସିପାରିଛି। ୨୦୧୬ ପରଠାରୁ ୫୬ ବିଭିନ୍ନ ସେକ୍ଟରରେ ୬୦ ହଜାରରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ଖୋଲିଛି। ଏହାଦ୍ୱାରା ୬ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହୋଇଥିବା ରାଷ୍ଟ୍ରପତି କୋବିନ୍ଦ କହିଥିଲେ। ମହାକାଶ ଅଭିଯାନରେ ମଧ୍ୟ ଭାରତ ଆଖିଦୃଶିଆ ସଫଳତା ହାସଲ କରିଛି। ଜ୍ଞାନକୌଶଳରେ ଭାରତ ବେଶ୍ ଆଗରେ ରହିଛି। ଭାରତ ବିଶ୍ୱର ଦ୍ୱିତୀୟ ସର୍ବାଧିକ ମୋବାଇଲ ଫୋନ୍ ନିର୍ମାଣକାରୀ ଦେଶ ହୋଇପାରିଛି। ଆମ ଦେଶରେ ଇଣ୍ଟରନେଟ୍ ସବୁଠୁ ଶସ୍ତାରେ ଉପଲବ୍ଧ ବୋଲି ସେ କହିଥିଲେ। ରାଷ୍ଟ୍ରପତି ତାଙ୍କ ସମ୍ବୋଧନରେ କଶ୍ମୀରର ବିକାଶ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ।

### 'ପ୍ରମୁଖ ପ୍ରସଙ୍ଗରେ ରାଷ୍ଟ୍ରପତି ନୀରବ'

**ନୂଆଦିଲ୍ଲୀ, ୩୧।୧**

ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ସୋମବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟକୁ ସମ୍ବୋଧନ କରିବା ଅବସରରେ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ନୀରବ ରହିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ରାଷ୍ଟ୍ରପତିଙ୍କ ଅଭିଭାଷଣରେ କିଛି ନୂଆ କଥା ନାହିଁ। ଦେଶରେ ବେରୋଜଗାରୀ ବୃଦ୍ଧି ଉପରେ କୌଣସି ପଦକ୍ଷେପ ଉପରେ ରାଷ୍ଟ୍ରପତି ବକ୍ତବ୍ୟ ରଖିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା ଏଥିରୁ ଗାଏବ। ପ୍ରତିବର୍ଷ ଦେଶରେ ୨ କୋଟି ନୂଆ ଚାକିରି ସୃଷ୍ଟି କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ପ୍ରତିଶ୍ରୁତି ଅନୁସାରେ ୭ ବର୍ଷରେ ୧୪ କୋଟି ନାଗରିକ ଚାକିରି ପାଇବା କଥା। କିନ୍ତୁ ତାହା ହୋଇପାରିନାହିଁ। ଦେଶର ଅର୍ଥନୀତି ଦୁର୍ବଳ ସ୍ଥିତିରେ ଥିଲେ ବି ରାଷ୍ଟ୍ରପତି ସେ ଉପରେ ମୁହଁ ଖୋଲିନାହାନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଗାଡ଼ି ଚଢ଼ାଇ ୪ କୃଷକଙ୍କୁ ହତ୍ୟା କରିଥିଲେ ବି ସେ ଏବେ ମଧ୍ୟ କ୍ଷମତାରେ ରହିଥିବା ଖାର୍ଗେ କହିଛନ୍ତି। ସେହିପରି ଚାଇନା, ପାକିସ୍ତାନ ପ୍ରସଙ୍ଗ ସମେତ ନାଗାଲାଣ୍ଡ ହତ୍ୟାକାଣ୍ଡ ବାବଦରେ ରାଷ୍ଟ୍ରପତି ପଦୁଟିଏ ବି କହି ନ ଥିବା କଂଗ୍ରେସ ଏମ୍‌ପି ମନୀଷ ତିୱାରି କହିଛନ୍ତି। ଆଗକୁ ୫ ରାଜ୍ୟରେ ନିର୍ବାଚନ ଥିବାରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଜରିଆରେ ସରକାର ନିଜ ପ୍ରଚାର କରିଛନ୍ତି ବୋଲି ଶିବ ସେନା ରାଜ୍ୟ ସଭା ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି। ସେହିପରି କୃଷକଙ୍କ ପ୍ରସଙ୍ଗରେ ସରକାରଙ୍କ ଗୁଣଗାନ କରିଥିବା ରାଷ୍ଟ୍ରପତି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରସଙ୍ଗ ଆଦୌ ଉଠାଇ ନ ଥିବା ସିପିଆଇ(ଏମ୍) ନେତା ବିନୟ ବିଶ୍ୱମ୍ କହିଛନ୍ତି।

### ୯୪ ବର୍ଷରେ ପ୍ରାର୍ଥିପତ୍ର ଦାଖଲ କଲେ ବାଦଲ



**ଚଣ୍ଡିଗଡ଼,୩୧।୧**

ଫେବୃୟାରୀ ୨୦ରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନ ଲାଗି ଶିରୋମଣି ଅକାଲୀ ଦଳ ନେତା ପ୍ରକାଶ ସିଂ ବାଦଲ ସୋମବାର ଲାମ୍ବି ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବାରେ ୯୪ ବର୍ଷୀୟ ବାଦଲ ଦେଶର ସବୁଠୁ ବୟସ୍କ ବ୍ୟକ୍ତି। ୫ ଥର ମୁଖ୍ୟମନ୍ତ୍ରୀ ଥିବା ବାଦଲ ମୁକ୍ତସାର ଜିଲାର ମାଲୌଟ୍ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି.ଏସ୍. ଅଚ୍ୟୁତାନନ୍ଦନ ୯୨ ବର୍ଷରେ ୨୦୧୬ ବିଧାନସଭା ନିର୍ବାଚନ ଲଢ଼ିଥିବାବେଳେ ବାଦଲ ତାଙ୍କ ରେକର୍ଡକୁ ଭାଙ୍ଗିଛନ୍ତି। ସେ ୧୯୯୭ରୁ ୧୧ ଥର ବିଧାନସଭାକୁ ନିର୍ବାଚିତ ହେଲେଣି। ଅନ୍ୟପକ୍ଷରେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ସୋମବାର ପଟିଆଲା ଅର୍ବାନ ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଭାଜପା ପଞ୍ଜାବ ପ୍ରଦେଶ ନିର୍ବାଚନ ପ୍ରଭାରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଯାଇଥିଲେ।


ବଜେଟ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭଗୱତ କରଡ୍, ପଙ୍କଜ ଚୌଧୁରୀ ଏବଂ ବଜେଟ ପ୍ରସ୍ତୁତ କରିଥିବା ଅଧିକାରୀମାନେ ପାର୍ଲାମେଣ୍ଟ ପରିସରରେ ସୋମବାର ଫଟୋ ପୋଜ୍ ଦେଉଛନ୍ତି।

## ବିଲ୍ଡିଂରୁ ଡେଇଁ ପୂର୍ବତନ ମିସ୍ ୟୁଏସ୍‌ଏଙ୍କ ଆତ୍ମହତ୍ୟା

**ୱାଶିଂଟନ୍, ୩୧।୧**

ଆମେରିକୀୟ ମଡେଲ ତଥା ମିସ୍ ୟୁଏସ୍‌ଏ-୨୦୧୯ ଟାଇଟଲ ବିଜୟିନୀ ଚେସ୍‌ଲି କ୍ରିଷ୍ଟ ସେ ରହୁଥିବା ୬୦ ମହଲା ବିଶିଷ୍ଟ ବିଲ୍ଡିଂରୁ ଡେଇଁ ରବିବାର ଆତ୍ମହତ୍ୟା କରିଛନ୍ତି। ଏ ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି। ତାଙ୍କୁ ୩୦ ବର୍ଷ ହୋଇଥିଲା। ସୂଚନା ଅନୁସାରେ, ମ୍ୟାନହାଟନର ଏକ ୬୦ ମହଲା ବିଲ୍ଡିଂର ୯ମ ଫ୍ଲୋର୍‌ରେ ଚେସ୍‌ଲି ରହୁଥିଲେ। ସ୍ଥାନୀୟ ସମୟ ସକାଳ ପ୍ରାୟ ୭ଟା ୧୫ରେ ସେ ୨୯ତମ ମହଲାରୁ ଡେଇଁ ପଡ଼ିଥିବା କୁହାଯାଉଛି। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଚେସ୍‌ଲି ସମସ୍ତ ସମ୍ପତ୍ତି ମା' ପାଇଁ ଛାଡ଼ିଯାଉଥିବା ନେଇ ତାଙ୍କ ନିକଟରୁ ଜବତ ଏକ ନୋଟରେ ଲେଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ତେବେ ଏଥିରେ ତାଙ୍କ ଆତ୍ମହତ୍ୟା ବାବଦରେ କିଛି ଉଲ୍ଲେଖ ନାହିଁ ବୋଲି କୁହାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


ଚେସ୍‌ଲି କ୍ରିଷ୍ଟ

ଚେସ୍‌ଲିଙ୍କ ମୃତ୍ୟୁରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ଏହି ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ ବୋଲି ମିସ୍ ୟୁନିଭର୍ସ ଅଧକ୍ଷ ପୌଲା ଏମ୍. ଶୁଗାର୍ଟ କହିଛନ୍ତି। ୨୦୨୧ର ବ୍ରହ୍ମାଣ୍ଡ ସୁନ୍ଦରୀ ଭାରତର ହରନାଜ୍ ସାନ୍ଧୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭାବପୂର୍ଣ୍ଣ ମେସେଜ୍ ପୋଷ୍ଟ କରିଛନ୍ତି। 'ଚେସ୍‌ଲିଙ୍କ ପରଲୋକ ମୋ ହୃଦୟ ଭାଙ୍ଗି ଦେଇଛି। ଏହାକୁ ବିଶ୍ୱାସ କରିହେଉନି। ତୁମେ ସବୁବେଳେ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲ। ତୁମ ଆତ୍ମାର ସଦ୍‌ଗତି ହେଉ' ବୋଲି ହର୍‌ନାଜ୍ ଲେଖିଛନ୍ତି। ଜ୍ୟାକ୍‌ସନ ମିଶିଗନ୍‌ରେ ୧୯୯୧ରେ ଚେସ୍‌ଲିଙ୍କ ଜନ୍ମ। ଛୋଟବେଳେ ସେ ଅଧିକାଂଶ ସମୟ ଦକ୍ଷିଣ କାରୋଲିନାରେ କାଟିଥିଲେ। ମିସ୍ ନର୍ଥ କାରୋଲିନା-୨୦୧୭ରେ ଭାଗ ନେଇ ସେ ଚତୁର୍ଥ ରନର୍ସ ଅପ୍ ହୋଇଥିଲେ। ୨୦୧୯ରେ ଉତ୍ତର କାରୋଲିନାରୁ ପ୍ରତିନିଧିତ୍ୱ କରି ସେ ମିସ୍ ୟୁଏସ୍‌ଏ ଟାଇଟଲ ହାସଲ କରିଥିଲେ। ସେ ଜଣେ ଆଇନଜୀବୀ ସହ ଟିଭି ହୋଷ୍ଟ ଭାବେ ମଧ୍ୟ ପରିଚିତ ଥିଲେ।

## ନିର୍ବାଚନ ରାଲି: କଟକଣା ୧୧ ଯାଏ ବଢ଼ିଲା

**ନୂଆଦିଲ୍ଲୀ,୩୧।୧**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ (ଇସି) ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ୫ ରାଜ୍ୟରେ ରୋଡ୍ ଶୋ', ପଦଯାତ୍ରା, ସାଇକେଲ, ବାଇକ କିମ୍ବା ଗାଡ଼ି ରାଲି ଓ ଶୋଭାଯାତ୍ରା ଉପରେ କଟକଣାକୁ ଫେବୃୟାରୀ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ ସଭା ଓ ନିର୍ବାଚନୀ ପ୍ରଚାରରେ ଯୋଗଦେବାକୁ ଥିବା ଲୋକସଂଖ୍ୟାରେ କୋହଳ କରାଯାଇଛି। ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ଦ୍ୱାରା ଖୋଲା ସ୍ଥାନରେ ଆୟୋଜିତ ସାଧାରଣ ସଭାରେ ସର୍ବାଧିକ ୧,୦୦୦ ଲୋକ ଯୋଗଦେଇପାରିବେ। ପୂର୍ବରୁ ଏହି ସୀମା ୫୦୦ ରହିଥିଲା। ସେହିପରି ଘରକୁ ଘର ଯାଇ ପ୍ରଚାରରେ ୧୦ ଜଣ ପରିବର୍ତ୍ତେ ଏଣିକି ୨୦ ଜଣ ସାମିଲ ହୋଇପାରିବେ ବୋଲି ଇସି କହିଛନ୍ତି। ୫ ରାଜ୍ୟର ନିର୍ବାଚନ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ କୋଭିଡ୍ ସ୍ଥିତିର ସମୀକ୍ଷା କରିବା ପରେ ଇସି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ରାଜ୍ୟର ମୁଖ୍ୟ ସଚିବ କମିଶନଙ୍କୁ ରାଜ୍ୟର କୋଭିଡ୍ ସଂକ୍ରମଣ ସ୍ଥିତି ସମ୍ପର୍କରେ ରିପୋର୍ଟ ଦେଇଥିଲେ। ସଂକ୍ରମଣ ହାର ଏବଂ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିବା ସେମାନେ ଦର୍ଶାଇଥିଲେ।

## ରାଜ୍ୟପାଳଙ୍କୁ ଟୁଇଟରରେ ବ୍ଲକ କଲେ ମମତା

**କୋଲକାତା, ୩୧।୧**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ରାଜ୍ୟପାଳ ଜଗଦୀପ ଧନଖରଙ୍କ ଭିତରେ ବିବାଦ ସୋସିଆଲ ମିଡିଆ ପର୍ଯ୍ୟନ୍ତ ପହଞ୍ଚିଛି। ମମତା ସୋମବାର ତାଙ୍କ ଟୁଇଟର ଆକାଉଣ୍ଟରେ ଧନଖରଙ୍କୁ ବ୍ଲକ୍ କରିଛନ୍ତି। କୌଣସି ରାଜ୍ୟରେ ରାଜ୍ୟପାଳଙ୍କୁ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ବ୍ଲକ କରିବା ଘଟଣା ପ୍ରଥମ ବୋଲି କୁହାଯାଉଛି। ଧନଖରଙ୍କୁ ବ୍ଲକ କରିବା ବାବଦରେ ନିଜେ ମମତା ସୂଚନା ଦେଇଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ଏବଂ ତାଙ୍କ ବିରୋଧରେ ରାଜ୍ୟପାଳ ଲଗାତର ଟୁଇଟ କରୁଥିବାରୁ ସେ ବିରକ୍ତ ହୋଇଗଲେଣି। ଏହା ଅସାମ୍ବିଧାନିକ ଏବଂ ଅନୈତିକ। ସେ ସର୍ବଦା ନିର୍ଦ୍ଦେଶ ଦିଅନ୍ତି, ଉପଦେଶ ନୁହେଁ। ତାଙ୍କ ପାଇଁ ନିର୍ବାଚିତ ସରକାର ଗୋଟି ଶ୍ରମିକ ପାଲଟିଛନ୍ତି। ରାଜ୍ୟପାଳ ବହୁବାର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଧମକ ଦେଇଛନ୍ତି। ଧନଖରଙ୍କୁ ହଟାଇବା ପାଇଁ ସେ ଅନେକ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ମମତା କହିଛନ୍ତି। ତେଣୁ ସେ ରାଜ୍ୟପାଳଙ୍କୁ ଟୁଇଟରରେ ବ୍ଲକ କରିଥିବା ପ୍ରକାଶ କରିଛନ୍ତି।


ଜଗଦୀପ ଧନଖର ମମତା ବାନାର୍ଜୀ

ସୂଚନାଯୋଗ୍ୟ, ଗତ ୩୦ ତାରିଖ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ଧନଖର ମମତାଙ୍କୁ ଟାର୍ଗେଟ କରିଥିଲେ। ପଶ୍ଚିମବଙ୍ଗ ଗଣତନ୍ତ୍ରର ଗ୍ୟାସ୍ ଚାମ୍ବରରେ ପରିଣତ ହେଉଥିବା ସେ କହିଥିଲେ। ଏହି ରାଜ୍ୟରେ ଲୋକତନ୍ତ୍ର ଶେଷ ହେବାରେ ଲାଗିଛି। ଏଠାରେ ଆଇନର ଶାସନ ନାହିଁ। ଏଠାକାର ରାଜନୀତି ରକ୍ତରଞ୍ଜିତ ହୋଇଛି ବୋଲି ରାଜ୍ୟପାଳ କହିଥିଲେ। ଏପରି ମନ୍ତବ୍ୟକୁ ନେଇ ଧନଖରଙ୍କ ବିରୋଧରେ ଟିଏମ୍‌ସି ରାଜ୍ୟ ସଭାରେ ପ୍ରସ୍ତାବ ଆଣିବ ବୋଲି ନିଷ୍ପତ୍ତି ନେଇଛି।

## ଅବସର ନେଲେ ସେନା ଉପମୁଖ୍ୟ ସି.ପି. ମହାନ୍ତି

**ନୂଆଦିଲ୍ଲୀ,୩୧।୧**

ଭାରତର ସେନା ଉପମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି ସୋମବାର ଅବସର ଗ୍ରହଣ କରିଛନ୍ତି। ସେ ଜାତୀୟ ଯୁଦ୍ଧ ସ୍ମାରକୀକୁ ଯାଇ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଶାର ଜଗତ୍‌ସିଂହପୁର ଜିଲାରେ ଜନ୍ମିତ ସି.ପି. ମହାନ୍ତି ଗତବର୍ଷ ଫେବୃୟାରୀ ୧ରେ ଦେଶର ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତ ହୋଇଥିଲେ। ଗତବର୍ଷ ତାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପରମ ବିଶିଷ୍ଟ ସେବା ମେଡାଲ ପ୍ରଦାନ କରିଥିଲେ। ଏହା ବ୍ୟତୀତ ସେ ଅତି ବିଶିଷ୍ଟ ସେବା ମେଡାଲ, ସେନା ମେଡାଲ ଏବଂ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ ହୋଇଛନ୍ତି। ସେନା ଉପମୁଖ୍ୟ ଭାବେ କେତେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଉପକରଣ କ୍ରୟ ନିଷ୍ପତ୍ତିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଡେରାଡୁନ୍‌ସ୍ଥିତ ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ କଲେଜ, ନ୍ୟାଶନାଲ ଡିଫେନ୍ସ ଏକାଡେମୀ, ଇଣ୍ଡିଆନ ମିଲିଟାରୀ ଏକାଡେମୀରୁ ଶିକ୍ଷାଗ୍ରହଣ କରିଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ମହାନ୍ତି ୧୯୮୨ ଜୁନ୍ ୧୨ରେ ରାଜପୁତ୍ ରେଜିମେଣ୍ଟରେ କମିଶନ ହୋଇଥିଲେ।



## ନୀଳଗିରିରେ ଜାଲ୍ ନୋଟ କାରବାର

ସଜନାଗଡ଼, (ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଞ୍ଚଳର ଏକ ମିଠା ଦୋକାନରେ ଭିଡ଼ ଥିବାର ସୁଯୋଗ ନେଇ ଜଣେ ବ୍ୟକ୍ତି ଏକ ଶହେ ଟଙ୍କିଆ ଜାଲ ନୋଟ ଦେଇ ଜଳଖିଆ କିଣିବା ସହିତ ବାକି ଅର୍ଥ ନେଇ ଚମ୍ପଟ ମାରିଥିଲା। ସୋମବାର ଦୋକାନ ଭିଡ଼ କମିବା ପରେ ଉକ୍ତ ୧୦୦ଟଙ୍କିଆ ନୋଟ୍ ଜାଲ୍ ବୋଲି ଜଣାପଡିଥିଲା। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରଗରମ ହେଉଥିବା ବେଳେ ଜାଲ ନୋଟ କାରବାର ଠକଙ୍କୁ ସୁହାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ନୀଳଗିରି ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଥାନା ଆଗରେ ଧାରଣା ଦେଲେ ଗଣମାଧ୍ୟମ ପ୍ରତିନିଧି

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

- ଓୟୁଡବ୍ଲ୍ୟୁଜେର ବିରୋଧ, ଜିଲାପାଳଙ୍କୁ ଦାବିପତ୍ର
- ଘଟଣାର ତଦନ୍ତ କରାଯିବ: ଡିସିପି

ଖୋର୍ଦ୍ଧା ଅଫିସ,୩୧।୧

ଖୋର୍ଦ୍ଧା ଜିଲା ଜଟଣୀ ସହରରେ ରବିବାର ସନ୍ଧ୍ୟାରେ 'ଧରିତ୍ରୀ' ଖବରଦାତା ରବୀନ୍ଦ୍ର ନାଥ ମହାକୁଡ଼ଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରାଯିବା ଘଟଣାକୁ ନେଇ ବିଭିନ୍ନ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଏକାଧିକ ଗଣମାଧ୍ୟମ ପ୍ରତିନିଧି ଜଟଣୀ ଥାନା ଆଗରେ ଧାରଣା ଦେବା ସହ ସମ୍ପୃକ୍ତ କର୍ମଜୀବୀ ସାମ୍ବାଦିକ ସଂଘ(ଓୟୁଡବ୍ଲ୍ୟୁଜେ) ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ନେଇ ଜଟଣୀ ରାମଚନ୍ଦ୍ରପୁର ବଜାର ସ୍ଥିତ ମୋର ସୁପରମାର୍କେଟ (ଶପିଂ ମଲ୍) ସିଲ୍ କରିବା ପାଇଁ ଦାବି ହୋଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ସିସିଟିଭି ଯାଞ୍ଚ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜ୍ୟରେ କରୋନାର ତୃତୀୟ ଲହର ଜାରି ରହିଛି। ଏନେଇ ସରକାରଙ୍କ ପକ୍ଷରୁ କୋଭିଡ୍ ନିୟମକୁ କଡ଼ାକଡି କରାଯାଇଛି। ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ବ୍ୟବସାୟିକ ପ୍ରତିଷ୍ଠାନ, ଶପିଂ ମଲରେ କୋଭିଡ ନିୟମ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି।


ଗଣମାଧ୍ୟମ ପ୍ରତିନିଧିମାନେ ଥାନା ଆଗରେ ଧାରଣା ଦେଇଛନ୍ତି।

ରବିବାର ଜଟଣୀ ରାମଚନ୍ଦ୍ରପୁର ବଜାର ସ୍ଥିତ ନୂତନ ମୋର ସୁପରମାର୍କେଟ (ଶପିଂ ମଲ୍) ଉଦ୍‌ଘାଟନ ବେଳେ ଶତାଧିକ ଲୋକ ଜମା ହେବା ସହ କୋଭିଡ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଥିଲେ। ଏହି ସମୟରେ ଖବରଦାତା ମହାକୁଡ଼ ସେଠାରେ ପହଞ୍ଚି ଫଟୋ ଉଠାଉଥିଲେ। ଏହା ଦେଖି ଶୋ'ରୁମ୍ ମ୍ୟାନେଜର ଉତ୍‌କ୍ଷିପ୍ତ ହୋଇ ମହାକୁଡଙ୍କୁ ଗାଳିଗୁଲଜ କରିଥିଲେ। ସଙ୍ଗେ ସଙ୍ଗେ ଉକ୍ତ ମଲ୍‌ର କେତେଜଣ ବାଉନ୍ସର ପହଞ୍ଚି ମହାକୁଡ଼ଙ୍କ କ୍ୟାମେରା ଛଡ଼ାଇନେବା ସହ ଧକ୍କା ମାରିଥିଲେ। ସେଠାରେ ଉପସ୍ଥିତ କେତେଜଣ ଗ୍ରାହକ ଏହାର ବିରୋଧ କରିଥିଲେ ମଧ୍ୟ ବାଉନ୍ସରମାନେ ଶୁଣି ନ ଥିଲେ। କାର୍ଯ୍ୟରତ ଖବରଦାତାଙ୍କ ପ୍ରତି ଏଭଳି ବ୍ୟବହାର ଗ୍ରହଣୀୟ ନୁହଁ। ତୁରନ୍ତ ସମ୍ପୃକ୍ତ ଶପିଂ ମଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ଜିଲାପାଳ ମହାପାତ୍ର କହିଛନ୍ତି, ଘଟଣାର ତଦନ୍ତ କରାଯିବ ସହ କୋଭିଡ୍ ନିୟମ ଉଲ୍ଲଘଂନ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଶପିଂ ମଲ୍‌ରେ ବାଉନ୍ସରଙ୍କୁ ନେଇ ଚର୍ଚ୍ଚା

ଜଟଣୀ ରାମଚନ୍ଦ୍ରପୁର ବଜାର ସ୍ଥିତ ମୋର ସୁପରମାର୍କେଟ (ଶପିଂ ମଲ୍) ରବିବାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସରେ ପ୍ରବଳ ଭିଡ଼ ରହିଥିଲା। କୋଭିଡ୍ ନିୟମ ଉଲ୍ଲଂଘନ ନେଇ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତା ରବୀନ୍ଦ୍ର ନାଥ ମହାକୁଡ଼ଙ୍କୁ ମଲ୍ ମ୍ୟାନେଜର ଏବଂ ନିୟୋଜିତ ବାଉନ୍ସରମାନେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମହାକୁଡ଼ଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୫୨/୨୨)ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି। ଖବର ସଂଗ୍ରହ କରିବାକୁ ଯାଇଥିବା ମହାକୁଡ଼ଙ୍କୁ ବାଉନ୍ସରମାନେ କାହିଁକି ଅତର୍କିତ ଆକ୍ରମଣ କରିଥିଲେ ବୋଲି ମଲ୍ କର୍ତ୍ତୃପକ୍ଷଙ୍କୁ ଖବରଦାତାମାନେ ପଚାରିଥିଲେ ମଧ୍ୟ କୌଣସି ଉତ୍ତର ଦେଇ ନ ଥିଲେ। ତେବେ ଉକ୍ତ ଶପିଂ ମଲ୍‌ରେ ନିୟୋଜିତ ବାଉନ୍ସରଙ୍କ କ'ଣ ଭୂମିକା ରହିଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପ୍ରେମିକାଙ୍କୁ ଲାଇଭ୍ ଭିଡିଓ କରି ପ୍ରେମିକଙ୍କ ଆତ୍ମହତ୍ୟା

କାକଟପୁର,୩୧।୧(ଡି.ଏନ୍.ଏ.)

ପ୍ରେମରେ ତିକ୍ତତା ହେବା ଯୋଗୁ ପୁରୀ ଜିଲା କାକଟପୁର ଅଞ୍ଚଳରେ ଜଣେ ଯୁବକଙ୍କ ଜୀବନ ଯାଇଛି। ପ୍ରେମିକାଙ୍କୁ ଲାଇଭ୍ ଭିଡିଓ କରି ପ୍ରେମିକ ଜଣକ ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମୃତକ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ପ୍ରତ୍ୟୟ ଜେନା। ସେ ଦୀର୍ଘଦିନ ହେବ କାକଟପୁରରେ ରହି ଏକ ଡ୍ରେସ୍ ଦୋକାନରେ କାମ କରୁଥିଲେ। ଖବରପାଇ କାକଟପୁର ଥାନା ପୋଲିସ ପହଞ୍ଚି ପ୍ରେମିକ ପ୍ରତ୍ୟୟଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲେ। ପରେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି ରବିବାର ରାତିରେ ଦୋକାନ ବନ୍ଦ କରି ଦୋକାନ ଉପର ଘରେ ରହୁଥିବା ନିଜ ରୁମ୍‌କୁ ପ୍ରତ୍ୟୟ ଚାଲିଯାଇଥିଲେ। କିନ୍ତୁ ବିଳମ୍ବିତ ରାତିରେ ନିଜ ପ୍ରେମିକାଙ୍କୁ ଭିଡିଓ କଲ୍ କରି କଥା ହେଉଥିବା ସମୟରେ କୌଣସି କଥାକୁ ନେଇ ହଠାତ ପ୍ରତ୍ୟୟ ଉତ୍ତ୍ୟକ୍ତ ହୋଇ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଦେଖି ପ୍ରେମିକା ଜଣଙ୍କ ଭିଡିଓ କଲର ସ୍କ୍ରିନସଟ ନେଇ ପ୍ରେମିକର ସାଙ୍ଗମାନଙ୍କୁ ପଠାଇ ତୁରନ୍ତ ପ୍ରତ୍ୟୟଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। ସାଙ୍ଗମାନେ ପ୍ରତ୍ୟୟଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସୋମବାର ସକାଳେ ପ୍ରତ୍ୟୟଙ୍କ ଘର ଲୋକ ପହଞ୍ଚି ପୋଲିସକୁ ଜଣାଇବା ସହ ପୁଅ ରହୁଥିବା ରୁମ୍‌କୁ ଯାଇ ଡାକିଥିଲେ ମଧ୍ୟ ଶୁଣି ନ ଥିଲେ। ପରେ ପୋଲିସ ସହ ଫୋରେନସିକ ଟିମ, ପୁରୀ ଆଡିଶନାଲ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯାଇଥିଲା। ତେବେ ପ୍ରତ୍ୟୟଙ୍କ ମୃତ୍ୟୁ ହୋଇଯାଇଥିବାରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ପରେ ପ୍ରତ୍ୟୟଙ୍କ ମୃତ୍ୟୁ ନେଇ ପରିବାର ଲୋକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ପୁରୀ ଆଡିଶନାଲ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।


ଓଡ଼ିଶା ସରକାର

## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

ନଥି ସଂ. IX(D)-10/2021-187 ତା: 26.03.2021

No. V-39: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଅଜିଂରା, ଥାନା: ରାମଚନ୍ଦ୍ରପୁର, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡ଼ିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୧୦୬, ତା୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଅଜିଂରା, ଥାନା: ରାମଚନ୍ଦ୍ରପୁର, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.kendujhar.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – (କ)**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କେନ୍ଦୁଝର, ତହସିଲ: ଘସିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅଜିଂରା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ୧୦.୬୭ | ୪.୧୨ | ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ୦.୩୪ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – (ଖ)**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କେନ୍ଦୁଝର, ତହସିଲ: ଘସିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୮।୦୧।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**
**ପ୍ରକଳ୍ପର ନାମ: ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡ଼ିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ**
**ମୌଜା: ଅଞ୍ଜିରା, ଥାନା: ରାମଚନ୍ଦ୍ରପୁର, ତହସିଲ: ଘସିପୁରା**

ଭୂ-ଅର୍ଜନ ମାମଲା ସଂ. ୦୨/୨୦୧୮

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୪୬ | ଗୌରାଙ୍ଗ ରାଉତ, ପି.– ପ୍ରଭାକର ରାଉତ, ବାଇଧର ରାଉତ, କୈଳାଶ ରାଉତ, ପି.– କାହ୍ନୁ ରାଉତ, ମାଳ ରାଉତ, ସ୍ୱା.– ମୁକ୍ତା ରାଉତ, ବେଙ୍ଗ ରାଉତ, ଡୁଲ ରାଉତ, ମଗୁଆ ରାଉତ, ପି.– କୁର୍ଣ୍ଣୀ ରାଉତ, ଶୋସିଳା ରାଉତ, ପି.– କଙ୍ଗାଳି ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | ୮୨୬ | ପତିତ | ୦.୧୪ | ୦.୦୬ | |
| | | | ୮୭୫ | ଶାରଦ – ୩ | ୧.୦୯ | ୦.୩୨ | |
| | | | ୮୭୪/୮୯୭ | ପତିତ | ୦.୧୮ | ୦.୦୬ | |
| | | | ୮୭୫/୯୬୯ | ପତିତ | ୦.୫୨ | ୦.୪୫ | |
| ୨ | ୪୭ | ଚରଣ ରାଉତ, ପି.– ଫକୀର ରାଉତ, ହରିହର ରାଉତ, ପି.– ଚଢ଼େଇ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୮୪୨ | ଶାରଦ – ୨ | ୦.୩୮ | ୦.୦୨ | |
| ୩ | | ଚାରି ଜେନା, ସ୍ୱା.– ଜଇ ଜେନା, ଗଙ୍ଗାଧର ଜେନା, ଗିରିଧାରି ଜେନା, ପି.– କାଳି ଜେନା, ଜା: ଖଣ୍ଡାୟତ, ବା: ତମ୍ପୋ | ୮୬୫ | ଶାରଦ – ୨ | ୧.୧୩ | ୦.୦୧ | |
| ୪ | ୬୩ | ଜଗା ବେହେରା, ପି.– ଫକୀର ବେହେରା, ବା: ନିଜଗାଁ, ଜା: ତନ୍ତି | ୮୬୭ | ଶାରଦ – ୩ | ୦.୭୬ | ୦.୦୫ | |
| ୫ | ୨୦୭/୯୩ | ଫକୀର ଯେନା, ପି.– ଘୁଟୁରୁ ଓରଫ ଘନଶ୍ୟାମ ଯେନା, ବା: ବାତୋ, ଜା: ପାଣ | ୮୭୦ | ଶାରଦ – ୩ | ୦.୨୮ | ୦.୧୮ | |
| ୬ | ୬୯ | ଝିଟିକି ରାଉତ, ପି.– ରଥ ରାଉତ, ହରି ରାଉତ, ପି.– ସାନ୍ ଫକୀର ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୮୭୧ | ଶାରଦ – ୩ | ୦.୧୭ | ୦.୧୭ | |
| | | | ୮୭୭/୯୭୪ | ତଇଳା – ୨ | ୦.୦୮ | ୦.୦୮ | |
| ୭ | ୨୦୭/୧୦୮ | ପଙ୍କଜ ନାଥ, ପି.– ଜଗବନ୍ଧୁ ନାଥ, ଜା: ମାଟିବଂଶ ତନ୍ତି, ବା: ଲୁଣିଆପାଟଣା | ୮୭୨ | ଶାରଦ – ୩ | ୦.୨୫ | ୦.୦୫ | |
| ୮ | ୨୦୭/୧୦୩ | ପପୁ ନାରାୟଣ ନାଥ, ଜିତେନ୍ଦ୍ର କୁମାର ନାଥ, ପି.– ନିରଞ୍ଜନ ନାଥ, ଜା: ମାଟିବଂଶ ତନ୍ତି, ବା: ମଧୁକେଶରୀ | ୮୭୩ | ଶାରଦ – ୨ | ୦.୪୭ | ୦.୨୫ | |
| ୯ | ୯୩ | ନଣ୍ଡା ରାଉତ, ପି.– ଟୁରା ରାଉତ, ବୈକୁଣ୍ଠ ରାଉତ, ପି.– ଛୋଟି ରାଉତ, ବା: ନିଜଗାଁ, ଜା: ଖଣ୍ଡାୟତ | ୮୭୮ | ଶାରଦ – ୨ | ୦.୧୪ | ୦.୧୨ | |
| ୧୦ | ୬୫ | କୁଜା ପରିଡ଼ା, ପି.– ନିଧି ପରିଡ଼ା, ଜା: କୈବର୍ତ୍ତ, ବା: ନିଜଗାଁ | ୮୭୯ | ଶାରଦ – ୩ | ୦.୪୪ | ୦.୦୬ | |
| ୧୧ | ୧୪୩ | ବୈଷ୍ଣବ ଚରଣ ଜେନା, ପି.– କ୍ଷେତ୍ର ଜେନା, ଗୋବର୍ଦ୍ଧନ ଜେନା, ପି.– ମୁକ୍ତା ଜେନା, ହାର ଜେନା, ସ୍ୱା.– ମୁକ୍ତା ଜେନା, ମଲ୍ଲି ଜେନା, ସ୍ୱା.– ବୈକୁଣ୍ଠ ଜେନା, ନବଘନ ଜେନା, ଗୋପାଳ ଜେନା, ଲକ୍ଷ୍ମୀଧର ଜେନା, ପି.– ରତ୍ନା ଜେନା, ନିଜଗାଁ, ଜା: ଖଣ୍ଡାୟତ | ୮୮୩ | ଶାରଦ – ୩ | ୦.୪୪ | ୦.୪୦ | |
| | | | ୮୯୧ | ଶାରଦ – ୩ | ୦.୩୯ | ୦.୦୭ | |
| ୧୨ | ୮୫ | ଧରଣୀଧର ରାଉତ, ପି.– ରଙ୍କ ରାଉତ, ଧ୍ରୁବଚରଣ ରାଉତ, ପି.– ଭଜନ ରାଉତ, ବା: ନିଜଗାଁ, ଜା: ଖଣ୍ଡାୟତ | ୮୮୪ | ଶାରଦ – ୩ | ୦.୧୫ | ୦.୧୩ | |
| ୧୩ | ୭୭ | ଦିବାକର ବେହେରା, ପି.– ଗୋବିନ୍ଦ ବେହେରା, ବା: ତମ୍ପୋ, ଜା: ଖଣ୍ଡାୟତ | ୮୮୫ | ଶାରଦ – ୩ | ୦.୧୯ | ୦.୦୨ | |
| | | | ୮୮୮ | ଶାରଦ – ୩ | ୦.୧୫ | ୦.୧୩ | |
| ୧୪ | ୧୪୫ | ବୈଷ୍ଣବ ପରିଡ଼ା, ପି.– ରଘୁନାଥ ପରିଡ଼ା, ବା: ନିଜଗାଁ, ଜା: କେଉଟ | ୮୮୭ | ଶାରଦ – ୩ | ୦.୩୩ | ୦.୦୫ | |
| ୧୫ | ୯୨ | ନଟବର ରାଉତ, ପି.– ହୃଷିକେଶ ରାଉତ, ବା: ନିଜଗାଁ, ଜା: ଖଣ୍ଡାୟତ | ୮୮୯ | ଶାରଦ – ୩ | ୦.୧୯ | ୦.୦୨ | |
| | | | ୮୯୦ | ଶାରଦ – ୩ | ୦.୩୭ | ୦.୩୨ | |
| ୧୬ | ୧୯୯ | ସୋଲି ପାଗଳ, ସ୍ୱା.– ପ୍ରାଣନାଥ ପାଗଳ, ମେନକା ରଥ, ପି.– ପ୍ରାଣନାଥ ପାଗଳ, ଦାଶରଥି ପାଗଳ, ପି.– ଦୁର୍ଗାଚରଣ ପାଗଳ, ବିନୋଦ ପାଗଳ, ପି.– ନବଘନ ପାଗଳ, ରଙ୍ଗାଧର ପାଗଳ, ପି.– ପୁରୁଷୋତ୍ତମ ପାଗଳ, ବା: ବାତୋ, ଜା: ତନ୍ତି | ୮୯୨ | ଶାରଦ – ୩ | ୦.୨୯ | ୦.୧୫ | |
| ୧୭ | ୧୦୬ | ପାର୍ବତୀ ପରିଡ଼ା, ସ୍ୱା.– ଶଶା ପରିଡ଼ା, ବା: ନିଜଗାଁ, ଜା: କେଉଟ | ୮୭୭/୮୯୮ | ପତିତ | ୦.୧୭ | ୦.୧୧ | |
| ୧୮ | ୬୩ | ଜଗା ବେହେରା, ପି.– ଫକୀର ବେହେରା, ବା: ନିଜଗାଁ, ଜା: ତନ୍ତି | ୮୬୪/୯୦୧ | ଶାରଦ – ୨ | ୦.୨୫ | ୦.୨୫ | |
| ୧୯ | ୧୮୭ | ଶଙ୍କର ପାଗଳ, ପି.– ଜାଳା ପାଗଳ, ଜା: ତନ୍ତି, ବା: ଅତା | ୮୯୩/୯୬୮ | ଶାରଦ – ୩ | ୦.୧୦ | ୦.୧୦ | |
| ୨୦ | ୧୭୪ | ରଙ୍ଗାଧର ଯେନା, ପି.– ଘାସିନାଥ ଯେନା, ଅନାମ ଚରଣ ଯେନା, ପି.– କୃତ୍ତିବାସ ଯେନା, ବା: ତମ୍ପୋ, ଜା: ଖଣ୍ଡାୟତ | ୮୭୭/୯୭୫ | ବିଆଳି | ୦.୦୮ | ୦.୦୫ | |
| ୨୧ | ୨୧୪ | ବାଳକୃଷ୍ଣ ମାଝି, ପି.– କାଙ୍ଗାଳି ମାଝି, ଜା: ଖଣ୍ଡାୟତ, ବା: ଜଳସୁଆଁ, ବେଆଇନ ଖରିଦ ସୂତ୍ରେ, ଦଖଲ ଗୋପୀ ପରିଡ଼ା, ପି.– ସଦେଇ ପରିଡ଼ା, ଅନାଦି ପରିଡ଼ା, ପି.– ଗୌରାଙ୍ଗ ପରିଡ଼ା, ଜା: ଗୋପାଳ, ବା: ନିଜଗାଁ ରେ ଦ. ନଂ. ୧୬୯୦ ତାରିଖ। | ୮୨୭ | ଶାରଦ – ୨ | ୦.୧୬ | ୦.୦୨ | |
| ୨୨ | ୨୦୭/୬୧ | ତପନ କୁମାର ରାଉତ, ପି.– ନଟବର ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୮୭୭/୯୧୧ | ପତିତ | ୦.୨୫ | ୦.୦୮ | |
| | | | | ମୋଟ | ୯.୫୪ | ୩.୭୮ | |
| | | ଗୋଚର ଜମି ପ୍ରତିବଦଳ | | | | | |
| ୧ | ୫୧ | ଚାରି ଜେନା, ସ୍ୱା.– ଜଇ ଜେନା, ଗଙ୍ଗାଧର ଜେନା, ଗିରିଧାରି ଜେନା, ପି.– କାଳି ଜେନା, ଜା: ଖଣ୍ଡାୟତ, ବା: ତମ୍ପୋ | ୮୬୫ | ଶାରଦ – ୨ | ୧.୧୩ | ୦.୩୪ | |
| | | | | ସର୍ବମୋଟ | ୧୦.୬୭ | ୪.୧୨ | |

ସ୍ୱା./– ଲଳିତ କୁମାର ନାୟକ
AMIN
L.A. (Gen.) Section
Collectorate, Keonjhar

ସ୍ୱା./– ଯଶୋବନ୍ତ ନାରାୟଣ ବିଶିପାତ୍ର
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./– ଜ୍ୟୋତ୍ସ୍ନା ନାଏକ
Land Acquisition Officer
Keonjhar

OIPR-24045/14/0026/2122


# ତାରେମ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି,୩୧।୧(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ବିଜାପୁର ଜିଲାରେ ସୋମବାର ପୁଣି ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏହି ସମୟରେ ପୋଲିସ ଗୁଳିରେ ଜଣେ ହାର୍ଡକୋର ମାଓବାଦୀ ଗୁରୁତର ହୋଇଥିଲେ। ତାଙ୍କୁ ବିଜାପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଖବରରୁ ଜଣାପଡିଛି ବିଜାପୁରର ତାରେମ ଜଙ୍ଗଲରେ ମାଓବାଦୀମାନେ ଏକ କ୍ୟାମ୍ପ କରି ରହିଥିବା ଗୋଇନ୍ଦା ସୂଚନାକୁ ଭିତ୍ତିକରି ସିଆର୍‌ପିଏଫ୍ ଓ କୋବ୍ରାବାହିନୀ ପକ୍ଷରୁ ଯବାନମାନେ ସେଠାରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଯବାନଙ୍କୁ ଦେଖି ଜଙ୍ଗଲରେ ପୂର୍ବରୁ ଲୁଚି ରହିଥିବା ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବ ମଧ୍ୟ ଯବାନମାନେ ଦେଇଥିଲେ। ଫଳରେ ଦୀର୍ଘ ସମୟ ଧରି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ଯବାନଙ୍କୁ ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଲୁଚି ପଳାଇଥିଲେ। ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ତଲାସୀ କରିବା ବେଳେ ଗୁରୁତର ହୋଇ ପଡିଥିବା ଜଣେ ମାଓବାଦୀଙ୍କୁ ଉଦ୍ଧାରକରି ଡାକ୍ତରଖାନା ପଠାଇଥିଲେ। ଘଟଣାସ୍ଥଳରୁ ଅନେକ ମାଓବାଦୀ ସାମଗ୍ରୀ ଜବତ କରାଯାଇଥିବା ବିଜାପୁର ଏଏସ୍‌ପି ପଙ୍କଜ ଶୁକ୍ଳା କହିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଜିଲା ସୀମାନ୍ତ ସୁକମା ଅଞ୍ଚଳରେ ରବିବାର ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଥିଲେ।


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

### ଜଣେ ମାଓବାଦୀ ଗୁରୁତର

## ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର, ୩୧।୧ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଚିତ୍ତରଞ୍ଜନ ମହାପାତ୍ର ଏହାର ବିଚାର କରି ଦୋଷୀ ଦୁର୍ଗା ମାରାଣ୍ଡି (ଶିବ)ଙ୍କୁ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି। ଏହାସହ ୫୦ହଜାର ଟଙ୍କା ଜରିମାନା ଓ ଅନାଦାୟ୍ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହାବ୍ୟତୀତ ମୃତକଙ୍କ ସ୍ତ୍ରୀଙ୍କୁ ଏହି ଜରିମାନା ଦେୟ କ୍ଷତିପୂରଣ ଆକାରରେ ଦେବା ସହ ଜିଲା ଆଇନ ସହାୟତା ପ୍ରାଧିକରଣ ପକ୍ଷରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଜାନୁୟାରୀ ୭ରେ ପାଟଣା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ସାଇବ ମୁର୍ମୁ ଓ ବିରଞ୍ଚି ମାଝି ସାଙ୍ଗ ହୋଇ ଚୁଡା କୁଟିବା ପାଇଁ ଅନ୍ୟ ଏକ ଗ୍ରାମକୁ ଯାଇଥିବା ବେଳେ ଶିବ ସହ ତାଙ୍କର ଝଗଡ଼ା ହୋଇଥିଲା। ତା' ପରଦିନ ସକାଳୁ ଘର ଆଗରେ ସାଇବଙ୍କ ଗଳା କଟା ମୃତଦେହ ମିଳିଥିଲା। ଏହି ଘଟଣାରେ ପାଟଣା ପୋଲିସ ଏକ ମାମଲା ରୁଜୁ କରି ଶିବଙ୍କୁ ଗିରଫ କରିଥିଲା।

## ଧରାପଡ଼ିଲେ ନକଲି ପରୀକ୍ଷାର୍ଥୀ

ବାଲିଗୁଡ଼ା,୩୧।୧(ଡି.ଏନ.ଏ.)-କନ୍ଧମାଳ ଜିଲା ବାଲିଗୁଡ଼ାରେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଫରେଷ୍ଟ ଗାର୍ଡ, ଅତିରିକ୍ତ ରେଭିନ୍ୟୁ ଅଫିସର, ଅମିନ, ଅବକାରୀ କନଷ୍ଟେବଲ ଭଳି ୪ଟି ବିଭାଗର ପରୀକ୍ଷା ଚାଲିଥିଲା। ଏଥିରେ ବାଲିଗୁଡ଼ା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଜଣେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ନିଜ ସମ୍ପର୍କୀୟ ଭାଇଙ୍କ ପାଇଁ ଜଣେ ବି.ଟେକ୍ ଛାତ୍ର ପରୀକ୍ଷା ଦେଉଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହାତରେ ଧରାପଡ଼ିଥିବା ଜଣାପଡ଼ିଛି। ସୂଚନା ପ୍ରକାରେ, ଜିଲା ବେଲଘର ଥାନା ଅଞ୍ଚଳର ବିଭୂତି ନାୟକ ନିଜ ସମ୍ପର୍କୀୟ ଭାଇ ଗୋପୀନାଥ ନାୟକଙ୍କ ପାଇଁ ଏଆର୍‌ଆଇ ପରୀକ୍ଷା ଦେଉଥିଲେ। ଆଡ୍‌ମିଟ୍ କାର୍ଡରେ ଥିବା ଫଟୋ ସହ ପରୀକ୍ଷାର୍ଥୀଙ୍କ ଫଟୋ ମେଳ ଖାଉ ନ ଥିବାରୁ ସନ୍ଦେହ ବଢ଼ିଥିଲା। ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାଲିଗୁଡ଼ା ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ପ୍ରକାରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

# ଗ୍ରହ ଶାନ୍ତି ଆଳରେ ସୁନା ଗହଣା ଚୋରି: ୨ ଗିରଫ




ଗିରଫ ୨ ଅଭିଯୁକ୍ତ ଏବଂ ଜବତ ସୁନା ଅଳଙ୍କାର।

ମାଲକାନଗିରି,୩୧।୧(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜେଲ ସାହିରେ ଜଣେ ବ୍ୟକ୍ତିଙ୍କ ଘରକୁ ଗ୍ରହଶାନ୍ତି ପୂଜା କରିବାକୁ ଆସି ୨ଜଣ ବ୍ୟକ୍ତି ସୁନା ଗହଣା ଚୋରି କରି ଧରାପଡିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଛି। ସେମାନେ ହେଲେ ପୂଜକ ସନ୍ତୋଷ ସାହୁ ଓ ମାନସ ସେନାପତି।

ଖବରରୁ ଜଣାପଡିଛି ଜେଲ ସାହିର ଶ୍ରୀଧର ପଟ୍ଟନାୟକଙ୍କ ଶାଶୁ ଓ ଶ୍ୱଶୁର କିଛି ଘରୋଇ ସମସ୍ୟାକୁ ନେଇ ଡାବୁଗାଁର ୨ ଜଣ ପୂଜକ ସନ୍ତୋଷ ଓ ମାନସଙ୍କୁ ଭେଟିଥିଲେ। ଏହି ସମୟରେ ଉଭୟେ ତମ ଜ୍ୱାଇଁଙ୍କ ଜୀବନ ଯିବ। ତାଙ୍କ ମୃତ୍ୟୁ ସୁନିଶ୍ଚିତ ବୋଲି ଉଭୟଙ୍କୁ କହିଥିଲେ। ତେବେ ଏକ ପୂଜା କଲେ ସମସ୍ତ ଦୋଷ କଟିଯିବ ବୋଲି ସେମାନେ ପରାମର୍ଶ ଦେଇଥିଲେ। ଏହା ଶୁଣି ଶ୍ରୀଧରଙ୍କ ଶାଶୁ ଓ ଶ୍ୱଶୁର ଫୋନ କରି ପୂଜା କରିବାକୁ ତାଙ୍କୁ ପ୍ରବର୍ତ୍ତାଇଥିଲେ। ରବିବାର ସନ୍ଧ୍ୟାରେ ପୂଜକ ସନ୍ତୋଷ ଓ ମାନସଙ୍କୁ ସାଙ୍ଗରେ ଧରି ଶ୍ରୀଧରଙ୍କ ଶାଶୁ ଶ୍ୱଶୁର ମାଲକାନଗିରିରେ ପହଞ୍ଚିଥିଲେ। ଉଭୟେ ପ୍ରଥମେ ଶ୍ରୀଧର ଓ ତାଙ୍କ ପରିବାରକୁ ବିଭିନ୍ନ କଥା କହି ଭୟଭୀତ କରାଇଥିଲେ। ପରେ ଶ୍ରୀଧରଙ୍କ ଶୟନ କକ୍ଷରେ ପ୍ରାୟ ୫ ଘଣ୍ଟା ପୂଜା କରିଥିଲେ। ପୂଜା ସମୟରେ ପରିବାରର କୌଣସି ସଦସ୍ୟଙ୍କୁ ପୂଜକଦ୍ୱୟ ଉକ୍ତ କଠୋରିରେ ପ୍ରବେଶ କରିବାକୁ ଦେଇ ନ ଥିଲେ। ପୂଜା ଶେଷ ହେବା ପରେ ମଧ୍ୟ ସେଠାକୁ ପରିବାର ଲୋକଙ୍କୁ ଯିବାକୁ ବାରଣ କରି କଠୋରି ଭିତରକୁ ଗଲେ ଅଳ୍ପ ଦିନ ମଧ୍ୟରେ ଶ୍ରୀଧରଙ୍କ ମୃତ୍ୟୁ ହେବ ବୋଲି ଭୟଭୀତ କରାଇ ସେଠାରୁ ଚାଲି ଯାଇଥିଲେ। ଏହି କଥା ଶୁଣି ସମସ୍ତଙ୍କର ସନ୍ଦେହ ହେବାରୁ ସେମାନଙ୍କ ଯିବାପରେ କଠୋରି ଭିତରକୁ ଯାଇ ଦେଖିବା ବେଳକୁ ଆଲମିରା ଭଙ୍ଗାଯାଇଥିବା ଏବଂ ସେଥିରେ ଥିବା ସବୁ ଲୁଗା ଚାରିଆଡେ ବିଛାଡି ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଆଲମିରା ଭିତରେ ଥିବା ସୁନାହାର, କାନଫୁଲ, ଚେନ, ମୁଦି, ପାଉଁଜି ଆଦି ନ ଥିଲା। ପରେ ଶ୍ରୀଧର ଘରେ ସମସ୍ୟା ହୋଇଥିବା କହି ସନ୍ତୋଷ ଓ ମାନସଙ୍କୁ ଡକାଇଥିଲେ। ଉଭୟଙ୍କୁ ଚୋରି ସମ୍ପର୍କରେ ପଚାରିବାରୁ ସେମାନେ ଚୋରି କରି ନ ଥିବା କହିଥିଲେ। ପରେ ଏନେଇ ଶ୍ରୀଧର ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ କେସ୍ ନଂ. ୪୯/୨୨ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ସନ୍ତୋଷ ଓ ମାନସଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଚୋରି ସୁନା ଅଳଙ୍କାର ଜବତ କରିଥିଲା।

## ଥାନାରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଗୋପାଳପୁର,(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପରିସରରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମର ଏହି ଯୁବକ କୌଣସି ଏକ ଅଭିଯୋଗ ନେଇ ରାତିରେ ଥାନାକୁ ଯାଇଥିଲେ। ତେବେ ହଠାତ୍ ସେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଥାନା ଭିତରକୁ ପଶିଯାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ସମ୍ପୃକ୍ତ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେ କାହିଁକି ଏପରି କଲେ ତାହା ସ୍ପଷ୍ଟ ହୋଇନାହିଁ।





ଅଭିଯୁକ୍ତ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ଚାଲିଛି।

# ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

**ତାଳଚେର,୩୧।୧(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ବ୍ଲକର କନିଷ୍ଠ ଯନ୍ତ୍ରୀ ବିରଞ୍ଚି ନାରାୟଣ ସାହୁ ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ୪ଟି ଟିମ୍ ତାଙ୍କ ଘର ସହ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ କରିଛନ୍ତି। କଟକ ଓ ଅନୁଗୋଳ ଭିଜିଲାନ୍ସର ୪ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୮ ଇନ୍ସପେକ୍ଟର, କର୍ମଚାରୀମାନେ ଯନ୍ତ୍ରୀଙ୍କ ତାଳଚେର ବ୍ଲକସ୍ଥିତ କାର୍ଯ୍ୟାଳୟ, ଆମ୍ବପାଳ ଓ କୁମୁଣ୍ଡାଠାରେ ଥିବା ବାସଭବନ ଏବଂ ମେରାମୁଣ୍ଡଳିସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରେ ରେଡ୍ କରିଥିଲେ। ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ସାମଲ କହିଛନ୍ତି, କନିଷ୍ଠ ଯନ୍ତ୍ରୀ ବିରଞ୍ଚିଙ୍କ ନିକଟରୁ ନଗଦ ୩୭ ହଜାର ୪୪୫ ଟଙ୍କା, ଏକ କାର୍, ୨ଟି ସ୍କୁଟି, ଗୋଟିଏ ବାଇକ୍, ଦୁଇଟି ଘର, ୧ କୋଟି ଟଙ୍କାର ବ୍ୟାଙ୍କ ଜମା, ୨୬୧ ଗ୍ରାମର ସୁନା ଏବଂ ୧୨ ଲକ୍ଷ ଟଙ୍କାର ବୀମା କାଗଜପତ୍ର ମିଳିଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ସମ୍ପତ୍ତି ନେଇ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଭିଜିଲାନ୍ସ ଏସ୍‌ପି ସାମଲ ପ୍ରକାଶ କରିଛନ୍ତି।

# ଆଜିଠୁ ଶତପ୍ରତିଶତ କର୍ମଚାରୀରେ ଚାଲିବ ସରକାରୀ ଅଫିସ

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ରାଜ୍ୟ ସରକାର ଫେବୃୟାରୀ ମାସ ପାଇଁ କୋଭିଡ ଗାଇଡ୍‌ଲାଇନ ଜାରି କରିଛନ୍ତି। ଜାନୁୟାରୀ ତୁଳନାରେ ପେବୃୟାରୀ ମାସ ପାଇଁ ନିୟମରେ କେତେକ କୋହଳ କରି ସମସ୍ତ ସରକାରୀ ଅଫିସ ଏଣିକି ଶତପ୍ରତିଶତ କର୍ମଚାରୀରେ ଚାଲିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ଜାରି ନିର୍ଦ୍ଦେଶନାମା ଅନୁସାରେ, ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ସବଅର୍ଡିନେଟ୍ ଅଫିସଗୁଡିକ ମଙ୍ଗଳବାରଠାରୁ ଶତପ୍ରତିଶତ କର୍ମଚାରୀରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ତେବେ ଅଫିସ୍‌ଗୁଡିକରେ କୋଭିଡ ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରାଯିବ। ଫଳରେ ସଂକ୍ରମଣ ବ୍ୟାପିବାକୁ ରୋକାଯାଇପାରିବ। ଏନେଇ ରାଜ୍ୟ ସରକାର ୨୦୨୦ ଜୁନ ୮ରେ ଜାରି କରିଥିବା ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁ କର୍ମଚାରୀମାନେ କୋଭିଡ୍‌ରେ ସଂକ୍ରମିତ ହେବେ ସେମାନେ ୨୦୨୨ ଜାନୁୟାରୀ ୨୧ରେ ସଂଶୋଧିତ ନିର୍ଦ୍ଦେଶନାମା ଅନୁସାରେ ଛୁଟିରେ ରହିପାରିବେ ବୋଲି ସାଧାରଣ ପ୍ରଶାସନ ବିବାଗ ପକ୍ଷରୁ କୁହାଯାଇଛି।

# ମାର୍ଚ୍ଚ ୭ରେ ଦଶମଶ୍ରେଣୀ ପ୍ରଥମ ଏକକ ବିଷୟ ପରୀକ୍ଷା

**କଟକ ଅଫିସ,୩୧।୧:** ମାର୍ଚ୍ଚ ୭ରେ ଦଶମ ଶ୍ରେଣୀ ପ୍ରଥମ ଏକକ ବିଷୟ ଏବଂ ଅଷ୍ଟମ ଶ୍ରେଣୀର ପ୍ରଥମ ଅର୍ଦ୍ଧବାର୍ଷିକୀ ଓଡ଼ିଆ ଭାଷା ପରୀକ୍ଷା ହେବ। ଏନେଇ ସୋମବାର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ମଙ୍ଗଳବାରଠାରୁ ଅଫ୍‌ଲାଇନରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର ଏବଂ ସମ୍ବଲପୁରରେ ଥିବା ବୋର୍ଡର ଜୋନ୍ କାର୍ଯ୍ୟାଳୟରେ ଛାତ୍ରୀଛାତ୍ରମାନେ ଆବେଦନ ଫର୍ମ ଏବଂ ପରୀକ୍ଷା ଫି' ଦାଖଲ କରିବେ। ଦଶମ ଶ୍ରେଣୀ ପାଇଁ ୧୨ଶହ ଟଙ୍କା ଏବଂ ଅଷ୍ଟମ ଶ୍ରେଣୀ ପାଇଁ ୭ଶହ ଟଙ୍କା ଫି' ରହିଛି। ଆସନ୍ତା ୧୧ ତାରିଖ ପୂର୍ବରୁ ଉକ୍ତ ଫି ଦାଖଲ କରିବା ନିମନ୍ତେ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହି ସମୟ ମଧ୍ୟରେ କୌଣସି ଛାତ୍ରୀଛାତ୍ର ଫି' ଦେଇ ନ ପାରନ୍ତି, ତା'ହେଲେ ସେମାନେ ଆସନ୍ତା ୧୬ ତାରିଖ ମଧ୍ୟରେ ଜରିମାନା ଦେଇ ଫି' ଦାଖଲ କରିବେ। ଜରିମାନା ବାବଦକୁ ଦଶମ ଶ୍ରେଣୀ ପାଇଁ ୨୦୦ ଏବଂ ଅଷ୍ଟମ ଶ୍ରେଣୀ ଲାଗି ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଉକ୍ତ ପରୀକ୍ଷା ପ୍ରସ୍ତୁତି ଲାଗି ସମସ୍ତ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଏବଂ ବୋର୍ଡର ଜୋନ ସ୍ତରରେ ଥିବା ଡେପୁଟି ସେକ୍ରେଟାରିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସେକ୍ସ ର୍‌ୟାକେଟ ଠାବ, ୬ ଗିରଫ

## ଟ୍ରେନିଂ କଲେଜ କ୍ୱାର୍ଟର୍ସରେ ଚାଲିଥିଲା ଦେହ ବ୍ୟବସାୟ

**କଟକ ଅଫିସ, ୩୧।୧:** କଟକରୁ ସୋମବାର ଏକ ସେକ୍ସ ର୍‌ୟାକେଟ ଠାବ କରିଛି କଟକ କମିଶନରେଟ ପୋଲିସ। ରାଧାନାଥ ଟ୍ରେନିଂ କଲେଜ ପରିସରସ୍ଥ ଏକ କ୍ୱାର୍ଟର୍ସରେ ଏହି ସେକ୍ସ ରାକେଟ ଚାଲିଥିଲା। ଏହି ମାମଲାରେ ପୋଲିସ ମୋଟ ୬ଜଣଙ୍କୁ ଗିରଫ କରିଛି। ଗ୍ରାହକ କଟକ ଶାର୍ତୋଳର ଦୁର୍ଯ୍ୟୋଧନ ସେଠୀ, ମହିଳା ଦଲାଲ ସୁଜାତାଙ୍କ ସମେତ ନିଆଳି ଓ ବଡ଼ମ୍ବା ଅଞ୍ଚଳର ୨ଜଣ ଦେହଜୀବୀଙ୍କୁ ଗିରଫ କରାଯାଇଛି। ସେହିପରି କ୍ୱାର୍ଟର୍ସ ମାଲିକ ଶରତ ଚନ୍ଦ୍ର ଚାନ୍ଦ ଓ ଝୁନୁ ଚାନ୍ଦଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଦୀର୍ଘଦିନ ଧରି ଏଠାରେ ଦେହବ୍ୟବସାୟ ଚାଲିଥିବା ପୋଲିସ ଜାଣିବାକୁ ପାଇଛି। ସୋମବାର ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଉଦ୍ଧାର ହୋଇଥିବା ମହିଳାଦ୍ୱୟଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ରାତି ୧୦ରୁ...

ଓ ମାଘ ମେଳାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ନଦୀ ଘାଟ, ସମୁଦ୍ର ତଟରେ ଗହଳି କରି ମାଘ ସପ୍ତମୀ ବୁଡ଼ ଉପରେ କଟକଣା ଲଗାଯାଇଛି। ଏଥିସହ ଶତ ପ୍ରତିଶତ କର୍ମଚାରୀଙ୍କୁ ନେଇ ସରକାରୀ ଅଫିସ୍ ଚାଲିବ। କୋଭିଡ୍ ପ୍ରୋଟୋକଲ୍ ଅନୁସାରେ ଅଫିସ୍ କାମ ହୋଇପାରିବ। ସରକାରୀ କାର୍ଯ୍ୟାଳୟ ପାଇଁ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିବ। ଏଥିସହିତ ଅନ୍ୟାନ୍ୟ କଟକଣା ପୂର୍ବଭଳି ଜାରି ରହିବ।

ସ୍ଥଳ ବିଶେଷରେ ଜିଲାପାଳ ଓ ମହାନଗର ନିଗମ କମିଶନର, ପୋଲିସ କମିଶନର ମଧ୍ୟ ନିଜ କ୍ଷମତା ଉପଯୋଗ କରି ଅତିରିକ୍ତ କଟକଣା ଜାରି କରିପାରିବେ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) କହିଛନ୍ତି। ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଓ ସାନିଟାଇଜେଶନ୍ ଭଳି କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଏହି ନିୟମକୁ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ଓ ବିପର୍ଯ୍ୟୟ ପରିଚାଳନା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହେବା ସହ ଦଣ୍ଡର ବ୍ୟବସ୍ଥା ରହିଛି ବୋଲି ସରକାର ସ୍ପଷ୍ଟ କରିଛନ୍ତି। ତେବେ ଭିଡ଼କୁ ଏଡାଇବା ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପି, ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାତ୍ରକାଳୀନ କର୍ଫ୍ୟୁ ସମୟରେ ଜରୁରିକାଳୀନ ସେବା, ସ୍ୱାସ୍ଥ୍ୟ ସେବା, ଜଳ ଯୋଗାଣ, ବିଦ୍ୟୁତ୍, ନିର୍ମାଣ କାର୍ଯ୍ୟ, କୋଭିଡ୍ ପରୀକ୍ଷା ଓ ଟିକାକରଣ ଆଦି କାର୍ଯ୍ୟ ଚାଲୁ ରହିବ। ବିମାନବନ୍ଦର, ପରିବହନ ଏବଂ ଜରୁରିକାଳୀନ ସେବାରେ ନିୟୋଜିତ ବ୍ୟକ୍ତିମାନେ ନିଜର ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ବିମାନବନ୍ଦର, ରେଳଷ୍ଟେଶନ ଏବଂ ବସଷ୍ଟାଣ୍ଡରୁ ଅଟୋ ରିକ୍ସା ବା କ୍ୟାବ ଚାଳକମାନେ ଯାତ୍ରୀ ନେବା ଆଣିବା କରିପାରିବେ। ଏହି ଗାଇଡଲାଇନ ଫେବୃୟାରୀ ୨୮ ଯାଏ ବଳବତ୍ତର ରହିବ।

## ଓଡ଼ିଶାର ୪...

ମାମଲା ପରିଚାଳନା କରିଛନ୍ତି। ଆଇନଜୀବୀ ରମଣ ମୁରାହାରୀ ଓରଫ୍ ଏମ୍.ଏସ୍. ରମଣ ଜଣେ ବିଶିଷ୍ଟ ଟ୍ୟାକ୍ସ ଲୟର୍। ସେ ପୂର୍ବରୁ ସେଲ୍‌ସ ଟ୍ୟାକ୍ସ ଟ୍ରିବ୍ୟୁନାଲ୍‌ରେ ବହୁ ମାମଲା ଦକ୍ଷତାର ସହ ପରିଚାଳନା କରିଛନ୍ତି। ଏଥିସହ ସେ ସେଲ୍‌ସ ଟ୍ୟାକ୍ସ ଉପରେ ଅନେକ ବହି ଲେଖିଛନ୍ତି।


## ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ନଥି ସଂ. IX(c)-142020-497 ତା: 08.07.2021

No. V-37: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବଳଭଦ୍ରପୁର, ଥାନା: ବାମେବାରୀ, ତହସିଲ: ଝୁମ୍ପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ରଙ୍ଗଡିହି-ଜଗଦଳା-ଫୁଲଝର-ବଳଭଦ୍ରପୁର ଡ୍ୟାମ ରୋଡ ଉନ୍ନତୀ କରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା - ୩୯୭/ଏଲ୍.ଏ ତା୨୬।୦୬।୨୦୨୦ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବଳଭଦ୍ରପୁର, ଥାନା: ବାମେବାରୀ, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.kendujhar.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ - (କ)
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: କେନ୍ଦୁଝର, ତହସିଲ: ଝୁମ୍ପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଳଭଦ୍ରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧୯.୨୯ | ୧.୦୬୫ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

### ତଫସିଲ - (ଖ)
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
### ଜିଲ୍ଲା: କେନ୍ଦୁଝର, ତହସିଲ: ଝୁମ୍ପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୬।୦୮।୨୦୨୦

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଓଡ଼ିଶା ଗ୍ୟାଜେଟ୍‌ରେ ପ୍ରାରମ୍ଭିକ ଅଧିସୂଚନା ବିଜ୍ଞପ୍ତି ସଂଖ୍ୟା- ୧୦୦୪, ତାରିଖ: ୦୬।୦୮।୨୦୨୦।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ରଙ୍ଗଡିହି-ଜଗଦଳା-ଫୁଲଝର-ବଳଭଦ୍ରପୁର ଡ୍ୟାମ୍ ରୋଡ ଉନ୍ନତୀକରଣ

ମୌଜା: ବଳଭଦ୍ରପୁର, ଥାନା: ବମେବାରୀ, ଥାନା ନଂ.: ୯୬, ତହସିଲ: ଝୁମ୍ପୁରା, ତହସିଲ ନଂ.: ୦୨, ଜିଲ୍ଲା: କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା |
|---|---|---|---|---|---|---|
| ୧ | ୭୩ | ଶ୍ରୀଧର ମହାନ୍ତ, ପି.- ରାଜ ମହାନ୍ତ,, ଜା: କୁଡୁମି, ବା: ନିଜଗାଁ | ୩୭୬ | ଘରବାରି | ୦.୦୬ | ୦.୦୦୫ |
| ୨ | ୧୯ | ଜେନା ମୁଣ୍ଡା, ରସିକା ମୁଣ୍ଡା, ଲିଟା ମୁଣ୍ଡା, ସିରାମ ମୁଣ୍ଡା, ପି.- ଚମ୍ପା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | ୩୭୭ | ଶାରଦ - ୩ | ୨.୯୦ | ୦.୦୨ |
| ୩ | ୩୨ | ନରସିଂହ ମୁଣ୍ଡା, ପି.- ସାନକାହ୍ନୁ ମୁଣ୍ଡା, କେରେସ ମୁଣ୍ଡା, ପି.- ମୁର୍ଗୀ ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | ୪୫୬/ ୧୦୭୨ | ତଇଲା - ୨ | ୧.୭୩ | ୦.୦୩ |
| ୪ | ୨୧ | ଡବର ମୁଣ୍ଡା, ସାଲୁକା ମୁଣ୍ଡା, ପି.- ମାଉଡିଆ ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | ୩୮୧ | ତଇଲା - ୨ | ୦.୫୬ | ୦.୦୦୫ |
| | | | ୩୮୩ | ତଇଲା - ୨ | ୦.୫୭ | ୦.୧୧ |
| | | | ୪୬୦ | ଶାରଦ - ୨ | ୦.୬୦ | ୦.୦୩ |
| | | | ୪୬୧ | ତଇଲା - ୨ | ୦.୩୫ | ୦.୦୩ |
| | | | ୪୬୨ | ଶାରଦ - ୨ | ୦.୨୮ | ୦.୦୩୫ |
| | | | ୪୬୩ | ଶାରଦ - ୨ | ୦.୨୫ | ୦.୦୪ |
| | | | ୪୬୪ | ତଇଲା - ୨ | ୦.୧୨ | ୦.୦୧ |
| | | | ୩୮୭ | ଶାରଦ - ୨ | ୦.୩୮ | ୦.୦୩ |
| | | | ୩୮୮ | ତଇଲା - ୨ | ୦.୨୪ | ୦.୦୨ |
| | | | ୩୮୪ | ଶାରଦ - ୨ | ୦.୪୧ | ୦.୦୫ |
| ୫ | ୪୧ | ସାନ ବଂଶୀ କୋହ୍ଲ, କୃଷନ କୋହ୍ଲ, ପି.- ମୁସୁଙ୍ଗ କୋହ୍ଲ, ସମାର କୋହ୍ଲ, ସ୍ୱା.- ମାଲକମ କୋହ୍ଲ, ଚମ୍ପା କୋହ୍ଲ, ମାଳୀ କୋହ୍ଲ, ରଇ କୋହ୍ଲ, ତୁଳସୀ କୋହ୍ଲ, ପି.- ମାଲକମ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୮୧ | ବିଆଳି | ୧.୫୨ | ୦.୧୩ |
| ୬ | ୫୪ | ରୟା କୋହ୍ଲ, ଟିକୁନୁ କୋହ୍ଲ, ପି.- ରିଟୁ କୋହ୍ଲ, ଡିବୁରୁ କୋହ୍ଲ, ପି.- ଚାନ୍ଦା କୋହ୍ଲ, ନଟ କୋହ୍ଲ, ପି.- କାଇରା କୋହ୍ଲ, ଟେମ୍ପ କୋହ୍ଲ, ପି.- ଗୁଲଟା କୋହ୍ଲ, ସାମୁ କୋହ୍ଲ, ପି.- ଡଗେ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୮୧୬ | ବା.ଫ. - ୨ | ୧.୦୩ | ୦.୦୩ |
| | ୫୭ | ରୟା କୋହ୍ଲ, ଟିକୁନୁ କୋହ୍ଲ, ପି.- ରିଟୁ କୋହ୍ଲ, ଡିବୁରୁ କୋହ୍ଲ, ପି.- ଚାନ୍ଦା କୋହ୍ଲ, ଶ୍ୟାମ କୋହ୍ଲ, ପି.- ଡଗର କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୯୦୩ | ବା.ଫ. - ୨ | ୦.୮୮ | ୦.୦୫ |
| | | | ୯୦୬ | ବା.ଫ. - ୨ | ୦.୮୩ | ୦.୦୩ |
| ୭ | ୨୯ | ନଙ୍ଗଲା କୋହ୍ଲ, ଗହ୍ମା କୋହ୍ଲ, ବିରିସିଂ କୋହ୍ଲ, ରାଏ କୋହ୍ଲ, ପି.- କେରେସ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୯୧୪ | ବା.ଫ. - ୨ | ୦.୪୬ | ୦.୦୧ |
| ୮ | ୭୦ | ସରିଆ କୋହ୍ଲ, ସୁନିଆ କୋହ୍ଲ, ପି.- କାହ୍ନୁ କୋହ୍ଲ, ମାଗିଆ କୋହ୍ଲ, ବିମୁଟ କୋହ୍ଲ, ବୁଧୁ କୋହ୍ଲ, ପି.- ସମାର କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୮୨୦ | ବା.ଫ. - ୨ | ୦.୫୩ | ୦.୦୨ |
| ୯ | ୩୦ | ନଟ କୋହ୍ଲ, ପି.- କଇରା କୋହ୍ଲ, ଟେମ୍ପ କୋହ୍ଲ, ପି.- ରାଉତ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୯୧୬/ ୧୦୮୭ | ବା.ଫ. - ୨ | ୦.୨୮ | ୦.୦୧ |
| ୧୦ | ୭୫ | ଶିରପାଣି ନାଏକ, ପି.- ନବୀନ ନାଏକ, ଜା: ସାଉନ୍ତି, ବା: କୋଦଗାଡ଼ିଅ, ଥା: ଚମ୍ପୁଆ | ୯୨୯ | ବା.ଫ. - ୨ | ୦.୪୦ | ୦.୦୧ |
| ୧୧ | ୨ | ଉରୁଲୁ କୋହ୍ଲ, ପି.- ବାଗୁନି କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୯୩୦ | ବା.ଫ. - ୨ | ୧.୧୦ | ୦.୦୬ |
| ୧୨ | ୨୩ | ଡେମକା କୋହ୍ଲ, ସମରା କୋହ୍ଲ, ପି.-ବୁଧୁ କୋହ୍ଲ, ପାଣ୍ଡୁ କୋହ୍ଲ, ବଂଶୀ କୋହ୍ଲ, ପି.- ଗୋଲଟା କୋହ୍ଲ, କୁନ୍ଦରା କୋହ୍ଲ, ସ୍ୱା.- ସନୁ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୮୭୩/ ୧୨୪୩ | ବା.ଫ. - ୨ | ୦.୪୦ | ୦.୦୨ |
| ୧୩ | ୬୨ | ରାଉତ କୋହ୍ଲ, ପି.- କାହ୍ନୁ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୯୩୩ | ବିଆଳି | ୦.୭୯ | ୦.୦୫ |
| ୧୪ | ୨୩ | ଡେମକା କୋହ୍ଲ, ସମରା କୋହ୍ଲ, ପି.- ବୁଧୁ କୋହ୍ଲ, ପାଣ୍ଡୁ କୋହ୍ଲ, ବଂଶୀ କୋହ୍ଲ, ପି.- ଗୋଲଟା କୋହ୍ଲ, କୁନ୍ଦରା କୋହ୍ଲ, ସ୍ୱା.- ସନୁ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୮୭୫/ ୧୨୪୪ | ବା.ଫ. - ୨ | ୦.୭୦ | ୦.୧୦ |
| ୧୫ | ୧୫ | ଚମ୍ପେଇ ମୁଣ୍ଡା, ଉଦେଇ ମୁଣ୍ଡା, ସେଲେଇ ମୁଣ୍ଡା, ସାଉ ମୁଣ୍ଡା, ପି.- ମହାନ୍ତି ମୁଣ୍ଡା, ସିଦିରାମ ମୁଣ୍ଡା, ପି.- ମାଦେଇ ମୁଣ୍ଡା, ଜା: କୋହ୍ଲ, ବା: କାସିଆ | ୯୩୫ | ବିଆଳି | ୦.୯୮ | ୦.୦୭ |
| ୧୬ | ୬୪ | ଲେପାଲୁ ମୁଣ୍ଡା, ବା: ପିଡ ପୋଖରୀ, ବେଲ ମୁଣ୍ଡା, ବା: ଯାତ୍ରୀ, ଥା: କାଞ୍ଜି ପାଣି, ପିରିଲି ମୁଣ୍ଡା, ସମାର ମୁଣ୍ଡା, ମାମି ମୁଣ୍ଡା, ପି.- ତଣ୍ଡଲା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | ୯୩୬ | ତଇଲା - ୨ | ୦.୮୮ | ୦.୦୫ |
| ୧୭ | ୨୩ | ଡେମକା କୋହ୍ଲହ୍, ସମରା କୋହ୍ଲ, ପି.- ବୁଧୁ କୋହ୍ଲ, ପାଣ୍ଡୁ କୋହ୍ଲ, ବଂଶୀ କୋହ୍ଲ, ପି.- ଗୋଲଟା କୋହ୍ଲ, କୁନ୍ଦରା କୋହ୍ଲ, ସ୍ୱା.- ସନୁ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ୯୯୪/ ୧୨୪୭ | ଶାରଦ - ୨ | ୦.୦୬ | ୦.୦୧ |
| | | | | ମୋଟ | ୧୯.୨୯ | ୧.୦୬୫ |

ସ୍ୱା./- ଲଳିତ କୁମାର ନାୟକ
AMIN
L.A. (Gen.) Section
Collectorate, Keonjhar

ସ୍ୱା./- ଲୋପାମୁଦ୍ରା କୁଅଁର
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./- ଜ୍ୟୋତ୍ସ୍ନା ନାଏକ
Land Acquisition Officer
Keonjhar

OIPR-24045/14/0028/2122



## ଓଡ଼ିଶା ସରକାର
## ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

File No.L.A.I-19/2021/ 407 dated 13.07.2021

No.XXXII-06:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଦେବଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କଲା, ଥାନା-ବାରକୋଟ, ନଂ.୧୨୬, ତହସିଲ-ବାରକୋଟ, ଜିଲ୍ଲା- ଦେବଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩.୨୪୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାରଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବ-ତଟ ରେଳପଥ, ଅନୁଗୋଳ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ SIA Study vide No. 26716 dtd.07.09.2019 ଦ୍ରଷ୍ଟବ୍ୟ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଦେବଗଡ଼।
୬- ଜମିର ବିବରଣୀ- ଏଥିସହିତ ସଂଲଗ୍ନ କରାଗଲା।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଦେବଗଡ଼ | ବାରକୋଟ | କଲା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ୩.୨୪୦ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଦେବଗଡ଼ ଜିଲ୍ଲାପାଳ ଓ ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଦେବଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଜିଲ୍ଲାପାଳ, ଦେବଗଡ଼**

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ- ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ମୌଜା- କଲା, ଥାନା- ବାରକୋଟ, ଥାନା ନଂ.-୧୨୬, ତହସିଲ-ବାରକୋଟ, ଜିଲ୍ଲା-ଦେବଗଡ଼**

| ଗ୍ରାମର ନାମ | ଗ୍ରାମ-ପଞ୍ଚାୟତର ନାମ | ଖାତା ନଂ. | ପ୍ଲଟ୍ ନଂ. | କିମସ | ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | ରୟତଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲା | କଲା | ୫୪ | ୧୩୪ | ମାଳ ପାଣି ଦୁଇ/୩ | ୦.୨୦୦ | ୦.୨୦୦ | କ୍ଷୀର ଧଳ, ବିପିନ ଧଳ, ପି- ପଦ ଧଳ, ଅପର୍ଣ୍ଣା ଧଳ, ସ୍ୱା- ପଦ ଧଳ, ଜା- ଚଷା, ବା- ନିଜଗାଁ |
| | | ୧୫୧ | ୧୨୨ | ବାହାଲ ପାଣି ଦୁଇ | ୦.୧୦୦ | ୦.୧୦୦ | ଦୟାନିଧି ସାହୁ, ପି.- ବନମାଳି ସାହୁ, ଜା- ଚଷା, ବା- ନିଜଗାଁ |
| | | ୨୦୦ | ୧୩୫/ ୪୨୪୦ | ମାଳ ପାଣି ଦୁଇ | ୦.୦୯୦ | ୦.୦୯୦ | ପରମା ସାହୁ, ପି- କୁର୍ଣ୍ଣୀ ସାହୁ, ଜା- ଚଷା, ବା- ନିଜଗାଁ |
| | | | ୩୧୯୬/ ୪୨୭୪ | ବାହାଲ ପାଣି ଦୁଇ | ୦.୫୨୦ | ୦.୧୫୦ | |
| | | ୨୬୮ | ୩୧୯୪ | ବେର୍ଣ୍ଣା ପାଣି ଦୁଇ | ୦.୩୬୦ | ୦.୩୬୦ | ବିରଞ୍ଚି ସାହୁ, ବିପିନ ବିହାରି ସାହୁ, ପି- ମାଗତା ସାହୁ, ନବାଡି ସାହୁ, ସ୍ୱା.- ମାଗତା ସାହୁ, ଜା- ଚଷା, ବା- ନିଜଗାଁ |
| | | | ୩୧୯୫ | ବେର୍ଣ୍ଣା ପାଣି ଦୁଇ | ୦.୩୨୦ | ୦.୩୨୦ | |
| | | ୨୮୮ | ୧୩୫ | ମାଳ ପାଣି ଦୁଇ/୩ | ୦.୨୧୦ | ୦.୦୮୦ | ଭଗବାନ ସାହୁ, ପି.- କୁର୍ଣ୍ଣି ସାହୁ, ଜା- ଚଷା, ବା- ନିଜଗାଁ |
| | | ୩୪୩ | ୧୧୯ | ବାହାଲ ପାଣି ଦୁଇ | ୦.୨୭୦ | ୦.୧୧୦ | ରବିନ୍ଦ୍ର ସାହୁ, ପି- ବନମାଳି ସାହୁ, ଜା- ଚଷା, ବା- ନିଜଗାଁ |
| | | | ୧୨୧ | ବାହାଲ ପାଣି ଦୁଇ | ୦.୬୫୦ | ୦.୪୧୦ | |
| | | ୩୯୩ | ୮୬ | ଗୋଡା ଦୁଇ | ୦.୭୭୦ | ୦.୨୨୦ | ଶ୍ରୀପତି ସାହୁ, ହରିହର ସାହୁ, ପି- ଶୁକୁ ସାହୁ, ଲକ୍ଷ୍ମଣ ସାହୁ, ସୁଦର୍ଶନ ସାହୁ, ଚହଟ ସାହୁ, ଦର୍ପଣୀ ସାହୁ, ମନ୍ଦ ସାହୁ, ମଞ୍ଚ ସାହୁ, ସାନିନି ସାହୁ, ପି- ପଦ୍ମଲୋଚନ ସାହୁ, ପଦ୍ମା ସାହୁ, ସ୍ୱା.- ପଦ୍ମଲୋଚନ ସାହୁ, ଜା- ଦୁଣ୍ଡି, ବା- ନିଜଗାଁ |
| | | ୩୯୪ | ୧୨୮ | ବେର୍ଣ୍ଣା ପାଣି ଦୁଇ/୩ | ୦.୩୯୦ | ୦.୨୪୦ | ଶୁକଦେବ ଜେନା, ଅନିରୁଦ୍ଧ ଜେନା, ପଦ୍ମଲୋଚନ ଜେନା, ପି- ଖଗ ଜେନା, ଭୁୟା ଜେନା, ପି- ଦିଗ ଜେନା, ଲତା ଜେନା, ସ୍ୱା- ଦୟା ଜେନା, ଇଚ୍ଛା ଜେନା, ସ୍ୱା- ଝରା ଜେନା, ପାର୍ବତୀ ଜେନା, ପି- ଝରା ଜେନା, ଜା- ଚଷା, ବା- ନିଜଗାଁ |
| | | | ୧୨୯ | ମାଳ ପାଣି ଦୁଇ/୨ | ୦.୧୭୦ | ୦.୦୧୦ | |
| | | | ୧୩୦ | ବେର୍ଣ୍ଣା ପାଣି ଦୁଇ/ ୩ | ୦.୩୦୦ | ୦.୨୦୦ | |
| | | | ୧୩୧ | ବେର୍ଣ୍ଣା ପାଣି ଦୁଇ | ୦.୨୯୦ | ୦.୨୯୦ | |
| | | ୪୨୩ / ୪୩ | ୩୨୦୭ | ବାହାଲ ପାଣି ଦୁଇ | ୧.୦୭୦ | ୦.୪୬୦ | ପ୍ରତାପରୁଦ୍ର ପ୍ରଧାନ, ଜୟପ୍ରକାଶ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ପି- ପ୍ରାଣବନ୍ଧୁ ପ୍ରଧାନ, ଜା- ଚଷା, ବା- ବଲଣ୍ଡା |
| | | ମୋଟ | | | ୫.୭୧୦ | ୩.୨୪୦ | |

ସ୍ୱା./- ଭୂଅର୍ଜନ ମଣ୍ଡଳ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼
ସ୍ୱା./-ଜିଲ୍ଲାପାଳ, ଦେବଗଡ଼

OIPR-24010/14/0013/2122



## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂ. IX (C)-2412020-738 ତା-21.12.2020

No.V-21:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ବାମେବାରୀ-ରଣସାଳ ଘାଟି, ଭାୟା- ଯୋଡା ବାମେବାରୀ ଏକ୍ସପ୍ରେସ୍-୨ ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କୁଣ୍ଡାପସି, ଥାନା- ଯୋଡ଼ା, ତହସିଲ- ବଡବିଲ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୫୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ବାମେବାରୀ-ରଣସାଳ ଘାଟି, ଭାୟା- ଯୋଡ଼ା ବାମେବାରୀ ଏକ୍ସପ୍ରେସ୍-୨ ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ (ଆର୍ ଏଣ୍ଡ ବି ଡିଭିଜନ) କେନ୍ଦୁଝର।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ବାମେବାରୀ-ରଣସାଳ ଘାଟି, ଭାୟା- ଯୋଡ଼ା ବାମେବାରୀ ଏକ୍ସପ୍ରେସ୍-୨ ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ। ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ। ପ୍ରକଳ୍ପର ସକାରାତ୍ମକ ପ୍ରଭାବଗୁଡ଼ିକ ନକାରାତ୍ମକ ପ୍ରଭାବଠାରୁ ଯଥେଷ୍ଟ ଅଧିକ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଚମ୍ପୁଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ବଡବିଲ | କୁଣ୍ଡାପସି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ଏ ୨.୯୦ | ଏ ୦.୫୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ- ବାମେବାରି-ରଣସାଳ ଘାଟି, ଭାୟା- ଯୋଡ଼ା - ବାମେବାରୀ ଏକ୍ସପ୍ରେସ୍ - ୨ ରାସ୍ତାର ଉନ୍ନତୀକରଣ

ମୌଜା- କୁଣ୍ଡାପସି, ଥାନା ନଂ.- ୫୮,
ଥାନା- ଯୋଡ଼ା, ତହସିଲ ୨ (୭୩)
ତହସିଲ- ବଡବିଲ,
ଜିଲ୍ଲା- କେନ୍ଦୁଝର,

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮ | ଢୁଗୁରୁ ମୁଣ୍ଡା, ପି- ରାମାଇ ମୁଣ୍ଡା, ବୁଧୁ ମୁଣ୍ଡା, ପି- ଢୁଗୁରୁ ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ, ବେଆଇନ ଖରିଦ ସୂତ୍ରେ ଦଖଲ ସୁଇମନୋଖ ଜୟୀସୁଅଲ, ପି- ବୈଦ୍ୟନାଥ ଜୟୀସୁଅଲ, ଜା- ବଣିଆ, ବା- ନିଜଗାଁ, ରେଜିଷ୍ଟ୍ରି ଦଲିଲ ନଂ.- ୧୨୯୬, ତା୨୩.୧୦.୧୯୭୦, ଜରସମନ ଟ.୬୧୬.୦୦ | ୧୧୨ | ଘରବାରି | ୦.୨୮୦ | ୦.୧୮୦ | |
| | | | ୧୧୩ | ଘରବାରି | ୦.୧୩୦ | ୦.୧୩୦ | |
| ୨ | ୭ | ଜନ ମୁଣ୍ଡା, ପି- ସମା ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | ୧୩୧ | ତଇଲା-୨ | ୦.୩୩୦ | ୦.୧୨୦ | |
| ୩ | ୧୪ | ହାରାମଣି ମହାକୁଡ, ସ୍ୱା- ଗୋବର୍ଦ୍ଧନ ମହାକୁଡ, ରାମଚନ୍ଦ୍ର ମହାକୁଡ, ମହେଶ୍ୱର ମହାକୁଡ, ପି- ଗୋବର୍ଦ୍ଧନ ମହାକୁଡ, ଜା- ଗୋପାଳ, ପ୍ରାଣବଲ୍ଲବ ମହାକୁଡ, ଅନିରୁଦ୍ଧ ମହାକୁଡ, ଅହଲ୍ୟା ଖୁଣ୍ଟିଆ, ସୂର୍ଯ୍ୟମଣି ବାରିକ, ମେନକା ବାରିକ, ପି- ଗୋବର୍ଦ୍ଧନ ମହାକୁଡ, ବା- ନମ୍ପିର | ୧୨୮ | ତଇଲା-୨ | ୧.୪୩୦ | ୦.୦୫୦ | |
| ୪ | ୨୫ | ରଇଦାସ ମୁଣ୍ଡା, ପି- ଡବର ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | ୧୪୮ | ଶାରଦ-୩ | ୦.୭୩୦ | ୦.୦୨୦ | |
| | | | | ମୋଟ | ୨.୯୦୦ | ୦.୫୦୦ | |

OIPR-24045/14/0015/2122
ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର

**ନାଉପାଳ ଗ୍ରାମରୁ ବାଣ ଜବତ**

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ଥାନା ନାଉପାଳ ଗ୍ରାମର ପରମାନନ୍ଦ ବିଶ୍ୱାଳଙ୍କ ଘରେ ପୋଲିସ ଚଢାଉ କରି ବାଣ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି। ସୋମବାର ଧର୍ମଶାଳା ପୋଲିସ ବିଶ୍ୱାଳଙ୍କ ଘରେ ବେଆଇନ ବାଣ ମହଜୁଦ ରଖିଥିବା ଅଭିଯୋଗ ପାଇ ଚଢାଉ କରିଥିଲା। ଚଢାଉ ସମୟରେ ବାଣ ଜବତ ହେବା ସହ ପରମାନନ୍ଦଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରା ଉଚରା କରୁଛି।

## ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ଚାଳକ କୋର୍ଟ ଚାଲାଣ

**ପାଣିକୋଇଲି,୩୧।୧(ଡି.ଏନ.ଏ.):** ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରକ ଚାଳକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଏନେଇ ଏକ ମାମଲା (ନଂ.୧୬/୨୧) ରୁଜୁ ହୋଇଥିଲା। ଗିରଫ ଟ୍ରକ ଚାଳକ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଝିଲି ଗ୍ରାମର ରମାକାନ୍ତ ସାହୁ। ଗତ ୨୪ ତାରିଖରେ ପାଣିକୋଇଲି ଥାନାର ଗୃହରକ୍ଷୀ ପଦ୍ମାବତୀ ସାହୁ ସ୍ଥାନୀୟ ଗୋଲେଇ ଛକରେ ଟ୍ରାଫିକ୍ ଡ୍ୟୁଟିରେ ଥିଲେ । ଏହି ସମୟରେ ରମାକାନ୍ତ ଟ୍ରକ ଚଳାଇ ଆସି ତାଙ୍କୁ ଧକ୍କା ଦେଇଥିଲେ। ଏଥିରେ ପଦ୍ମାବତୀ ଗୁରୁତର ହୋଇଥିଲେ। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ ଜବତ କରିଥିଲେ । ହେଲେ ଚାଳକ ଓ ଖଲାସୀ ଫେରାର ହୋଇଯାଇଥିଲେ ।

## ଅଭିନବ ଉପାୟରେ ଚୋରି

**ପାଣିକୋଇଲି,୩୧।୧(ଡି.ଏନ.ଏ.):** ପାଣିକୋଇଲି ଷ୍ଟେଟ ବ୍ୟାଙ୍କ ଶାଖାରେ ସୋମବାର ଜଣେ ଗ୍ରାହକ ତାଙ୍କ ଜମା ଖାତାକୁ ନେଇ କୌଣସି କାରଣରୁ ବ୍ୟସ୍ତ ଥିଲେ । ଏହି ସମୟରେ ଅନ୍ୟ ଜଣେ ଗ୍ରାହକ ଜରୁରୀ କଲ୍ କରିବାର ଅଛି କହି ତାଙ୍କୁ ମୋବାଇଲ ମାଗିଥିଲେ । ଅମୃତିଆ ଗ୍ରାମର ଅଚ୍ୟୁତ ପରିଡା ତାଙ୍କୁ ନିଜ ମୋବାଇଲ ଦେଇ ଅଫିସରଙ୍କ ସହ କଥା ହୋଇଥିଲେ । ଏହି ସୁଯୋଗରେ ସମ୍ପୃକ୍ତ ବ୍ୟକ୍ତି ମୋବାଇଲ ନେଇ ସେଠାରୁ ଚମ୍ପଟ ମାରିଥିଲେ । ବହୁ ଖୋଜା ଖୋଜି ପରେ ଥାନାରେ ଅଭିଯୋଗ କରିଛନ୍ତି ଅଚ୍ୟୁତ । ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଜାରି ରଖିଛି ।

# ୧୬ ନଂ. ଜୋନ୍‌ରେ କଡ଼ା ଟକ୍କର

- ନିର୍ବାଚନ ମଇଦାନରେ ତ୍ରିମୁଖୀ ଲଢ଼େଇ
- ଗଡ଼ ରକ୍ଷା ପାଇଁ ବିଜେଡିର ଉଦ୍ୟମ

**ଚଣ୍ଡିଖୋଲ,୩୧।୧(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ୧୬ ନଂ. ଜୋନ୍ ଜିଲା ପରିଷଦ ଆସନ ପାଇଁ କଡ଼ା ଟକ୍କର ଚାଲିଛି । ଏହି ଜୋନ୍‌ଟି ଅଣସଂରକ୍ଷିତ ରହିଥିବାରୁ ୪ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡିରୁ ବ୍ଲକ ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସରୁ ପ୍ରଦୀପ ମହାନ୍ତି, ଭାଜପାରୁ ପବିତ୍ର କୁମାର ରାଉତ ଓ ଜେଏମ୍ଏମ୍‌ରୁ ଗିରିଶ ମଲ୍ଲିକ ଏହି ପଦବୀ ପାଇଁ ଅଣ୍ଟା ଭିଡ଼ିଛନ୍ତି। ବିଜେଡି ପ୍ରାର୍ଥୀ ନାୟକ ବିଟେକ୍ ପାସ୍ କରିଥିବା ବେଳେ ଭାଜପା ପ୍ରାର୍ଥୀ ରାଉତ ସ୍ନାତକ ପାସ କରିଛନ୍ତି। ସେହିଭଳି କଂଗ୍ରେସ ପ୍ରାର୍ଥୀ ମାଟ୍ରିକ ପାସ କରିଥିବା ବେଳେ, ଜେଏମ୍ଏମ୍ ପ୍ରାର୍ଥୀ +୨ ପାସ୍ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ସମସ୍ତ ପ୍ରାର୍ଥୀ ନୂଆ ମୁହଁ ହୋଇଥିଲେ ମଧ୍ୟ ଏହି ଜୋନ୍‌ରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଭୋଟରମାନେ ମତ ଦେଇଛନ୍ତି । ଭୁଷଣ୍ଡପୁର, ବୈରୀ, ଦର୍ପଣ,କାଇଚିଆ, ପାରିଆ, ଶାଳପଡା, ସମିଆ, ସିହା ଓ ସୋଲର ଆଦି ୯ ପଞ୍ଚାୟତକୁ ନେଇ ଏହି ଜୋନ୍ ଗଠିତ। ୧୩୮ ୱାର୍ଡରେ ଅଛନ୍ତି ୩୯୧୦୬ ଭୋଟର। ସେଥିମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୧୯୪୦୬ ଓ ପୁରୁଷଙ୍କ ସଂଖ୍ୟା ୧୯୭୦୦ । ଏହି ୯ ପଞ୍ଚାୟତ ବଡ଼ଚଣାର ପଶ୍ଚିମାଞ୍ଚଳ ଭାବେ ପରିଚିତ। ବିଭିନ୍ନ ସମସ୍ୟାକୁ ନେଇ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ ଭିକ୍ଷା କରୁଥିବା ବେଳେ ବିକାଶର ବାର୍ତ୍ତାକୁ ଆଧାର କରି ବିଜେଡି ପ୍ରାର୍ଥୀ ନିଜର ସମର୍ଥକ ଏକଜୁଟ୍ କରୁଛନ୍ତି । ତଥାପି ଭୋଟରଙ୍କ ମଧ୍ୟରେ ଏ ପର୍ଯ୍ୟନ୍ତ ସେଭଳି ଉତ୍ସାହ ନାହିଁ । ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍‌ରେ ୮୧ ପ୍ରତିଶତ ମତଦାନ ହୋଇଥିଲା । ସେତେବେଳେ ଏହି ଆସନ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ବିଜେଡି ପ୍ରାର୍ଥୀ ବିନୋଦିନୀ ସାହୁ ୧୩ ହଜାର ୩୭୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । କଂଗ୍ରେସ ପ୍ରାର୍ଥୀ ପ୍ରତିଭା ମଲ୍ଲିକ ୬ ହଜାର ୧୫୨ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ନିରୁପମା ବେହେରା ୫ ହଜାର ୫୬୬ ଖଣ୍ଡ ଭୋଟ ପାଇଥିଲେ। ସ୍ୱାଧୀନ ପ୍ରାର୍ଥୀ ସଙ୍ଗୀତା ରାଉଳ ୧୯୮୬ ଖଣ୍ଡ ଭୋଟ ପାଇଥିଲେ । ପ୍ରତିଦ୍ୱନ୍ଦ୍ୱିତା ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହୋଇଥିଲା । ସେହିଭଳି ୨୦୧୨ ପଞ୍ଚାୟତ ନିର୍ବାଚନରେ ଏଠାରୁ ବିଜେଡି ପ୍ରାର୍ଥୀ କୈଳାସ ଚନ୍ଦ୍ର ରାଉତ ବିଜୟ ଲାଭ କରିଥିଲେ । ବିଜେଡିର ଗଡ଼ କୁହାଯାଉଥିବା ଏହି ଜୋନ୍‌କୁ ଦଳୀୟ ପ୍ରାର୍ଥୀ ରକ୍ଷା କରି ପାରିବେ କି ନାହିଁ ତାହା ସମୟ କହିବ ବୋଲି ଭୋଟରମାନେ କହିଛନ୍ତି। ତଥାପି ବିଜେଡି ନିଜ ଗଡ଼ ରକ୍ଷା ପାଇଁ ଉଦ୍ୟମ ଜାରି ରଖିଛି । ଅନ୍ୟ ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କ ସହ ଘରକୁ ଘର ବୁଲି ପ୍ରଚାର ଆରମ୍ଭ କରିଛନ୍ତି । କୋଭିଡ୍ କଟକଣା ପାଇଁ ଚଳିତ ଥର ସଭାସମିତିକୁ ବାତିଲ କରାଯାଇଛି । ଡିଜିଟାଲ ମିଡ଼ିଆରେ କିପରି ପ୍ରଚାର ଜୋରଦାର୍ ହୋଇପାରିବ ସେନେଇ ପ୍ରାର୍ଥୀମାନେ ଲାଗି ପଡ଼ିଛନ୍ତି। ଆସନ୍ତା ୧୮ରେ ଏହି ଜୋନ୍‌ରେ ମତଦାନ ହେବ । ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୂଚନା ମିଳିଛି।

## ସରପଞ୍ଚ ପ୍ରାର୍ଥୀଙ୍କ ପରଲୋକ, ନିର୍ବାଚନ ବାତିଲ

**ଚଣ୍ଡିଖୋଲ, ୩୧।୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଧାନମଣ୍ଡଳ ପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ସରୋଜ କୁମାର ସ୍ୱାଇଁ (୫୮)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଥିଲା । ଏଥିପାଇଁ ସରପଞ୍ଚ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନକୁ ବାତିଲ କରାଯାଇଛି । ଗ୍ରାମପଞ୍ଚାୟତ ଆଇନ ୧୯୬୫ ଧାରା ୩୩ (ଖ) ଅନୁଯାୟୀ ନିର୍ବାଚନ ବାତିଲ କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଅଜିତ ନାରାୟଣ ଗିରି ସୂଚନା ଦେଇଛନ୍ତି । ତେବେ ଧାନମଣ୍ଡଳ ପଞ୍ଚାୟତରେ ସମିତି ସଭ୍ୟ , ଜିଲା ପରିଷଦ ଓ ୱାର୍ଡସଭ୍ୟ ନିମନ୍ତେ ନିର୍ବାଚନ ପୂର୍ବ ନିର୍ଦ୍ଧାରିତ ତାରିଖରେ ଅନୁଷ୍ଠିତ ହେବ । ନିର୍ବାଚନ କମିଶନରଙ୍କ ନିଷ୍ପତ୍ତି ପରେ ଏଠାରେ ସରପଞ୍ଚ ପଦବୀ ନିମନ୍ତେ ନିର୍ବାଚନ କରାଯିବ ବୋଲି ଗିରି ସୂଚନା ଦେଇଛନ୍ତି।

## ୫୩ ୱାର୍ଡରୁ ୭ ନାମାଙ୍କନପତ୍ର ଦାଖଲ

**ଧର୍ମଶାଳା,୩୧।୧(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଶେଷରେ ୬୩୭ଟି ୱାର୍ଡରୁ ୫୩ଟିରେ କେହି ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଫାଙ୍କା ପଡିଥିବା ଧର୍ମଶାଳା ବ୍ଲକର ୫୩ ୱାର୍ଡରେ ନାମାଙ୍କନପ୍ରତ ଦାଖଲ ପାଇଁ ୨୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୋମବାର ଶେଷ ତାରିଖ ସୁଦ୍ଧା ୭ ୱାର୍ଡରେ ୯ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ମଙ୍ଗଳବାର ଯାଞ୍ଚ ପରେ ୪ରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ତାରିଖ ଧାର୍ଯ୍ୟ ହୋଇଛି । ଅବଶିଷ୍ଟ ୪୬ ୱାର୍ଡ଼ରେ କେହି ନାମାଙ୍କନ କରି ନ ଥିବାରୁ ପରବର୍ତ୍ତୀ ସମୟରେ ୱାର୍ଡସଭ୍ୟ ମନୋନୀତ କରିବେ।

## ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

**ଜେନାପୁର,୩୧।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ରେଳ ଷ୍ଟେଶନ ଲେବୁଲ କ୍ରସିଂ ନିକଟରେ ସୋମବାର ପୂର୍ବାହ୍ନରେ ଜଣେ ବୃଦ୍ଧଙ୍କ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଛି । ମୃତକ ହେଲେ ସାହାଣୀଡ଼ିହ ପଞ୍ଚାୟତ ଚାରଗୋଠ ଗ୍ରାମର ନକୁଳ ମଲିକ (୬୬)। ନକୁଳ ପରିବାର ଲୋକଙ୍କ ସହ ଚାଲି ଚାଲି ଷ୍ଟେଶନ ଅଭିମୁଖେ ଯାଉଥିଲେ। ଏହି ସମୟରେ କଟକ ଆଡ୍ରୁ ଡ଼ାଉନ ଲାଇନ୍‌ରେ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜେନାପୁର ମେଡ଼ିକାଲକୁ ପରିବାର ଲୋକେ ନେଇଥିଲେ । ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।


| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୪ | ୧୯୪/୧୬ | ୭୭୬/ ୨୫୩୧ (ସ୍କ) | ମାଳ ସାଧାରଣ | ୦.୨୬୦ | ୦.୦୧୦ | ପ୍ରତାପ ଚନ୍ଦ୍ର ପଧାନ, ପି.- ନାରାୟଣ ଚନ୍ଦ୍ର ପଧାନ, ଜା: ଚଷା, ବା: ନିଜଗାଁ |
| | | ୭୭୬/ ୨୫୪୩ (ସ୍କ) | ମାଳ ସାଧାରଣ | ୦.୩୫୦ | ୦.୦୨୦ | |
| ୫୫ | ୧୯୪/୮୭ | ୯୬୧ (ସ୍କ) | ବାହାଲ ପାଣି ଦୁଇ | ୦.୩୦୦ | ୦.୦୮୦ | ଲମ୍ବୋଦର ସାହୁ, ପି.- ଦାଶରଥି ସାହୁ, ଜା: ଚଷା, ବା: ନିଜଗାଁ |
| ୫୬ | ୧୯୪/୯୧ | ୬୭୪ (ସ୍କ) | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୧୦ | ଧନେଶ୍ୱର ନାୟକ, ପି.- ନିଳାଦ୍ରି ନାୟକ, ଜା: ଚଷା, ବା: ନିଜଗାଁ |
| | | ୬୭୫ | ବେର୍ଣ୍ଣା ସାଧାରଣ | ୦.୧୪୦ | ୦.୧୪୦ | |
| ୫୭ | ୧୯୪/୧୦୦ | ୧୭୭୮ | ବାହାଲ ପାଣି ଦୁଇ | ୦.୧୭୦ | ୦.୧୭୦ | ଲମ୍ବୋଦର ସାହୁ, ପି.- ଦାଶ ସାହୁ, ଜା: ଚଷା, ବା: ଗୋଳାବନ୍ଧ |
| ୫୮ | ୧୯୪/୧୦୭ | ୧୪୭୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | କୁମାରୀ ବେହେରା, ସ୍ୱା.- ପୂର୍ଣ୍ଣ ଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| | | | | ୪୧.୫୯୦ | ୨୮.୪୨୦ | |

ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସ୍ୱା./- ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0011/2122



**ଓଡ଼ିଶା ସରକାର**

**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଘୋଷଣା**

ନଥି ସଂ. IX (D)-08/2021-201 ତା–26.03.2021

No.V–41:– ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ଅତା**, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅଜର୍ନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୩ ତା- ୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଅତା**, ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅତା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୧.୨୪ | ଏ ୦.୩୧ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ - ଖ**

**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୮।୦୧।୨୦୧୯ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ

**ମୌଜା:- ଅତା, ଥାନା:- ରାମଚନ୍ଦ୍ରପୁର, ତହସିଲ:- ଘସିପୁରା, ଭୂ- ଅଜର୍ନ ମାମଲା ସଂ:- ୦୧/୨୦୧୮**

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୨ | ନାଥ ଯେନା, ପି- ଶଙ୍କର ଯେନା, ବା- ନିଜଗାଁ, ଜା- ପାଣ | ୧୦୯୨ | ଶାରଦ-୨ | ୦.୭୬ | ୦.୧୫ | |
| ୨ | ୨୬୨ | ମଣି ଚରଣ ପାଗଳ, ଆର୍ତ୍ତ ପାଗଳ, ନାରାୟଣ ପାଗଳ, ଜୟନ୍ତ ପାଗଳ, ପି- ଦୁଖୀ ପାଗଳ, ବା- ନିଜଗାଁ, ଜା- ତନ୍ତି | ୧୦୯୩/୧୬୬୩ | ବାଜେଫସଲ- ୧ | ୦.୪୮ | ୦.୧୬ | |
| | | ମୋଟ | | | ୧.୨୪ | ୦.୩୧ | |

OIPR-24045/14/0049/2122 ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର


# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

## ଯୁକ୍ତ ୨ ପରୀକ୍ଷା ବାତିଲ ଦାବି

**ଯାଜପୁର ଟାଉନ, ୩୧।୧(ଡି.ଏନ୍.ଏ.)**

ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ସୋମବାର ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯାଜପୁର ସହର ନିକଟସ୍ଥ ଚିତାଲୋ ମହାବିଦ୍ୟାଳୟ, ରିଜିଓନାଲ ରାମବାଗ ମହାବିଦ୍ୟାଳୟ, ବରୁଣେଶ୍ୱର ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଚଳିତ ବର୍ଷ ମହାବିଦ୍ୟାଳୟ ଖୋଲି ନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଶେଷ ହୋଇପାରିନାହିଁ । ଏପରିକି ୩୦ ପ୍ରତିଶତ ପାଠ୍ୟକ୍ରମ ଶେଷ କରାଯାଇଥିବା ବେଳେ ମହାବିଦ୍ୟାଳୟଗୁଡ଼ିକ ବନ୍ଦ କରାଯାଇଥିଲା।




ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଅନ୍‌ଲାଇନ୍‌ରେ ମଧ୍ୟ ପାଠପଢ଼ା ହେଉ ନ ଥିବା ଅନେକ ଛାତ୍ରଛାତ୍ରୀ କ୍ଷୋଭ ପ୍ରକାଶ କରିଥିଲେ । ମହାବିଦ୍ୟାଳୟରେ ଅଫ୍‌ଲାଇନ୍ ଟେଷ୍ଟ ପରୀକ୍ଷା ହୋଇସାରିଛି। ଏହି ଟେଷ୍ଟ ପରୀକ୍ଷା ଫଳକୁ ଭିତ୍ତିକରି +୨ ଫାଇନାଲ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଛାତ୍ରୀଛାତ୍ରୀମାନେ ଦାବି କରିଛନ୍ତି। ଏହି ଦାବିକୁ ନେଇ ଛାତ୍ରଛାତ୍ରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଯାଜପୁର ଟାଉନ୍ ଥାନା ଅଧିକାରୀ ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଛାତ୍ରୀଛାତ୍ରୀମାନଙ୍କ ଦାବକୁ ସରକାରଙ୍କ ପାଖରେ ଉପସ୍ଥାପିତ କରାଯିବା ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## ୩ ବିଜେଡି କର୍ମୀ ନିଲମ୍ବିତ

**ବିଞ୍ଝାରପୁର,୩୧।୧(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଚୟନକୁ ନେଇ ବିଞ୍ଝାରପୁର ବିଜେଡିରେ ବିବାଦ ସୃଷ୍ଟି ହୋଇଛି । ବ୍ଲକର ସମସ୍ତ ପଞ୍ଚାୟତରେ ବିଧାୟିକା ପ୍ରମିଳା ମଲ୍ଲିକ ଦଳୀୟ ସମର୍ଥନରେ ସରପଞ୍ଚ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ପଞ୍ଚାୟତରେ ଥିବା କର୍ମୀ ସେମାନଙ୍କୁ ସମର୍ଥନ କରୁନାହାନ୍ତି। ଏହାର ଫାଇଦା ବିରୋଧୀମାନେ ନେବ ବୋଲି ଚର୍ଚ୍ଚା ଜୋର ଧରିଛି । ଏପରି ଦଳ ବିରୋଧି କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ସାବାଡ୍ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତରେ ଦଳ ବିରୋଧି କାର୍ଯ୍ୟ କରିଥିବା ପଞ୍ଚାୟତର ସ୍ୱାଧୀନ କୁମାର ଦାଶ, ସ୍ମୃତିରଞ୍ଜନ ନାୟକ ଓ ବ୍ରଜସୁନ୍ଦର ପଣ୍ଡାଙ୍କୁ ବିଜୁ ଜନତା ଦଳର ଜିଲା ସଭାପତି ସରୋଜ କୁମାର ମହାପାତ୍ର ନିଲମ୍ବନ କରିଛନ୍ତି । ପଞ୍ଚାୟତ ସଭାପତି କାଳୀପ୍ରସନ୍ନ ଦାସଙ୍କ ସୁପାରିଶ କ୍ରମେ ଜିଲା ସଭାପତି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

# ଇଲେଭେନ୍ ଷ୍ଟାର ଚାମ୍ପିୟନ

## ଚୋରମୁହାଁ ୟୁଥ୍ କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ

**ଧର୍ମଶାଳା,୩୧।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଚୋରମୁହାଁ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ମଜାର ପଡ଼ିଆରେ ଚାଲିଥିବା ହରେକୃଷ୍ଣ ରାଉତ ଓ ମଧୁସୁଦନ ରାଉତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କେସିସି ସୁଙ୍ଗୁଡ଼ାକୁ ୧ ଉଇକେଟରେ ପରାସ୍ତ କରି ଜାରକାର ଇଲେଭେନ ଷ୍ଟାର୍ କ୍ଲବ୍ ଚାମ୍ପିୟନ ହୋଇଛି । ସୁଙ୍ଗୁଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୨ ରନ୍ କରିଥିଲା । ଦଳ ପକ୍ଷରୁ ଚିକୁ ସାମଲ ୫୨ ରନ୍ କରିଥିବା ବେଳେ ବିପକ୍ଷ ଦଳର ପବିତ୍ର ବେହେରା ୩ ଉଇକେଟ ନେଇଥିଲେ । ଜବାବ୍‌ରେ ଜାରକା ଟିମ୍ ବ୍ୟାଟିଂ କରି ୧୬.୫ ଓଭରରେ ୯ ଉଇକେଟ ହରାଇ ୨୦୩ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ହାପି ବିପିନ ରାଉତ ୬୩ ରନ କରିଥିବା ବେଳେ ବିପକ୍ଷ ଦଳର କାର୍ତ୍ତିକ ରାଓ ୩ ଉଇକେଟ ନେଇଥିଲେ । ଏହି ମ୍ୟାଚ୍‌କୁ ଜଗନ୍ନାଥ ଦାସ ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ । ଆୟୋଜକ କ୍ଲବର ସଭାପତି ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଯୁବ ସଙ୍ଗଠକ ସତ୍ୟରଞ୍ଜନ ନାୟକ ଓ ଶିକ୍ଷାବିତ୍ ମହମ୍ମଦ ଅଜିଜୁଲା ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ଚିକୁ ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ରୋଶନ ରାୟଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲେ । ସ୍ମୃତି ରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ ।

## ବିବାହର ୨ ମାସ ପରେ ଡ୍ରାଇଭରଙ୍କ ଆତ୍ମହତ୍ୟା

**ଧର୍ମଶାଳା,୩୧।୧(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଞ୍ଚଳରେ ରହୁଥିବା ଜଣେ ଗାଡି ଚାଳକ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁର ଥାନା ନିକିରାଇ ଅଞ୍ଚଳର ଦେବକୁମାର କୃଷ୍ଣଚନ୍ଦ୍ର (୩୦) । ସେ ପାଖରସ୍ଥିତ ଜଣେ ଗାଡ଼ି ମାଲିକଙ୍କ ଘରେ ରହି ତାଙ୍କ ଗାଡ଼ି ଚଳାଉଥିଲେ । ରବିବାର ରାତିରେ ସେ ଖାଇସାରି ଏକ ରୁମରେ ଶୋଇଥିଲେ। ହେଲେ ସକାଳୁ ଉଠିବାରେ ବିଳମ୍ବ ହେବାରୁ ଲୋକମାନେ ତାଙ୍କ କବାଟ ପିଟି ଥିଲେ । କବାଟ ଭିତର ପଟୁ ବନ୍ଦ ଥିଲା। ଦେବକୁମାର ବେକରେ ଏକ ବେଡସିଟ୍ ବାନ୍ଧି ଆଜବେଷ୍ଟସ୍ କାଠରେ ଝୁଲିପଡ଼ିଥିବା ଲୋକେ ଝରକା ଫାଙ୍କରୁ ଦେଖି ପୋଲିସକୁ ଖବର ଦେଇଥିଲେ । ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩/୨୨)ରୁଜୁ କରି ତଦନ୍ତ ଚଳାଇଛି । ଦେବକୁମାର ୨ ମାସ ତଳେ ବିବାହ କରିଥିଲେ। ଗତ ୨ ଦିନ ତଳେ ସେ କାମରେ ଯୋଗଦେଇଥିଲେ । ତେବେ କ'ଣ ପାଇଁ ସେ ଏଭଳି ନିଷ୍ପତ୍ତି ନେଲେ ଜଣାପଡିନାହିଁ।

# ବରିଆନା କ୍ରିକେଟ୍ ଟିମ୍ ଚାମ୍ପିୟନ

## ଆଲୋକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

**ଝୁମ୍ପୁରୀ,୩୧।୧(ଡି.ଏନ୍.ଏ.)**

ଦଶରଥପୁର ହାଇସ୍କୁଲ ପଡ଼ିଆରେ ଚାଲିଥିବା ଆଲୋକ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଥାଲକୁଡ଼ି କ୍ରିକେଟ୍ ଟିମ୍‌କୁ ହରାଇ ବରିଆନା କ୍ରିକେଟ୍ ଟିମ୍ ଚମ୍ପିୟାନ୍ ହୋଇଛି । ଥାଲକୁଡ଼ି କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୩୪ ରନ୍ କରିଥିଲା । ବରିଆନା କ୍ରିକେଟ୍ ଟିମ୍ ୪.୪ ଓଭରରେ ୮ ଉଇକେଟ୍ ହରାଇ ୩୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଉଦ୍‌ଯାପନ ସମାରୋହରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବ ଜିଲା ଉପସଭାପତି ପ୍ରାର୍ଥସାରଥୀ ମହାପାତ୍ର ଯୋଗଦେଇ ଚମ୍ପିଆନ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ । ଦଶରଥପୁର ସମିତି ସଭ୍ୟ ମହେଶ୍ୱର ସାହୁ, ଧର୍ମପଦ ଧୀର, ବିଜୟ କୁମାର ନାୟକ, ହିମାଂଶୁ ଶେଖର ନାୟକ, ପ୍ରଶାନ୍ତ ମଲ୍ଲିକ, ରକ୍ଷାକର ଦାସ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ । ବିଜୟ ଦଳକୁ ଟ୍ରଫି ସହ ନଗଦ ଟ.୫୦୦୦, ରନର୍ସ ଅପ୍ ଦଳକୁ ଟ.୨୦୦୦ଟଙ୍କା ପ୍ରଦାନ କରାଯାଇଥିଲା । ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଟକନ ଗିରି ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ସରୋଜ ନାୟକ ଓ ପିଙ୍କନ ସାହୁ ଖେଳ ପରିଚାଳନା କରିଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନ ହେଲେ ଭୋଟ ବର୍ଜନ

**ବରୀ,୩୧।୧(ଡି.ଏନ.ଏ.)**

ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛନ୍ତି । ହେଲେ ଗତ ୪୫ ବର୍ଷ ତଳେ ବରୀ ବ୍ଲକ୍ ଅଧୀନ ବାଇଁଶିରିଆ ପଞ୍ଚାୟତର ଲୋକମାନେ ୨୧ ଡିସିମିଲ୍ ଜମି ସହ ୧୦ ହଜାର ଟଙ୍କା ପ୍ରଦାନ କରି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ସରକାରଙ୍କ ପାଖରେ ଦାବି କରିଥିଲେ। ଇତିମଧ୍ୟରେ ବହୁ ନେତା ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇ ଭୁଲିଯାଇଛନ୍ତି। ଫଳରେ ଆଜି ପର୍ଯ୍ୟନ୍ତ ସେହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇପାରିନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜରାସ୍ତାରେ ଅନଶନ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରତିଶ୍ରୁତି ବି ଦେଇଛନ୍ତି। ହେଲେ ଲୋକଙ୍କ ସମସ୍ୟା ସମାଧାନ ହୋଇନାହିଁ । ଏହି ମର୍ମରେ ସୋମବାର ସ୍ଥାନୀୟ ଲୋକମାନେ ବରୀ ତହସିଲଦାର ମାନସ ରଞ୍ଜନ ଭୋଇଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ନ ହେଲେ



ବରୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଭୋଟ ବର୍ଜନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି । ଏହି ପତ୍ରର ନକଲ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ , ବରୀ ବିଧାୟିକା, ଏସ୍‌ପି ଯାଜପୁର, ବରୀ ଥାନା ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଯଦି ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ପଞ୍ଚାୟତବାସୀ ଭୋଟ ଗ୍ରହଣ ସମୟରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

**ବରୀ,୩୧।୧(ଡି.ଏନ.ଏ.)**

ସାମାଜିକ କର୍ମୀ ତଥା ବରୀ ବ୍ଲକ ଅଣିକଣା ଗ୍ରାମର ପ୍ରତାପ ରୁଦ୍ର ଜେନାଙ୍କ ୫୧ ବର୍ଷ ବୟସରେ ରବିବାର ରାତିରେ ପରଲୋକ ହୋଇଯାଇଛି । ବିଳମ୍ବିତ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପାର୍ଥିବ ଶରୀର ନିଜ ଜନ୍ମ ମାଟିରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ପ୍ରାକ୍ତନ ବିଧାୟକ ଚିନ୍ମୟ ବେହୁରା, ସାମାଜିକ କର୍ମୀ ବିଜୟ ସାହୁ, ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱ ରଞ୍ଜନ ମଲ୍ଲିକ, ସରପଞ୍ଚ କବିତା ପଣ୍ଡା, ପ୍ରାକ୍ତନ ସରପଞ୍ଚ ଦିଲ୍ଲୀପ ମହାନ୍ତି ଓ ହରିହର ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧/୨୦୨୨ Bhubaneswar, Tuesday, February 1/ 2022

# କଳିଙ୍ଗରେ ହକି ପ୍ରୋ ଲିଗ୍

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)**

ଜୁନିୟର ହକି ବିଶ୍ୱକପର ସଫଳ ଆୟୋଜନ ପରେ କଳିଙ୍ଗ ଷ୍ଟାଡିୟମକୁ ପୁଣି ଫେରୁଛି ହକି ଉଷ୍ମତା। ଏଥର ସିନିୟର ସ୍ତରରେ ହେବ କଡ଼ା ମୁକାବିଲା। ଏଥିପାଇଁ ପ୍ରସ୍ତୁତ ହେଉଛି କଳିଙ୍ଗ। ଫେବୃୟାରୀରୁ ଏଠାରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଆରମ୍ଭ ହେବ। ୨୦୨୦-୨୧ ସିଜନରେ ଏଠାରେ ପ୍ରୋ-ଲିଗ୍ ମ୍ୟାଚ ଗୁଡ଼ିକ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏଥର ୨୦୨୧-୨୨ ସିଜନ ପାଇଁ ମ୍ୟାଚ ଅନୁଷ୍ଠିତ ହେବ। କୋଭିଡ-୧୯ ଜନିତ ବ୍ରେକ୍ ପରେ ପୁଣି ପ୍ରଶଂସକ ଦେଖିବାକୁ ପାଇବେ ହକି ଆକ୍ସନ।



### କାର୍ଯ୍ୟସୂଚୀ

**ମହିଳା**
ଫେବୃୟାରୀ ୧୯: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୭ଟା ୩୦
ଫେବୃୟାରୀ ୨୦: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୭ଟା ୩୦
ଫେବୃୟାରୀ ୨୬: ଭାରତ ବନାମ ସ୍ପେନ, ସମୟ: ଅପରାହ୍ଣ ୫ଟା
ଫେବୃୟାରୀ ୨୭: ଭାରତ ବନାମ ସ୍ପେନ, ସମୟ: ଅପରାହ୍ଣ ୫ଟା
ମାର୍ଚ୍ଚ ୧୨: ଭାରତ ବନାମ ଜର୍ମାନୀ, ସମୟ: ଅପରାହ୍ଣ ୫ଟା
ମାର୍ଚ୍ଚ ୧୩: ଭାରତ ବନାମ ଜର୍ମାନୀ, ସମୟ: ଅପରାହ୍ଣ ୫ଟା
ଏପ୍ରିଲ ୨: ଭାରତ ବନାମ ଇଂଲଣ୍ଡ, ସମୟ: ଅପରାହ୍ଣ ୫ଟା
ଏପ୍ରିଲ ୩: ଭାରତ ବନାମ ଇଂଲଣ୍ଡ, ସମୟ: ଅପରାହ୍ଣ ୫ଟା

**ପୁରୁଷ**
ଫେବୃୟାରୀ ୨୬: ଭାରତ ବନାମ ସ୍ପେନ, ସମୟ: ରାତି ୭ଟା ୩୦
ଫେବୃୟାରୀ ୨୭: ଭାରତ ବନାମ ସ୍ପେନ, ସମୟ: ରାତି ୭ଟା ୩୦
ମାର୍ଚ୍ଚ ୧୨: ଭାରତ ବନାମ ଜର୍ମାନୀ, ସମୟ: ରାତି ୭ଟା ୩୦
ମାର୍ଚ୍ଚ ୧୩: ଭାରତ ବନାମ ଜର୍ମାନୀ, ସମୟ: ରାତି ୭ଟା ୩୦
ମାର୍ଚ୍ଚ ୧୯: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୭ଟା ୩୦
ମାର୍ଚ୍ଚ ୨୦: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୭ଟା ୩୦
ଏପ୍ରିଲ ୨: ଭାରତ ବନାମ ଇଂଲଣ୍ଡ, ସମୟ: ରାତି ୭ଟା ୩୦
ଏପ୍ରିଲ ୩: ଭାରତ ବନାମ ଇଂଲଣ୍ଡ, ସମୟ: ରାତି ୭ଟା ୩୦

ହକି ପ୍ରୋ-ଲିଗ୍‌ରେ ପୂର୍ବରୁ ଭାରତର ପୁରୁଷ ବିଭାଗ ମ୍ୟାଚ କଳିଙ୍ଗରେ ଅନୁଷ୍ଠିତ ହୋଇଥିଲା। ତେବେ ଚଳିତ ସିଜନରେ ମହିଳା ବିଭାଗର ଅନେକ ମ୍ୟାଚ ଏଠାରେ ଆୟୋଜନ ହେବ। ଯଦି ସବୁକିଛି ଠିକ୍‌ଠାକ୍ ରହେ ତେବେ ମହିଳା ଓ ବିଭାଗରେ ଅତିକମ୍‌ରେ ଭାରତ ୮ଟି ଲେଖାଏ ମ୍ୟାଚ ଏଠାରେ ଖେଳିବ।

ଚଳିତ ହକି ପ୍ରୋ-ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଭାରତୀୟ ମହିଳା ଦଳର ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇ ଯାଇଛି। ଓମାନର ମସ୍କଟରେ ଅନୁଷ୍ଠିତ ମ୍ୟାଚରେ ଭାରତ ୭-୧ ଗୋଲରେ ଚାଇନାକୁ ପରାସ୍ତ କରିଛି। ସେଠାରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଫେବୃୟାରୀ ୧ ତାରିଖରେ ଖେଳିବ। ଫେବୃୟାରୀ ୧୯ରୁ ମହିଳା ବିଭାଗରେ ହକି ଆକ୍ସନ କଳିଙ୍ଗ ଷ୍ଟାଡିୟମକୁ ଫେରିବ। ଫେବୃୟାରୀ ୧୯ ଓ ୨୦ ତାରିଖରେ ନେଦରଲାଣ୍ଡ୍ସକୁ ଭେଟିବ। ଭାରତ ଏହାପରେ ଭାରତୀୟ ମହିଳା ଦଳ ସ୍ପେନ, ଜର୍ମାନୀ ଓ ଇଂଲଣ୍ଡ ସହିତ ଏଠାରେ ମୁକାବିଲା କରିବ। ସେହିପରି ଭାରତୀୟ ପୁରୁଷ ଦଳର ଆକ୍ସନ ଫେବୃୟାରୀ ୨୬ରୁ କଳିଙ୍ଗରେ ଆରମ୍ଭ ହେବ। ୨୬ ଓ ୨୭ରେ ଭାରତୀୟ ଦଳ ସ୍ପେନ୍‌କୁ ଭେଟିବ। ଏହାପରେ ଦଳ ଜର୍ମାନୀ, ଆର୍ଜେଣ୍ଟିନା ଓ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ଜୁନିୟର ହକି ବିଶ୍ୱକପ ସମୟରେ କୋଭିଡ-୧୯ ଜନିତ କଟକଣା ଯୋଗୁ ସାଧାରଣ ଦର୍ଶକଙ୍କୁ ଷ୍ଟାଡିୟମ ଅନୁମତି ନ ଥିଲା। ପ୍ରୋ-ଲିଗ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ସେହି କଟକଣା ବଳବତ୍ତର ରହିବା ସମ୍ଭାବନା ରହିଛି। ସଫଳ ଆୟୋଜନ ସହିତ ଖେଳାଳିଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆ ଯାଉଛି।

କଳିଙ୍ଗ ଷ୍ଟାଡିୟମ ବ୍ୟତୀତ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ବିଦେଶରେ ମଧ୍ୟ କେତେକ ପ୍ରୋ-ଲିଗ୍ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ଭାରତୀୟ ମହିଳା ଦଳ ଆଣ୍ଟୱେର୍ପଠାରେ ଜୁନ୍ ୧୧ ଓ ୧୨ ତାରିଖରେ ବେଲ୍‌ଜିୟମକୁ ଭେଟିବ। ଏହାପରେ ଜୁନ୍ ୧୮ ଓ ୧୯ରେ ରୋଟରଡାମଠାରେ ଆର୍ଜେଣ୍ଟିନା ଏବଂ ୨୧ ଓ ୨୨ରେ ଆମେରିକା ବିପକ୍ଷରେ ଖେଳିବ। ସେହିପରି ଭାରତୀୟ ପୁରୁଷ ଦଳ ଫେବୃୟାରୀ ୮ ଓ ୧୨ରେ ପୋଷ୍ଟଫେଷ୍ଟ୍ରୁମଠାରେ ଫ୍ରାନ୍ସ, ୯ ଓ ୧୩ରେ ଦକ୍ଷିଣ ଆଫ୍ରିକା, ଜୁନ ୧୧ ଓ ୧୨ରେ ଆଣ୍ଟୱେର୍ପଠାରେ ବେଲ୍‌ଜିୟମ ଏବଂ ଜୁନ୍ ୧୮ ଓ ୧୯ରେ ରୋଟରଡାମ୍‌ଠାରେ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବା କାର୍ଯ୍ୟସୂଚୀ ରହିଛି।

# ଥିମ୍ ସଙ୍ଗ୍ ପ୍ରସ୍ତୁତକାରୀ ଓଡ଼ିଆ ଯୁବକ

**ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି)**

ନଭି ମୁମ୍ବାଇରେ ଚାଲିଥିବା ଏସିଆନ୍ କପ ମହିଳା ଫୁଟବଲ ଉପରେ କ୍ରୀଡ଼ାପ୍ରେମୀଙ୍କ ନଜର ରହିଛି। ମାତ୍ର ଏହାର ଥିମ୍ ସଙ୍ଗ୍ ଜଣେ ଓଡ଼ିଆ ଯୁବକ ଯେ ପ୍ରସ୍ତୁତ କରିଛନ୍ତି ଏହା ବୋଧହୁଏ ବହୁତ କମ୍ ଲୋକଙ୍କୁ ଜଣାଥିବ। ଏହି ଓଡ଼ିଆ ଯୁବକ ଜଣକ ହେଲେ ଯୁବ ସଙ୍ଗୀତ ନିର୍ଦ୍ଦେଶକ ଅନୁରାଗ ପଟ୍ଟନାୟକ। ଜାନୁଆରି ୨୦ରୁ ଫେବୃଆରି ୬ ତାରିଖ ଯାଏ

### ଏସିଆନ କପ୍ ମହିଳା ଫୁଟବଲ

ପୁଣେ, ମୁମ୍ବାଇ ଓ ନଭିମୁମ୍ବାଇରେ ହେଉଥିବା ମହିଳା ଏସିଆନ କପର ଥିମ ସଙ୍ଗ ପ୍ରସ୍ତୁତ କରିବାପାଇଁ ତାଙ୍କୁ ନଭିମୁମ୍ବାଇ ମ୍ୟୁନିସପାଲ କର୍ପୋରେଶନ ପକ୍ଷରୁ ଅଫର ମିଳିଥିଲା। ଆଉ ଏଭଳି ସୁଯୋଗକୁ ସେ ହାତଛଡା କରି ନ ଥିଲେ। ଅନୁରାଗଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏଥିରେ କଣ୍ଠଦାନ କରିଛନ୍ତି ନାବ୍ୟା ଜାୟତି। ଗୀତ ରଚନା କରିଛନ୍ତି ଇମ୍ରାନ ଫରହାନ। କ୍ୟାମେରା ପରିଚାଳନା ଓ ସମ୍ପାଦନାରେ ଅଛନ୍ତି ମୌସମ ସାହୁ। କ୍ରିଏଟିଭ ମୁଖ୍ୟ ଅଛନ୍ତି ପ୍ରଶାନ୍ତ ନନ୍ଦୀ। ଷ୍ଟୁଡିଓ ୬ରେ ଏହାକୁ ରେକର୍ଡ କରାଯାଇଛି। ଅନୁରାଗ, ମୌସମ ଓ ନାବ୍ୟାଙ୍କ ଏହି ସଫଳତା ଓଡିଶାବାସୀଙ୍କ ପାଇଁ ନିଶ୍ଚିତ ଗର୍ବର ବିଷୟ।



ଅନୁରାଗ ପଟ୍ଟନାୟକ

# ଭାରତ ବିପକ୍ଷ ଟି୨୦ରୁ ହେଟ୍‌ମେର ବାଦ୍

**ସେଣ୍ଟ ଜନ୍ସ, ୩୧।୧ (ପି.ଟି.):** ଭାରତ ବିପକ୍ଷ ଟି୨୦ କ୍ରିକେଟ ସିରିଜ ପାଇଁ ୱେଷ୍ଟଇଣ୍ଡିଜ ୧୬ ଜଣିଆ ଦଳ ଘୋଷଣା କରିଛି। ଫିଟ୍‌ନେସ୍ ସମସ୍ୟା ଯୋଗୁ ଉପଲବ୍ଧ ହେଉ ନ ଥିବାରୁ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଶିମରନ ହେଟ୍‌ମେରଙ୍କୁ ଦଳରେ ନିଆଯାଇ ନାହିଁ। ଇଂଲଣ୍ଡ ବିପକ୍ଷ ଘରୋଇ ୫ ମ୍ୟାଚ ବିଶିଷ୍ଟ ସିରିଜରେ ପରାଜିତ ୱେଷ୍ଟଇଣ୍ଡିଜ ଦଳ ଉପରେ ଭରସା କରାଯାଇଛି। ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଫେବୃୟାରୀ ୧୬, ୧୮ ଓ ୨୦ରେ କୋଲକାତାରେ ଖେଳାଯିବ। ଏହା ପୂର୍ବରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଫେବୃୟାରୀ ୬,୯ ଓ ୧୧ରେ ଅହମଦାବାଦରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ କିରନ ପୋଲାର୍ଡଙ୍କ ଅଧୀନରେ ୱେଷ୍ଟଇଣ୍ଡିଜ ଦଳ ପୂର୍ବରୁ ଘୋଷଣା ହୋଇସାରିଛି। ଉଭୟ ସୀମିତ ଓଭର ସିରିଜ ଦଳରେ ଯେଉଁ ଖେଳାଳିମାନେ ସ୍ଥାନ ପାଇଛନ୍ତି ସେମାନେ ହେଲେ ପୋଲାର୍ଡ, ଫାବିଏନ୍ ଆଲେନ, ଡାରେନ ବ୍ରାଭୋ, ଜାସନ ହୋଲ୍ଡର, ସାଇ ହୋପ୍, ଅକିଲ ହୋସେନ ବ୍ରାଣ୍ଡନ କିଙ୍ଗ୍, ନିକୋଲାସ ପୁରାନ, ରୋମାରିଓ ଶେଫର୍ଡ, ଓଡିନ୍ ସ୍ମିଥ୍ ଓ ହେଡେନ ୱାଲ୍ସ ଜୁନିୟର। ଫିଟ୍‌ନେସ ସମସ୍ୟା ଯୋଗୁ ହେଟମେର୍ ପୁଣି ଥରେ ଦଳରୁ ବାଦ୍ ପଡ଼ିଛନ୍ତି। ଫିଟ୍‌ନେସ୍ ବଜାୟ ରଖିପାରୁ ନ ଥିବାରୁ ୱେଷ୍ଟଇଣ୍ଡିଜ ମୁଖ୍ୟ କୋଚ୍ ଫିଲ୍ ସିମନ୍ସ ସେ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୫ ବର୍ଷୀୟ ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନ ଇଂଲଣ୍ଡ ବିପକ୍ଷ ସିରିଜ ପୂର୍ବରୁ ଫିଟ୍‌ନେସ୍ ଟେଷ୍ଟରେ ବିଫଳ ହୋଇଥିଲେ। ଏପର୍ଯ୍ୟନ୍ତ ତାଙ୍କର ସୁଧାର ଆସିନାହିଁ।

**ୱେଷ୍ଟଇଣ୍ଡିଜ ଟି୨୦ ଦଳ:** କିରନ ପୋଲାର୍ଡ (ଅଧିନାୟକ), ନିକୋଲାସ ପୁରାନ (ଉପ-ଅଧିନାୟକ), ଫାବିଏନ୍ ଆଲେନ୍, ଡାରେନ ବ୍ରାଭୋ, ରୋଷ୍ଟନ ଚେଜ୍, ଶେଲ୍ଡନ କୋଟ୍ରେଲ, ଡୋମିନିକ୍ ଡ୍ରେକ୍ସ, ଜାସନ ହୋଲ୍ଡର, ସାଇ ହୋପ୍, ଅକିଲ ହୋସେନ୍, ବ୍ରାଣ୍ଡନ କିଙ୍ଗ୍, ରୋଭମ୍ୟାନ ପାୱେଲ୍, ରୋମାରିଓ ଶେଫର୍ଡ, ଓଡିନ୍ ସ୍ମିଥ୍, କାଇଲ ମେୟର୍ସ ଓ ହେଡେନ ୱାଲ୍ସ ଜୁନିୟର)।



ସ୍ୱୟମ୍ ରାଉତରାୟଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ପାରାମାଉଣ୍ଟ-ୱାରିୟର୍ସ ଫାଇନାଲ

**ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ କ୍ରିକେଟ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ୩ଟି ଦଳ ୪ ପଏଣ୍ଟ ଲେଖାଏ ପାଇଥିଲେ ହେଁ ରନହାର ଭିତ୍ତିରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଭୁବନେଶ୍ୱର ୱାରିୟର୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଫାଇନାଲ ଅନୁଷ୍ଠିତ ହେବ।

ସୋମବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚରେ ପାରାମାଉଣ୍ଟ ୭୨ ରନରେ ଭୁବନେଶ୍ୱର ଷ୍ଟ୍ରାଇକର୍ସକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୪୦.୫ ଓଭରରେ ୧୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ସୟେଦ ଜେ. ଅହମଦ ସର୍ବାଧିକ ୩୬ ଓ ବିଦ୍ୟାଧର ବେହେରା ୨୨ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ରୁଦ୍ର ନାରାୟଣ ବେହେରା ଓ ସିଦ୍ଧିମାନ ମିଶ୍ର ୩ଟି ଲେଖାଏ ଏବଂ ବିଭାଂଶୁ ରାୟ ୨ଟି ଉଇକେଟ ନେଇଥିଲେ। ୧୫୮ ରନ ବିଜୟ ଲକ୍ଷ୍ୟର ପିଛା କରି ପାରାମାଉଣ୍ଟ ୨୯ ଓଭରରେ ମାତ୍ର ୮୫ ରନରେ ସମସ୍ତ ଉଇକେଟ ହରାଇଥିଲା। ସିଦ୍ଧେଶ୍ୱର ପରିଡ଼ା ସର୍ବାଧିକ ୨୪ ରନ କରି ପାରିଥିଲେ। ବିଜୟୀ ଦଳର ସ୍ୱୟମ୍ ରାଉତରାୟ ୨୨ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ରିତେଶ ପ୍ରିୟଦର୍ଶନ ଓ ପ୍ରତ୍ୟାଂଶୁ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ସ୍ୱୟମ୍ ରାଉତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ସୟଦ ଟି. ଅହମଦ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ସରୋଜ ବାରିକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।







# ବିଜୟରୁ ଭାରତର ଅଭିଯାନ

**ମସ୍କଟ, ୩୧।୧**

ସ୍ଥାନୀୟ ସୁଲତାନ କ୍ୱାବୋସ କମ୍ପ୍ଲେକ୍ସରେ ସୋମବାର ଭାରତୀୟ ମହିଳା ହକି ଦଳର ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅଭିଯାନ ଆରମ୍ଭ ହୋଇଛି। ନିଜର ପ୍ରଥମ ମ୍ୟାଚରେ ଭାରତ ବୃହତ୍ ବ୍ୟବଧାନରେ ଚାଇନାକୁ ପରାସ୍ତ କରି ଏହାର ଅଭିଯାନ ଆରମ୍ଭ କରିଛି। ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଭାରତ ୭-୧ ଗୋଲରେ ବିଜୟୀ ହୋଇଛି। ଏଥିସହିତ ଭାରତୀୟ ମହିଳା ଦଳ ସମ୍ପୂର୍ଣ୍ଣ ଷ୍ଟାଇଲରେ ଏହାର ହକି ପ୍ରୋ-ଲିଗ୍ ଡେବ୍ୟୁ କରିଛି। ଏହି ବିଜୟ ଫଳରେ

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଭାରତୀୟ ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହାର ଗୋଲ ବ୍ୟବଧାନ +୬ ରହିଛି। ନେଦରଲାଣ୍ଡ୍ସ ଓ ବେଲ୍‌ଜିୟମ ୬ ପଏଣ୍ଟ ଲେଖାଏ ପାଇଛନ୍ତି।

ମ୍ୟାଚର ୫ମ ମିନିଟରେ ନବନୀତ କୌର ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୧୨ତମ ମିନିଟରେ ନେହା ଆଉ ଏକ ଫିଲ୍ଡ ମାଧ୍ୟମରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ତୃତୀୟ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୪୦ତମ ମିନିଟରେ ଭାରତର ବନ୍ଦନା କାଟରିଆ ଏକ ଫିଲ୍ଡ ଗୋଲ ଦେଇଥିଲେ। ମାତ୍ର ଏହାର ୩ ମିନିଟ ପରେ ଅର୍ଥାତ୍ ୪୩ତମ ମିନିଟରେ ଚାଇନାର ଡେଙ୍ଗ କ୍ୟୁ ଗୋଟିଏ ଗୋଲ ପରିଶୋଧ କରିବାରେ ସଫଳ ହୋଇଥିଲେ। ଫଳରେ ତୃତୀୟ କ୍ୱାର୍ଟର ଶେଷ ବେଳକୁ ଭାରତ ୩-୧ ଗୋଲରେ ଆଗୁଆ ରହିଥିଲା। ୪ର୍ଥ କ୍ୱାର୍ଟରରେ ଭାରତ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ଖେଳିଥିଲା। ୪୭ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଚାଇନା ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆ ଯାଇଥିଲା। ପୁଖରାମବାମ ସୁଶୀଳା ଚାନୁ ଏହାକୁ ଗୋଲରେ ପରିଣତ କରିଥିଲେ। ୪୮ତମ ମିନିଟରେ ଶର୍ମିଳା ଦେବୀ ଏକ ଫିଲ୍ଡ ଗୋଲ ଦେଇଥିଲେ। ମ୍ୟାଚ ଅନ୍ତିମ ପର୍ଯ୍ୟାୟ ଆଡ଼କୁ ମୁହାଁଇ ଥିବାବେଳେ ନିରାଶ ଚାଇନା ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ବଢ଼ି ଯାଇଥିଲା। ୫୦ତମ ମିନିଟରେ ପେନାଲ୍ଟି କର୍ନର ପରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୁରଜିତ କୌର ଏକ ଗୋଲ ଦେଇଥିଲେ। ଏହାର ୨ ମିନିଟ ପରେ ଅର୍ଥାତ୍ ୫୨ତମ ମିନିଟରେ ସୁଶୀଳା ଚାନୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେବାରେ କୌଣସି ଭୁଲ କରି ନ ଥିଲେ। ମ୍ୟାଚରେ ଚାନୁଙ୍କର ଏହାଥିଲା ବ୍ୟକ୍ତିଗତ ୨ୟ ଓ ଭାରତର ୭ମ ଗୋଲ। ଚାଇନାର ଏକାଧିକ ଉଦ୍ୟମକୁ ଭାରତୀୟ ଗୋଲକିପର ତଥା ଅଧିନାୟିକା ସବିତା ସଫଳତାର ସହ ପ୍ରତିହତ କରିଥିଲେ। ଚାଇନା ବିପକ୍ଷରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଏଠାରେ ଖେଳିବ।



ଭାରତ ଓ ଚାଇନା ମଧ୍ୟରେ ସୋମବାର ଅନୁଷ୍ଠିତ ମ୍ୟାଚ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧାନ ଉଠାଇବାରେ ବିଳମ୍ବ, ଚାଷୀଙ୍କ ରାସ୍ତାରୋକୋ

## ସମ୍ପାଦକ, ମିଲର କର୍ମଚାରୀଙ୍କୁ ଅଟକ ରଖିଲେ

ନୟାଗଡ଼ ଅଫିସ,୩୧।୧

ନୟାଗଡ଼ ଜିଲା ବଡଗୋରଡା ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ଧାନକିଣାରେ ବିଳମ୍ବତାକୁ ପ୍ରଶ୍ନ କରି ଚାଷୀ ଉତ୍ତେଜିତ ହୋଇଛନ୍ତି। ଚାଷୀମାନେ ସୋମବାର ପୂର୍ବାହ୍ନ ୧୧ଟାରେ ନୂଆ ଜଗନ୍ନାଥ ସଡକର ବଡଗୋରଡାଠାରେ ରାସ୍ତା ଉପରେ ଧାନବସ୍ତା ରଖି ରାସ୍ତାରୋକୋ କରିପ୍ରତିବାଦ କରିଥିଲେ। ସମିତି ସମ୍ପାଦକଙ୍କ ସମେତ ମିଲର କର୍ମଚାରୀଙ୍କୁ ଅଟକ ରଖିଥିଲେ। ଖବରପାଇ ନୟାଗଡ଼ ଏଆରସିଏସ୍ ବିରଜା ନନ୍ଦ ଦାଶ ଓ ଆରଏମ୍‌ସି ସମ୍ପାଦକ ସୁଦାମ ଚରଣ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଠିକଣା ସମୟ ଧାନ ନେବା ଓ ମିଲର ବଦଳିବାର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ହଟି ଥିଲା ।

ଅଭିଯୋଗ ଅନୁସାରେ, ବଡଗୋରଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ବଡଗୋରଡା, ସାନଗୋରଡା, ବିଲିଗୋରଡା, ଆଙ୍ଗିସିଙ୍ଗି, ପାଟୁଳିସାହି, ଧୁଷୁମା ଆଦି ଗାଁ ରହିଛି। ଏଠାର ଚାଷୀମାନଙ୍କଠାରୁ ୬,୩୨୫ କୁଇଣ୍ଟାଲ ଧାନ କିଣା ଯିବାକୁ ଟାର୍ଗେଟ ଆସିଛି। ତେବେ କେତେଜଣ ଚାଷୀଙ୍କ ଧାନ କିଣାର ତାରିଖ ଫେବୃୟାରୀ ୮ ରହିଛି। ଉକ୍ତଦିନ ମଧ୍ୟରେ ଧାନ କିଣା ନ ହେଲେ ଟୋକନ ଲାପସ ହୋଇଯିବ। ଏଣୁ ଟୋକନ ପାଇଥିବା ଚାଷୀ ଫେବୃୟାରୀ ୮ ତାରିଖ ପୂର୍ବରୁ ଧାନ ବିକ୍ରି କରିବାକୁ ତରବର ହୋଇଥିଲେ। ତେବେ ମିଲର ଧାନ ଉଠାଇବାରେ ବିଳମ୍ବ କରିଥିଲେ। ଶୀଘ୍ର ଧାନ କିଣିବାକୁ ଚାଷୀ ବାରମ୍ବାର ମିଲରକୁ କହିଥିଲେ ହେଁ ସେ ଶୁଣି ନ ଥିଲେ। ଏହି ସମିତିରେ ମାତ୍ର ୬୦୦ କୁଇଣ୍ଟାଲ ଧାନ କିଣା ହୋଇଛି। ଅବଶିଷ୍ଟ ୫, ୭୨୫ କୁଇଣ୍ଟାଲ ମଧ୍ୟରୁ ସୋମବାର ୧୦୦ କୁଇଣ୍ଟାଲ ମଣ୍ଡି ସମ୍ମୁଖରେ ଗଦା ହୋଇ ରହିଥିଲା। ହେଲେ ମିଲର ଆସି ଧାନ ଉଠାଇବାରେ ବିଳମ୍ବ କରିଥିଲେ। ମିଲର ଧାନ ଉଠାଇବାରେ ବିଳମ୍ବ ଓ ଶୀଘ୍ର ଧାନ କିଣା ଦାବି ନେଇ ଚାଷୀ ରାସ୍ତାରୋକୋ କରିଥିଲେ। ଏ ନେଇ ଚାଷୀ ଲକ୍ଷ୍ମୀଧର ସାହୁ କୁହନ୍ତି, ବଡୋଗରଡା ଧାନମଣ୍ଡରେ ଜାନୁୟାରୀ ୮ରେ ଧାନକିଣା ହେବା କଥା। ହେଲେ ଜାନୁୟାରୀ ୨୯ରେ ମଣ୍ଡି ଖୋଲି ଧାନ କିଣା ହେଲା। ଏଣୁ ଟୋକନର ଅବଧି ୧ ମାସ ଭିତରେ ଧାନ ବିକ୍ରି ନ କଲେ ଲାପସ ହୋଇଯିବ। ଏଣୁ ମିଲର ଫେବୃୟାରୀ ୮ ଭିତରେ ଧାନ କିଣିବା ସ୍ଥିତିରେ ନ ଥିଲେ। ଟୋକନର ଅବଧି ଭିତରେ ଚାଷୀ ଧାନ ବିକ୍ରି କରିବାକୁ ଚାହୁଁଥିଲେ। ମିଲର ଧାନ କିଣାରେ ଅସହଯୋଗ କରିବା ପରେ ଚାଷୀ ବାଧ ହୋଇ ଆନ୍ଦାଳନ କଲେ। ଆନ୍ଦୋଳନ ପରେ ଫେବୃୟାରୀ ୭ ମଧ୍ୟରେ ଧାନ କିଣା ହେବାକୁ ପ୍ରଶାସନ ରାଜି ହୋଇଛି। ଅବଶିଷ୍ଟ ଧାନ କିଣାରେ କିଛି ଅସୁବିଧା ହେବ ନାହିଁ ବୋଲି କୁହାଯାଇଛି। ମିଲର ବଦଳିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଛି।


ନୂଆ ଜଗନ୍ନାଥ ସଡ଼କର ବଡଗୋରଡଠାରେ ରାସ୍ତା ଉପରେ ଧାନବସ୍ତା ରଖି ଚାଷୀମାନେ ରାସ୍ତାରୋକୋ କରି ପ୍ରତିବାଦ କରୁଛନ୍ତି।

### କଟ୍‌ନୀ ଛଟ୍‌ନୀର ପ୍ରତିକାର ନାହିଁ

ନୟାଗଡ଼ ଜିଲାର ସବୁ ମଣ୍ଡିରେ କଟନୀଛଟନୀ ଚାଲିଛି। ପ୍ରଶାସନ ପକ୍ଷରୁ କଟନୀ ଛଟନୀକୁ ମନା କରାଯାଉଥିଲେ ମଧ ଗ୍ରାଉଣ୍ଡ ଜିରୋ ରିପୋର୍ଟ କହୁଛି ଏହା ସବୁ ମଣ୍ଡିରେ ଚାଲିଛି। କୁଇଣ୍ଟାଲ ପିଛା ୮ରୁ ୧୭ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି। ପୁଣି ଅଖାବସ୍ତା ହୋଇଥିଲେ ଅଲଗା ଦେଢ଼କେଜି କଟୁଛି। କଟନୀଛଟନୀରେ ପ୍ରଶାସନର ଲଗାମ ନ ଥିବାରୁ ଚାଷୀ ଅସନ୍ତୋଷ ବଢୁଛି। ଚଳିତ ବର୍ଷ ବର୍ଷା କାରଣରୁ ଧାନ ନଷ୍ଟ ହୋଇଯାଇଥିବାବେଳେ ମଣ୍ଡିରେ କଟନୀଛଟନୀ ବାଧୁଛି ବୋଲି କୁହାଯାଉଛି। ଏ ନେଇ ଏଆରସିଏସ୍ ଦାଶ କୁହନ୍ତି, ବଡ଼ଗୋରଡା ମଣ୍ଡିରେ ଚାଷୀଙ୍କ ସମସ୍ୟା ସମାଧାନ ହୋଇଛି। ଚାଷୀ ଟୋକନ ଅବଧି ଭିତରେ ଧାନ ବିକିବେ। ଏଠାରେ ମିଲର ପରିବର୍ତ୍ତନ କରାଯିବ ବୋଲି କହିଛନ୍ତି। କଟନୀଛଟନୀ ପାଇଁ ଅଭିଯୋଗ ଆସିଲେ ଏହାର ତୁରନ୍ତ ଫଇସଲା କରାଯାଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନୟାଗଡ଼ ଜିଲାରେ ୧୨୦ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ,୩୧।୧: ନୟାଗଡ଼ ଜିଲାରେ ସୋମବାର ୧୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭାପୁର ବ୍ଲକରୁ ୧୧, ଦଶପଲ୍ଲାରୁ ୨୫, ଗଣିଆରୁ ୩, ଖଣ୍ଡପଡ଼ାରୁ ୧୯, ନୟାଗଡ଼ରୁ ୧୭, ନୂଆଗାଁରୁ ୯, ଓଡ଼ଗାଁରୁ ୧୭, ରଣପୁର ବ୍ଲକରୁ ୧୦, ନୟାଗଡ଼ ମ୍ୟୁନିସିପାଲିଟିର ୯ ରହିଛନ୍ତି। ସୋମବାର ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୭୨୦ରେ ପହଞ୍ଚିଛି।

### ଦୁର୍ଘଟଣାରେ ଦୁଇ ଗୁରୁତର

ଦଶପଲ୍ଲା,୩୧।୧(ଡି.ଏନ.ଏ.): ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ହରିବାଡିଠାରେ ଏକ ଆଇଚର ଗାଡି ଧକ୍କାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଦୁଇଜଣ ହେଲେ ଖମାରସାହି ଅଞ୍ଚଳର କୈଳାସ ନାୟକ ଓ ଲୋକନାଥ ପ୍ରଧାନ। ଉଭୟେ ଗୋରୁ ଧରି ଦଶପଲ୍ଲା ହାଟକୁ ଚାଲି ଚାଲି ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଗୁରୁତର ଦୁଇ ଜଣଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଉଭୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲ। ଦଶପଲ୍ଲା ପୋଲିସ୍ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ତଦନ୍ତ କରୁଛି।

### ବାର୍ଦ୍ଧକ୍ୟ, ବିଧବା ଭତ୍ତା ବୃଦ୍ଧି ପାଇଁ ଦାବି

ଖଣ୍ଡପଡା,୩୧।୧(ସ୍ୱ.ପ୍ର): ଓଡ଼ିଶା ବ୍ୟତୀତ ପଡୋଶୀ ରାଜ୍ୟଗୁଡିକରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ମାସିକ ଭତ୍ତା ବାବଦରେ ଅଧିକ ଟଙ୍କା ପ୍ରଦାନ କରାଯାଉଛି। ରାଜ୍ୟ ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରତିମାସରେ ୫୦୦ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କୁ ପ୍ରତିମାସରେ ୭୦୦ ଟଙ୍କା ପ୍ରଦାନ କରୁଛନ୍ତି। ମାତ୍ର ପଡୋଶୀ ରାଜ୍ୟଗୁଡିକ ଭତ୍ତା ବାବଦରେ ଅଧିକ ଟଙ୍କା ପ୍ରଦାନ କରୁଛନ୍ତି। ତେଣୁ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ଫେବୃୟାରୀ ୨ ପୂର୍ବାହ୍ନ ୧୧ଟାରେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯିବ ବୋଲି ସଙ୍ଗଠନର ନୟାଗଡ଼ ଜିଲା ସହ ସଂଯୋଜିକା ମମତା ନାଥ ଓ ରଞ୍ଜିତ ଦଳବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୩୧।୧: ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଅନନ୍ତ ବେହେରା। ସୋମବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଶନିବାର ସନ୍ଧ୍ୟାରେ ଜଣେ ୮ ବର୍ଷୀୟା ନାବାଳିକା ତାଙ୍କ ଘର ନିକଟରେ ରହୁଥିବା ଆଈଙ୍କ ଘରକୁ ଯାଉଥିଲେ। ଅନନ୍ତ ତାଙ୍କୁ ଏକାକୀ ଦେଖି ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ଡାକି ନେଇ ବଳାତ୍କାର କରିଥିଲେ। ଏହା ଜଣାପଡିବା ପରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ନଂ.୪୪/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଅନନ୍ତଙ୍କୁ ପୋଲିସ ଗିରଫ କରିଛି।

## ହାଇୱା ଧକ୍କାରେ ଅଟୋ ଚାଳକଙ୍କ ସମେତ ୮ ଆହତ

ଖଣ୍ଡପଡ଼ା,୩୧।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଞ୍ଚଳରେ ଏକ ଦୁର୍ଘଟଣାରେ ସୋମବାର ୮ ଜଣ ମହିଳା ଆହତ ହୋଇଛନ୍ତି। ଖଣ୍ଡପଡ଼ା ସହରରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଯାତ୍ରୀବାହୀ ଅଟୋ ଯୋଗେ ନୟାଗଡ଼ ଅଭିମୁଖେ ଯାଉଥିବା ମହିଳାମାନେ ଆହତ ହୋଇଛନ୍ତି। ରାସ୍ତାରେ ଥିବା ହମ୍ପସ ନିକଟରେ ହାଇୱାଟି ଯାତ୍ରୀବାହୀ ଅଟୋକୁ ପଛପଟରୁ ଧକ୍କା ଦେଇଥିଲା। ଆହତ ମହିଳାମାନଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଅଗ୍ନିଶମ ଗାଡ଼ି ଯୋଗେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତ ମହିଳାମାନେ ଖଣ୍ଡପଡା ବ୍ଲକ ଅଧୀନ ରାଣୀଛେଲ୍ଲୀ ପଞ୍ଚାୟତ ଗୋହିରାପଡା ଗ୍ରାମର ବୋଲି ଜଣାପଡିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

ଦଶପଲ୍ଲା,୩୧।୧(ଡି.ଏନ.ଏ.)

ପୂଜ୍ୟ ପୂଜା ସମିତି ମଧଖଣ୍ଡ ପକ୍ଷରୁ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ମଧଖଣ୍ଡ ହାଇସ୍କୁଲ ପ୍ରାଙ୍ଗଣରେ ପୂଜ୍ୟପୂଜା ସଂସଦର ସଭାପତି ଆଦ୍ୱୈତ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଦେଲା ପରେ ସଭା କାର୍ଯ୍ୟ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଗାନ୍ଧିଜୀଙ୍କ ଜୀବନାଦର୍ଶ, ବିଚାରଧାରା ସମ୍ପର୍କରେ କହିଥିଲେ। ବିଦେଶୀ ଶତ୍ରୁଙ୍କ ଆକ୍ରମଣ ବିରୋଧରେ ଦେଶବାସୀ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଏହାସହ ଭାରତ ଛାଡ ଆନ୍ଦୋଳନରେ ମଧଖଣ୍ଡ ଗାଁର ସଂଗ୍ରାମୀମାନଙ୍କ ଯୋଗଦାନ ଉପରେ ଆଲୋକପାତ କରିଥିଲେ। ଏଥିରେ ସରପଞ୍ଚ ଗଣେଶ୍ୱର ନାୟକ, ସମିତିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଭ୍ୟ ପ୍ରସନ୍ନ ମହାରଣା, ବୈଷ୍ଣବ ପ୍ରଧାନ ଓ ଶିକ୍ଷକ ସରୋଜ କୁମାର ସାହୁ ପ୍ରଭୃତି ଆଲୋଚନା କରିଥିଲେ।

## ସ୍ୱଚ୍ଛ ନିର୍ବାଚନ ଉପରେ ଗୁରୁତ୍ୱ



ବିକାଶ ମଞ୍ଚ ପକ୍ଷରୁ ଜନ ସଚେତନତା ପତ୍ରିକା ଉନ୍ମୋଚନ କରାଯାଉଛି ।

ଗଣିଆ,୩୧।୧(ଡି.ଏନ୍.ଏ.)

ଗଣିଆ ବ୍ଲକ ଜନ ଅଧିକାର ବିକାଶ ମଞ୍ଚ ତରଫରୁ ଗଣିଆସ୍ଥିତ ବୁଢାବୁଢୀ ଠାକୁରାଣୀ ପୀଠରେ ରବିବାର ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ବିକାଶ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଞ୍ଚାର ଦଶପଲ୍ଲାର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର , ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ତ୍ରିଲୋଚନ ବେହେରା, ପ୍ରହ୍ଲାଦ ଦଳେଇ, ଚରଣ ଗଣ୍ଡିଆ, ଅଧ୍ୟାପକ ଜିତେନ ପାଣିଗ୍ରାହୀ, ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକ, ବାଉରୀ ବନ୍ଧୁ ବେହେରା, ସନ୍ତୋଷ କୁମାର ପ୍ରଧାନ ଓ ପ୍ରକାଶ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଗାନ୍ଧୀଜୀଙ୍କ ଜୀବନୀ, ଆଦର୍ଶ ଓ ଗାନ୍ଧୀଙ୍କ ସ୍ୱପ୍ନରେ ଗ୍ରାମ ସ୍ୱରାଜ ଏବଂ ସ୍ୱଚ୍ଛ ଶାସନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏଥିସହ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ କି ଭଳି ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ କରାଯିବ, ଭୋଟରମାନେ ଯୋଗ୍ୟ ପ୍ରାର୍ଥୀ ବାଛିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରାର୍ଥୀମାନଙ୍କୁ ନେଇ ଖୋଲା ମଞ୍ଚର ଆୟୋଜନ କରାଯିବା ସହିତ ପତ୍ରିକା ବଣ୍ଟନ ଓ ଜନ ସଚେତନତା ସୃଷ୍ଟି କରିବାକୁ ଜନ ଅଧିକାର ବିକାଶ ମଞ୍ଚ ତରଫରୁ ନିଷ୍ପତ୍ତି ନିଆଯାଇଥିଲା ।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ବାଲେଶ୍ୱର ଚାମ୍ପିୟନ

ଓଡ଼ଗାଁ, ୩୧।୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରୋଡରେ ଅବସ୍ଥିତ ଇନ୍‌ଡୋର ବ୍ୟାଡ ମିଣ୍ଟନ ଷ୍ଟାଡିୟମରେ ରବିବାର ରାଜ୍ୟ ସ୍ତରୀୟ ବ୍ୟାଡ୍ ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟକୁ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷା ବିରଜାଲକ୍ଷ୍ମୀ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ତଥା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଦିବାକାର ନାୟକ ଓ କୁମାର ଦେବଦତ୍ତ ସମ୍ମାନୀତ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଭୁବନେଶ୍ୱର, ଅନୁଗୋଳ, ଭଦ୍ରକ, ସୋନପୁର, ବଲାଙ୍ଗିର, ଭଞ୍ଜନଗର, କଟକ, ଖୋର୍ଦ୍ଧା ଓ ନୟାଗଡ଼ରୁ ଖେଳାଳି ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ସ୍ତରରେ ଅନୁଷ୍ଠିତ ହୋଇଥିବା ଖେଳରେ ବାଲେଶ୍ୱରର ରାହୁଲ ଓ ଅମ୍ଲାନ ଯୋଡି ଚାମ୍ପିୟନ ହୋଇଥିଲେ। ସେମାନଙ୍କୁ ଟ୍ରଫି ସହି ନଗଦ ୮୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଅନୁଗୋଳର ତନ୍ମୟ ଓ ସମ୍ବିତ ୨ୟ ଯୋଡି ଭାବେ ନଗଦ ୫୦୦୦ଟଙ୍କା ଦିଆଯାଇଥିଲା। ସୋନପୁରର ରାମ ଓ ସ୍ୱସ୍ତିକ ଯୋଡି ପ୍ରଥମ ରନର୍ସ ଅପ, ଭୁବନେଶ୍ୱରର ଚିତ୍ତ, ସୁଶୀଲ ଦ୍ୱିତୀୟ ରନର୍ସ ଅପ ଦଳ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏବଂ ଭୁବନେଶ୍ୱରର ଆର୍ଯ୍ୟ ମାଝି ଏବଂ ଆୟୋଜକ ଓଡ଼ଗାଁର ସ୍ୱାୟାଂଶୁ ସ୍ୱାଇଁ ଉତ୍ତମ ଖେଳ ପ୍ରଦର୍ଶନ କରିବା ସହିତ ଦର୍ଶକଙ୍କ ଦ୍ୱାରା ପ୍ରଂଶସିତ ହୋଇଥିଲେ। ପ୍ରତାପ ସାହୁ, କିଶାନଦେବ ମହାରଣା, ଅତୁଲ ମହାରଣାଙ୍କ ସହ ଅନ୍ୟ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବହୁ ଭେଟେରାନ ଖେଳାଳିଙ୍କୁ ସମ୍ମାନୀତ କରାଯାଇଥିଲା।



ଚାମ୍ପିୟନ ଦ୍ୱୟଙ୍କୁ ଅତିଥି ଟ୍ରଫି ଓ ଅର୍ଥରାଶି ପ୍ରଦାନ କରୁଛନ୍ତି।

## ବିଷ କ୍ରିୟାରେ ଛାତ୍ର ମୃତ

ବ୍ରହ୍ମପୁର ଅଫିସ,୩୧।୧

ବିଷ ପାନ କରି ଗୁରୁତର ଥିବା ଜଣେ କଲେଜ ଛାତ୍ରଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ବାବୁ ସେଠୀଙ୍କ ପୁଅ ବିକାଶ(୧୭)। ମେଡିକାଲ ଫାଣ୍ଡି ପୋଲିସ ସୋମବାର ମୃତଦେହ ଜବତ କରି ନଂ.୪୪/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିକାଶ ଯୁକ୍ତ ୨ ଛାତ୍ର ଥିଲେ, ସେ ପଢାପଢି ଠିକ୍ ଭାବେ କରୁନଥିଲେ। ଫଳରେ ପରିବାର ଲୋକ ତାଙ୍କୁ ଏନେଇ ତାଗିଦ କରୁଥିଲେ। ରବିବାର ସକାଳେ ସେ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ବିକାଶଙ୍କ ମୃତ୍ୟୁ ଘଟିଥିଲା।

## କିଆଝର ପଞ୍ଚାୟତରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ଖଣ୍ଡପଡ଼ା,୩୧।୧(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ କିଆଝର ପଞ୍ଚାୟତ ୧୮ଟି ୱାର୍ଡକୁ ନେଇ ଗଠିତ। ସର୍ବମୋଟ୍ ଭୋଟରଙ୍କ ସଂଖ୍ୟା ୩୭୩୧ ରହିଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସରପଞ୍ଚ ଓ ସମିତି ସଭ୍ୟ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସରପଞ୍ଚ ପଦବୀ ନିମନ୍ତେ କିଆଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାରସିଂଙ୍କ ସ୍ତ୍ରୀ ମୋନାଲିସା ପ୍ରଧାନ ଓ ଦୀପାଞ୍ଜଳି ମହାନ୍ତି ନିର୍ବାଚନ ଲଢୁଛନ୍ତି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ଲୋକ ସମ୍ପର୍କକୁ ଆଧାର କରି ସରପଞ୍ଚ ପ୍ରାର୍ଥିନୀ ମୋନାଲିସା ଗାଁକୁ ଗାଁ ବୁଲି ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ନବାଗତ ପ୍ରାର୍ଥିନୀ ଦୀପାଞ୍ଜଳି ମୋନାଲିସାଙ୍କୁ କଡ଼ା ଟକ୍କର ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ସମିତି ସଭ୍ୟ ପଦବୀ ନିମନ୍ତେ ସମିତି ସଭ୍ୟ ଦୁର୍ଯ୍ୟୋଧନ ପରିଡ଼ାଙ୍କ ସ୍ତ୍ରୀ ପ୍ରଜ୍ଞାପରମିତା ପରିଡ଼ା ଓ ପୂର୍ବତନ ସମିତି ସଭ୍ୟ ରମେଶ ଜେନାଙ୍କ ସ୍ତ୍ରୀ ପ୍ରତିମା ଜେନାଙ୍କ ମଧ୍ୟରେ ଲଢ଼େଇ ହେଉଛି। ଉଭୟ ସମିତି ସଭ୍ୟା ପ୍ରାର୍ଥୀ ପଞ୍ଚାୟତ ଅଧୀନ ଗିରିଡିପଲ୍ଲୀ ଗ୍ରାମର। ଉକ୍ତ ଦୁଇ ପ୍ରାର୍ଥିନୀଙ୍କ ଯୋଗୁ ଗ୍ରାମର ଶାନ୍ତ ପରିବେଶ ସମୟାନୁକ୍ରମେ ଅଶାନ୍ତ ଆଡ଼କୁ ଗତି କରୁଛି। ଖାଲି ସେତିକି ନୁହେଁ, ଉଭୟ ପ୍ରାର୍ଥିନୀ ସମ୍ପର୍କରେ ନଣନ୍ଦ ଭାଉଜ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ପ୍ରକାଶ। ସାଧାରଣ ଭୋଟର ପ୍ରାର୍ଥିନୀଙ୍କ ଦକ୍ଷତା ଓ କାର୍ଯ୍ୟକଳାପକୁ ପରଖୁଥିବାବେଳେ ବିଗତ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସକ ଦଳ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଏଠାରୁ ପ୍ରତିନିଧିତ୍ୱ କରିଆସୁଛନ୍ତି।

## ଦିବାରାତ୍ର ଭଲି ଟୁର୍ନାମେଣ୍ଟ: କଣ୍ଟିଲୋ ଚାମ୍ପିୟନ

ଖଣ୍ଡପଡା,୩୧।୧(ସ୍ୱ.ପ୍ର.)

ବେଣାଗାଡ଼ିଆ କୃପାସିନ୍ଧୁ ମେମୋରିଆଲ କପ୍ ପକ୍ଷରୁ ବେଣାଗାଡିଆ ସାତଗାଁ ବିଦ୍ୟାଧର ହାଇସ୍କୁଲ ଖେଳପଡିଆଠାରେ ଦିବାରାତ୍ର ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟରେ କଣ୍ଟିଲୋ ଭଲି କ୍ଲବ ବେଣାଗାଡିଆ ଭଲି କ୍ଲବକୁ ୨-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ତେବେ କଣ୍ଟିଲୋ ଭଲି କ୍ଲବ ଚାମ୍ପିୟନ ହୋଇ ଅତିଥିମାନଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲା।

ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମାଧବ ଚନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଉମେଶ ଚନ୍ଦ୍ର ବଳବନ୍ତରାୟ ଉତ୍ସବକୁ ପରିଚାଳନା କରିଥିଲେ। ଖେଳକୁ ଆଶିଷ କୁମାର ବାରିକ ଓ କଳାକାହ୍ନୁ ମହାରଣା ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ପ୍ରାର୍ଥୀ ଚୟନ ନେଇ ବିଜେଡିରେ ବିଦ୍ରୋହ

ନୟାଗଡ଼ ଅଫିସ/ରଣପୁର, ୩୧।୧(ସ୍ୱ.ପ୍ର.)

### ନୟାଗଡ଼ ୨୨ ନଂ. ଜିଲା ପରିଷଦ ଜୋନ୍



■ ଭାଜପା ଗଡ଼କୁ ଦଖଲ କରିବାକୁ କଷ୍ଟ ହେବ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନୟାଗଡ଼ ଜିଲାର ରଣପୁର ନିର୍ବାଚନମଣ୍ଡଳୀ ରଣପୁର ବ୍ଲକର ୨୨ ନଂ. ଜିଲା ପରିଷଦ ଜୋନ୍‌ରେ ଜୋର ଧରିଲାଣି ପ୍ରଚାର। ବଢ଼ିଲାଣି ରାଜନୈତିକ ଉଷ୍ମତା। ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଏଠାରେ ମହେନ୍ଦ୍ର କୁମାର ସାହୁ (ଭାଜପା), ସାରଦା ପ୍ରସନ୍ନ ସୁବୁଦ୍ଧି(କଂଗ୍ରେସ), ଦେବାଶିଷ ପଟ୍ଟନାୟକ (ବିଜେଡି), ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ)ର କବିରାଜ ପ୍ରଧାନ, ବିପିନ ବିହାରୀ ବରାଡ ଓ ସନ୍ତୋଷ କୁମାର ସାହୁ (ସ୍ୱାଧୀନ) ପ୍ରାର୍ଥୀ ହୋଇଛନ୍ତି। ଏହି ଜୋନ୍‌ରେ ବୃନ୍ଦାବନପୁର, ଖଇରପଲ୍ଲୀ, କୁଳାସର, ଲୋଧାଚୁଆ, ନରେନ୍ଦ୍ରପୁର, ରାଜସୁନାଖଳା, ସୁର୍କାବାଡି, ତାଳକଣି, କାସନ୍ଧା, ଗଡବାଣିକିଲୋ ପଞ୍ଚାୟତ ରହିଛି। ଏହି ଜୋନ୍ ଗତ ୨୦୧୭ ନିର୍ବାଚନରେ ଭାଜପା ଦଖଲରେ ରହିଥିଲା। ଭାଜପା ଗଡକୁ ବିଜେଡି ଦଖଲକୁ ନେବାକୁ ଉଦ୍ୟମ କରୁଛି। ହେଲେ ବିଜେଡି ନିଜ ଘରକୁ ସଜାଡିବାକୁ ଉଦ୍ୟମ କରୁନାହିଁ। ପ୍ରାର୍ଥୀ ଚୟନକୁ ନେଇ ବିଜେଡିର ବିବାଦୀୟ ପରିସ୍ଥିତି ଶାନ୍ତ ନ ହୋଇ ବଢ଼ି ଚାଲିଛି। ଆଞ୍ଚଳିକ ନେତାମାନଙ୍କୁ ଅଣଦେଖା ଓ କୋଣଠେସା କରି ୨୧ ନଂ. ୱାର୍ଡର ଦେବାଶିଷଙ୍କୁ ପ୍ରାର୍ଥୀ କରାଯିବାକୁ ଜୋରଦାର ବିରୋଧ କରାଯାଉଛି। କେତେଜଣ ଆଗଧାଡିର କର୍ମୀଙ୍କ ସୂଚନା ଅନୁସାରେ ଶାସକ ଦଳର କର୍ମୀ, ନେତା, ସମର୍ଥକ ଦଳଠାରୁ ଦୂରେଇ ଯାଉଛନ୍ତି। ସେମାନଙ୍କ ନୀରବତା ୨୨ ନଂ. ଜୋନରେ ବିଜେଡିକୁ ଘାତକ ସାଜିବ। ସ୍ଥାନୀୟ ବିଧାୟକ ଅଞ୍ଚଳର ନେତା, ଆଗଧାଡିର କର୍ମୀ ଓ ସମର୍ଥକମାନଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ପୁଣି ଆଶାୟୀ ପ୍ରାର୍ଥୀମାନଙ୍କ ସହଯୋଗ ନେଉନାହାନ୍ତି। ପୂର୍ବରୁ ଦେବାଶିଷ ରଣପୁର ବ୍ଲକ ଅଧ୍ୟକ୍ଷ ଥିବାବେଳେ ୨୨ ନଂ. ଜୋନ ପକ୍ଷରୁ ବିରୋଧ କରାଯାଉଥିଲା। ଦଳୀୟ କନ୍ଦଳ ଓ ପ୍ରାର୍ଥୀ ଚୟନ ଠିକ୍ ନ ହେବା କାରଣରୁ ପରୋକ୍ଷରେ ଭାଜପାକୁ ଏହା ସୁହାଇବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ୨୦୦୭ ନିର୍ବାଚନରେ ଏଠାରେ ବିଜେଡି ୨ୟ ସ୍ଥାନରେ ଥିବାବେଳେ କଂଗ୍ରେସ ପଛରେ ପଡ଼ି ଯାଇଥିଲା। କଂଗ୍ରେସର ଭୋଟ ବ୍ୟାଙ୍କ ବଢୁଥିଲେ ମଧ୍ୟ ବିଜେଡି ସହ ଟକ୍କର ଦେବା ପରି ଲାଗୁନାହିଁ। ଏଠାରେ କଂଗ୍ରେସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଦୁର୍ନୀତିକୁ ପର୍ଦ୍ଦାଫାଶ କରି ବିଜୟୀ ହେବାକୁ ଟାର୍ଗେଟ କରି ପ୍ରଚାର କରୁଛି। ଭାଜପା ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନାଁ ନେଇ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

# ଅଧ୍ୟକ୍ଷ ପଦ ପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା

## ନୟାଗଡ଼ ଜିଲା ପଞ୍ଚାୟତ ନିର୍ବାଚନ ପରିକ୍ରମା

**ନୟାଗଡ଼ ଅଫିସ,୩୧।୧**

ନୟାଗଡ଼ ଜିଲାର ୩ ଏନ୍‌ଏସି ଓ ଗୋଟିଏ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି। ଚିଠା ସଂରକ୍ଷଣ ଓ ଚୂଡ଼ାନ୍ତ ତାଲିକା ସମାନ ରହିଛି। ନୟାଗଡ଼ ମ୍ୟୁନିସିପାଲିଟି, ଖଣ୍ଡପଡ଼ା ଓ ରଣପୁର ଏନ୍‌ଏସି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଦଶପଲ୍ଲା ଏନ୍‌ଏସି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ମହିଳାଙ୍କ ପାଇଁ ୪ଟି ଅଧ୍ୟକ୍ଷ ଆସନ ସଂରକ୍ଷଣ ପରେ ଆଶାୟୀଙ୍କ ଆଶା ଧୂଳିସାତ୍ ହୋଇଯାଇଛି। କେତେଜଣ ଆଶାୟୀ ନିଜ ସ୍ତ୍ରୀ ଅଥବା ପରିବାର ସଦସ୍ୟାଙ୍କୁ ପ୍ରାର୍ଥୀ କରାଇବାକୁ ଲବି ଆରମ୍ଭ କରିଦେଇଛନ୍ତି।

### ୩ ଭାଇ ସରପଞ୍ଚ ପ୍ରାର୍ଥୀ

ଭାପୁର ବ୍ଲକ କଇଁଫୁଲିଆ ପଞ୍ଚାୟତରେ ଗୋଟିଏ ପରିବାରର ୩ ଭାଇ ସରପଞ୍ଚ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସୁରେଶ, ଅଶୋକ, ରମେଶ ରାଉତ ଏହି ତିନି ଭାଇଙ୍କୁ ଭିନ୍ନ ଭିନ୍ନ ଦଳ ପକ୍ଷରୁ ସମର୍ଥନ ମିଳିଛି। ତେବେ ସୁରେଶ ଓ ରମେଶ ଦୁଇ ଯାଆଁଳା ଭାଇଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ଏଠାରେ ଅନ୍ୟ କେହି ପ୍ରାର୍ଥୀ ନାହାନ୍ତି।

### ମଦ, ମାଂସର ଆସର

ପଞ୍ଚାୟତ ନିର୍ବାଚନ ଯୋଗୁ ମଦ କାରବାର ବଢ଼ିବାରେ ଲାଗିଛି। ଗାଁ ଗଣ୍ଡା ଭୋଟରଙ୍କୁ ପ୍ରାର୍ଥୀ ମାଗଣାରେ ମଦ ଯୋଗାଉଛନ୍ତି। ଭୋଟ ହାତେଇବା ପାଇଁ ମଦ ଓ ମାଂସର ଆସର ଚାଲିଛି। ପ୍ରତିଦିନ ମାଂସ ଭୋଜିକୁ ମଦ ମାଗଣାରେ ମିଳୁଛି। ଖର୍ଚ୍ଚକୁ ମଧ୍ୟ ପଇସା ମିଳୁଛି। ଗାଁ ରାଜନୀତିରେ ଟାଉଟରଙ୍କ ଭାଉ ବଢ଼ିଚାଲିଛି ବୋଲି ଚର୍ଚ୍ଚା ହେଉଛି।

### ଏକାଧିକ ଗାଡ଼ି ପରିକ୍ରମା

ନୟାଗଡ଼ ଜିଲାରେ ଅନେକ ପ୍ରାର୍ଥୀ ୧୦ରୁ ୨୦ ମଧ୍ୟରେ ବାଇକ୍ ଧରି ପରିକ୍ରମା କରି ଭୋଟ୍ ପ୍ରଚାର କରୁଛନ୍ତି ବୋଲି ଅଭିଯୋଗ ଉଠିଛି। ସରକାରୀ ନିୟମକୁ ଶୀତଳଭଣ୍ଡାରକୁ ଠେଲିଦେଇ ପ୍ରଚାର ଚାଲିଛି। ଜଣେ ଜିଲା ପରିଷଦ ପ୍ରାର୍ଥୀ ୫ଟି ଜିପ୍ ଅଥବା କାର, ୧୦ଟି ବାଇକ୍ ବ୍ୟବହାର କରି ପ୍ରଚାର କରିପାରିବେ। ସେହିପରି ଜଣେ ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ ୨ଟି ଜିପ୍ ଅଥବା କାର, ୫ଟି ବାଇକ୍ ବ୍ୟବହାର କରିବେ। ଏହା କେବଳ କାଗଜାତରେ ଆଇନ ହୋଇ ରହିଯାଇଛି ବୋଲି କୁହାଯାଉଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ନୂଆଗଡ଼, ୩୧।୧:** ଗଜପତି ଜିଲା ନୂଆଗଡ଼ ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ନରେଶ ପାଇକଙ୍କ ସ୍ତ୍ରୀ ସନ୍ତୋଷୀ (୩୭)। ରବିବାର ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ତେଣୁ ସନ୍ତୋଷୀ ମାନସିକ ଚାପରେ ରହିଥିଲେ। ସୋମବାର ନରେଶ ପରିବା କିଣିବାକୁ ଯାଇ ଫେରିବା ବେଳେ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିଥିଲେ। ନରେଶ ତାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ। ପୋଲିସ ଗୁରୁତର ଅବସ୍ଥାରେ ସନ୍ତୋଷୀଙ୍କୁ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷୀଙ୍କ ମୃତ୍ୟୁ ଘଟିଛି। ସେରଙ୍ଗ ଥାନା ପୋଲିସ ନଂ.୧/୨୨ରେ ଅପମୃତ୍ୟୁ ମାମଲା ରୁଜୁକରି ନରେଶଙ୍କୁ ଅଟକ ରଖିଛି।

### ପୂଜା ସାମଗ୍ରୀ ଦୋକାନ ଜଳିବା ମାମଲା: ଯୁବକ ଗଲେ ଜେଲ

**ଗଞ୍ଜାମ,୩୧।୧(ଡି.ଏନ.ଏ.):** ଗଞ୍ଜାମ ବଡ଼ ବଜାରଠାରେ ଥିବା ପୂଜା ସାମଗ୍ରୀ ଦୋକାନରେ ଶୁକ୍ରବାର ବିଳମ୍ବିତ ରାତିରେ ବଜାର ହରିଜନ ସାହିର ଜଣେ ଯୁବକ ନିଆଁ ଲଗାଇ ଦେଇଥିଲେ। ବିଦେଶୀ ମଦ ଦୋକାନ ସିସିଟିଭି ଯାଞ୍ଚ କରିବା ପରେ ସେହିଦିନ ହିଁ ନିଆଁ ଲଗାଇଥିବା ଯୁବକଙ୍କୁ ପୋଲିସ ଥାନାକୁ ଉଠାଇ ଆଣିଥିଲା। ପଚରାଉଚରା ପରେ ସେ ନିଆଁ ଲଗାଇଥିବା ସ୍ୱୀକାର କରିବା ପରେ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଗଞ୍ଜାମ ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଜେଲ ଯାଇଥିବା ଯୁବକ ହେଲେ ବଜାର ହରିଜନ ସାହିର ହରେକୃଷ୍ଣ ନାୟକ।

# ରେଲୱେ ଷ୍ଟେଶନରୁ ନାବାଳିକା, ନାବାଳକ ଉଦ୍ଧାର

**ବ୍ରହ୍ମପୁର ଅଫିସ,୩୧।୧**

ବାହାର ରାଜ୍ୟରେ କାମଧନ୍ଦା ଯୋଗାଇଦେବା ବାହାନାରେ ଚାଲାଣ ହେଉଥିବା ୬ ନାବାଳକ ଓ ୨ ନାବାଳିକା ବ୍ରହ୍ମପୁର ରେଲୱେ ଷ୍ଟେଶନରୁ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୩, କନ୍ଧମାଳ ଜିଲାର ୨ ଓ ଗଜପତି ଜିଲାର ଜଣେ ନାବାଳକ ଥିବା ବେଳେ ନାବାଳିକା ୨ ଜଣ ଗଞ୍ଜାମ ଜିଲାର। ବ୍ରହ୍ମପୁର ରେଲୱେ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରୁ ଏହି ୮ ଜଣଙ୍କୁ ଚାଇଲ୍ଡଲାଇନ୍, ଶିଶୁ ସହାୟତା କେନ୍ଦ୍ର ଓ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇଥିଲା। ସମସ୍ତଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ସୋମବାର ହାଜର କରାଯାଇ ୫ ଜଣଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରଯାଇଛି। ଅନ୍ୟ ୩ ଜଣଙ୍କ ପରିବାର ଲୋକେ ଆସିପାରି ନ ଥିବାରୁ ମୁକ୍ତାକାଶ ଆଶ୍ରୟସ୍ଥଳୀରେ ରଖାଯାଇଛି। ନାବାଳକମାନେ କାମ ଅନ୍ୱେଷଣରେ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଯାଉଥିଲେ ବୋଲି ଚାଇଲ୍ଡ ଲାଇନ ପକ୍ଷରୁ କୁହାଯାଇଛି।

# ସ୍କୁଲରେ ଅନୁପସ୍ଥିତ ପ୍ରଧାନ ଶିକ୍ଷକ ନିଲମ୍ବିତ

**ଜଗନ୍ନାଥପ୍ରସାଦ,୩୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବିଇଓ କାର୍ଯ୍ୟାଳୟ ଅଧୀନରେ ଥିବା ପଙ୍କାଳସାହି ଭାବସର କ୍ଲଷ୍ଟର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ସୁଧୀର ସାହୁ ସ୍କୁଲକୁ ଆସୁ ନ ଥିବା ଓ ସ୍କୁଲ ଫାଟକରେ ତାଲା ଝୁଲୁଥିବା ନେଇ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ମହାପାତ୍ର, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମନୋରଞ୍ଜନ ମିଶ୍ର ଅଚାନକ ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟ ଦୀର୍ଘ ଦିନ ହେଲା ଖୋଲା ହୋଇନଥିବା ଜଣାପଡ଼ିଥିଲା। ଏହା ଦେଖି ସିଆରସିସି କୈଳାସ ଗୌଡ଼ଙ୍କ ସହ ଯୋଗାଯୋଗ ବେଳେ ପ୍ରଧାନ ଶିକ୍ଷକ ସାହୁ ଛୁଟିରେ ଥିବା ସେ ଜାଣି ନାହାନ୍ତି ବୋଲି କହିଥିଲେ। ତେବେ ବିନା ଛୁଟି ଦରଖାସ୍ତରେ ପ୍ରଧାନ ଶିକ୍ଷକ ଛୁଟିରେ ରହିଥିବା ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟରେ ଅବହେଳା ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏନେଇ ବିଇଓ ପ୍ରମୋଦ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପିଲାମାନଙ୍କ ଅନ୍‌ଲାଇନ୍ ପାଠ ପଢ଼ାରେ ବାଧା ସୃଷ୍ଟିକରିଥିବାରୁ ପ୍ରଧାନ ଶିକ୍ଷକ ସାହୁଙ୍କୁ ପଙ୍କାଳ ସାହି ବିଦ୍ୟାଳୟରୁ ବାହାର କରି ଦଣ୍ଡାଦେଶ ପ୍ରକାରେ ଚିକିଲି ବିଦ୍ୟାଳୟଠାରେ ଅବସ୍ଥାପିତ କରାଯାଇଛି। ସେଠାରେ ତାଙ୍କୁ ଅଧା ଦରମାରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ରହିଛି। ପରେ ଜିଲା ଶିକ୍ଷାଧିକାରୀ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

# କ୍ରିକେଟ: ବଡ଼ବାଣପୁର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଖଣ୍ଡପଡା,୩୧।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର କ୍ରିକେଟ କ୍ଲବ ବଡ଼ବାଣପୁର ଆନୁକୂଲ୍ୟରେ ସୋମବାର ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ଖେଳପଡ଼ିଆଠାରେ ଚାଲିଥିବା ଟି- ୨୦ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଖେଳରେ ବଡ଼ବାଣପୁର କ୍ରିକେଟ କ୍ଲବ୍, ବରୁଣେଇ କ୍ରିକେଟ କ୍ଲବ୍‌କୁ ୩୨ରନ୍‌ରେ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ବାଣପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୫ରନ୍ ସଂଗ୍ରହ କରିଥିଲା। ଜବାବରେ ବରୁଣେଇ ଟିମ୍ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ୍ କରି ପରାସ୍ତ ହୋଇଥିଲା। ବିଜୟୀ ବାଣପୁର ଦଳର ସୁଧାଂଶୁ ମ୍ୟାନ୍ ଅଫ ଦି ସିରିଜ୍ ଓ ସୟ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଚନ୍ଦନ ଦଳେଇ ଓ ପ୍ରଶାନ୍ତ ଦଳେଇ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ମାଧବ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାଣପୁର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ମାନସ କୁମାର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଯଥାକ୍ରମେ ୧୦ ହଜାର ଓ ୬ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

# ୨ ବାଇକ୍ ଧକ୍କା, ଜଣେ ମୃତ

**ଗୋପାଳପୁର,୩୧।୧(ଡି.ଏନ.ଏ.)**

ଗୋପାଳପୁର ଥାନା ଖୋଡାସିଙ୍ଗି ଓଭରବ୍ରିଜ ଉପରେ ସୋମବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଗୁରୁତର ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲାର ମନୋଜ ପ୍ରଧାନ (୩୮)। ଆହତମାନେ ହେଲେ ସନ୍ୟାସୀ ସେଠୀ, ସୁଶାନ୍ତ ସେଠୀ, ନାରାୟଣ ସେଠୀ ଓ ପୁରୀ ଅଞ୍ଚଳର ମୀରା ଦାସ। ଖୋଡାସିଙ୍ଗି ଓଭରବ୍ରିଜରେ ପୁରୀ ଅଞ୍ଚଳର ମନୋଜ ପ୍ରଧାନ ଏବଂ ତାଙ୍କ ଭଉଣୀ ମୀରା ଦାସ କୌଣସି କାମରେ ବ୍ରହ୍ମପୁର ଆସି ବାଇକ୍‌ରେ ଫେରୁଥିବା ବେଳେ ସାମ୍ନାପଟୁ ଆସୁଥିବା ବ୍ରହ୍ମପୁର ଅଞ୍ଚଳର ସୁଶାନ୍ତ, ନାରାୟଣ ଓ ସନ୍ୟାସୀ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ପଛରେ ଆସୁଥିବା ଏକ ସ୍କୁଟିକୁ ମଧ୍ୟ ଧକ୍କା ହୋଇଥିଲା। ତିନୋଟି ଗାଡ଼ିର ୬ ଜଣ ମଧ୍ୟରୁ ସ୍କୁଟି ଚାଳକ ବର୍ତ୍ତି ଯାଇଥିବା ବେଳେ ଦୁଇ ବାଇକର ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ପଠାଇଥିଲେ। ସେଠାରେ ମନୋଜଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଗୋପାଳପୁର ପୋଲିସ ପହଞ୍ଚି ୩ ଗାଡ଼ିକୁ ଜବତ କରିବା ସହ ନଂ. ୧୮/୨୨ ମାମଲା ରୁଜୁ କରିଥିବା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି।


| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୪ | ୧୯୪/୧୬ | ୭୭୬/ ୨୫୩୧ (ସ୍ମ) | ମାଳ ସାଧାରଣ | ୦.୨୬୦ | ୦.୦୧୦ | ପ୍ରତାପ ଚନ୍ଦ୍ର ପଧାନ, ପି.- ନାରାୟଣ ଚନ୍ଦ୍ର ପଧାନ, ଜା: ଚଷା, ବା: ନିଜଗାଁ |
| | | ୭୭୬/ ୨୫୪୩ (ସ୍ମ) | ମାଳ ସାଧାରଣ | ୦.୩୫୦ | ୦.୦୨୦ | |
| ୫୫ | ୧୯୪/୮୭ | ୯୬୧ (ସ୍ମ) | ବାହାଲ ପାଣି ଦୁଇ | ୦.୩୦୦ | ୦.୦୮୦ | ଲମ୍ବୋଦର ସାହୁ, ପି.- ଦାଶରଥି ସାହୁ, ଜା: ଚଷା, ବା: ନିଜଗାଁ |
| ୫୬ | ୧୯୪/୯୧ | ୬୭୪ (ସ୍ମ) | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୧୦ | ଧନେଶ୍ୱର ନାୟକ, ପି.- ନିଳାଦ୍ରି ନାୟକ, ଜା: ଚଷା, ବା: ନିଜଗାଁ |
| | | ୬୭୫ | ବେର୍ଣ୍ଣା ସାଧାରଣ | ୦.୧୪୦ | ୦.୧୪୦ | |
| ୫୭ | ୧୯୪/୧୦୦ | ୧୭୭୮ | ବାହାଲ ପାଣି ଦୁଇ | ୦.୧୭୦ | ୦.୧୭୦ | ଲମ୍ବୋଦର ସାହୁ, ପି.- ଦାଶ ସାହୁ, ଜା: ଚଷା, ବା: ଗୋଳାବନ୍ଧ |
| ୫୮ | ୧୯୪/୧୦୭ | ୧୪୭୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | କୁମାରୀ ବେହେରା, ସ୍ୱା.- ପୂର୍ଣ୍ଣ ଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| | | | | ୪୧.୫୯୦ | ୨୮.୪୨୦ | |

ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସ୍ୱା./- ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0011/2122



ଓଡ଼ିଶା ସରକାର
କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା

ନଥି ସଂ. IX (D)-08/2021-201 ତା-26.03.2021

No.V-41:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ଅତା**, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜର୍ନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୩ ତା- ୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଅତା**, ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅତା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୧.୨୪ | ଏ ୦.୩୧ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୮।୦୧।୨୦୧୯ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କେନ୍ଦୁଝର

ଭୂମି ଅନୁସୂଚୀ

ପ୍ରକଳ୍ପର ନାମ- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ
ମୌଜା:- ଅତା, ଥାନା:- ରାମଚନ୍ଦ୍ରପୁର, ତହସିଲ:- ଘସିପୁରା, ଭୂ- ଅଜର୍ନ ମାମଲା ସଂ:- ୦୧/୨୦୧୮

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୨ | ନାଥ ଯେନା, ପି- ଶଙ୍କର ଯେନା, ବା- ନିଜଗାଁ, ଜା- ପାଣ | ୧୦୯୨ | ଶାରଦ-୨ | ୦.୭୬ | ୦.୧୫ | |
| ୨ | ୨୬୨ | ମଣି ଚରଣ ପାଗଳ, ଆର୍ତ୍ତ ପାଗଳ, ନାରାୟଣ ପାଗଳ, ଜୟନ୍ତ ପାଗଳ, ପି- ଦୁଖା ପାଗଳ, ବା- ନିଜଗାଁ, ଜା- ତନ୍ତି | ୧୦୯୩/୧୬୬୩ | ବାଜେଫସଲ- ୧ | ୦.୪୮ | ୦.୧୬ | |
| | | ମୋଟ | | | ୧.୨୪ | ୦.୩୧ | |

OIPR-24045/14/0049/2122

ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର


# ଜିଲାପାଳଙ୍କ ସ୍ମାର୍ଟ କ୍ଲାସ ରୂପାନ୍ତରଣ କାର୍ଯ୍ୟ ତଦାରଖ

**ଗଞ୍ଜାମ,୩୧।୧(ଡି.ଏନ.ଏ.)**



ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ଜିଲାପାଳ।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ଗସ୍ତରେ ଆସି ସ୍କୁଲରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ତଦାରଖ କରିଥିଲେ। ବିଡିଓ ବିଶ୍ୱଜିତ ରାୟ, ପୁରାତନ ଛାତ୍ର ରବୀନ୍ଦ୍ର କୁମାର ପଣ୍ଡା, ହାଇସ୍କୁଲ କିରାଣି ହରିହର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାର୍ଟ କ୍ଲାସ୍ ରୁମ୍, ଇ -ଗ୍ରନ୍ଥାଗାର, ବିଜ୍ଞାନାଗାର, ଶୌଚାଳୟ, ଖେଳପଡିଆ ଆଦି ବୁଲି ଦେଖିଥିଲେ। ଦେଢ଼ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପରେ ଜିଲାପାଳ ଗଞ୍ଜାମ ବାଳିକା ବିଦ୍ୟାଳୟ, ହୁମା ବୀରଭଦ୍ର ସ୍କୁଲ ସମେତ ୧୧ ସ୍କୁଲ ପରିଦର୍ଶନ କରିଥିଲେ।

# କାଶୀନଗର ଏନ୍‌ଏସି ପୂର୍ବସ୍ଥିତି ସଂରକ୍ଷଣ ରହିଲା

**କାଶୀନଗର,୩୧।୧**

ଗଜପତି ଜିଲାର ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ଆଗାମୀ ପୌରାଧ୍ୟକ୍ଷ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଏହି ଏନ୍‌ଏସିରେ ୩ ଥର ମହିଳା ଅଧ୍ୟକ୍ଷା ଶାସନଭାର ତୁଲାଇଛନ୍ତି। ଚଳିତଥର ମଧ୍ୟ ମହିଳାଙ୍କ ନିମନ୍ତେ ସଂରକ୍ଷଣ ହୋଇଥିବା ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ସଂରକ୍ଷଣ ବଦଳାଇବାକୁ ବିଧାୟକ ଓ କଂଗ୍ରେସ ଦଳ ତରଫରୁ ସରକାରଙ୍କଠାରେ ଅଭିଯୋଗ ଦାଖଲ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ ତିନିଥର ମହିଳା ସାଧାରଣ, ପଛୁଆ ବର୍ଗର ଥିଲା। ଏନ୍‌ଏସି ଗଠନଠାରୁ ଅନୁସୂଚିତ ଜାତି ମହିଳାଙ୍କ ପାଇଁ କେବେ ସଂରକ୍ଷିତ ହୋଇପାରିନାହିଁ। ଗଜପତିର ଗୋଟିଏ ପୌର ପରିଷଦ ଓ ଗୋଟିଏ ଏନ୍‌ଏସି ଦୁଇଟି ଯାକର ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ। ଦୁଇଟିରୁ ଗୋଟିଏ ପୁରୁଷଙ୍କ ପାଇଁ ସଂରକ୍ଷିତ ହେବା ଆବଶ୍ୟକ ବୋଲି ସଚେତନ ନାଗରିକଙ୍କ ଦାବି।

# ପୁଇଁତୋଳା ଟେନିସ୍ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଗଞ୍ଜାମ,୩୧।୧(ଡି.ଏନ.ଏ.)**

ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ମା କନକଦୁର୍ଗା ଟେନିସ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ ବଜାର ବଣିକ ସଂଘ ସଭାପତି ଗୌରୀଶଙ୍କର ବାରିକି ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପଲାଇ, ସମ୍ମାନିତ ଅତିଥି ଗଞ୍ଜାମ ଏନ୍‌ଏସି ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ଖବରଦାତା ବିଦ୍ୟାଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବ ସଭାପତି ଅଜୟ କୁମାର ବାରିକି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ କୁମାର ବେଗପଲିର ଜଳେଶ୍ୱର ଟିମ୍ ସହ ଆସ୍କା ଶ୍ରୀହରି ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ କୁମାର ବେଗପଲି ଜଳେଶ୍ୱର ଟିମ୍ ବିଜୟୀ ଲାଭ କରିଛି। ଆସ୍କା ଶ୍ରୀହରି ଟିମ୍‌କୁ ୩-୧ ସେଟରେ ପରାସ୍ତ କରି ଏହି ବିଜୟ ହାସଲ କରିଥିଲା ଜଳେଶ୍ୱର ଟିମ୍। ଜୟକୃଷ୍ଣ ବାରିକି ମ୍ୟାଚ ପରିଚାଳନା କରିଥିବା ବେଳେ ମା' କନକ ଦୁର୍ଗା କ୍ଲବର ଯୁବକମାନେ ସହଯୋଗ କରିଛନ୍ତି।

# ସଂଯୁକ୍ତ କୃଷକ ମୋର୍ଚ୍ଚାର ପ୍ରତିବାଦ ସଭା

**ବ୍ରହ୍ମପୁର ଅଫିସ,୩୧।୧**

କେନ୍ଦ୍ର ସରକାର କୃଷକମାନଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି। ଏହା ପ୍ରତିବାଦରେ ସୋମବାର ଦେଶବ୍ୟାପୀ କୃଷକ ସଙ୍ଗଠନ ପକ୍ଷରୁ 'ବିଶ୍ୱାସଘାତ ଦିବସ' ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଗଞ୍ଜାମ ଜିଲା ପକ୍ଷରୁ ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ପ୍ରତିବାଦ ସଭା କରାଯାଇଥିଲା। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗତ ଡିସେମ୍ବର ୯ ତାରିଖରେ ସରକାରଙ୍କ ପ୍ରତିଶ୍ରୁତିକ୍ରମେ ଚାଷୀ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା। କେନ୍ଦ୍ର ସରକାର କୃଷକ ବିରୋଧୀ ୩ କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ। ହେଲେ ଏ ଯାଏ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସହ ଅନ୍ୟ କୃଷି ଓ କୃଷକ ବିରୋଧୀ ନୀତି ପ୍ରସଙ୍ଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। କୃଷକମାନଙ୍କୁ ସରକାର ପ୍ରତାରଣା କରିଛନ୍ତି ବୋଲି ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏଥିରେ ରାଷ୍ଟ୍ରପତି ହସ୍ତକ୍ଷେପ କରିବା ପାଇଁ ଦାବି ହୋଇଛି। କେନ୍ଦ୍ର ସରକାର ଦେଇଥିବା ଆଶ୍ୱାସନାକୁ ପୂରଣ ନ କଲେ ଚାଷୀମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମୋର୍ଚ୍ଚା ଚେତାବନୀ ଦେଇଛି। ପ୍ରତିବାଦ ସଭାରେ ସଂଯୁକ୍ତ କୃଷକ ମୋର୍ଚ୍ଚା ରାଜ୍ୟ ଆବାହକ ମଣ୍ଡଳୀ ସଦସ୍ୟ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶଙ୍କର ସାହୁ, ଓଡ଼ିଶା କୃଷକ ସଭାର ଗୋପାଳ ପାଣିଗ୍ରାହୀ, ଚାଷୀ ମୂଲିଆ ସଂଘର ନିରାକାର ନାୟକ, କ୍ରାନ୍ତିକାରୀ କୃଷକ ସଭାର ନେତ୍ରୀ ପି. ପାର୍ବତୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟା, ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଂଗଠନର ନାରାୟଣ ସାହୁ, ଏଆଇଡିଏସ୍‌ଓର ଶିବାନୀ ଶଙ୍କର ମିଶ୍ର, ଦଳିତ ଆନ୍ଦୋଳନର ନେତା ଗଗନ ଚନ୍ଦ୍ର ମଲ୍ଲିକ, ମାନବବାଦୀ ଓ ହେତୁବାଦୀ ସଂଗଠନର ନାନ୍ଦେଶ୍ଵ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରତିବାଦ ସଭା ଚାଲିଛି।

# ମତଦାନ ପୂର୍ବରୁ ସିଙ୍ଗିପୁରବାସୀଙ୍କ ବିଜେଡିକୁ ସମର୍ଥନ

**କାଶୀନଗର,୩୧।୧**

କାଶୀନଗର ବ୍ଲକ ଅଧ୍ୟକ୍ଷ ଭାବେ ବର୍ତ୍ତମାନର ବିଧାୟକ କେ. ନାରାୟଣ ରାଓଙ୍କ ସମର୍ଥକ (ଭାଜପାର) ଥିଲେ। ଉକ୍ତ ବ୍ଲକର କେ.ସୀତାପୁର ପଞ୍ଚାୟତରେ ସର୍ବଦା କେ. ନାରାୟଣଙ୍କୁ ସମର୍ଥନ କରି ତାଙ୍କ ସମର୍ଥିତ ପ୍ରାର୍ଥୀ ସରପଞ୍ଚ ଓ ସମିତିସଭ୍ୟ ହୋଇ ଆସୁଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ପାଣିପାଗ କିନ୍ତୁ ଅଲଗା ହୋଇଛି। ବିଶିଷ୍ଟ ସାମାଜିକ କର୍ମୀ, ଶିଳ୍ପପତି ଡ. ତିରୁପତି ପାଣିଗ୍ରାହୀ ବିଜେଡି ଦଳର ମଙ୍ଗ ଧରିଲା ପରେ ଉକ୍ତ ପଞ୍ଚାୟତରେ ତାଙ୍କୁ ସମର୍ଥନ ମିଳିଥିବା ଜଣାଯାଏ। ଏହି ପଞ୍ଚାୟତର ଗୋଟିଏ ବଡ଼ ଗ୍ରାମ ସିଙ୍ଗିପୁରର ସମସ୍ତ ଗ୍ରାମବାସୀ ତିରୁପତି ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ପ୍ରାୟ ୩୦୦ ଭୋଟର ଯୋଗଦେଇ ପଞ୍ଚାୟତ ନିର୍ବାଚନରେ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛନ୍ତି।